# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୧/୨୦୨୪ (୧୪ ପୃଷ୍ଠା) | Bhubaneswar, Thursday, April 11/2024 | Page 14 | ₹ 7.00 | SAMBALPUR

୫୦ଶ ଭାଗ ୧୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 137 | ମୂଲ୍ୟ ₹୭/-




**କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଗୁକେଶଙ୍କ ଚମକ**

ଟରଣ୍ଟୋରେ ଚାଲିଥିବା ଫିଡେ କ୍ୟାଣ୍ଡିଡେଟ୍ସ ଚେସ୍‌ର ୫ମ ରାଉଣ୍ଡରେ ଆଜରବୈଜାନର ନିଜତ ଆବାସୋଭଙ୍କୁ ହରାଇ ଯୁଗ୍ମ ଅଗ୍ରଣୀଲାଭ କରିଛନ୍ତି ଭାରତର ଡି. ଗୁକେଶ।

୧୪

୧୩

**ଭାଗ୍ୟକୁ ଶ୍ରେୟ ଦେଲେ ବାଣୀ**

ବଲିଉଡ୍ ଅଭିନେତ୍ରୀ ବାଣୀ କପୁରଙ୍କ ଅଭିନୀତ ଦୁଇଟି ଫିଲ୍ମ ଚଳିତ ବର୍ଷ ପରଦାକୁ ଆସିବ। ଏଥିରେ ଉତ୍ସାହିତ ହୋଇ ବାଣୀ ଭାଗ୍ୟକୁ ଶ୍ରେୟ ଦେଉଛନ୍ତି।





**ଆଜି ଇଦ୍:** ଇଦ୍ ପର୍ବର ଅବ୍ୟବହିତ ପୂର୍ବରୁ ବୁଧବାର ଗୁଆହାଟୀର ଏକ ମାର୍କେଟ୍‌ରେ ମହିଳାମାନେ ଲଚ୍ଛା କିଣୁଛନ୍ତି।

# ମୋକିମ୍‌ଙ୍କୁ ହାଇକୋର୍ଟ ଝଟକା

## ଭିଜିଲାନ୍ସ କୋର୍ଟ ଦଣ୍ଡାଦେଶ କାଏମ ରହିଲା

### ଓଆର୍‌ଏଚ୍‌ଡିସି ଋଣ ଦୁର୍ନୀତି ମାମଲା

ମେଟ୍ରୋ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ ତଥା ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ଆବେଦନକୁ ହାଇକୋର୍ଟ ବୁଧବାର ଖାରଜ କରିଛନ୍ତି। ଫଳରେ ଓଡ଼ିଶା ରୁରାଲ୍ ହାଉସିଂ ଡେଭଲପ୍‌ମେଣ୍ଟ କର୍ପୋରେଶନ୍ (ଓଆର୍‌ଏଚ୍‌ଡିସି) ଋଣ ଦୁର୍ନୀତି ମାମଲାରେ ତାଙ୍କ ବିରୋଧରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦେଇଥିବା ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନା ରାୟ କାଏମ ରହିଛି। ହାଇକୋର୍ଟରୁ ନିରାଶ ହେବା ପରେ ଏବେ ତାଙ୍କ ପାଇଁ ସୁପ୍ରିମ୍‌କୋର୍ଟ ହିଁ ଏକ ମାତ୍ର ବିକଳ୍ପ। ଯଦି ତଳ କୋର୍ଟଙ୍କ ଦଣ୍ଡାଦେଶ ସୁପ୍ରିମ୍‌କୋର୍ଟରେ ସ୍ଥଗିତ ନ ରୁହେ, ତେବେ ସେ ଆଗାମୀ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ଆଇନ ବିଶେଷଜ୍ଞମାନେ ମତ ଦେଉଛନ୍ତି।

**କଟକ,୧୦।୪(କାର୍ତ୍ତିକ ସାହୁ)**

ମେଟ୍ରୋ ବିଲଡର୍ସ ପକ୍ଷରୁ ଭୁବନେଶ୍ୱରରେ ୫୦ଟି ଫ୍ଲାଟ୍ ତିଆରି କରିବା ପାଇଁ ଓଆର୍‌ଏଚ୍‌ଡିସିରୁ ୨୦୦୦ ଅଗଷ୍ଟ ୨୮ ତାରିଖରେ ୧.୫୦କୋଟି ଟଙ୍କାର ଋଣ କରାଯାଇଥିଲା। ଓଆର୍‌ଏଚ୍‌ଡିସିର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ଆଇଏଏସ୍ ଅଧିକାରୀ ବିନୋଦ କୁମାର ମେଟ୍ରୋ ବିଲ୍ଡର୍ସର ନଥିପତ୍ର ଠିକ୍ ରୂପେ ଯାଞ୍ଚ ନ କରି ବେଆଇନ ଭାବେ ଋଣ ଆବେଦନକୁ ମଞ୍ଜୁର କରିଥିଲେ। ଓଆର୍‌ଏଚ୍‌ଡିସିରୁ ମେଟ୍ରୋ ବିଲ୍ଡର୍ସକୁ ୩ଟି କିସ୍ତିରେ ମୋଟ ଋଣ ରାଶି ପ୍ରଦାନ କରାଯାଇଥିଲା। ପ୍ରଥମ କିସ୍ତିରେ ୧କୋଟି, ୨ୟ କିସ୍ତିରେ ୩୦ ଲକ୍ଷ ଓ ୩ୟ କିସ୍ତିରେ ୨୦ ଲକ୍ଷ ଟଙ୍କା ମେଟ୍ରୋ ବିଲଡର୍ସ ଋଣ ଗ୍ରହଣ କରିଥିଲା। ମାତ୍ର ପରବର୍ତ୍ତୀ ସମୟରେ ମେଟ୍ରୋ ବିଲ୍ଡର୍ସ ପକ୍ଷରୁ ଋଣ ପରିଶୋଧ କରା ନ ଯିବାରୁ ୨୦୦୭ ଅକ୍ଟୋବର ୩୦ବେଳକୁ ଋଣ ପରିମାଣ ୬କୋଟି ୨୨ଲକ୍ଷ ୨୫ ହଜାରରେ ପହଞ୍ଚିଥିଲା। ଯଦ୍ୱାରା ଓଆର୍‌ଏଚ୍‌ଡିସିକୁ ଏକ ବିରାଟ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଓଆର୍‌ଏଚ୍‌ଡିସି ପକ୍ଷରୁ ଏହି ଘଟଣାରେ ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, କମ୍ପାନୀ ସେକ୍ରେଟାରି ସ୍ମିତିରଞ୍ଜନ ମହାପାତ୍ର, ମେଟ୍ରୋ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ୍ ମୋକିମ୍, ନିର୍ଦ୍ଦେଶକ ପୀୟୂଷଧାରୀ ମହାନ୍ତିଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ୨୦୨୨ ସେପ୍ଟେମ୍ବର ୨୯ ତାରିଖରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଉପରୋକ୍ତ ୪ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କାର ଜରିମାନା ଆଦେଶ ଦେଇଥିଲେ। ନିମ୍ନ ଅଦାଲତଙ୍କ ଏହି ଦଣ୍ଡାଦେଶକୁ ଖାରଜ କରିବା ପାଇଁ ମୋକିମ୍ ହାଇକୋର୍ଟରେ ଆବେଦନ କରିଥିଲେ। ୨୦୨୨ ଅକ୍ଟୋବର ୧୯ ତାରିଖରେ ହାଇକୋର୍ଟ ଆବେଦନର ଶୁଣାଣି କରି ମୋକିମଙ୍କୁ ଦିଆଯାଇଥିବା ୩ ବର୍ଷ ଜେଲ ଦଣ୍ଡାଦେଶ ଓ ୫୦ ହଜାର ଟଙ୍କା ☞ପୃଷ୍ଠା-୪



ମହମ୍ମଦ ମୋକିମ୍

# ବିଲେଇକୁ ବଞ୍ଚାଇବାକୁ ଯାଇ କୂଅରେ ପଡ଼ି ୫ ମୃତ

**ଅହମଦ୍‌ନଗର, ୧୦।୪**

ମହାରାଷ୍ଟ୍ରର ଅହମଦ୍‌ନଗର ଜିଲାର ନେଭାସା ତହସିଲ ଅନ୍ତର୍ଗତ ୱାକଡ଼ି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗୋଟିଏ ପରିତ୍ୟକ୍ତ କୂଅରେ ପଡ଼ିଯାଇଥିବା ଏକ ବିଲେଇକୁ ବଞ୍ଚାଇବାକୁ ଯାଇ ୫ ଜଣଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ୱାକଡ଼ି ଗ୍ରାମରେ ଦୀର୍ଘ ଦିନ ଧରି ଏକ ବାୟୋଗ୍ୟାସ କୂଅ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା। ଏଥିରେ ଗୋଟିଏ ବିଲେଇ ପଡ଼ିଯିବାରୁ ତାକୁ ବଞ୍ଚାଇବାକୁ ଯାଇ ଜଣେ ପରେ ଜଣେ କରି ୫ ଜଣ ବ୍ୟକ୍ତି କୂଅ ମଧ୍ୟରେ ଡେଇଁବାକୁ ଲାଗିଥିଲେ। ସେ ସମସ୍ତଙ୍କର ମୃତ୍ୟୁ ଘଟିଥିବା ନେଭାସା ଥାନା ଇନ୍ସପେକ୍ଟର ଧନଞ୍ଜୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପ୍ରଦୂଷଣ ଟିକସ ଓ ଜଳବାୟୁ ନ୍ୟାୟ**

# କଟକରେ ଡରାଇଲାଣି ଜଣ୍ଡିସ୍

## ରାଜେନ୍ଦ୍ର ନଗରରେ ୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**କଟକ,୧୦।୪(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ସଦର ଥାନା ଅଧୀନ ରାଜେନ୍ଦ୍ର ନଗରରେ ଲୋକମାନେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଲୋକ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବାବେଳେ ସିଏମ୍‌ସି ପକ୍ଷରୁ ଏହାକୁ ଲୁଚାଇବାକୁ ଚେଷ୍ଟା କରାଯାଇ ଭୁଲ୍ ତଥ୍ୟ ଦିଆଯାଉଛି। ସଂକ୍ରମିତଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଏପରି କି ଘର ଘର ବୁଲି ଲୋକଙ୍କଠାରୁ ନମୁନା ସଂଗ୍ରହ ଓ ସଚେତନ କରିବା ବଦଳରେ ଏକ ମନ୍ଦିର ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏହାକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଯଦି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନ ନିଆଯାଏ ତେବେ ସିଏମ୍‌ସି ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

ପ୍ରକାଶ ଯେ, ରାଜେନ୍ଦ୍ର ନଗରରେ ଲୋକମାନେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ନେଇ ଗତ ସପ୍ତାହରେ ଜଣାପଡ଼ିଥିଲା। ଜଣ୍ଡିସ୍ ବ୍ୟାପିବା ଖବର ଜଣାପଡିବା ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସେଠାରେ ପହଞ୍ଚି ପାଣି ନମୁନା ସଂଗ୍ରହ କରିଥିଲା। ପରେ ତାହାକୁ ପରୀକ୍ଷା ପାଇଁ ପଠାଇଥିଲା। ଏପରି କି ୨ଦିନ ତଳେ ୪୭ ଜଣଙ୍କ ନମୁନା ସଂଗ୍ରହ କରାଯାଇଥିବାବେଳେ ସେଥିମଧ୍ୟରୁ ୧୧ଜଣ ଜଣ୍ଡିସ୍ ସଂକ୍ରମିତ ଚିହ୍ନଟ ହୋଇଥିବା ସିଏମ୍‌ସି ପକ୍ଷରୁ କୁହାଯାଇଥିଲା। ହେଲେ ସିଏମ୍‌ସିର ଏହି ତଥ୍ୟକୁ କଂଗ୍ରେସ ସହଜରେ ଗ୍ରହଣ କରିପାରି ନାହିଁ। ସିଏମ୍‌ସି କର୍ପୋରେଟର ସନ୍ତୋଷ ଭୋଳଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ବୁଧବାର ରାଜେନ୍ଦ୍ର ନଗରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ଜଣ୍ଡିସ୍ ରୋଗ ବ୍ୟାପିବାର କାରଣ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ଜଣ୍ଡିସ୍ ନିୟନ୍ତ୍ରଣ ପାଇଁ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଉକ୍ତ ଅଞ୍ଚଳର ଏକ ମନ୍ଦିର ପରିସରରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଛି। ☞ପୃଷ୍ଠା-୪

# ୨ ବାଇକ୍ ମୁହାଁମୁହିଁ ଧକ୍କା: ୩ ମୃତ, ୪ ଗୁରୁତର

**ଜୟପୁର,୧୦।୪ (ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ସଦର ଥାନା ଅନ୍ତର୍ଗତ ଗାଗନାପୁର ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ୩ ଜଣଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ ଧନପୁର ଗ୍ରାମର ପଦ୍ମନ ହରିଜନ,ଜୟନ୍ତଗିରିର ଗୋପାଳ ହରିଜନ ଓ ସାନମୁଣ୍ଡାପଦର ଗ୍ରାମର ଦୁର୍ଯ୍ୟ କେଉଟ । ପୋଲିସ ସୂଚନା ଅନୁଯାୟୀ, ଗୋଟିଏ ବାଇକ୍‌ରେ ୩ ଜଣ ଜୟପୁରରୁ ଧନପୁର ଅଭିମୁଖେ ଯାଉଥିବା ବେଳେ ଅନ୍ୟ ଏକ ବାଇକ୍‌ରେ ୪ ଜଣ ବସି ସାନମୁଣ୍ଡାପଦରରୁ ଧନପୁର ଅଭିମୁଖେ ଯାଉଥିଲେ। ତେବେ ଗାଗନାପୁର ନିକଟରେ ଉଭୟ ପାର୍ଶ୍ୱରୁ ଆସୁଥିବା ଏହି ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ପୋଲିସ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ। ☞ପୃଷ୍ଠା-୪

# ପୋଲିସକୁ ଟାଟୁ ମନା

## ୧୫ ଦିନ ମଧ୍ୟରେ ଲିଭାଇବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୦।୪(ସତ୍ୟଜିତ୍ ରାଉତ)**



ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ସ୍ପେଶାଲ ସିକ୍ୟୁରିଟି ବାଟାଲିଅନ୍(ଏସ୍ଏସ୍‌ବି)ରେ କାର୍ଯ୍ୟ କରୁଥିବା କେତେଜଣ ଯବାନ ଟାଟୁ କରୁଥିବା ନଜରକୁ ଆସିଛି। ଏହା ପୋଲିସ ପୋଷାକର ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଥିବାରୁ ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ତେଣୁ ଏସ୍ଏସ୍‌ବି ବାଟାଲିଅନ ଯବାନ ଓ ଅଫିସରଙ୍କ ଦେହରେ ଟାଟୁ ଥିଲେ ତୁରନ୍ତ ଏହାକୁ ଲିଭାଇବାକୁ କଡ଼ା ନିର୍ଦ୍ଦେଶ ହୋଇଛି। ଭୁବନେଶ୍ୱର ଏସ୍ଏସ୍‌ବି ଡିସିପିଙ୍କ କାର୍ଯ୍ୟାଳୟରୁ ବୁଧବାର ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ପୋଲିସ ପୋଷାକ ପିନ୍ଧିବା ପରେ ଯଦି ଟାଟୁ ବାହାରକୁ ଦେଖାଯାଏ ତେବେ ଏହାକୁ ୧୫ ଦିନ ମଧ୍ୟରେ ଲିଭାଇବାକୁ ପଡ଼ିବ। ଯଦି ଏହି ସମୟସୀମା ପରେ ପୋଲିସ ପୋଷାକ ପିନ୍ଧିଥିବାବେଳେ ଟାଟୁ ବାହାରକୁ ଦେଖାଯାଏ ତେବେ ସମ୍ପୃକ୍ତ ଯବାନଙ୍କ ଉପରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ଏସ୍ଏସ୍‌ବି ବାଟାଲିଅନ ଫୋର୍ସ ରାଜ୍ୟ ପୋଲିସର ଏକ ଗୁରୁତ୍ୱପୂର୍ଣ୍ଣ ଉଇଙ୍ଗ୍ ହୋଇଥିବାବେଳେ ଯବାନମାନେ ବିଭିନ୍ନ ସମ୍ମାନଜନକ ସ୍ଥାନରେ କର୍ତ୍ତବ୍ୟ ସମ୍ପାଦନ କରନ୍ତି। ଟାଟୁ ଚିହ୍ନ ପୋଲିସର ଗରିମାକୁ କ୍ଷୁଣ୍ଣ କରୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ☞ପୃଷ୍ଠା-୪

# କେରଳା ଷ୍ଟୋରି ବନାମ ମଣିପୁର ଡକ୍ୟୁମେଣ୍ଟାରି









## ନିର୍ବାଚନ ରଣାଙ୍ଗନରେ ମୁଭି ଲଢ଼େଇ

**ଥିରୁଭାନନ୍ତପୁରମ୍,୧୦।୪**

କେରଳରେ ଲୋକ ସଭା ନିର୍ବାଚନ ମୁଭି ବନାମ ମୁଭି ଏବଂ ଚର୍ଚ୍ଚ ବନାମ ଚର୍ଚ୍ଚ ହେବାରେ ଲାଗିଛି। ଭାଜପା ସପକ୍ଷରେ ଖ୍ରୀଷ୍ଟିଆନ୍ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ କେତେକ ଚର୍ଚ୍ଚ 'ଦି କେରଳା ଷ୍ଟୋରି' ପ୍ରଦର୍ଶିତ କରୁଥିବାବେଳେ ଏହା ବିରୋଧରେ ଆଉ କେତେକ ଚର୍ଚ୍ଚ ମଣିପୁର ହିଂସାର ଡକ୍ୟୁମେଣ୍ଟାରି 'କ୍ରାଏ ଅଫ୍ ଦି ଅପ୍ରେସ୍‌ଡ' ଦେଖାଉଛନ୍ତି। ୨୦୨୩ରେ 'ଦି କେରଳା ଷ୍ଟୋରି'ର ପ୍ରଦର୍ଶନକୁ ନେଇ ଝଡ଼ ସୃଷ୍ଟି ହୋଇଥିବାବେଳେ ଦକ୍ଷିଣ ଭାରତୀୟ ରାଜ୍ୟରେ ମଣିପୁରର ଜାତିଆଣ ହିଂସାକୁ ନେଇ ଆଉ ଏକ ସିନେମାର ସ୍କ୍ରିନିଂ ଏବେ 'ମୁଭି ବନାମ ମୁଭି ଯୁଦ୍ଧ'ର ରୂପ ନେଇଛି।

'ଦି କେରଳା ଷ୍ଟୋରି' ପ୍ରଦର୍ଶନକୁ ରିଲିଜ୍ ଆରମ୍ଭରୁ କେରଳରେ ବିରୋଧ କରାଯାଇଆସୁଛି। ଏହାସତ୍ତ୍ୱେ ଏବେ ନିର୍ବାଚନ ସମୟରେ ଭାଜପା ସମର୍ଥନରେ କେତେକ ଗୋଷ୍ଠୀ ଏହି ଫିଲ୍ମ ପ୍ରଦର୍ଶନ କରୁଛନ୍ତି। ଏହାର ପ୍ରତିବାଦରେ କେରଳର ଏକ ଖ୍ରୀଷ୍ଟିଆନ୍ ଯୁବ ସଙ୍ଗଠନ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ପ୍ରାୟ ବର୍ଷେ ଧରି ଲାଗିରହିଥିବା ଜାତିଆଣ ହିଂସା ଉପରେ ପର୍ଯ୍ୟବସିତ 'କ୍ରାଏ ଅଫ୍ ଦି ଅପ୍ରେସ୍‌ଡ' ବୃତ୍ତଚିତ୍ରର ପ୍ରଦର୍ଶନ ନିଷ୍ପତ୍ତି ନେଇଛି ବୋଲି ଭ୍ୟାପିନ୍ ସଞ୍ଜୋପୁରମ୍ ଚର୍ଚ୍ଚ ପକ୍ଷରୁ କୁହାଯାଇଛି। ଭାରତର ସର୍ବାଧିକ ଖ୍ରୀଷ୍ଟିଆନ୍ ଜନସଂଖ୍ୟା କେରଳରେ ରହିଛି। ଏହି ଦକ୍ଷିଣ ଭାରତୀୟ ରାଜ୍ୟର ୧୮% ଲୋକ ଖ୍ରୀଷ୍ଟିଆନ୍ ହୋଇଥିବାରୁ ଉକ୍ତ ଡକ୍ୟୁମେଣ୍ଟାରି ପ୍ରଦର୍ଶନ ଜରିଆରେ ଉକ୍ତ ସମ୍ପ୍ରଦାୟର ମତଦାତାଙ୍କୁ ଆକର୍ଷିତ କରିବା ପାଇଁ ଏପରି ଉଦ୍ୟମ ଚାଲିଛି। ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଲୋକେ ପାରମ୍ପରିକ ଭାବେ କଂଗ୍ରେସକୁ ଭୋଟ ଦେଇ ଆସୁଥିବାବେଳେ ଏମାନଙ୍କୁ ନିଜ ସପକ୍ଷକୁ ଟାଣିବା ପାଇଁ ଭାଜପା ପ୍ରୟାସ ଚଳାଇଛି। ଏଠାରେ ବୁଝିବା କଥା ହେଉଛି, ଖ୍ରୀଷ୍ଟିଆନ୍‌ମାନେ କେରଳର ମୂଳ ବାସିନ୍ଦା ନୁହନ୍ତି। କ୍ୟାଥୋଲିକ୍ ଏବଂ ସିରିଆନ୍ ଖ୍ରୀଷ୍ଟିଆନ୍‌ମାନେ ନିକଟରେ ଭାଜପା ଆଡ଼କୁ ଢଳିଥିବାବେଳେ ପ୍ରୋଟେଷ୍ଟାଣ୍ଟ୍ସ ଏବଂ ଲାଟିନ୍ ଖ୍ରୀଷ୍ଟିଆନ୍‌ମାନେ ସିପିଆଇଏମ୍ ନେତୃତ୍ୱାଧୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍)ଠାରୁ ଦୂରେଇ ରହିଥିବା ଦେଖାଯାଇଥିଲା। ଅଳ୍ପ କିଛି ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ଚର୍ଚ୍ଚ ଓ ପାଦ୍ରୀଙ୍କ ଜରିଆରେ ରାଜ୍ୟରେ ଭାଜପାକୁ ସହଯୋଗ କରୁଥିଲେ। କିନ୍ତୁ ସେମାନଙ୍କ ଉପରେ ଏଲ୍‌ଡିଏଫ୍ ଏବଂ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ(ୟୁଡିଏଫ୍)ର ପ୍ରଭାବ ବଢ଼ିଛି। ଏହା ହେଉଛି କେରଳରେ 'ଚର୍ଚ୍ଚ ବନାମ ଚର୍ଚ୍ଚ' ଲଢ଼େଇର କାରଣ।

ଇତିମଧ୍ୟରେ ବୁଧବାର 'କ୍ରାଏ ଅଫ୍ ଦି ଅପ୍ରେସ୍‌ଡ'କୁ ଶତାଧିକ ବାଇବେଲ୍ ସ୍କୁଲ ଛାତ୍ରୀଛାତ୍ର ଦେଖିଥିବା ଜଣାପଡ଼ିଛି। 'ଦି କେରଳା ଷ୍ଟୋରି' ☞ପୃଷ୍ଠା-୪


DADLS - 107

ସତ୍ୟମେବ ଜୟତେ



**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଇଦ୍-ଉଲ ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)

OIPR-15001/13/0001/2425

## ସଂକ୍ଷେପରେ

### ଏସ୍‌ପି ଇସ୍ତାହାରରେ ଏମ୍‌ଏସ୍‌ପି ଗ୍ୟାରେଣ୍ଟି




**ଲକ୍ଷ୍ନୌ, ୧୦।୪:** ଚଳିତ ଲୋକ ସଭା ନିର୍ବାଚନ ପାଇଁ ବୁଧବାର ସମାଜବାଦୀ ପାର୍ଟି(ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଦଳର ନିର୍ବାଚନୀ ଇସ୍ତାହାର ଜାରି କରିଛନ୍ତି। ଲକ୍ଷ୍ନୌ ସ୍ଥିତ ଦଳୀୟ ମୁଖ୍ୟାଳୟରେ ବରିଷ୍ଠ ଏସ୍‌ପି ନେତାଙ୍କ ଉପସ୍ଥିତିରେ 'ଜନତାକା ମାଙ୍ଗ ପତ୍ର, ହମାରା ଅଧିକାର' ନାମକ ଏହି ନିର୍ବାଚନୀ ଇସ୍ତାହାରକୁ ଅଖିଳେଶ ଜାରି କରିଛନ୍ତି। ୨୦ ପୃଷ୍ଠାବିଶିଷ୍ଟ ଏସ୍‌ପିର ଏହି ନିର୍ବାଚନୀ ଇସ୍ତାହାରରେ ୨୦୨୫ ସୁଦ୍ଧା ୟୁପିରେ ଜାତିଭିତ୍ତିକ ଜନ ଗଣନା କରିବା ନେଇ ଉଲ୍ଲେଖ ରହିଛି। ସେହିପରି କୃଷକଙ୍କୁ ଆଇନ୍‌ଗତ ଗ୍ୟାରେଣ୍ଟି ଭାବେ ସର୍ବନିମ୍ନ ସହାୟକ ଦର (ଏମ୍‌ଏସ୍‌ପି) ପ୍ରଦାନ ଓ ଅଗ୍ନିପଥ ସାମରିକ ନିଯୁକ୍ତି ଯୋଜନାକୁ ଉଚ୍ଛେଦ କରିବାକୁ ଏସ୍‌ପି ପ୍ରତିଶ୍ରୁତି ଦେଇଛି। ସେହିପରି ସରକାରୀ ଚାକିରିରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ଏହି ଇସ୍ତାହାରରେ ଉଲ୍ଲେଖ ରହିଛି।

### ପତଞ୍ଜଳିର କ୍ଷମା ଆବେଦନ ସୁପ୍ରିମକୋର୍ଟରେ ଅଗ୍ରାହ୍ୟ

**ନୂଆଦିଲ୍ଲୀ,୧୦।୪:** ଯୋଗଗୁରୁ ରାମଦେବଙ୍କ ପତଞ୍ଜଳି ଆୟୁର୍ବେଦ ପକ୍ଷରୁ ପ୍ରସ୍ତୁତ କୋଭିଡ୍-୧୯ର 'କରୋନିଲ' ଔଷଧ ବିଜ୍ଞାପନକୁ ନେଇ ବୁଧବାର ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି। ଏଭଳି ବିଭ୍ରାନ୍ତିକର ବିଜ୍ଞାପନ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଇନାହଁ ବୋଲି ଉତ୍ତରାଖଣ୍ଡର ଲାଇସେନ୍ସ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କୁ ସର୍ବୋଚ୍ଚ ଅଦାଲତ ଭର୍ତ୍ସନା କରିଛନ୍ତି। ଜଷ୍ଟିସ୍ ହିମା କୋହଲି ଏବଂ ଅହସାନୁଦ୍ଦିନ୍ ଅମାନୁଲ୍ଲାହଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଉତ୍ତରାଖଣ୍ଡର ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ୍ ଯୁଗ୍ମ ସଚିବ ଡ. ମିଥିଲେଶ କୁମାର ହାଜର ହୋଇ କମ୍ପାନୀ ଏବଂ ଏହାର ପ୍ରତିଷ୍ଠାତାଙ୍କ ତରଫରୁ କ୍ଷମା ପ୍ରାର୍ଥନା କରିଥିଲେ। ସେ ୨୦୨୩ ଜୁନ୍‌ରେ ଏହି ପଦରେ ନିଯୁକ୍ତି ପାଇଥିଲେ। ଯାହାକିଛି ଘଟିଛି, ସେ ଆସିବା ପୂର୍ବରୁ ହୋଇଛି। ତେଣୁ ତାଙ୍କୁ ଛାଡ଼ିଦେବା ପାଇଁ ସେ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ଖଣ୍ଡପୀଠ କହିଥିଲେ, ଜଣେ ବ୍ୟକ୍ତି କ୍ଷମା ମାଗିଦେଲେ ହେବ ନାହିଁ। ଯେଉଁ ନିରୀହ ଲୋକେ ଏହି ଔଷଧକୁ କିଣିଛନ୍ତି, ସେମାନଙ୍କର କ'ଣ ହେବ। ଆମେ ଅନ୍ଧ ନୋହୁଁ। ଏହି ମାମଲାରେ ଛାଡ଼ କୋହଳ ହେବୁ ନାହିଁ। ପ୍ରଥମେ ରାମଦେବ ଓ ବାଳକୃଷ୍ଣ ଗଣମାଧ୍ୟମ ଆଗରେ କ୍ଷମାମାଗନ୍ତୁ ବୋଲି କହିଥିଲେ।

# ଭାଜପା ଅଧୀନ ୧୦୩ ଆସନରେ ଏଫ୍‌ଆର୍‌ଏ ପ୍ରସଙ୍ଗ

ନୂଆଦିଲ୍ଲୀ,୧୦।୪

ଦେଶର ୧୫୩ ଲୋକ ସଭା ଆସନରେ ଜଙ୍ଗଲ ଅଧିକାର ଆଇନ(ଏଫ୍‌ଆର୍‌ଏ), ୨୦୦୬ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ଏଥିମଧ୍ୟରୁ ୧୦୩ ଆସନରେ ଭାଜପା ଏମ୍‌ପି ପ୍ରତିନିଧିତ୍ୱ କରୁଛନ୍ତି ବୋଲି ଦିଲ୍ଲୀର ସ୍ୱାଧୀନ ସଙ୍ଗଠନ ବସୁନ୍ଧରା ପକ୍ଷରୁ ସଦ୍ୟ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ଏହି ଆଇନ ପ୍ରଣୟନ କରିଥିବା କଂଗ୍ରେସର ଏମ୍‌ପିମାନେ ୧୧ ଆସନରେ ପ୍ରତିନିଧିତ୍ୱ କରୁଛନ୍ତି। ବିଜୁ ଜନତା ଦଳ (ବିଜେଡି) ମଧ୍ୟ ୧୧ ଆସନରେ ରହିଛି। ସେହିପରି ଶିବସେନା ୬, ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍), ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି (ୱାଇଏସ୍‌ଆର୍‌ସିପି) ୫ଟି ଲେଖାଏ ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୪ ଆସନରେ ରହିଛନ୍ତି। ୨୦୦୬ ଡିସେମ୍ବର ୧୮ରେ ପାର୍ଲାମେଣ୍ଟରେ ତଫସିଲଭୁକ୍ତ ଜନଜାତି ଏବଂ ଅନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ(ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ଗୃହୀତ ହୋଇଥିଲା। ଏହା ଜଙ୍ଗଲ ଅଧିକାର ଆଇନ, ଆଦିବାସୀ ବିଲ୍ ଏବଂ




ଆଦିବାସୀ ଜମି ଆଇନ ନାମରେ ମଧ୍ୟ ପରିଚିତ। ଦେଶରେ ବ୍ରିଟିଶ୍ ଅମଳରୁ ପ୍ରଚଳିତ ଜଙ୍ଗଲ ଆଇନରେ ଜଙ୍ଗଲ ଜମି ଓ ଅନ୍ୟ ଉତ୍ସଗୁଡ଼ିକ ଉପରେ ଜଙ୍ଗଲରେ ବସବାସ କରୁଥିବା ସମ୍ପ୍ରଦାୟର ଅଧିକାର ନ ଥିଲା। ସେମାନଙ୍କ ପ୍ରତି ହୋଇଥିବା ଐତିହାସିକ ଅନ୍ୟାୟର ସମାଧାନ ଦିଗରେ ଏହି ଆଇନକୁ ଏକ ମାଇଲଖୁଣ୍ଟ ବୋଲି ବିବେଚନା କରାଯାଏ। ଦେଶର ଜଙ୍ଗଲଗୁଡ଼ିକ ମଧ୍ୟରେ ଅନେକ ପିଢ଼ି ଧରି ରହିଆସୁଥିବା ସମ୍ପ୍ରଦାୟଗୁଡ଼ିକୁ ଏଫ୍‌ଆର୍‌ଏ ବଳରେ ସ୍ୱୀକୃତି ପ୍ରଦାନ ଲକ୍ଷ୍ୟ ରଖାଯାଇଛି। ବିଶ୍ଳେଷଣ ଅନୁସାରେ ଏଭଳି ୮୬ ଲୋକ ସଭା ଆସନ ରହିଛି, ଯେଉଁଠି ୩୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟର ଜଙ୍ଗଲ ଉପରେ ଅଧିକାର ଦାବି କରିଆସୁଛନ୍ତି। ଅନୁରୂପ ଭାବେ ୪୫ ଆସନରେ ଏଭଳି ଦାବି କରୁଥିବା ଭୋଟର ୪୦%ରୁ ଅଧିକ ରହିଛନ୍ତି। ଏହି ଲୋକ ସଭା ଆସନଗୁଡ଼ିକ ମଧ୍ୟରେ ରହିଛି ଖୁଣ୍ଟି, ଯେଉଁଠାରୁ ଭାଜପା ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଏଥର ପୁନର୍ବାର ପ୍ରାର୍ଥୀ କରିଛି।

୨୦୧୯ରେ ୧୫୩ ଏଫ୍‌ଆର୍‌ଏଭିତ୍ତିକ ଆସନ ମଧ୍ୟରୁ ୭୪ଟିରେ ଭାଜପା ଏବଂ କଂଗ୍ରେସ ପ୍ରାର୍ଥୀ ପରସ୍ପରର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ତହିଁରୁ କଂଗ୍ରେସ ମାତ୍ର ୫ ଆସନରେ ବିଜୟୀ ହୋଇଥିଲା। ଦେଶର ମୋଟ ୪୭ ଏସ୍‌ଟି ସଂରକ୍ଷିତ ଆସନ ମଧ୍ୟରୁ ୪୨ଟି ହେଉଛି ଏଫ୍‌ଆର୍‌ଏ ଅନ୍ତର୍ଗତ। ୨୦୧୯ରେ ତହିଁରୁ ଭାଜପା ପ୍ରାର୍ଥୀମାନେ ୩୧ ଆସନ ଦଖଲ କରିଥିବାବେଳେ କଂଗ୍ରେସ ମାତ୍ର ୩ଟିରେ ବିଜୟୀ ହୋଇଥିଲା। ସରକାରୀ ତଥ୍ୟ ଅନୁସାରେ ଗତ ୫ ବର୍ଷରେ ଏଫ୍‌ଆର୍‌ଏ ଦାବି ସମାଧାନ ହାର ୮୭.୭୨%ରୁ ୮୪.୪୪%କୁ ହ୍ରାସ ପାଇଛି। ଏହି ଅବଧି ମଧ୍ୟରେ ୫,୨୧,୧୪୩ ଜମି ପଟ୍ଟା ପ୍ରଦାନ କରାଯାଇଥିବାବେଳେ ୫,୮୨୭ ଦାବିକୁ ଅଗ୍ରାହ୍ୟ କରିଦିଆଯାଇଛି। ୨୦୨୪ ଫେବୃୟାରୀ ୨୯ ସୁଦ୍ଧା ୫୦,୨୬,୮୦୧ ଦାବି (୪୮,୩୬,୦୧୩ ବ୍ୟକ୍ତିଗତ) ଦାଖଲ ହୋଇଥିବାବେଳେ ସେଥିରୁ ୨୪,୮୫,୧୯୧ (୪୯.୪୪%) ପଟ୍ଟା ବଣ୍ଟନ କରାଯାଇଛି। ଏହା ମଧ୍ୟରେ ୨୩,୭୦,୦୧୧ ବ୍ୟକ୍ତିଗତ ଜମି ପଟ୍ଟା ରହିଥିବା ସରକାରୀ ସୂତ୍ରରୁ ପ୍ରକାଶ।

୫ ବର୍ଷ ପୂର୍ବେ ମୋଟ ୪୨,୩୭,୮୫୩ (୪୦,୮୯,୦୩୫ ବ୍ୟକ୍ତିଗତ) ଦାବି ରହିଥିଲା। ସେଥି ମଧ୍ୟରୁ ୧୯,୬୪,୦୪୮ (୧୮,୮୭,୮୯୪ ବ୍ୟକ୍ତିଗତ) ଦାବିର ସମାଧାନ ସହ ଜମି ପଟ୍ଟା ବଣ୍ଟନ କରାଯାଇଛି। ଅଧିକାରୀମାନଙ୍କ ମତରେ ଜଙ୍ଗଲ ଅଧିକାର ଆଇନ, ୨୦୦୬ର କାର୍ଯ୍ୟକାରିତାରେ କୋଭିଡ୍-୧୯ ପ୍ରତିବନ୍ଧକ ସାଜିଥିଲା। ଅନ୍ୟପକ୍ଷେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଦୁର୍ନୀତି ଯୋଗୁ ୨୦୨୦-୨୧ରେ ଏହା ଲାଗୁ କରାଇବାରେ ସମସ୍ୟା ଉପୁଜିଥିଲା। ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ଜମ୍ମୁ-କଶ୍ମୀର, ମଧ୍ୟ ପ୍ରଦେଶ ଓ ରାଜସ୍ଥାନ ସମେତ ୮ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୫୦%ରୁ ଅଧିକ ଦାବି ଅଗ୍ରାହ୍ୟ ହୋଇଥିବା ବସୁନ୍ଧରା ସଙ୍ଗଠନ ପକ୍ଷରୁ ଉକ୍ତ ରିପୋର୍ଟରେ କୁହାଯାଇଛି।

## ସନ୍ଦେଶଖାଲି ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ

କୋଲ୍‌କାତା୧୦।୪

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ମହିଳା ବିରୋଧୀ ଅପରାଧ ଓ ଜମି ହଡ଼ପ ମାମଲାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କରିବ। ଏନେଇ କାଲକାଟା ହାଇକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛି। ମୁଖ୍ୟ ବିଚାରପତି ଟି.ଏସ୍. ଶିବାଗ୍ନନମ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ଏହି ମାମଲାର ତଦନ୍ତ କରିବ। ମେ' ୨ରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ଚାଷଜମିରେ ମତ୍ସ୍ୟଚାଷ ପାଇଁ ପୋଖରୀ ଖନନ ଲାଗି ବେଆଇନ କିସମ ପରିବର୍ତ୍ତନ ଉପରେ ଏକ ବିସ୍ତୃତ ରିପୋର୍ଟ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଦାଖଲ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ, ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଶାହାଜାହନ୍ ଶେଖଙ୍କୁ ଗତ ଜାନୁୟାରୀ ୫ରେ ଗିରଫ କରିବା ପାଇଁ ସନ୍ଦେଶଖାଲି ଯାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନେ ଆକ୍ରମଣର ଶିକାର ହୋଇଥିଲେ। ପରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ତାଙ୍କୁ ଦଳରୁ ନିଲମ୍ବନ କରିଥିଲା। ଏହି ବହୁଚର୍ଚ୍ଚିତ ପ୍ରସଙ୍ଗରେ ଟିଏମ୍‌ସି ଏବଂ ଭାଜପା ମୁହାଁମୁହିଁ ହୋଇଛନ୍ତି।

# ମନ୍ତ୍ରୀ ପଦ, ଆପ୍ ଛାଡ଼ିଲେ ଆନନ୍ଦ

ନୂଆଦିଲ୍ଲୀ,୧୦।୪

ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତିହାର ଜେଲରେ ଥିବାବେଳେ ତାଙ୍କ କ୍ୟାବିନେଟ୍ ସହଯୋଗୀ ରାଜକୁମାର ଆନନ୍ଦ ବୁଧବାର ଦଳର ବିରୋଧରେ ଆଗତ ଦୁର୍ନୀତି ଅଭିଯୋଗ ଆଧାରରେ ଇସ୍ତଫା ଦେଇଛନ୍ତି। ଆନନ୍ଦ ଉଭୟ ମନ୍ତ୍ରୀ ପଦ ଓ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ପ୍ରାଥମିକ ସଦସ୍ୟତା ତ୍ୟାଗ କରିଛନ୍ତି। ଅନ୍ୟପକ୍ଷେ ଭାଜପା ଚାପରେ ଆନନ୍ଦ ଇସ୍ତଫା ଦେଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି।

ପଟେଲ ନଗର ବିଧାୟକ ରାଜକୁମାର ଆନନ୍ଦ ହେଉଛନ୍ତି ଉଚ୍ଛେଦ ହୋଇସାରିଥିବା ଅବକାରୀ ନୀତି ଦୁର୍ନୀତି ମାମଲାରେ ପଦ ଓ ଦଳ ଛାଡ଼ିବାରେ ଦିଲ୍ଲୀର ପ୍ରଥମ ମନ୍ତ୍ରୀ। ଏନେଇ ଆନନ୍ଦ କହିଛନ୍ତି, ଦୁର୍ନୀତି ବିରୋଧୀ ଲଢ଼େଇ ଅଭିଯାନରେ ସାମିଲ ହେବା ପାଇଁ ସେ ଆପ୍‌ରେ ଯୋଗଦେଇଥିଲେ। ଆଜି



ରାଜକୁମାର ଆନନ୍ଦ

ଦଳ ଦୁର୍ନୀତିରେ ବୁଡ଼ି ଯାଇଛି। ତେଣୁ ସେ ସାମାଜିକ କଲ୍ୟାଣ, ତଫସିଲଭୁକ୍ତ ଜାତି ଏବଂ ତଫସିଲଭୁକ୍ତ ଜନଜାତି ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଦଳୀୟ ନେତୃତ୍ୱରେ ଭେଦଭାବପୂର୍ଣ୍ଣ ଆଚରଣକୁ ନେଇ ସେ ବ୍ୟଥିତ। ଆପ୍‌ରେ ଜଣେହେଲେ ଦଳିତ ବିଧାୟକ କିମ୍ବା କାଉନ୍‌ସିଲ ନାହାନ୍ତି। ଦଳିତ ନେତାମାନଙ୍କୁ ନେତୃତ୍ୱର ସୁଯୋଗ ମିଳୁନାହିଁ। ତେଣୁ ବାବା ସାହେବ ଆମ୍ବେଡକରଙ୍କ ସିଦ୍ଧାନ୍ତକୁ ଅନୁସରଣ କରି ସେ ଦଳ ଓ ମନ୍ତ୍ରୀପଦ ଛାଡ଼ିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଜେଲରେ ଥିବାରୁ ଆନନ୍ଦଙ୍କ ଇସ୍ତଫା ପରେ ତାଙ୍କ ବିଭାଗରେ କାହାକୁ ଦାୟିତ୍ୱ ଦିଆଯିବ ତାହା ସ୍ପଷ୍ଟ ହୋଇନାହିଁ।

ପ୍ରକାଶ ଯେ, ୨୦୨୩ ନଭେମ୍ବରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନି ଲଣ୍ଡରିଂ ମାମଲାରେ ଆନନ୍ଦଙ୍କ ଘରେ ଚଢ଼ାଉ କରିଥିଲା। ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ପକ୍ଷରୁ ମଧ୍ୟ ଏକ ସ୍ଥାନୀୟ କୋର୍ଟରେ ୭ କୋଟି ଟଙ୍କାର ଆମଦାନୀ ଶୁଳ୍କ ଫାଙ୍କିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଗତ ସପ୍ତାହରେ ଦିଲ୍ଲୀ ମନ୍ତ୍ରୀ ଆତିଶୀ ଭାଜପା ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ। ଆପ୍ ନେତାମାନଙ୍କୁ ଦଳ ଓ ପଦ ଛାଡ଼ିବା ପାଇଁ ଭାଜପା ଚାପ ପକାଉଥିବା ସେ ଦାବି କରିଥିଲେ। ଏପରି କି ଦଳ ନ ଛାଡ଼ିଲେ ମାସକ ମଧ୍ୟରେ ଗିରଫ ହେବାକୁ ପ୍ରସ୍ତୁତ ହୁଅ ବୋଲି ନିଜର ଜଣେ ଘନିଷ୍ଠ ସହଯୋଗୀଙ୍କ ଜରିଆରେ ଭାଜପା ତାଙ୍କୁ ଚେତାବନୀ ଦେଇଥିବା ଆତିଶୀ କହିଥିଲେ। ଏହା ଉପରେ ଦିଲ୍ଲୀ ଭାଜପା ପକ୍ଷରୁ ତାଙ୍କ ନିକଟକୁ ମାନହାନି ନୋଟିସ ପଠାଯାଇଛି। ଏହି ପୃଷ୍ଠଭୂମିରେ ଆନନ୍ଦଙ୍କ ଇସ୍ତଫା ଅନେକ ପ୍ରଶ୍ନ ଛିଡ଼ା କରାଇଛି।

## କେଜ୍‌ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପିଟିଶନ ହାଇକୋର୍ଟରେ ଖାରଜ

**ନୂଆଦିଲ୍ଲୀ,୧୦।୪:** ଆପ୍ ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରି ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ବାରମ୍ବାର ପିଟିଶନ ଦାଖଲ ହେଉଥିବାରୁ ବୁଧବାର ଦିଲ୍ଲୀ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଥରେ ଏହି ପ୍ରସଙ୍ଗରେ ଅଦାଲତ ମନା କରିବା ପରେ ଆଉ ବାରମ୍ବାର ଏପରି ଆବେଦନ କରାଯିବା ଅନୁଚିତ। ଜେମ୍ସ ବଣ୍ଡ ମୁଭି ଭଳି ଏହାର ଧାରାବାହିକ ରହିବା ଅନୁଚିତ ବୋଲି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ମନମୋହନଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆବେଦନକାରୀ ତଥା ଆପ୍‌ର ପୂର୍ବତନ ବିଧାୟକ ସନ୍ଦୀପ କୁମାରଙ୍କୁ ଭର୍ତ୍ସନା କରିଛନ୍ତି। ଆଗକୁ ଏପରି ପିଟିଶନ ଦାଖଲ କଲେ ତାଙ୍କ ଉପରେ ୫୦,୦୦୦ ଟଙ୍କା ଜରିମାନା କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି।

## ୨୦୪୦ରେ ଚନ୍ଦ୍ରକୁ ଯିବେ ଭାରତୀୟ

ନୂଆଦିଲ୍ଲୀ, ୧୦।୪

### ଇସ୍ରୋ ମୁଖ୍ୟ ଏସ୍. ସୋମନାଥଙ୍କ ସୂଚନା

ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ) ମୁଖ୍ୟ ଏସ. ସୋମନାଥ 'ଚନ୍ଦ୍ରୟାନ ୪'କୁ ନେଇ ବଡ଼ ବୟାନ ଦେଇଛନ୍ତି। ୨୦୪୦ରେ ଚନ୍ଦ୍ରପୃଷ୍ଠରେ ଭାରତୀୟ ମହାକାଶଚାରୀଙ୍କୁ ଅବତରଣ କରିବା ଦିଗରେ ଇସ୍ରୋ କାର୍ଯ୍ୟ କରୁଥିବାବେଳେ 'ଚନ୍ଦ୍ରୟାନ ୪' ଏହାର ପ୍ରଥମ ଶୋପାନ ହୋଇଥିବା ସେ କହିଛନ୍ତି। ଭାରତର ମିଶନ 'ଚନ୍ଦ୍ରୟାନ ୪'ରେ ମହାକାଶ ଯାନ ଚନ୍ଦ୍ର ପୃଷ୍ଠକୁ ଯାଇ ସେଠାରୁ ମାଟି ଓ ପଥରର ନମୁନା ସଂଗ୍ରହ କରି ପୃଥିବୀ ଫେରି ଆସିବ। ଏହି ନମୁନାଗୁଡ଼ିକୁ ନେଇ ଇସ୍ରୋ ପକ୍ଷରୁ ଗବେଷଣା କରାଯିବ ବୋଲି ସୋମନାଥ କହିଛନ୍ତି। ଏହାସହ ଚନ୍ଦ୍ରକୁ ଯାଇ ନମୁନା ସଂଗ୍ରହ କରି ପୃଥିବୀ ପୃଷ୍ଠକୁ ଫେରିବା ସମ୍ପୂର୍ଣ୍ଣ ଚକ୍ରକୁ ଦର୍ଶାଉଥିବା ବେଳେ 'ଚନ୍ଦ୍ରୟାନ ୪'ରେ ଏହା ହାସଲ କରିହେବ ବୋଲି ସେ କହିଛନ୍ତି। ତେବେ ବିଭିନ୍ନ ରକେଟ ଏବଂ ସାଟେଲାଇଟ



ପ୍ରୋଜେକ୍ଟଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ବିକାଶ ସମ୍ବଳିତ ପ୍ରୋଜେକ୍ଟରେ ଇସ୍ରୋ ସମ୍ପ୍ରତି କାର୍ଯ୍ୟ କରୁଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, 'ଚନ୍ଦ୍ରୟାନ ୪'ରେ ୨ଟି ପର୍ଯ୍ୟାୟରେ ୨ଟି ଭିନ୍ନ ଭିନ୍ନ ରକେଟ ଲଞ୍ଚ କରାଯିବ ବୋଲି ସୋମନାଥ ପୂର୍ବରୁ ସୂଚନା ଦେଇଥିଲେ। ୨୦୨୮ ପୂର୍ବରୁ ଏହାକୁ ଲଞ୍ଚ କରାଯିବା ନେଇ ସେ କହିଥିଲେ।

## ମାର୍ସିଲିନୋ ଅବାଦ୍‌ଙ୍କୁ ୧୨୪

ଲିମା, ୧୦।୪

ପେରୁର ଜଣେ ବ୍ୟକ୍ତି ବିଶ୍ୱର ସବୁଠାରୁ ବୟସ୍କ ବ୍ୟକ୍ତି ହୋଇଥିବା ଦାବି କରାଯାଉଛି। ତାଙ୍କର ବୟସ ୧୨୪ ହୋଇଥିବା କୁହାଯାଉଛି। ହୁଆନୁକୋ ସ୍ଥାନୀୟ ବାସିନ୍ଦା ମାର୍ସିଲିନୋ ଅବାଦ୍‌ଙ୍କୁ ଗିନଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରିବା ପାଇଁ ପେରୁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଗତ ୫ରେ ସେ ନିଜ ୧୨୪ତମ ଜନ୍ମ ଦିବସ ପାଳନ କରିଥିଲେ। ବିଶ୍ୱର ସବୁଠାରୁ ବୟସ୍କ ବ୍ୟକ୍ତି ହୋଇଥିବାରୁ

### ବିଶ୍ୱର ସବୁଠୁ ବୟସ୍କ



ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବାକୁ ସେ ହକ୍‌ଦାର ଥିବାରୁ ତାଙ୍କୁ ଏନେଇ ସମସ୍ତ ପ୍ରକାରର ସହଯୋଗ କରାଯିବ ବୋଲି ପେରୁ ସରକାର କହିଛନ୍ତି।

# କିରଣ ଖେର୍‌ଙ୍କ ଟିକେଟ କାଟିଲା ଭାଜପା

ନୂଆଦିଲ୍ଲୀ, ୧୦।୪

ଚଳିତ ଲୋକ ସଭା ନିର୍ବାଚନ ପାଇଁ ବୁଧବାର ଭାଜପା ୧୦ମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଉତ୍ତରପ୍ରଦେଶରୁ ୭ ଜଣ, ପଶ୍ଚିମବଙ୍ଗ ଓ ବିହାରରୁ ଜଣେ ଲେଖାଏ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି। ଚଣ୍ଡିଗଡ଼ରୁ ଏମ୍‌ପି କିରଣ ଖେର୍‌ଙ୍କ ସ୍ଥାନରେ ଚଣ୍ଡିଗଡ଼ ଭାଜପା ସଭାପତି ସଞ୍ଜୟ ଟଣ୍ଡନଙ୍କୁ ଟିକେଟ ମିଳିଛି। ସେହିପରି ପଶ୍ଚିମବଙ୍ଗର ଆସାନ୍‌ସୋଲ



ଆସନରୁ ଏସ୍. ଏସ୍ ଆହଲୁୱାଲିଆଙ୍କ ଉପରେ ଭାଜପା ମୋହର ମାରିଛି।

### ଆସାନ୍‌ସୋଲରେ ଶତ୍ରୁଘ୍ନ ସିହ୍ନା ବନାମ ଏସ୍. ଏସ୍ ଆହଲୁୱାଲିଆ

ଆହଲୁୱାଲିଆ ବର୍ତ୍ତମାନ ବର୍ଦ୍ଧମାନ-ଦୁର୍ଗାପୁର ଆସନରୁ ଏମ୍‌ପି ଅଛନ୍ତି। ପୂର୍ବରୁ ଦଳ ଏହି ଆସନରୁ ଭୋଜପୁରୀ ଅଭିନେତା ପୱନ ସିଂଙ୍କୁ ଟିକେଟ ଦେଇଥିଲା। କିନ୍ତୁ ସେ ନିର୍ବାଚନ ଲଢ଼ିବାକୁ ମନା କରିବାରୁ ଭାଜପା ପ୍ରାର୍ଥୀ ବଦଳାଇଛି। ଆସାନ୍‌ସୋଲ ଆସନରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ପ୍ରାର୍ଥୀ ଶତ୍ରୁଘ୍ନ ସିହ୍ନାଙ୍କ ସହ ଭାଜପାର ଏସ୍. ଏସ୍ ଆହଲୁୱାଲିଆଙ୍କ ମଧ୍ୟରେ ମୁକାବିଲା ହେବା ସ୍ପଷ୍ଟ ହୋଇଛି। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ପୁଅ ନୀରଜ ଶେଖରଙ୍କୁ ବାଲିଆ ଆସନରୁ ଦଳ ପ୍ରାର୍ଥୀ କରିଛି। ଅନ୍ୟପକ୍ଷରେ ସମାଜବାଦୀ ପାର୍ଟି(ଏସ୍‌ପି)ର ଗଡ଼ କୁହାଯାଉଥିବା ମୈନପୁରୀ ଆସନରୁ ଜୟବୀର ସିଂଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏଠାରେ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସ୍ତ୍ରୀ ଡିମ୍ପଲ ଯାଦବଙ୍କ ସହ ତାଙ୍କର ମୁକାବିଲା ହେବ।

## ଫୁର୍‌ସତ୍



# ବିବାହ ପରେ ମୁହଁ ଖୋଲିଲେ ତାପସୀ

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ ନିଜ ବ୍ୟକ୍ତିଗତ ଜୀବନ ଏବଂ ବିନ୍ଦାସ ଅନ୍ଦାଜ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଆନ୍ତି। ସେ ଗତମାସ ୨୩ରେ ନିଜ ଦୀର୍ଘଦିନର ପ୍ରେମିକ ମାଥିଆସ୍ ବୋଏଙ୍କୁ ବିବାହ କରିଥିଲେ। ନିଜ ବିବାହକୁ ସେ ଅତ୍ୟନ୍ତ ବ୍ୟକ୍ତିଗତ ଏବଂ ଗୁପ୍ତ ରଖିଥିଲେ। ଏବେ ଅଭିନେତ୍ରୀ ଜଣଙ୍କ ପ୍ରଥମଥର ପାଇଁ ନିଜ ବିବାହକୁ ନେଇ ନୀରବତା ଭାଙ୍ଗିଛନ୍ତି। ନିକଟରେ ତାପସୀ ଏକ ସାକ୍ଷାତ୍‌କାରରେ ନିଜ ବିବାହ ନେଇ ମୁହଁ ଖୋଲିଛନ୍ତି। ୩୬ ବର୍ଷିୟା ତାପସୀ ନିଜ ବିବାହକୁ କେବଳ ପରିବାର, ବନ୍ଧୁ ଓ ସମ୍ପର୍କୀୟଙ୍କ ମଧ୍ୟରେ ସୀମିତ ରଖିବାକୁ ଚାହିଁଥିଲେ। ବିବାହ ଗୁପ୍ତ ରଖିବା ନେଇ ଆସିଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କ ବିବାହକୁ ନେଇ ସାର୍ବଜନୀନ ଭାବେ ଚର୍ଚ୍ଚା ହେଉ ବୋଲି ସେ ଚାହୁଁ ନ ଥିବା ଏହି ସାକ୍ଷାତ୍‌କାରରେ କହିଛନ୍ତି। ସେହିପରି ବିବାହର କୌଣସି ଫଟୋ କିମ୍ବା ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିବେ ନାହିଁ ବୋଲି ତାପସୀ କହିଛନ୍ତି। ଏଥିପାଇଁ ସେ ମାନସିକ ସ୍ତରରେ ପ୍ରସ୍ତୁତ ନ ଥିବା ଜଣାଇଛନ୍ତି। ତେବେ ତାପସୀ ଓ ମାଥିଆସ୍‌ଙ୍କ ବିବାହ ଭିଡିଓ ପୂର୍ବରୁ ତାଙ୍କର ଅନେକ ଫ୍ୟାନ ଆକାଉଣ୍ଟରୁ ସୋସିଆଲ ମିଡିଆରେ ଶେୟାର ହୋଇଥିଲା। ତାପସୀ ତାଙ୍କ ବିବାହର ସମସ୍ତ ବ୍ୟବସ୍ଥା ଭଉଣୀ ତଥା ୱେଡିଂ ଡିଜାଇନର ଶଗୁନ୍ କରିଥିବା ନେଇ ସୂଚନା ଦେଇଛନ୍ତି। ସେ ତାଙ୍କ ଭଉଣୀ, ଘନିଷ୍ଠ ବନ୍ଧୁ ଏବଂ ପରିବାର ସଦସ୍ୟଙ୍କ ସହ ବିବାହକୁ ବହୁତ ଉପଭୋଗ କରିଥିବା କହିଛନ୍ତି। ୨୦୧୩ରେ ତାପସୀ ଏବଂ ମାଥିଆସଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇଥିଲା। ପରେ ସମୟ ସହ ସେମାନଙ୍କର ବନ୍ଧୁତା ପ୍ରେମରେ ପରିଣତ ହୋଇଥିଲା। କିନ୍ତୁ ତାପସୀ କେବେ ମଧ୍ୟ ସୋସିଆଲ ମିଡିଆ କିମ୍ବା ସର୍ବସାଧାରଣ ପ୍ଲାଟଫର୍ମରେ ମାଥିଆସ୍‌ଙ୍କ ସହ ତାଙ୍କର ସମ୍ପର୍କ ସମ୍ବନ୍ଧରେ ଆଲୋଚନା କରିନାହାନ୍ତି। ତାପସୀଙ୍କୁ ଶେଷଥର ପାଇଁ ଗତବର୍ଷ ରାଜକୁମାର ହିରାନୀଙ୍କ ନିର୍ଦ୍ଦେଶିତ 'ଡଙ୍କି' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା, ଯେଉଁଥିରେ ସେ ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିଥିଲେ।

# ପ୍ରାର୍ଥୀଙ୍କ ବେକରେ ଜୋତାମାଳ

ଅଲିଗଡ଼

ଲୋକ ସଭା ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି, ରାଜନୈତିକ ଦଳ ଗୁଡ଼ିକର ପ୍ରସ୍ତୁତି ମଧ୍ୟ ସେତେମାତ୍ରାରେ ଜୋର୍‌ଦାର ହେବାରେ ଲାଗିଛି। ବଡ଼ ବଡ଼ ଦଳଗୁଡ଼ିକୁ ଛାଡି ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ଏହି ନିର୍ବାଚନରେ ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବିଭିନ୍ନ ପ୍ରୟାସ କରୁଛନ୍ତି। ଅଲିଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ଏଠାରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଚପଲମାଳ ପିନ୍ଧି ନିର୍ବାଚନ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଚଳିତ ଲୋକ ସଭା ନିର୍ବାଚନରେ ଅଲିଗଡ ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ପଣ୍ଡିତ କେଶବ ଦେବ। ତାଙ୍କୁ ନିର୍ବାଚନ ଆୟୋଗଙ୍କଠାରୁ ଚପଲ ଚିହ୍ନ ମିଳିଛି। ତେଣୁ ସେ ୭ଟି ଚପଲ ସାହାଯ୍ୟରେ ଗୋଟିଏ ଚପଲମାଳ ପ୍ରସ୍ତୁତ କରିଛନ୍ତି। ଏହି ଚପଲମାଳକୁ ପିନ୍ଧି ସେ ଜନସାଧାରଣଙ୍କ ନିକଟରେ ପହଞ୍ଚୁଛନ୍ତି ଓ ଭୋଟ ଭିକ୍ଷା କରୁଛନ୍ତି। ଦେଶରେ ୭ଟି ପର୍ଯ୍ୟାୟରେ ହେବାକୁ ଥିବା ଲୋକ ସଭା ନିର୍ବାଚନ ଏପ୍ରିଲ୧୯ରୁ




ଆରମ୍ଭ ହେବ। ଅଲିଗଡରେ ଲୋକ ସଭା ନିର୍ବାଚନ ଏପ୍ରିଲ ୨୬ରେ ଅର୍ଥାତ ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏଠାରେ ମୋଟ ୨୧ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ନାମାଙ୍କନ ପତ୍ର ଖାରଜ ହୋଇଯାଇଥିଲା। ସେହିପରି ଏଠାରେ ଅନ୍ୟ ୨ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ତେଣୁ ଅଲିଗଡ ଲୋକ ସଭା ଆସନରେ ସମୁଦାୟ ୧୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ମୁକାବିଲା ହେବାକୁ ଯାଉଛି। ଏଠାରୁ ବର୍ତ୍ତମାନର ଏମ୍‌ପି ସତୀଶ କୁମାର ଗୌତମ ଭାଜପା ପ୍ରାର୍ଥୀ ହୋଇଥିବାବେଳେ, ବିରୋଧୀ ଇଣ୍ଡିଆ ମେଣ୍ଟରୁ ବିଜେନ୍ଦ୍ର ସିଂ ସମାଜବାଦୀ ପାର୍ଟି ପକ୍ଷରୁ ନିର୍ବାଚନ ଲଢୁଛନ୍ତି। ସେହିପରି ବହୁଜନ ସମାଜ ପାର୍ଟିରୁ ଏଠାରେ ହିତେନ୍ଦ୍ର କୁମାର ଓରଫ୍ ବଣ୍ଟି ଉପାଧ୍ୟାୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।







# ଓଏଚ୍‌ଆର୍‌ସିରେ ପିଟିଶନ ଦାଏର

## ୫୫ ନମ୍ବର ଜାତୀୟ ରାଜପଥର ଦୁରବସ୍ଥା

କଟକ,୧୦।୪ (କାର୍ତ୍ତିକ ସାହୁ)

କଟକରୁ ସମ୍ବଲପୁରକୁ ସଂଯୋଗ କରୁଥିବା ୫୫ ନମ୍ବର ଜାତୀୟ ରାଜପଥର ଦୁରବସ୍ଥାକୁ ନେଇ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି)ରେ ବୁଧବାର ପିଟିଶନ୍ ଦାଏର ହୋଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଦାଏର ପିଟିଶନ୍‌ରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ପରିବହନ ମନ୍ତ୍ରଣାଳୟର ସଚିବ, ନୂଆଦିଲ୍ଲୀସ୍ଥିତ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଓଡ଼ିଶା ଆଞ୍ଚଳିକ ଅଧିକାରୀ ଓ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନରେ ଦର୍ଶାଯାଇଛି, ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୨୩ ବର୍ଷରେ ୫୫ ନମ୍ବର ଜାତୀୟ ରାଜପଥର ଦୁରବସ୍ଥା କାରଣରୁ ପ୍ରାୟ ୪୦୧ ଦୁର୍ଘଟଣା ଘଟି ୧୮୬ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ବର୍ଦ୍ଧିତ ଜନସଂଖ୍ୟା, ସହରୀକରଣ, ଦ୍ରୁତ ଶିଳ୍ପାୟନ ଆଦିକୁ ଦୃଷ୍ଟିରେ ରଖି କଟକରୁ ସମ୍ବଲପୁର ରାଜପଥକୁ ୪ ଲେନ୍‌ବିଶିଷ୍ଟ କରିବାକୁ ୨୦୦୫ରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ବାସ୍ତବରେ ୧୨ ବର୍ଷ ପରେ ଅର୍ଥାତ୍ ୨୦୧୭ରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଓ ସମ୍ବଲପୁର-ଅନୁଗୋଳ ପର୍ଯ୍ୟନ୍ତ ରାଜପଥର ଅଂଶ ନିର୍ମାଣ କାର୍ଯ୍ୟ ୨୦୧୯ରେ ଶେଷ ହେବାକୁ ଥିବାବେଳେ ଅଦ୍ୟାବଧି ତାହା ସରିନାହିଁ। ଅପରପକ୍ଷେ ରାଜପଥର ମରାମତି ଅଭାବରୁ ଏହା ମରଣଯନ୍ତାରେ ପରିଣତ ହୋଇଛି। ପ୍ରତିମାସରେ ଏକାଧିକ ଦୁର୍ଘଟଣା ଏହି ରାଜପଥରେ ଘଟୁଛି। ଗଣମାଧ୍ୟମର ତଥ୍ୟ ଅନୁଯାୟୀ, ୨୦୨୩ ମାର୍ଚ୍ଚରେ ୪୧, ଏପ୍ରିଲରେ ୨୫, ନଭେମ୍ବରରେ ୩୫ ଓ ଡିସେମ୍ବରରେ ୩୬ଟି ଦୁର୍ଘଟଣା ଘଟିଛି। ଆବେଦନକାରୀ ଏହି ପିଟିଶନ୍‌କୁ ବିଚାର ପାଇଁ ଗ୍ରହଣ କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ରାଜପଥର ନିର୍ମାଣ କାର୍ଯ୍ୟ ଶେଷ ପାଇଁ କି ପଦକ୍ଷେପ ନିଆଯାଇଛି, ଠିକାଦାରଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେନେଇ ପ୍ରତିପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ନିବେଦନ କରିଛନ୍ତି। ସେହିପରି ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେବାକୁ ମଧ୍ୟ ପିଟିଶନ୍‌ରେ ଉଲ୍ଲେଖ କରାଯାଇଛି।

# କଳାକାଚ ଗାଡ଼ି ଧରପଗଡ଼ ଜୋର୍‌ଦାର

**ନିର୍ବାଚନବେଳେ ନିଦ ଭାଙ୍ଗିଲା**

- ରାଜଧାନୀରେ ୭୪ରୁ ଊର୍ଦ୍ଧ୍ୱ ଗାଡିରୁ କଢ଼ାଗଲାଣି କଳା ଜରି
- ଜରିମାନା ଗଣୁଛନ୍ତି ଗାଡ଼ି ମାଲିକ

ଭୁବନେଶ୍ୱର,୧୦।୪
(ସୂର୍ଯ୍ୟକାନ୍ତ ବେହେରା)


ପୋଲିସ କାର୍‌ରୁ କଳା ଜରି ବାହାର କରୁଛି।

ଗାଡିରେ କଳାକାଚ ଲଗାଯିବାକୁ ନେଇ ସୁପ୍ରିମକୋର୍ଟ ରୋକ୍ ଲଗାଇବା ସହ ବେଆଇନ ବୋଲି ଘୋଷଣା କରିଥିଲେ। ଏହାକୁ ବିଭିନ୍ନ ରାଜ୍ୟ ସରକାର ଲାଗୁ କରିଥିବାବେଳେ ଓଡ଼ିଶାରେ ଉଭୟ ପରିବହନ ବିଭାଗ ଓ ପୋଲିସକୁ ଯାଞ୍ଚ କ୍ଷମତା ଦିଆଯାଇଛି। ନିୟମ ଲାଗୁ ପରେ କିଛିଦିନ ଧରି ତତ୍ପରତା ଦେଖାଇଥିଲା ଉଭୟ ବିଭାଗ। ହେଲେ ନିୟମିତ ଯାଞ୍ଚ ଓ ପକ୍ଷେପ ନ ହେବାରୁ ଗାଡି ମାଲିକମାନେ ପୁଣି ଗାଡିରେ କଳାକାଚ ବା କାଚରେ ବ୍ଲାକ୍ ଫିଲ୍ମ ବ୍ୟବହାର କରୁଥିବା ଦେଖାଯାଇଛି। ଏବେ ନିର୍ବାଚନକୁ ଦୃଷ୍ଟିରେ ରଖି କଳାକାଚ ଧରପଗଡ଼କୁ ଜୋର୍‌ଦାର କରିଛି ପୋଲିସ। କଳାକାଚ ଯୋଗୁ ଗାଡିରେ କଳାଟଙ୍କା ପରିବହନ ସହ ପୋଲିସ ନଜରକୁ ଆପରାଧିକ ତତ୍ତ୍ୱ ଏଡାଇଯିବାର ଆଶଙ୍କା ରହୁଛି। ଏହି ପରିପ୍ରେକ୍ଷୀରେ ରାଜଧାନୀରେ କମିଶନରେଟ ପୋଲିସ ଓ ଆର୍‌ଟିଓ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ କଳାକାଚ ଲଗାଯାଇଥିବା ଗାଡିଗୁଡିକୁ ଚିହ୍ନଟ କରି ଧରିବା ସହ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଏହାସହ ଗାଡ଼ଡ଼ିରୁ କଳାଜରି ବା ବ୍ଲାକ୍ ଫିଲ୍ମ ବାହାର କରାଯାଉଛି। ତେବେ ଗତ ଦୁଇଦିନ ଧରି କମିଶନରେଟ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଏହି ଯାଞ୍ଚ କରାଯାଇ ୭୪ରୁ ଅଧିକ ଗାଡିରୁ କଳାଜର କଢ଼ାଯାଇଥିବାବେଳେ ମାଲିକଙ୍କଠାରୁ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ ହୋଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, ଗାଡିରେ ବ୍ଲାକ୍ ଫିଲ୍ମ ଲଗାଇ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହିବା ସହ ନିଶା କାରବାର କରାଯାଉଥିବାରୁ ଏପରି ପଦକ୍ଷେପ ନିଆଯାଉଛି। ଏନେଇ ଲୋକଙ୍କୁ ସଚେତନ ମଧ୍ୟ କରାଯାଉଥିବା ସେ କହିଛନ୍ତି।

ଅପରପକ୍ଷେ ପୋଲିସର ଏପରି ହଠାତ୍ କଳାକାଚ ଧରପଗଡ଼କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଭୁବନେଶ୍ୱର ବାସିନ୍ଦା ପ୍ରଭାତ କୁମାର ସ୍ୱାଇଁ କହିଛନ୍ତି, ନିୟମ ରହିଥିଲେ ମଧ୍ୟ ପୋଲିସ ନିୟମିତ ଚଢାଉ କରୁ ନାହିଁ। ଆଗକୁ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଏହା ପୂର୍ବରୁ ଗାଡିରେ ବେଆଇନ ଭାବେ ଟଙ୍କା ଓ ନିଶାଦ୍ରବ୍ୟ ଚାଲାଣ କରାଯିବାର ଆଶଙ୍କା ରହିଛି। ତେଣୁ ପୋଲିସ ଗାଡିରୁ କଳାଜରି ହଟାଉଛି। ନିର୍ବାଚନ ସରିଲେ ପୋଲିସର ଏହି ଚଢାଉ ପ୍ରକ୍ରିୟା ଧିମେଇ ଯିବ ନ ହେଲେ ଲୋପ ପାଇଯିବ। ଏଥିସହ ସାରା ରାଜ୍ୟରେ ଏପରି ଯାଞ୍ଚ ନିୟମିତ ହେଉ ବୋଲି ସେ କହିଥିଲେ। ସେହିପରି ବିଷ୍ଣୁପ୍ରିୟା ସାହୁ କହିଛନ୍ତି, ଅନେକ ଲୋକେ ସୁପ୍ରିମକୋର୍ଟଙ୍କ ନିୟମକୁ ଜାଣି ନ ଥିବେ। ଯେଉଁ ଲୋକ ନିୟମ ଜାଣିଛନ୍ତି ସେମାନେ ନିୟମିତ ଯାଞ୍ଚ ନ ହେବାରୁ ଗ୍ରୀଷ୍ମ ଋତୁ ଆସିଲେ ଖରାରୁ ରକ୍ଷା ପାଇବା ପାଇଁ ବ୍ୟବହାର କରୁଛନ୍ତି ତ ଆଉ କେହି କେହି ଆପରାଧିକ କାର୍ଯ୍ୟକଳାପ ପାଇଁ ଗାଡିରେ କଳାକାଚ ଲଗାଉଛନ୍ତି। ତେଣୁ ଧରପଗଡ ସହ ଲୋକଙ୍କୁ ସଚେତନ କରାଯିବାର ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି।

# ଶ୍ରୀକ୍ଷେତ୍ରରୁ 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା' ଆରମ୍ଭ

## ସମସ୍ତ କାର୍ଯ୍ୟାଳୟରେ ଓଡ଼ିଆରେ ଫାଇଲପତ୍ର ଲେଖାଯାଉ

ପୁରୀ, ୧୦।୪(ଅଜିତ୍ ମହାନ୍ତି)



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା'ର ଶୁଭାରମ୍ଭ କରାଯାଉଛି।

'ଉଠ ଓଡ଼ିଆ' ସଙ୍ଗଠନ ପକ୍ଷରୁ ଶ୍ରୀକ୍ଷେତ୍ରରୁ ଏକାମ୍ର ଅଭିଯାନ ଅନ୍ତର୍ଗତ 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା' ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଆରମ୍ଭ ହୋଇଛି। ଏହି ଯାତ୍ରାରେ ବିଭିନ୍ନ ଜିଲାରୁ ଶତାଧିକ ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି। ଓଡ଼ିଶାର ସ୍ୱାଭିମାନ ଓ ଅସ୍ମିତାର ସୁରକ୍ଷା ତଥା ଖଣି, ପାଣି ଆଦି ଲୁଟ୍‌କୁ ବିରୋଧ କରି ନୂତନ ଓଡ଼ିଶା ଗଠନ ପାଇଁ ଅଭିଯାନ ଆରମ୍ଭ କରାଯାଇଛି। ସେହିପରି ଓଡ଼ିଆ ଭାଷାରେ ସରକାରୀ ଫାଇଲ ଲେଖାଯିବା ବାଧ୍ୟତାମୂଳକ ହେବା ସହ ସମସ୍ତ ରାଜ୍ୟର ସରକାରୀ, ବେସରକାରୀ ଓ ବ୍ୟବସାୟିକ ପ୍ରତିଷ୍ଠାନର ନାମଫଳକ ଓଡ଼ିଆରେ ଲେଖା ହେବା ଦାବି ନେଇ ଏହି ଶୋଭାଯାତ୍ରା ବାହାରିଛି। ଏହା ବକୁଳବନ, ସୁଆଣ୍ଡୋ, ଦାଣ୍ଡମୁକୁନ୍ଦପୁର ଓ ଧଉଳି ଦେଇ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତିରେ ଭୁବନେଶ୍ୱର ପିଏମ୍‌ଜି ଛକରେ ପହଞ୍ଚିବ। ସେଠାରେ ଜନସଭା ହେବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

୯୮ ବର୍ଷୀୟ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା' ଆରମ୍ଭ ହୋଇଛି। ୧୯୩୬ ମସିହାରେ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ହୋଇଥିଲେ ହେଁ, ଶାସକମାନଙ୍କ ଦୃଢ଼ ଇଚ୍ଛାଶକ୍ତି ଅଭାବରୁ ଆଜି ଓଡ଼ିଆ ଭାଷା ଘୋର ବିପଦରେ ବୋଲି ସଦସ୍ୟମାନେ ମତବ୍ୟକ୍ତ କହିଥିଲେ। ମିଶନ ଓଡ଼ିଶା ସମ୍ପାଦକ ତଥା ନିଶାମୁକ୍ତ ଓଡ଼ିଶା ଆନ୍ଦୋଳନର ପୁରୋଧା ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଅଶୋକ ଜେନା, ପୂର୍ବତନ ବାର୍ ଆସୋସିଏଶନ୍ ସଭାପତି ବିଭୂତି ତ୍ରିପାଠୀ ଏବଂ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀଙ୍କ ସମେତ ପୁରୀ, ଭୁବନେଶ୍ୱର, ନୟାଗଡ଼, ଜଗତ୍‌ସିଂହପୁର ଓ କଟକର ଶତାଧିକ ଯୁବତୀ ଯୁବକ ଓଡ଼ିଆ ଭାଷା -ସଂସ୍କୃତି ସୁରକ୍ଷା ସ୍ଲୋଗାନ ସହ ଶୋଭାଯାତ୍ରାରେ ପୁରୀରୁ ବାହାରି ବିଭିନ୍ନ ଗାଁ ଦେଇ ବୀରହରେକୃଷ୍ଣପୁରରେ ପହଞ୍ଚିଥିଲେ। ସେଠାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ମାଟିରେ ଗ୍ରାମ୍ୟ କମିଟି ତରଫରୁ ସଂକଳ୍ପ ଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଅପରାହ୍ଣରେ ଯାତ୍ରା ଚନ୍ଦନପୁରରେ ପହଞ୍ଚିଥିଲା। ଚନ୍ଦନପୁର ବଜାର ଓ ଗାଁରେ ପଥପ୍ରାନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ବଜାର କମିଟି ତରଫରୁ ଯାତ୍ରୀମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଯାତ୍ରାରେ ସଙ୍ଗଠନ ପକ୍ଷରୁ କାହ୍ନୁ ଚରଣ ନାୟକ, ସୌମ୍ୟରଞ୍ଜନ ମହାନ୍ତି, ଅଶୋକ ଜେନା, ଜ୍ଞାନରଞ୍ଜନ ଦାସ, ଦୁର୍ଗାଚରଣ ଦାସ, ବଳରାମ ସେଠୀ, ପ୍ରସନ୍ନ କୁଅଁର, ରମାକାନ୍ତ ଜେନା, ଇନ୍ଦୁମତି ମଣ୍ଡଳ, ପ୍ରତିମା, ବନ୍ଦିତା, ସନ୍ତୋଷୀ, ରଶ୍ମିତା, ସୋନାଲି ପ୍ରମୁଖ ସାମିଲ ଥିଲେ।

# ବ୍ଲାଷ୍ଟିଂ ବେଳେ ପଥର ଖଣ୍ଡ ବାଜି ବାଳକ ମୃତ

ଦାମନଯୋଡ଼ି,୧୦।୪ (ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡ଼ି ଉପକଣ୍ଠସ୍ଥ ମାନିଆଁ ନିକଟରେ ଏକ ପଥର କ୍ୱାରିରୁ ବ୍ଲାଷ୍ଟିଂ ବେଳେ ପଥର ଖଣ୍ଡ ଛିଟିକି ଜଣେ ବାଳକଙ୍କ ଦେହରେ ବାଜିବାରୁ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ମରିଚମାଳ ଗ୍ରାମର ସାଲବିନ୍ ମାଝିଙ୍କ ପୁଅ ରିତେଶ (୧୪) ବୋଲି ଜଣାପଡିଛି। ବୁଧବାର ଅପରାହ୍ଣ ସାଢେ ୪ଟାରେ ଏହି ଘଟଣା ଘଟିଛି।

ଖବରରୁ ଜଣାପଡ଼ିଛି, ଦାମନଯୋଡିସ୍ଥିତ ଏସ୍‌ଭିଏମ୍ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ରିତେଶ ଓ ଗ୍ରାମର ଉତ୍ତମ ଖୋରା ନାମକ ଜଣେ ବାଳକ ଦୁହେଁ ମିଶି ଗ୍ରାମ ନିକଟସ୍ଥ ମରିଚମାଳ ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଏହି ସମୟରେ ରିତେଶଙ୍କ ଏକ ଫୋନ କଲ୍ ଆସିବାରୁ ସେ ନଦୀର ବ୍ରିଜ୍ ପାର୍ଶ୍ୱରେ ଛିଡାହୋଇ ମୋବାଇଲରେ କଥା ହେଉଥିଲେ। ଏହି ସମୟରେ ନିକଟରେ ଥିବା ଏକ ପଥର କ୍ୱାରିରେ ବ୍ଲାଷ୍ଟିଂ ଚାଲିଥିଲା। ହଠାତ୍ ଏକ ପଥର ଖଣ୍ଡ ଛିଟିକି ଆସି ରିତେଶଙ୍କ କାନମୁଣ୍ଡାରେ ବାଜିବାରୁ ସେ ଘଟଣାସ୍ଥଳରେ ପଡିଯାଇଥିଲେ। ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ସଙ୍ଗେସଙ୍ଗେ ତାଙ୍କୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ରିତେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଦାମନଯୋଡି ଓ ସେମିଳିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଓ ଗ୍ରାମବାସୀ ଘଟଣାସ୍ଥଳରେ ରାସ୍ତାରୋକୋ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏଠାରେ ବେଆଇନ ଭାବେ ପଥର କ୍ୱାରି ଦୀର୍ଘଦିନ ଧରି ଅବାଧରେ ଚାଲିଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଫଳରେ ବିଭିନ୍ନ ସମୟରେ ଏହା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି।

# ଆଉ ୪ ଡିଗ୍ରୀ ଯାଏ ବଢ଼ିବ ତାପମାତ୍ରା

ଭୁବନେଶ୍ୱର, ୧୦।୪(ଅସମାପିକା ସାହୁ)

ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରଭାବ କମ୍ ରହିଛି। ୧୨ ତାରିଖ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ୧୩ ତାରିଖ ପରଠାରୁ ପରବର୍ତ୍ତୀ ୨ଦିନ ମଧ୍ୟରେ ରାଜ୍ୟରେ ପଶ୍ଚିମ ତଥା ଉତ୍ତରପଶ୍ଚିମ ଦିଗରୁ ଶୁଷ୍କ ବାୟୁର ପ୍ରଭାବ ବୃଦ୍ଧି ପାଇବ। ଏଥିସହ ପୁଣି ଦିନ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ଯାଏ ବଢ଼ିବ। କିଛି ଆଭ୍ୟନ୍ତରୀଣ ଅଞ୍ଚଳ ସହ ପଶ୍ଚିମ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ସେପଟେ ବୁଧବାର ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୯.୩ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ରେ ୩୭.୫, ମାଲକାନଗିରି ୩୭.୧, ପାରାଦୀପ ୩୭, ଭୁବନେଶ୍ୱର ୩୬.୪ ଓ କଟକରେ ୩୪.୮ ଡିଗ୍ରୀ ରହିଥିଲା। ନୂଆପଡ଼ା, ନବରଙ୍ଗପୁର, ସୁନ୍ଦରଗଡ଼ ଜିଲାର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ହାଲୁକା ବର୍ଷା ହୋଇଥିଲା। ଗୁରୁବାର ମାଲକାନଗିରି, ଗଜପତି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଓ ନୂଆପଡ଼ାର କିଛି ସ୍ଥାନରେ ହାଲୁକା ବର୍ଷା ସହିତ ବିଜୁଳି ଘଡ଼ଘଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

# ଉଚ୍ଚ ବିଦ୍ୟାଳୟରେ କେବଳ ୪ କ୍ଲବ ରହିବ

## ପାଠାଗାରରେ ଖୋଲିବ ମୁକ୍ତ 'ପୁସ୍ତକ ବ୍ୟାଙ୍କ'

ଭୁବନେଶ୍ୱର, ୧୦।୪(ଅସମାପିକା ସାହୁ)

ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଗତ ଶିକ୍ଷାବର୍ଷଠାରୁ ଆକାଂକ୍ଷୀ ପାଠ୍ୟକ୍ରମ ଅଧ୍ୟୟନରେ କ୍ଲବ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବର୍ତ୍ତମାନ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଆକାଂକ୍ଷୀ ପାଠ୍ୟକ୍ରମକୁ ଜିଜ୍ଞାସା(Art Education), କୌଶଳୀ(Work Education), କ୍ରୀଡ଼ାଙ୍ଗନା(Games) ଏବଂ ସାହିତ୍ୟ ସୃଜନୀ(Library) ପିରିୟଡ଼ରେ ପଢ଼ାଯାଉଛି। ଏହା ବ୍ୟତୀତ ବିଭିନ୍ନ ସମୟରେ ଗଠନ କରାଯାଇଥିବା ଅନ୍ୟାନ୍ୟ କ୍ଲବ ଯଥା ଇକୋ କ୍ଲବ, ଏନର୍ଜି କ୍ଲବ, ମ୍ୟାଥ୍ କ୍ଲବ, ସାଇନ୍ସ କ୍ଲବ, ଇଣ୍ଟରାକ୍ସନ କ୍ଲବ, ସାକ୍ଷରତା କ୍ଲବ, ସାଂସ୍କୃତିକ କ୍ଲବ, ସ୍ୱଚ୍ଛ ଭାରତ କ୍ଲବ, ହେଲ୍‌ଥ କ୍ଲବ, କ୍ରୀଡ଼ା କ୍ଲବ ଆଦି ରହିଛି। ଏହି କ୍ଲବଗୁଡ଼ିକର ଉତ୍ତମ କାର୍ଯ୍ୟକାରିତା ଏବଂ ପରିଚାଳନା ନିମନ୍ତେ ଏଗୁଡ଼ିକୁ ବିଷୟବସ୍ତୁ ଆଧାରରେ ଜିଜ୍ଞାସା, କୌଶଳୀ, କ୍ରୀଡ଼ାଙ୍ଗନା ଏବଂ ସାହିତ୍ୟ ସୃଜନୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଗଣଶିକ୍ଷା ବିଭାଗ ଯୋଜନା କରିଛି। ଖୁବ୍‌ଶୀଘ୍ର ଏହା ଲାଗୁ ହୋଇପାରେ। ବିଦ୍ୟାଳୟଗୁଡ଼ିକରେ ଏହି ୪ଟି କ୍ଲବ ବ୍ୟତୀତ ଅନ୍ୟ କୌଣସି କ୍ଲବ ରହିବ ନାହିଁ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନବମ ଓ ଦଶମ ଶ୍ରେଣୀ ପାଇଁ ଗୋଟିଏ ମିଳିତ କିମ୍ବା ଅଲଗା ଅଲଗା କ୍ଲବ ଗଠନ କରାଯିବ। ତାହା ଛାତ୍ରୀଛାତ୍ରଙ୍କ ସଂଖ୍ୟାକୁ ଭିତ୍ତିକରି ପ୍ରଧାନଶିକ୍ଷକ ନିଷ୍ପତ୍ତି ନେଇପାରିବେ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶନିବାର କ୍ଲବ ପରିଚାଳନା ଉପରେ ପ୍ରଧାନଶିକ୍ଷକ ଉପଯୁକ୍ତ ନିଷ୍ପତ୍ତି ନେବେ। ପ୍ରତ୍ୟେକଟି ସେକ୍ସନ ପାଇଁ ପ୍ରତି ଆକାଂକ୍ଷୀ ପାଠ୍ୟକ୍ରମର ଗୋଟିଏ ଲେଖାଏ ପିରିୟଡ଼ ସାପ୍ତାହିକ ସମୟ ସାରଣୀରେ ରହିବ। ତଦନୁଯାୟୀ ପ୍ରଧାନଶିକ୍ଷକମାନେ ନିଜ ବିଦ୍ୟାଳୟର ସମୟ ସାରଣୀରେ ପରିବର୍ତ୍ତନ ଆଣିପାରିବେ।

ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସହ ସେମାନଙ୍କ ଦକ୍ଷତାର ବିକାଶ କରିବା ହେଉଛି ଆକାଂକ୍ଷୀ ପାଠ୍ୟକ୍ରମର ଉଦ୍ଦେଶ୍ୟ। ଆକାଂକ୍ଷୀ ପାଠ୍ୟକ୍ରମରେ ଥିବା ଉପାଦାନଗୁଡ଼ିକ ହେଉଛି ବିଭିନ୍ନ ପ୍ରକାରର ପ୍ରକଳ୍ପ କାର୍ଯ୍ୟ, ବହି ସମୀକ୍ଷା, ମୌଳିକ ବୈଷୟିକ ଜ୍ଞାନ କୌଶଳ ଦକ୍ଷତା ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପ। ଏହି ଉପାଦାନକୁ ଛାତ୍ରୀଛାତ୍ରଙ୍କ ପାଖରେ ସହଜ ଓ ସରଳ ଭାବେ ପହଞ୍ଚାଇବାକୁ କ୍ଲବ ପ୍ରତିଷ୍ଠା କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ନିଜ ମନ ପସନ୍ଦର ବିଭିନ୍ନ ଆକାଂକ୍ଷୀ ପାଠ୍ୟକ୍ରମରେ ଅଂଶଗ୍ରହଣ କରି ସେଥିରେ ନିଜର ଉତ୍ତମ ପ୍ରଦର୍ଶନ କରିପାରିବେ।

ସେପଟେ ଗଣଶିକ୍ଷା ବିଭାଗ ଆଉଏକ ଅଭିନବ ପଦକ୍ଷେପ ନେବା ପାଇଁ ଯୋଜନା କରିଛି। ବିଦ୍ୟାଳୟ ପାଠାଗାରରେ ମୁକ୍ତ 'ପୁସ୍ତକ ବ୍ୟାଙ୍କ' ଖୋଲିବା ପାଇଁ ଯୋଜନା କରାଯାଇଛି। ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏହି ପୁସ୍ତକ ବ୍ୟାଙ୍କ ସୃଷ୍ଟି କରିବାକୁ ଉଦ୍ୟମ କରାଯିବ। ଉତ୍ତୀର୍ଣ୍ଣ ହୋଇସାରିଥିବା ଛାତ୍ରୀଛାତ୍ରଙ୍କଠାରୁ ପୁସ୍ତକ ସଂଗ୍ରହ କରିବାକୁ ଉଦ୍ୟମ କରାଯିବ। ଅଧିକରୁ ଅଧିକ ପୁସ୍ତକ ସଂଗ୍ରହ ନେଇ ସୁନିଶ୍ଚିତ କରାଯିବ। ସଂଗୃହୀତ ପୁସ୍ତକଗୁଡ଼ିକୁ ଆବଶ୍ୟକ କରୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବଣ୍ଟନ କରାଯିବ ବୋଲି ସୂଚନା ମିଳିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଲୁ ଚାହୁଁଥିଲା ଯାହା**
**ବଇଦ ବତେଇଲା ସେଇଆ।**

ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରିଥାଏ ବା ଆଶା କରିଥାଏ ବେଳେବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା' ପାଖରେ ପହଞ୍ଚାଇ ଦେଇଥାଏ। ମନ ମୁତାବକ ଜିନିଷ ପ୍ରାପ୍ତି ହେବାର ଲକ୍ଷ୍ୟରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଛ ଯାକରେ ଫଳି**
**ମାଇପ ଯାକରେ ଶାଳୀ।**

ସାଧାରଣତଃ ମାଛ ମଧ୍ୟରେ ଫଳି ମାଛ ଖାଇବାକୁ ଅତ୍ୟନ୍ତ ସୁଆଦିଆ ଲାଗିଥାଏ। ସେହିପରି ସ୍ତ୍ରୀଲୋକଙ୍କ ମଧ୍ୟରେ ଶାଳୀ ହିଁ ବେଶି ଆଦରଣୀୟା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନିର୍ବାଚନ ପୂର୍ବରୁ ତତ୍ପର ହେଲେଣି ମାଓବାଦୀ

- ଗନ୍ଧମାର୍ଦ୍ଦନ ପର୍ବତରେ ୨ ମାସରେ ୨ କ୍ୟାମ୍ପ ଠାବ
- ମାଓବାଦୀ ନେତା ସୁଦର୍ଶନ, ଅନିଲ ବି ସାମିଲ
- ମୁଖ୍ୟସ୍ରୋତରେ ସାମିଲ ପାଇଁ ଏସ୍‌ପିଙ୍କ ଆହ୍ୱାନ



ମାଓବାଦୀ କ୍ୟାମ୍ପରୁ ଜବତ ସାମଗ୍ରୀକୁ ଏସ୍‌ପି ଦେଖାଉଛନ୍ତି।

ବରଗଡ଼,୧୦।୪
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପାଇକମାଳ ଥାନା ଗନ୍ଧମାର୍ଦ୍ଦନ ପର୍ବତରେ ମାଓବାଦୀମାନେ ସେମାନଙ୍କ ଉପସ୍ଥିତି ସାବ୍ୟସ୍ତ କରିଛନ୍ତି। ଗତ ୨ମାସ ମଧ୍ୟରେ ପୋଲିସ ଏବଂ ଯବାନମାନେ କୋମ୍ବିଂ ଅପରେଶନ କରୁଥିବାବେଳେ ୨ଥର ମୁହାଁମୁହିଁ ହେବା ସହିତ ଗୁଳିବିନିମୟ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ ୨ମାଓବାଦୀ କ୍ୟାମ୍ପକୁ ଧ୍ୱଂସ କରିବାରେ ପୋଲିସ ସକ୍ଷମ ହୋଇଛି। ଅନ୍ୟପଟେ ମାଓବାଦୀମାନେ ମଧ୍ୟ ଖସିଯିବାରେ ସଫଳ ହୋଇଥିବାବେଳେ ପୋଲିସ ସେଠାରୁ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିଛି। ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ମାଓବାଦୀଙ୍କ ଏଭଳି ଉପସ୍ଥିତି ଓ କାର୍ଯ୍ୟକଳାପ ଚର୍ଚ୍ଚାର ବିଷୟ ପାଲଟିଛି। ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ମାଓବାଦୀମାନେ ସେମାନଙ୍କ ପ୍ରୟାସ ଚଳାଇଥିବା ସାଧାରଣରେ ଆଲୋଚିତ ହେଉଛି। ଅପରପକ୍ଷେ ମାଓବାଦୀ ଦମନ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଥିବା ବେଳେ ନିୟମିତ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଉଛି। ଗ୍ରାମଗୁଡ଼ିକରେ ପୋଲିସ ପକ୍ଷରୁ ନୂଆ ସପନ୍, ନୂଆ ମନ୍ ଭଳି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏପର୍ଯ୍ୟନ୍ତ ୧୦୮ ଗ୍ରାମରେ ସେଭଳି ସଚେତନତା କାର୍ଯ୍ୟକ୍ରମ ସରିଛି ବୋଲି ବରଗଡ଼ ଏସ୍‌ପି ପି.ଏସ. ମୀନା କହିଛନ୍ତି।

ଗନ୍ଧମାର୍ଦ୍ଦନ ପର୍ବତକୁ ମାଓବାଦୀମାନେ ସେମାନଙ୍କ ପାଇଁ ନିରାପଦ, ସୁରକ୍ଷିତ ମଣିଛନ୍ତି। ଫଳରେ ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ଲାଗି ରହିଛି। ବଲାଙ୍ଗୀର-ବରଗଡ଼-ମହାସମୁଦ(ବିବିଏମ୍) ମାଓବାଦୀ ସଙ୍ଗଠନମାନେ ଏଠାରେ ବିଭିନ୍ନ ସମୟରେ ଡେରା ପକାଇଥିବା ନଜରକୁ ଆସୁଥିବାବେଳେ ପୋଲିସ, ସିଆର୍‌ପିଏଫ୍, ଡିଏଭିଏଫ୍ ଟିମ୍ ମଧ୍ୟ ସେମାନଙ୍କ କ୍ୟାମ୍ପ ଧ୍ୱଂସ କରିବାରେ ସଫଳ ହେଉଛି।

ଜିଲା ପୋଲିସ ମୁଖ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ପି ମୀନା ସୂଚନା ଦେଇ କହିଥିଲେ, ଗତ ୮ତାରିଖ ସନ୍ଧ୍ୟାରେ ଗନ୍ଧମାର୍ଦ୍ଦନ ପର୍ବତର କପିଳଧାର ଝରଣା ନିକଟରେ ଠାବ ହୋଇଥିବା କ୍ୟାମ୍ପରେ ପ୍ରାୟ ୧୫ଜଣ ମାଓବାଦୀ ଥିଲେ। ସେଠାରୁ ଜବତ ହୋଇଥିବା ମାଓବାଦୀ ପୁସ୍ତିକାରୁ ଉକ୍ତ କ୍ୟାମ୍ପରେ ସିନିୟର ମାଓବାଦୀ ନେତା ସୁଦର୍ଶନ, ଅନିଲ ମଧ୍ୟ ଉପସ୍ଥିତ ଥିଲେ ବୋଲି ଅନୁମାନ କରାଯାଉଛି। ଗୁଳି ବିନିମୟ ପରେ ସମସ୍ତ ମାଓବାଦୀ ଅନ୍ଧାରର ସୁଯୋଗ ନେଇ ଖସି ପଳାଇ ଥିବାବେଳେ ସେଠାରୁ ସେମାନଙ୍କ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଗନ୍ଧମାର୍ଦ୍ଦନ ପର୍ବତରେ କୋମ୍ବିଂ ଅପରେଶନକୁ ଜୋରଦାର କରି ଦିଆଯାଇଛି ଏବଂ ଅପରେଶନରେ ଡିଭିଏଫ୍, ଏସ୍‌ଓଜି, ସିଆରପିଏଫ୍ ଯବାନମାନେ ନିୟୋଜିତ ରହିଛନ୍ତି। ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ସବୁପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ଏସ୍‌ପି ମୀନା କହିଥିଲେ।

# ୧୨ ମାଓବାଦୀ ଗିରଫ



ମାଲକାନଗିରି,୧୦।୪
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ୯ ଓ ଛତିଶଗଡ଼ ବିଜାପୁର ପୋଲିସ ୩ ମାଓବାଦୀଙ୍କୁ ଗିରଫ କରିଛି। ୯ ମାଓବାଦୀଙ୍କ ନାମରେ ୧୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ହୋଇଥିଲା। ସୁକ୍‌ମା ଜିଲା ସିଆର୍‌ପିଏଫ୍ ଓ କୋବ୍ରା ବାହିନୀ ମିଳିତ ଭାବେ ମାଓବାଦୀ ଚଳାଚଳ ସମ୍ପର୍କିତ ସର୍ଚ୍ଚ ଅପରେଶନରେ ପାଲୋଡି ଗ୍ରାମ ନିକଟସ୍ଥ ଅଞ୍ଚଳକୁ ଯାଇଥିଲେ। ଏହି ଅପରେଶନ ସମୟରେ ପାଲୋଡି ଗ୍ରାମ ନିକଟରେ ୨ ଜଣ ମହିଳାଙ୍କ ସମେତ ୯ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁଖରାମ ଓରଫ ମାଡବି ଆଇତା, ସକିନ କଲମୁ ଦେବେ, ସୋଡି ଆଇତା, କଲମୁ ଗାଙ୍ଗି, କବାସୀ ଲିଙ୍ଗା, ମଡକମ ପେଜ୍ଜା, ମଡକମ ଭିମା, ରାବା ଜୋଗା ଓ ବଞ୍ଜାମ ମାଡାଙ୍କୁ ଗିରଫ କରିଥିଲେ। ଏହି ୯ ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ପୋଲିସ ସୂତ୍ରରୁ ପ୍ରକାଶ।

ସେହିପରି ବିଜାପୁର ଜିଲା ଗାଙ୍ଗାଲୁର ଥାନା ଅଞ୍ଚଳରେ ଡିଆର୍‌ଜି ଓ କେରିପୁ ୮୫ ବାହିନୀ କେରଟୋଲୀ ଜଙ୍ଗଲରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ବିସ୍ଫୋରକ ସହ ୩ ମାଓବାଦୀଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ସୁକୁ କଞ୍ଜାମ, ପାକଲୀ ଓୟାମ ଓ ଦୀପିକା ଅବଲମ୍। ତାଙ୍କ ନିକଟରୁ ଟିଫିନ ବୋମା, କୋଡେକ୍ସ ତାର ଓ ଡିଟୋନେଟର ସହ ବହୁ ସାମଗ୍ରୀ ଜବତ ହୋଇଛି। ବୁଧବାର ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଜାପୁର ପୋଲିସ ସୂଚନା ଦେଇଛି।

# ଦାଦାବଟି ପାଇଁ ଗୁଳିମାଡ଼, ଜଣେ ଗୁରୁତର

ଆଠଗଡ଼,୧୦।୪
(ସତ୍ୟ ପ୍ରସାଦ ରଥ)



ଗୁରୁତରଙ୍କୁ ମେଡିକାଲ୍ ନିଆଯାଉଛି।

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ୬୫ ନଂ. ରାଜ୍ୟ ରାଜପଥ ନିକଟସ୍ଥ ଖୁଣ୍ଟକଟା ପଞ୍ଚାୟତର ମହୀଧରପୁର ଗାଁରେ ବୁଧବାର ଅପରାହ୍ନ ସାଢ଼େ ୫ଟାରେ ଦାଦାବଟି ନ ଦେବାରୁ ବଚସାକୁ ନେଇ ଗୁଳିକାଣ୍ଡ ଘଟିଛି। ମହୀଧରପୁରର ଟ୍ରାକ୍ଟର ମାଲିକ ବିଶ୍ୱଜିତ ପଲେଇ ଓରଫ୍ କୁଲୁ(୨୫)ଙ୍କୁ ତାଙ୍କ ଗାଁର ଦିଲୁ ପଲେଇ, ପି.ମେଘନାଦ ପଲେଇ ୧ ରାଉଣ୍ଡ ଗୁଳି ଚଳାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବିଶ୍ୱଜିତଙ୍କ ପେଟର ଦକ୍ଷିଣ ପାର୍ଶ୍ୱରେ ଗୁଳି ବାଜିଛି। ଘଟଣା ଘଟିବା ପରେ ଖବରପାଇ ବିଶ୍ୱଜିତଙ୍କ ପରିବାର ବର୍ଗ ଓ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ଲାଗି କଟକ ସ୍ଥାନାନ୍ତର କରାଯାଇଛି। ଗୁଳିକାଣ୍ଡ ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଖବରପାଇ ଆଠଗଡ଼ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଆହତ ବିଶ୍ୱଜିତଙ୍କ ସାନଭାଇ ଅଭିଜିତ ପଲେଇ ଏ ସଂକ୍ରାନ୍ତରେ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୧୪/୨୪ରେ ମାମଲା ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ମହୀଧପୁର ଗାଁରେ ବିଶ୍ୱଜିତ ଏକ ଜମିରେ ଟ୍ରାକ୍ଟର ଲଗାଇ କାମ କରୁଥିବା ବେଳେ ଅଭିଯୁକ୍ତ ଦିଲୁ ଆସି ୫୦ ହଜାର ଟଙ୍କା ଦେବା ପାଇଁ ଦାବି କରିଥିଲେ। ଏଥିପାଇଁ ଦୁଇଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଦିଲୁ ଗୁଳି ଚାଳନା କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଦିଲୁଙ୍କ ନାମରେ ଆଠଗଡ଼, ଟିଗିରିଆ ଆଦି ଥାନାରେ ଆପରାଧିକ ମାମଲା ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଆଠଗଡ ଥାନା ଉପ-ନିରୀକ୍ଷକ ରାଧାନାଥ ରାଉତ ସୂଚନା ଦେଇଛନ୍ତି।

# ଲାଞ୍ଚ ମାମଲା: ଅବସରପ୍ରାପ୍ତ ଆର୍‌ଆଇଙ୍କୁ ବର୍ଷେ ଜେଲ

ସୁନ୍ଦରଗଡ,୧୦।୪
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ବୁଧବାର ଏକ ଲାଞ୍ଚ ମାମଲାର ବିଚାର କରି ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଲିଙ୍ଗରାଜ ସାହୁ(୭୩)ଙ୍କୁ ୧ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ଅଭିଯୁକ୍ତଙ୍କୁ ୧ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୨ମାସ ଜେଲଦଣ୍ଡ ପାଇଁ ଆଦେଶ କରିଛନ୍ତି। ମାମଲା ରାୟ ବିବରଣୀରୁ ପ୍ରକାଶ ଯେ, ଅଭିଯୁକ୍ତ ସାହୁ ବଣାଇଁ ତହସିଲ ଗୋପନା ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ)ଥିବାବେଳେ ହାତୀକୁଛାର ଦୀପକ ମହନ୍ତ ନିଜ ଘର ତିଆରି ପାଇଁ ଇଟା ଗଢ଼ିବା ନିମନ୍ତେ ଆବଶ୍ୟକ ଜମିରେ ଅନୁମତି ପାଇଁ ଆବେଦନ କରିଥିଲେ। ଆରଆଇ ସାହୁ ଇନ୍‌କ୍ୱାରି ରିପୋର୍ଟ ତହସିଲଦାରଙ୍କ ନିକଟକୁ ପଠାଇବା ପାଇଁ ୧ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ରିପୋର୍ଟ ପଠାଇବାରେ ଜାଣିଶୁଣି ହଇରାଣ କରୁଥିଲେ। ପରେ ଏନେଇ ମହନ୍ତ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଯୋଜନା ଅନୁଯାୟୀ, ଅଭିଯୋଗକାରୀଙ୍କଠାରୁ ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଟିମ ତାଙ୍କୁ କାବୁ କରି ଲାଞ୍ଚ ଟଙ୍କା ଜବତ କରିଥିଲା। ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୬/୧୦)ରେ ଆରଆଇଙ୍କ ବିରୋଧରେ ରୁଜୁ କରି ଗିରଫ କରିଥିଲା। ତଦନ୍ତକାରୀ ଅଧିକାରୀ ଭାବେ ରାଉରକେଲା ଭିଜିଲାନ୍ସ ୟୁନିଟର ତତ୍କାଳୀନ ଇନ୍‌ସପେକ୍ଟର ହରେକୃଷ୍ଣ ମାଝି ରହିଥିଲେ। ସରକାରଙ୍କ ତରଫରୁ ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମସୁନ୍ଦର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ମାଓବାଦୀ ମୁକାବିଲା ନେଇ ସ୍ୱତନ୍ତ୍ର ରଣନୀତି

**ଡିଜିପିଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ**

ଭୁବନେଶ୍ୱର,୧୦।୪
(ସତ୍ୟଜିତ୍ ରାଉତ)

ଆଗାମୀ ସାଧାରଣ ନିର୍ବାଚନକୁ ସୁଚାରୁରୂପେ ପରିଚାଳନା କରିବାକୁ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ମାଓବାଦୀ ପ୍ରବଣ ଜିଲାଗୁଡ଼ିକୁ ପୋଲିସ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଛି। କେତେକ ସୀମାବର୍ତ୍ତୀ ଜିଲାଗୁଡ଼ିକରେ ମାଓବାଦୀ ସମସ୍ୟା ଥିବାବେଳେ ଏଥିପାଇଁ ନିର୍ବାଚନ କିଭଳି ପ୍ରଭାବିତ ନ ହେବ ସେ ଦିଗରେ ପଦକ୍ଷେପ ନିଆଯାଉଛି। ଏଭଳିସ୍ଥିତିରେ ପୋଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀ ବୁଧବାର ଗୁରୁତ୍ୱପୂର୍ଣ୍ଣ ବୈଠକ କରି ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଛନ୍ତି। ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସରେ ଆୟୋଜିତ ଏହି ବୈଠକରେ ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି (ଅପରେଶନ) ଦେବଦତ୍ତ ସିଂ, ଏଡିଜି (ଆଇନଶୃଙ୍ଖଳା) ସଞ୍ଜୟ କୁମାରଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନିର୍ବାଚନ ବେଳେ ମାଓବାଦୀମାନେ ସମସ୍ୟା ସୃଷ୍ଟି କରିବା ଆଶଙ୍କାଥିବାରୁ ଏହାର କିପରି ମୁକାବିଲା କରାଯିବ ସେନେଇ ଏହି ବୈଠକରେ ସ୍ୱତନ୍ତ୍ର ରଣନୀତି ନେଇ ଯୋଜନା ହୋଇଛି। ଏଥିସହ ଆଇନ ଶୃଙ୍ଖଳା ଓ ଅନ୍ୟ ଦିଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ରାଜ୍ୟ ପୋଲିସ ପଡ଼ୋଶୀ ରାଜ୍ୟ ପୋଲିସ ସହ ସମନ୍ୱୟ ରକ୍ଷା କରି ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଛି। ଗତ ୪ ତାରିଖରେ କ୍ୟାମ୍ପ ଅଫିସରେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ପୋଲିସ ମଧ୍ୟରେ ବୈଠକ ହୋଇଥିଲା।

# ସୀମାନ୍ତରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୧୪ ମୃତ, ୧୨ ଆହତ

ମାଲକାନଗିରି,୧୦।୪
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦୁର୍ଗ ଜିଲା ଅନ୍ତର୍ଗତ କୁମ୍ହାରୀ ନିକଟ ଖପରି ରାସ୍ତାରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଗୋଟିଏ ବସ୍ ୫୦ ଫୁଟ ତଳକୁ ଭାରସାମ୍ୟ ହରାଇ ମୋରମ ଖାଦାନ ଭିତରେ ପଶିଯିବା ଫଳରେ ୧୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୨ ଆହତ ହୋଇଛନ୍ତି। ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମୃତକଙ୍କ ମଧ୍ୟରେ ୩ ମହିଳା ଅଛନ୍ତି। ବସ୍‌ରେ ୪୬ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ବସ୍‌ରେ ଥିବା ସମସ୍ତେ କେଡିଆ ଡିଷ୍ଟିଲେରି କର୍ମଚାରୀ ଥିଲେ। କର୍ମଚାରୀମାନେ କାମସାରି ଫେରୁଥିବା ବେଳେ ଏଭିଳ ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାରକରି ରାୟପୁର ମେଡିକାଲକୁ ସ୍ଥାନାନ୍ତର କରିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାୟ ଦୁଃଖ ପ୍ରକାଶ କରିବା ସହ ଗୁରୁତରଙ୍କୁ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମାତୃତ୍ୱ କେତେ ନିରାପଦ

**ଆଜି ନିରାପଦ ମାତୃତ୍ୱ ଦିବସ**



ମାତୃତ୍ୱ ପ୍ରଭୁଙ୍କର ଶ୍ରେଷ୍ଠତମ ଓ ସୁନ୍ଦରତମ ସୃଷ୍ଟି। ତ୍ୟାଗ ଓ ତିତିକ୍ଷାର ମନ୍ତ୍ରରେ ନାରୀଟିଏ ଅଭିମନ୍ତ୍ରିତା ହୋଇ ମାତୃତ୍ୱର ସୋପାନ ଆରୋହଣ କରିଥାଏ। ତେବେ ମାତୃତ୍ୱର ଏହି ପଥ ସବୁବେଳେ ନିରାପଦ ନୁହେଁ। ଏହା କେତେବେଳେ ସମତଳ ତ' କେତେବେଳେ ବିପଦସଙ୍କୁଳ। ଟିକିଏ ଅସାବଧାନ ହେଲେ ଗର୍ଭଜନିତ ଓ ପ୍ରସବଜନିତ ଜଟିଳତା ଦେଖାଦେଇଥାଏ ଏବଂ ମା' ସହ ଶିଶୁର ଜୀବନ ବିପଦାପନ୍ନ ହୋଇଥାଏ। ଏକବିଂଶ ଶତାବ୍ଦୀରେ ମା' ଓ ଶିଶୁ ସ୍ୱାସ୍ଥ୍ୟ କଥା ବିଚାରକୁ ନେଲେ ଆମେ ଜାଣିପାରିବା ଯେ, ପ୍ରତ୍ୟେକ ଦିନର ପ୍ରତ୍ୟେକ ମୁହୂର୍ତ୍ତରେ ପୃଥିବୀର କୌଣସି ନା କୌଣସି ସ୍ଥାନରେ ନିଶ୍ଚିତ ଭାବରେ ଗୋଟିଏ ମହିଳା ଗର୍ଭଜନିତ ତଥା ପ୍ରସବଜନିତ କାରଣରୁ ମୃତ୍ୟୁବରଣ କରିଥାଆନ୍ତି। ସେ କୈଶୋର ବା' ଆଦ୍ୟ ଯୌବନରେ ପାଦ ଦେଇଥିବା ବାଳିକା ବଧୂଟିଏ ହୋଇପାରେ, ଯିଏ କି ମାନସିକ ବା ଶାରୀରିକ ସ୍ତରରେ ଶିଶୁଟିକୁ ଜନ୍ମ ଦେବାପାଇଁ ଆପ୍ରାଣ ଉଦ୍ୟମ କରିଥାଏ କିମ୍ବା ସେ ଗୋଟିଏ ବୟସ୍କା ମହିଳା ହୋଇଥାଇପାରେ; ଯିଏକି ଅନେକ ସନ୍ତାନଥିବା ଏକ ବଡ଼ ପରିବାରକୁ ଚଳାଇବାକୁ ଅକ୍ଳାନ୍ତ ପରିଶ୍ରମ କରିଥାଏ। ତେଣୁ ଗୋପନୀୟ ଭାବରେ ନିଜର ଅବାଞ୍ଛିତ ଗର୍ଭନଷ୍ଟ କରିଥାଏ। ଏହିଭଳି ମହିଳାମାନେ ଡାକ୍ତର ଓ ଚିକିତ୍ସା ତଥା ରକ୍ତ ଓ ଔଷଧ ଅଭାବରୁ ମୃତ୍ୟୁମୁଖରେ ପଡ଼ିଥା'ନ୍ତି। ମା'ର ମୃତ୍ୟୁ କେବଳ ଏକ ପରିବାରର କ୍ଷତି ନୁହେଁ, ଏହା ଏକ ସାମାଜିକ କ୍ଷତି, ଏହା ସାରା ଦେଶର କ୍ଷତି। ମା'ର ମୃତ୍ୟୁ ଯେପରି ସାରା ପରିବାରକୁ ବିପର୍ଯ୍ୟସ୍ତ କରିଦିଏ, ଠିକ୍ ସେହିପରି ଲକ୍ଷ ଲକ୍ଷ ମାତୃ ମୃତ୍ୟୁରେ ସାରା ବିଶ୍ୱର ମୂଳଦୁଆ ମଧ୍ୟ ଚହଲିଯାଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ରିପୋର୍ଟ ଅନୁଯାୟୀ, ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ମହିଳା ଗର୍ଭଜନିତ ତଥା ପ୍ରସବଜନିତ କାରଣରୁ ମୃତ୍ୟୁବରଣ କରୁଛନ୍ତି। ଏହି ମାତୃ ମୃତ୍ୟୁହାର କମାଇବା ପାଇଁ ପ୍ରତ୍ୟେକ ବର୍ଷ ଆନ୍ତର୍ଜାତିକ ନିରାପଦ ମାତୃତ୍ୱ ଦିବସ ପାଳନ କରାଯାଉଛି। ଗର୍ଭାବସ୍ଥା ପୂର୍ବରୁ, ଗର୍ଭାବସ୍ଥାରେ, ପ୍ରସବ ସମୟରେ ଏବଂ ପ୍ରସବ ପରେ ଡାକ୍ତର ତଥା ସ୍ୱାସ୍ଥ୍ୟ କର୍ମୀମାନଙ୍କର ଯତ୍ନ ଓ ଚିକିତ୍ସା ଦ୍ୱାରା ହିଁ ଏହି ମାତୃ ମୃତ୍ୟୁହାର କମାଯାଇ ପାରିବ।

ପ୍ରତ୍ୟେକ ବର୍ଷ ଏହାର ବିଷୟବସ୍ତୁ ଅଲଗା। ହ୍ୱାଇଟ୍ ରିବନ ଆଲାଏନ୍ସ ଦ୍ୱାରା ସ୍ଥିରୀକୃତ ହୋଇ କାର୍ଯ୍ୟକ୍ରମମାନ ହୋଇଥାଏ। ପ୍ରତ୍ୟେକ ମହିଳାଙ୍କର ଗର୍ଭଧାରଣ କରିବା ତଥା ବଞ୍ଚିବାର ଅଧିକାର ଅଛି। ଏହି ଦିବସ ଅବସରରେ ଚଳିତବର୍ଷର ବିଷୟ ବସ୍ତୁ ହେଉଛି- "ଘରେ ରହି ମା' ଓ ଶିଶୁ ମାନଙ୍କୁ ରକ୍ଷା କରନ୍ତୁ"।

**ଭାରତରେ ମାତୃ ମୃତ୍ୟୁହାର :** ଏକ ରିପୋର୍ଟରୁ ଜଣାଯାଇଛି ଯେ, ଭାରତରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଦୟନୀୟ ଓ ଶୋଚନୀୟ। ଭାରତର ଗ୍ରାମାଞ୍ଚଳରେ ଗର୍ଭବତୀଙ୍କ ମୃତ୍ୟୁହାର ସର୍ବାଧିକ। ମୋଟ ବିଶ୍ୱ ଲୋକସଂଖ୍ୟାର ୧୫% ଭାରତରେ ବସବାସ କରନ୍ତି। କିନ୍ତୁ ମହିଳାଙ୍କ ପ୍ରସୂତିକାଳୀନ ମୃତ୍ୟୁହାରର ୨୫% ଭାରତରେ ହିଁ ସଂଘଟିତ ହୋଇଥାଏ। ଅଳ୍ପ ବୟସରେ ମାତୃତ୍ୱ ଓ ପ୍ରତି ଶିଶୁ ମଧ୍ୟରେ କମ୍ ସମୟ ବ୍ୟବଧାନ ହିଁ ଏ ପ୍ରକାର ମୃତ୍ୟୁର ମୁଖ୍ୟ କାରଣ। ମାତୃ ମୃତ୍ୟୁର ପ୍ରଥମ ଓ ପ୍ରଧାନ କାରଣଗୁଡ଼ିକ ହେଉଛି- ପ୍ରସବ ପରବର୍ତ୍ତୀ ଅବସ୍ଥାରେ ରକ୍ତକ୍ଷରଣ, ମ୍ୟାଲେରିଆ, କାମଳ ରୋଗ, ରକ୍ତହୀନତା, ଗର୍ଭାବସ୍ଥାରେ ହୃଦ୍‌ରୋଗ, ବ୍ୟାହତ ପ୍ରସବ, ବିଷାକ୍ତ ଗର୍ଭପାତ, ଗର୍ଭପାତ, ପ୍ରସବ ପରବର୍ତ୍ତୀ ସୂତିକା ପ୍ରଦାହ, ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ। ତେଣୁ ଗର୍ଭ ଆରମ୍ଭରୁ ଉପଯୁକ୍ତ ଚିକିତ୍ସା, ଟିକାକରଣ, ତୁରନ୍ତ ଚିହ୍ନଟ ଓ ଚିକିତ୍ସା ଖୁବ୍ ଜରୁରୀ।

**ନିରାପଦ ମାତୃତ୍ୱର ଗୁରୁତ୍ୱ :** ଗର୍ଭାବସ୍ଥାର ପ୍ରଥମ ସୋପାନରୁ ମା'ର ଯତ୍ନ ନିଆଗଲେ ଗର୍ଭାବସ୍ଥା ଓ ପ୍ରସବ ନିରାପଦ ହେବ। ଏଥିପାଇଁ ପରିବାର ତଥା ଗାଁ ଗହଳିରେ ସଚେତନତା ସୃଷ୍ଟି ଜରୁରୀ। ତେଣୁ ପ୍ରାଥମିକ ସ୍ତରରୁ ରୋଗ ଓ ଜଟିଳତା ଚିହ୍ନଟ ତଥା ଗୁରୁତର ରୋଗୀଙ୍କୁ ରେଫରାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିବା ଅତି ଜରୁରୀ। ଗର୍ଭ ଓ ପ୍ରସବଜନିତ ଜଟିଳତା ଥରେ ଆରମ୍ଭ ହେଲେ ମା' ମୃତ୍ୟୁହାର ଅସମ୍ଭବ ଭାବରେ ବୃଦ୍ଧି ପାଇଥାଏ। ମା' ମୃତ୍ୟୁମୁଖରୁ ରକ୍ଷାପାଇଲେ ୫ ବର୍ଷରୁ ସାନ ଶିଶୁଙ୍କର ମୃତ୍ୟୁହାର ମଧ୍ୟ କମିଯାଏ। ତେଣୁ ମାତୃ ମୃତ୍ୟୁହାର କମାଇବାର ପ୍ରଥମ ପଦକ୍ଷେପ ହେଲା ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ସହାୟିକା, ଧାତ୍ରୀ ଓ ସ୍ୱାସ୍ଥ୍ୟ ତତ୍ତ୍ୱାବଧାରିକାଙ୍କର ଉପଯୁକ୍ତ ତାଲିମ। ସେମାନେ ଗର୍ଭାବସ୍ଥା ତଥା ପରବର୍ତ୍ତୀ ଜଟିଳତାକୁ ସଙ୍ଗେ ସଙ୍ଗେ ଚିହ୍ନଟ କରି ରୋଗୀଙ୍କୁ ରେଫରାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିବେ। ତେଣୁ ସେମାନେ ମାତୃ ମୃତ୍ୟୁର କାରଣଗୁଡ଼ିକ ଯଥା ବିଷାକ୍ତ ଗର୍ଭପାତ, ଗର୍ଭାବସ୍ଥାରେ ରକ୍ତହୀନତା, ବ୍ୟାହତ ପ୍ରସବ, ପ୍ରସବ ପୂର୍ବରୁ ଓ ପରେ ଅତ୍ୟଧିକ ରକ୍ତକ୍ଷରଣ ଓ ସୂତିକାଜ୍ୱର ବିଷୟରେ ସମ୍ୟକ୍ ଜ୍ଞାନ ଆହରଣ କରିବା ଉଚିତ।

- ଡା. ସରୋଜିନୀ ଷଡ଼ଙ୍ଗୀ
ଲିଙ୍କ୍‌ରୋଡ୍, କଟକ-୧୨
ମୋ : ୯୪୩୭୦୫୫୦୦୭

# ୧୫ରେ ପ୍ରକାଶ ପାଇପାରେ କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

କଂଗ୍ରେସ ପ୍ରଥମ ପର୍ଯ୍ୟାୟରେ ୪୭ଟି ବିଧାନସଭା ଏବଂ ୮ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଏହାସହ ୨ଟି ଆସନ ଦଳ ମେଣ୍ଟ ପାଇଁ ଛାଡ଼ିଛି। ତେବେ ଆସନ୍ତା ୧୫ ତାରିଖରେ ଦଳ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଶରତ କହିଛନ୍ତି, ଆସନ୍ତା ୧୩ ଏବଂ ୧୪ ତାରିଖରେ କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ବୈଠକ ରହିଛି। ତେଣୁ ସିଇସି ପରେ ୧୫ରେ ହିଁ ଦ୍ୱିତୀୟ ପର୍ଯ୍ୟାୟ ତାଲିକା ପ୍ରକାଶ ପାଇବ ବୋଲି ସେ କହିଛନ୍ତି। ଅନ୍ୟପଟେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ ଦିଆଯାଇଥିବା କାରଣ ଦର୍ଶାଅ ନୋଟିସ ପରେ ତାଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେବ କି ବୋଲି ପଚାରିବାରୁ ଶରତ କହିଛନ୍ତି, ରିପୋର୍ଟ ବର୍ତ୍ତମାନ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପାଖରେ ରହିଛି। ଏଆଇସିସି ଯାହା ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

# ଷ୍ଟ୍ରଙ୍ଗରୁମ୍‌କୁ ଆସିଲା ଇଭିଏମ୍, ଭିଭିପିଏଟି



**୨୪ ଘଣ୍ଟିଆ ସୁରକ୍ଷାରେ ରହିବ, ଭୋଟ ଗଣତି ଯାଏ ଭିଡିଓ ରେକର୍ଡିଂ**

ଭୁବନେଶ୍ୱର, ୧୦।୪(ଅସମାପିକା ସାହୁ)

ଚଳିତ ଏକକ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏନେଇ ଜିଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ବାଚନରେ ବ୍ୟବହାର ହେବାକୁ ଥିବା ଇଭିଏମ୍ (ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ) ଓ ଭିଭିପିଏଟି ମେଶିନ ଖୋର୍ଦ୍ଧାସ୍ଥିତ ପଣ୍ୟାଗାରରୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ରେ ପହଞ୍ଚିଛି। ଏହି ଇଭିଏମଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ଏଠାକୁ ଅଣାଯାଇଛି। ଏହାକୁ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯିବ। ସଶସ୍ତ୍ର ପୋଲିସ କର୍ମଚାରୀ ଷ୍ଟ୍ରଙ୍ଗରୁମ୍ ସୁରକ୍ଷାରେ ମୁତୟନ ହୋଇଛନ୍ତି। ଏଥିସହ ସିସିଟିଭିର ମଧ୍ୟ ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟ ରାଣ୍ଡୋମାଇଜେଶନ ପରେ ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ଏକାମ୍ର ଏବଂ ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ଇଭିଏମଗୁଡ଼ିକୁ ଏଠାକୁ ଅଣାଯାଇଥିବା ନେଇ ଖୋର୍ଦ୍ଧା ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି।

ଖୋର୍ଦ୍ଧା ଜିଲାରେ ଷଷ୍ଠ ପର୍ଯ୍ୟାୟ ଅର୍ଥାତ୍ ମେ' ୨୫ରେ ନିର୍ବାଚନ ଅନୁଷ୍ଠିତ ହେବ। ଜିଲାରେ ମୋଟ ୧,୯୦୭ଟି ବୁଥ୍ ବା ମତଦାନ କେନ୍ଦ୍ର ଥିବାବେଳେ ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ଏକାମ୍ର, ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ୧,୧୬୬ଟି ରହିଛି। ଏଥିମଧ୍ୟରୁ ସହରାଞ୍ଚଳରେ ୬୫୮ଟି ଏବଂ ଗ୍ରାମାଞ୍ଚଳରେ ୫୦୮ଟି କେନ୍ଦ୍ର ରହିଛି। ବିଜେବି କଲେଜସ୍ଥିତ ଷ୍ଟ୍ରଙ୍ଗ୍‌ରୁମ୍‌ରେ ଇଭିଏମ୍ ଓ ଭିଭିପିଏଟି କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ୫ଟି ଫ୍ଲୋର୍‌ରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ଦୁଇଟି ଲେଖାଏ ଷ୍ଟ୍ରଙ୍ଗ୍ ରୁମ ବ୍ୟବସ୍ଥା ହୋଇଛି। ଗୋଟିଏ ଲୋକ ସଭା ଓ ଅନ୍ୟଟି ବିଧାନସଭା କ୍ଷେତ୍ର ପାଇଁ ଷ୍ଟ୍ରଙ୍ଗରୁମ୍ ରହିଛି। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ମଧ୍ୟ ଏହି ଷ୍ଟ୍ରଙ୍ଗରୁମ୍ ନିକଟରେ ୨୪ ଘଣ୍ଟିଆ ଉପସ୍ଥିତ ରହିବା ନେଇ ମଧ୍ୟ ବ୍ୟବସ୍ଥା କରାଯାଇଛି। ବୁଧବାରଠାରୁ ଭୋଟ ଗଣତି ଯାଏ ସବୁ ଦିନର ଭିଡିଓ ରେକର୍ଡିଂ କରାଯିବ। ଆସନ୍ତା ୩ରୁ ୪ ମାସ ପର୍ଯ୍ୟନ୍ତ ଏହି ରେକର୍ଡିଂ ରହିବ। ଷ୍ଟ୍ରଙ୍ଗ୍ ରୁମ୍‌ଗୁଡ଼ିକୁ ଡବଲ ଲକ୍ କରାଯିବ। ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ଇଭିଏମ୍ ଏବଂ ଭିଭିପିଏଟି ମେଶିନ ମହଜୁଦ ଥିବା ଜିଲାପାଳ କହିଛନ୍ତି।

# ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରାଉ କଲେ ଧର୍ମଗଡ଼ବାସୀ

**ଧର୍ମଗଡ଼ ପୂର୍ତ୍ତ ବିଭାଗ**

■ଅନିୟମିତତା, ମୁକୁଳା ଡ୍ରେନରେ ଢାଙ୍କୁଣି ଦାବି

ବେହେରା,୧୦।୪(ଭୂପେଶ ତିୱାରୀ)


ଧର୍ମଗଡ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯାଇଛି।

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟର ଏମସିଏଚ ସମ୍ମୁଖରେ ଥିବା ଡ୍ରେନରେ ଢାଙ୍କୁଣି ଘୋଡାଇବା ଦାବି କରି ବୁଧବାର ସ୍ଥାନୀୟ ଜନସାଧାରଣ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଧର୍ମଗଡଠାରେ କୋଟି କୋଟି ଟଙ୍କା ବ୍ୟୟରେ ଏମସିଏଚ ନିର୍ମାଣ କରାଯାଇଥିବା ବେଳେ ତାର ସମ୍ମୁଖରେ ଥିବା ଡ୍ରେନ ନିର୍ମାଣ ଏବଂ ସୁରକ୍ଷା ପାଇଁ ବିଭାଗ କର୍ତ୍ତୃପକ୍ଷ କରୁନାହାନ୍ତି ବୋଲି ଅଭିଯୋଗ କରି ଧର୍ମଗଡ ଜଗନ୍ନାଥ ସେବା ସମିତି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣ ଧାରଣ ଓ ପ୍ରତିବାଦ କରିଥିଲେ। କୋଟି କୋଟି ଟଙ୍କା ବ୍ୟୟରେ ଏମସିଏଚ ନିର୍ମାଣ କରାଯାଇଥିଲେ ହେଁ ଅସରାଏ ବର୍ଷା ହେଲେ ପାଣି ଗଳୁଛି। ତେବେ ବର୍ଷା ଦିନରେ ଏହାର ଅବସ୍ଥା କ'ଣ ହେବ ଓ ଏଥିରେ ହୋଇଥିବା ନିମ୍ନମାନର କାମର ଉଚ୍ଚସ୍ତରୀୟ ତଦନ୍ତ ସହ ଦୀର୍ଘ ବର୍ଷ ଧରି ଧର୍ମଗଡରେ ଅବସ୍ଥାପିତ ଏସଡିଓଙ୍କୁ ତୁରନ୍ତ ବଦଳି ପାଇଁ ଦାବି କରିଥିଲେ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏମସିଏଚ ସମ୍ମୁଖରେ ଡ୍ରେନରେ ଢାଙ୍କୁଣି ନିର୍ମାଣ କରାଯାଇ ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏହାର ଶୀଘ୍ର ପ୍ରତିକାର ନ କଲେ ପ୍ରତିବାଦର ସ୍ୱର ତୀବ୍ର ହେବା ସହ ଆମରଣ ଅନଶନ କରାଯିବ ବୋଲି ଆନ୍ଦୋଳନକାରୀ କହିଥିଲେ। ପୂର୍ତ୍ତ ବିଭାଗ ଅଧିକାରୀମାନେ ଫୋନ ଯୋଗେ ସମସ୍ୟା ସମାଧାନ ଆଶାସ୍ୱନା ଦେବା ସହ ମୁକୁଳା ଡ୍ରେନରେ ଢାଙ୍କୁଣି ଲଗାଇବା କାର୍ଯ୍ୟ ଆରମ୍ଭ ହେବା ପରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଛି।

## ତରବୋଡ ଗାଁରେ ବିହନ ଛିନା ଯାତ୍ରା

ନୂଆପଡ଼ା,୧୦।୪(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ତରବୋଡ ଗାଁରେ ବୁଧବାର ବିହନ ଛିନା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗାଁ ଝାଙ୍କର ଯୋଗେନ୍ଦ୍ର ନାୟକ ଭୋର ସକାଳୁ ଗାଁର ଧରଣୀଗୁଡ଼ିରେ ଯାଇ ସମସ୍ତଙ୍କ ମନସ୍କାମନା କରି ଆସି ମଧ୍ୟାହ୍ନରେ ଗ୍ରାମର ପୂଝାରୀ, ନରିଆ, ବରୁଆ, ଗ୍ରାମବାସୀ ସହ ବାଜା ବଜାଇ ଗାଁ ପରିକ୍ରମା କରି ଧରଣୀ ଗୁଡ଼ିକୁ ଯାଇ ପୂଜାଅର୍ଚ୍ଚନା କରିଥାନ୍ତି। ସେଠାରେ ହଲ ନଙ୍ଗଳ କରି ଝଙ୍କାର ଦ୍ୱାରା ଆଖିମୁଠି କରି ଗ୍ରାମବାସୀଙ୍କୁ ବିହନ ଆକାରେ ମୁଠାଏ ଲେଖାଏଁ ଦେଇଥାନ୍ତି। ଲୋକେ ବା ଚାଷୀମାନେ ସେହି ମୁଠାଏ ଧାନ ଘରକୁ ଆଣି ପୂଜା କରି ରଖିଥାନ୍ତି। ଅକ୍ଷୟ ତୃତୀୟା ଦିନ ଜମିକୁ ନେଇ ପୂଜା କରି ପ୍ରଥମ ଆଖିମୁଠି କରିଥାନ୍ତି। ବିହନ ଛିନା ଯାତ୍ରା ଏକ କୃଷିଭିତ୍ତିକ ପର୍ବ ଭାବେ ପାଳନ କରାଯାଇଥାଏ। ପରେ ଗାଁରେ ଥିବା ସମସ୍ତ ଦେବଦେବୀଙ୍କୁ ପୂଜା ଅର୍ଚ୍ଚନା କରି ବୋଦା ବଳି ଦେଇଥାନ୍ତି। ଗାଁ ଝାକର ଯୋଗେନ୍ଦ୍ର ନାୟକଙ୍କ ସମେତ ଦିହାରି ଦିଲୀପ ବନଛୋର, ମଙ୍ଗଳ ମାଝି, କର୍ପୂର୍ଚ୍ଚନ ହଂସ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମହିଳାମାନେ ପାନୀୟ ଜଳ ପାଇଁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ

କୋକସରା,୧୦।୪(ଦୁଷ୍ମନ୍ତ କୁମାର ପାଇଯୋଶୀ)



ମହିଳାମାନେ ବ୍ଲକ କାର୍ଯ୍ୟାଳୟକୁ ଆସିଛନ୍ତି।

**ସୁନାପାଲ ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପ ୨ ମାସ ହେବ ଅଚଳ**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମାଲ ଗ୍ରାମର ଜଳ ଯୋଗାଣ ପ୍ରକଳ୍ପ ଦୀର୍ଘ ୨ ମାସ ହେବ ଅଚଳ ହୋଇ ପଡିଛି। ଫଳରେ ଗ୍ରୀଷ୍ମପ୍ରବାହରେ ପାନୀୟ ଜଳ ପାଇଁ ହ୍ରହଳ ବିକଳ ହେଉଛନ୍ତି ସୁନାମାଲ ଗ୍ରାମବାସୀ। ୨ ମାସ ମଧ୍ୟରେ ଲଡୁଗାଁ ପଞ୍ଚାୟତ ସମେତ ବ୍ଲକ ପ୍ରଶାସନ, ଜଳ ଯୋଗାଣ ବିଭାଗ ଓ ଜନ ପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ହେଲେ ପାନୀୟ ଜଳ ଯୋଗାଣ ନେଇ କୌଣସି ପଦକ୍ଷେପ ନେଇ ନାହାନ୍ତି ବ୍ଲକ ପ୍ରଶାସନ କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷ। ଡହଡହ ଖରାରେ ନଦୀରେ ବାଲିଚୁଆ ଖୋଲି ଓ ଦୀର୍ଘ ରାସ୍ତା ଚାଲି ଚାଲି ପାନୀୟ ଜଳ ସଂଗ୍ରହ କରୁଥିବା ନେଇ ମହିଳାମାନେ ଅଭିଯୋଗ କରିଛନ୍ତି। ସୋମବାର ସୁନାମାଲ ଗ୍ରାମର ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପାନୀୟ ଜଳ ଯୋଗାଣ ପାଇଁ ବିଡ଼ିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବେଳେ ବିଡ଼ିଓ ଅନୁପସ୍ଥିତ ଥିବାରୁ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଯଶୋବନ୍ତି ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ସପ୍ତାହେ ମଧ୍ୟରେ ଜଳ ଯୋଗାଣ ନ ହେଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏ ନେଇ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଯଶୋବନ୍ତି ଭୋଇଙ୍କ ପ୍ରତିକ୍ରିୟା ନେବାରୁ ମୋଟର ଅଚଳ ଥିବାରୁ ପାଣି ଯୋଗାଣ ହୋଇପାରୁନାହିଁ। ମୁଁ ସହକାରୀ ଯନ୍ତ୍ରୀଙ୍କ ସହ ଏ ବିଷୟରେ କଥା ହୋଇଛି, ଆସନ୍ତା ୩ରୁ ୪ ଦିନ ମଧ୍ୟରେ ମୋଟର ଲଗାଯାଇ ଜଳ ଯୋଗାଣ ସ୍ୱାଭାବିକ କରାଯିବ ବୋଲି କହିଛନ୍ତି।

# ଶ୍ରୀରାମଙ୍କ ନୂତନ ମୂର୍ତ୍ତି ପ୍ରାଣ ପ୍ରତିଷ୍ଠା

ଭବାନୀପାଟଣା,୧୦।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ମୁଖିଗୁଡା ଜଗନ୍ନାଥ ମନ୍ଦିରରେ ଥିବା ପୁରାତନ ରାମ ମନ୍ଦିରଠାରେ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ନୂତନ ଭାବେ ଆରମ୍ଭ ରାମ ନବମୀ ଉପଲକ୍ଷେ ନୂତନ ପିତଳ ରାମ, ସୀତା, ଲକ୍ଷ୍ମଣ ହନୁମାନଙ୍କ ମୂର୍ତ୍ତି ପ୍ରାଣ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ କାର୍ଯ୍ୟକ୍ରମରେ ମୁଖ୍ୟ କର୍ତ୍ତା ଓମ ପ୍ରକାଶ ବୈଠାରୁ ଓ ମୁନିଙ୍କ ଦ୍ୱାରା ଶ୍ରୀରାମ ସୀତା ଲକ୍ଷ୍ମଣ ହନୁମାନଙ୍କ ନୂତନ ପିତଳ ମୂର୍ତ୍ତି ପ୍ରାଣ ପ୍ରତିଷ୍ଠା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଯଜ୍ଞ ସଂଚାଳନ ପଣ୍ଡିତ କରୁଣା କର ଆର୍ଯ୍ୟଙ୍କ ଦ୍ୱାରା ୫୪ଜଣ କର୍ତ୍ତାଙ୍କ ଉପସ୍ଥିତିରେ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ତ୍ରିଲୋଚନ ମାଢେଇ, ରାଜେଶ ସାହୁ, ବିଜୟ ଦେବ, ବିକାଶ ପାଢି, ଦେବା ବୈଠାରୁ, ଶିବା ବୈଠାରୁ, ସୋରଜ ପଣ୍ଡା, ଦିପକ ବଂଶଲ, ଏବଂ ବଜରଙ୍ଗ ଦଳ, ମା' କାଳି ମାର୍କେଟ କମିଟି ସମସ୍ତ କର୍ମକର୍ତ୍ତା ସୋହଯୋଗ କରିଥିଲେ।


ରାମ, ସୀତା, ଲକ୍ଷ୍ମଣ ହନୁମାନଙ୍କ ମୂର୍ତ୍ତି ପ୍ରାଣ ପ୍ରତିଷ୍ଠା ପାଇଁ ନିଆଯାଉଛି।

# ଗୋଡ଼ାଳରେ ନନୀ ମା'ଙ୍କ ଚୈତ୍ର ପର୍ବ

ସିନାପାଲି,୧୦।୪(ମନଫୁଲ ମେହେର)

**ରକ୍ତ ରଞ୍ଜିତ ହେଲା ନନୀ ଦେଈ ପୀଠ**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗୋଡାଳ ଅଞ୍ଚଳର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ମିଳନ ପର୍ବ ଚୈତ୍ର ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ପର୍ବ ଦେଖିବା ପାଇଁ ଆଖପାଖ ଅଞ୍ଚଳର ସହସ୍ରାଧିକ ଭକ୍ତଙ୍କ ଭିଡ଼ ଜମି ଥିଲା। ପାରମ୍ପରିକ ରୀତିନୀତି ଅନୁସାରେ ମା'ଙ୍କ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୋଡାଳ ଗ୍ରାମ ଭିତରେ ଥିବା ଛତର ମନ୍ଦିରଠାରୁ ମା'ଙ୍କ ପାଲିଙ୍କି ଓ କାଳସି ସବାର କଳସ ଧରି ଗ୍ରାମ ପରିକ୍ରମା କରିଥିଲେ। ସାଙ୍ଗରେ ଗ୍ରାମର ସମସ୍ତେ ସାମିଲ ରହି ମା'ଙ୍କ କୃପା ଲାଭ କରିଥିଲେ। ରାତ୍ରି ସମୟରେ ଡଙ୍ଗର ଗାଁ-ଗୋଡାଳ ମଧ୍ୟ ଭାଗରେ ଥିବା ଉତ୍ପତ୍ତି ସ୍ଥଳୀରେ ମା'ଙ୍କୁ ମାନସିକଧାରି ଭକ୍ତମାନେ ବଳି ଦେଇ ମଙ୍ଗଳ କାମନା କରିଥିଲେ। ଏହି ପର୍ବ ଅବସରରେ ଅଞ୍ଚଳର ଜନସାଧାରଣ ବନ୍ଧୁବାନ୍ଧବ ନିମନ୍ତ୍ରିତ ହୋଇଆସିଥାନ୍ତି। ଯାହା ପରସ୍ପର ମଧ୍ୟରେ ମହାମିଳନ ନିଦର୍ଶନ ଦେଖିବାକୁ ମିଳିଥାଏ। ପରମ୍ପରା କିମ୍ବଦନ୍ତୀ ଅନୁସାରେ ଗୋଡାଳ ଗ୍ରାମରେ କେଉଁ ଆବହମାନ କାଳରୁ ଆଦିବାସୀମାନେ ଏହି ପର୍ବକୁ ପାଳନ କରି ଆସୁଛନ୍ତି। ଜଣାଯାଏ ଯେ ତତ୍କାଳୀନ ସମୟରେ ସିଙ୍ଗଝର ଗ୍ରାମର ଗୌନ୍ତିଆ ଗଡ ଦେବୀ ଭାବରେ ମା' ବୁଢ଼ୀ ଠାକୁରାଣୀ ଓ ନନୀ ମା'ଙ୍କୁ ପୂଜା କରୁଥିଲେ। ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରରେ ଗୌନ୍ତିଆଙ୍କ ଝିଅ ସେବା କାର୍ଯ୍ୟ କରିବା ସହ ମନ୍ଦିର ଅନେକ ଦାୟିତ୍ୱ ତୁଲାଉଥିଲେ। ଏହି ଝିଅଙ୍କୁ ପରବର୍ତ୍ତୀ ସମୟରେ ଗୋଡାଳ ଗ୍ରାମର ଗୌନ୍ତିଆଙ୍କ ପୁଅ ସହିତ ଝିଅର ବାହା ଘର ହୋଇଥିଲା। ହେଲେ ସେହି ଝିଅ ସହିତ ନନୀ ମା' ଦେବୀ ଗୋଡାଳ ଗ୍ରାମକୁ ଚାଲି ଆସିଥିଲେ। ସିଙ୍ଗଝର ଗୌନ୍ତିଆ ଦେବୀଙ୍କୁ ଆଣିବାକୁ ଆସିଥିଲେ ମଧ୍ୟ ଯାଇ ନ ଥିଲେ। ଶେଷରେ ସିଙ୍ଗଝର ଗୌନ୍ତିଆଙ୍କ ପୂଜା ସାମଗ୍ରୀ ପ୍ରଥମେ ଆସିଲା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥାଏ। ମା'ଙ୍କ ପୀଠରେ ପାରା, କୁକୁଡ଼ା, ବୋଦା ବଳି ଦିଆଯାଇଥିଲା। ଫଳରେ ପୀଠ ରକ୍ତରଞ୍ଜିତ ହୋଇଥିଲା।

**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍‌୭-ସିଓଏନ୍‌ସି-ଆରଓୟୁ-ଜିଏମ୍‌ୟୁ-୨୪, ତାରିଖ: ୧୦।୦୪।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (କମର୍ସିଆଲ), ଚକ୍ରଧରପୁର ଡିଭିଜନ, ଦ.ପୂ. ରେଳପଥ, ଚକ୍ରଧରପୁର, ପିନ୍-୮୩୩୧୦୨, ଜିଲ୍ଲା: ସିଂହଭୂମ୍ (ପଶ୍ଚିମ), ଝାଡ଼ଖଣ୍ଡ, ଇମେଲ୍: srdcm@ckp.railnet.gov.inଙ୍କ ଦ୍ୱାରା ପ୍ରତିଯୋଗିତାମୂଳକ, ଦୁଇ ପ୍ୟାକେଟ୍, ଖୋଲା ଟେଣ୍ଡର ଆକାରରେ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। **କାର୍ଯ୍ୟର ନାମ:** ରାଉରକେଲା ('ଏ' ବର୍ଗ) ଷ୍ଟେଶନଠାରେ ଜେନେରାଲ ମାଇନର୍ ୟୁନିଟ୍ ଉପରେ କ୍ୟାଟେରିଂ ସେବାର ବ୍ୟବସ୍ଥା। (୧) ସମ୍ପୂର୍ଣ୍ଣ ବିବରଣୀ ପାଇଁ ବିଡରମାନଙ୍କୁ www.ireps.gov.in ପରିଦର୍ଶନ କରିବା ଲାଗି ଅନୁରୋଧ କରାଯାଉଛି। (୨) ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର, ଯୋଗପତ୍ର, ସଂଶୋଧନ, ସମୟ ବୃଦ୍ଧି, ସ୍ପଷ୍ଟୀକରଣ, ଯଦି ଥାଏ, କେବଳ ଉପରୋକ୍ତ ୱେବସାଇଟ୍ ରେ ଉପଲବ୍ଧ ହେବ। ବିଡରଦାତାମାନେ ନିଜକୁ ସୂଚିତ ରଖିବା ପାଇଁ ନିୟମିତ ଭାବେ ଉପରୋକ୍ତ ୱେବସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। (୩) **ଟେଣ୍ଡର କାଗଜପତ୍ର ଇସ୍ୟୁ:** ୦୯।୦୪।୨୦୨୪। (୪) **ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ: ୦୧।୦୫।୨୦୨୪, ୧୫.୩୦ ଘଟିକା ପର୍ଯ୍ୟନ୍ତ। (୫) ଟେଣ୍ଡର ଖୋଲିବା ତାରିଖ:** ୦୧।୦୫।୨୦୨୪ ୧୫.୩୦ ଘଟିକା। (PR-27)

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ କୈଳାସ


@ ପୁରୁଷୋତ୍ତମ


@ ରାଜେଶକୁମାର


@ ସତ୍ୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କନ୍ଦାଗଡ଼ଠାରେ ମହାବିଷ୍ଣୁ ଯଜ୍ଞ ଉଦ୍‌ଯାପିତ

କୋକସରା,୧୦।୪
(ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ଅନ୍ତର୍ଗତ କନ୍ଦାଗଡ ଖେଳ ପଡିଆଠାରେ ଏପ୍ରେଲ ୭ରୁ ଚାଲିଥିବା ସଦଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜାଙ୍କ ପ୍ରତିଷ୍ଠିତ କାଳୀକୃଷ୍ଣ ସଂଘର ୪୧ତମ ବାର୍ଷିକ ଉତ୍ସବ ତଥା ନବକୁଣ୍ଡୀୟ ବିଶଶାନ୍ତି ମହାବିଷ୍ଣୁ ଯଜ୍ଞ ବୁଧବାର ପୂର୍ଣ୍ଣାହୁତି ହୋଇଯାଇଛି। ମହାବିଷ୍ଣୁ ଯଜ୍ଞରେ ପୂଜନ, ହବନ, ମୁଣ୍ଡନ, କୁଣ୍ଡାବରୀ, ବ୍ରତ, ବିବାହ, ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର, ସଂସ୍କାର କାର୍ଯ୍ୟକ୍ରମ, ପ୍ରବଚନ, ଆନନ୍ଦବଜାର ଅନୁଷ୍ଠିତ ହୋଇଥିଲା। କାଳୀକୃଷ୍ଣ ସଂଘ ପ୍ରମୁଖ ଶ୍ରୀଜଗଦାନନ୍ଦଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଜ୍ଞ ଆରମ୍ଭ ହୋଇ ସମାପନ ହୋଇଥିଲା। ପୂଜନ ହବନ କାର୍ଯ୍ୟକ୍ରମ ସଂଘ ବେଦବ୍ରହ୍ମା ଶ୍ରୀ ସରୋଜାନନ୍ଦ, ପ୍ରଜାପତି, ପୁସ୍ତକାଚାର୍ଯ୍ୟ ସହ ଆଚାର୍ଯ୍ୟମାନେ ପୂଜନ କାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ମୁଖ୍ୟସଂଘ କାର୍ଯ୍ୟକର୍ତ୍ତା ସଞ୍ଜୟ ପଣ୍ଡା, କ୍ରିୟାନନ୍ଦ, ପ୍ରିୟାନନ୍ଦ, ମାଧବାନନ୍ଦ, ଲକ୍ଷ୍ମୀକାନ୍ତ ଖମାରୀ ଓ ସ୍ଥାନୀୟ ଜିତେନ୍ଦ୍ର ପଣ୍ଡା, ଗଣେଶ ଅଗସ୍ତି, ଅଭିନ୍ନ ମାଝି ଏବଂ କନ୍ଦାଗଡ ଗ୍ରାମବାସୀବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ।


ଯଜ୍ଞ କାର୍ଯ୍ୟକ୍ରମ।

# ଭାଜପାର ଶକ୍ତି ପ୍ରଦର୍ଶନ, ୩୫ କି.ମି. ବାଇକ୍ ଶୋଭାଯାତ୍ରା


ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିବା ପ୍ରଦୀପ୍ତ, ମାଳିବିକା ଏବଂ ଅନ୍ୟମାନେ।

ଭବାନୀପାଟଣା/କେସିଙ୍ଗା,୧୦।୪
(ଉତ୍ତମ କୁମାର ଦାଶ/ତୁମେଶ୍ୱର ସାହୁ)

**ଭବାନୀପାଟଣା ନିର୍ବାଚନମଣ୍ଡଳୀ**

■ମଇଦାନକୁ ଓହ୍ଲାଇଲେ ପ୍ରଦୀପ୍ତ, ମାଳବିକା

କଳାହାଣ୍ଡି ଜିଲା ଭବାନୀପାଟଣା ନିର୍ବାଚନମଣ୍ଡଳୀ ପାଇଁ ଚଳିତ ସାଧାରଣ ନିର୍ବାଚନରେ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛି। ଭାଜପା ପକ୍ଷରୁ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦିପ୍ତ ନାଏକ, ବିଜେଡି ଲଳିତା ନାଏକ ଓ କଂଗ୍ରେସ ପକ୍ଷରୁ ସାଗର ଚରଣ ଦାସ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପାଇଛନ୍ତି। ବିଜେଡି ପ୍ରାର୍ଥିନୀ ଲଳିତା ନାଏକ ଓ କଂଗ୍ରେସ ପ୍ରାର୍ଥୀ ସାଗର ଚରଣ ଦାସ ଗତ କିଛି ଦିନ ହେଲା ଲୋକ ସମ୍ପର୍କ ଅଭିଜାନ ଆରମ୍ଭ କରିଥିବାବେଳେ ବୁଧବାର ଭାଜପା ପାର୍ଥୀ ପ୍ରଦିପ୍ତ ନାଏକ ନିଜ ନିର୍ବାଚନମଣ୍ଡଳୀରେ ମଇଦାନକୁ ଓହ୍ଲାଇଛନ୍ତି। କେସିଙ୍ଗାଠାରୁ ଭବାନୀପାଟଣା ପର୍ଯ୍ୟନ୍ତ ୩୫ କି.ମି. ଏକ ବିଶାଳ ବାଇକ ଶୋଭାଯାତ୍ରା କରି ଶକ୍ତି ପ୍ରଦର୍ଶନ ଦେଖାଇଛନ୍ତି। କେସିଙ୍ଗାରେ ପହଞ୍ଚିବା ପରେ ନୂଆବସଷ୍ଟାଣ୍ଡଠାରୁ ପ୍ରଦିପ୍ତ ଓ ଏମ୍‌ପି ପ୍ରାର୍ଥିନୀ ମାଳବିକା କେଶରୀ ଦେଓଙ୍କୁ ଦଳୀୟ କାର୍ଯ୍ୟକର୍ତ୍ତା ସମେତ ସ୍ଥାନୀୟ ଲୋକେ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ କରିଥିଲେ। ଏମୋଟରସାଇକେଲ ରାଲିରେ ନାଏକ ଓ ତାଙ୍କ ସମର୍ଥକ ମା' ଅମ୍ବାଜି ମନ୍ଦିର ଆସି ମା'ଙ୍କ ଦର୍ଶନ କରିଥିଲେ। ପରେ କେସିଙ୍ଗା ସହର ପରିକ୍ରମା କରି ବାଇକ ରାଲିରେ ଭବାନୀପାଟଣା ପର୍ଯ୍ୟନ୍ତ ଯାଇଥିଲେ। ବିକଶିତ ଭାରତ, ବିକଶିତ ଓଡିଶା ଗଠନ ଓ ଡବଲ ଇଞ୍ଜିନ ସରକାର ପାଇଁ ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ପୁଣି ଥରେ ଭାଜପାକୁ ସୁଯୋଗ ଦେବା ପାଇଁ ନିବେଦନ କରିଛନ୍ତି। କେସିଙ୍ଗା ନଗର ଭାଜପା ସଭାପତି ମଗନ ସିନ୍ଦୂର, ସମ୍ପାଦକ ସନ୍ତୋଷ ଦାସ, ବସନ୍ତ ପୁରୋହିତ, ପୂର୍ବତନ ନଗରପାଳ ସରିତା ସିନ୍ଦୂର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ପୂର୍ବତନ ନଗର ସଭାପତି ପ୍ରଶାନ୍ତ ବାନାର୍ଜୀ ଓ ସତ୍ୟବ୍ରତ ଦାସ, ପୂର୍ବତନ ବିଧାୟକ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ଯୁବ ନେତା ଅରୁଣ ଅଗ୍ରୱାଲ, ଗୋବିନ୍ଦ ବନଛୋର, ସୁଶାନ୍ତ ସୁନାଙ୍କ ସମେତ ଅନେକ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**PUBLIC NOTICE**

This is to inform that M/s. Swami Resorts Private Limited has accorded the **Environmental Clearance** from the State Environmental Impact Assessment Authority (SEIAA), Odisha for their proposed **"Multistoried Hotel Building" Project (2B+G+7) at Plot No. P/1, 55, 56, 57 and 63, Nandankanana Road, Near Nalco Office, Jayadev Vihar, Bhubaneswar-751013** vide Environmental Clearance No. SIA/OR/MIS/295733/2022 dated 04/04/2024. The copy of the said clearance is available with the PARIVESH portal of MoEF & CC. **M/S. SWAMI RESORTS PRIVATE LIMITED**

**BOARD OF REVENUE, ODISHA, CUTTACK**
No. II (A) - 01/2024 - 1571 / M.B. Niz, Dated : 10/04/2024

**QUOTATION / TENDER CALL NOTICE**

Quotations / Tenders are invited for supply of one vehicle on hiring basis for Pool use in Board of Revenue, Odisha, Cuttack.
2. For details of the tender please visit www.boardodisha.nic.in
3. The last date of submission of Tender is 22.04.2024 by 1.00 PM. The Tender shall be opened on 22.04.2024 at 4.00 PM.

**Sd./- Addl. Secretary (Niz.)**

**ODISHA PUBLIC SERVICE COMMISSION**

**NOTICE**

No : 1963/PSC. Dt.:10.04.2024

No.D-6 : It is for information of all concerned that, the Commission has decided to conduct the written examination of Inspector of Motor Vehicle / Additional R.T.O. (Enforcement) / Assistant Works Engineer, pursuant to Advt. No. 15 of 2023-24 on 05.05.2024 (Sunday). The detailed programme for the said examination shall be notified later.
2. The candidates are advised to visit the website of the Commission at http://opsc.gov.in for further information.

OIPR-12002/11/0006/2425 **Sd./-Secretary**

## ସଂକ୍ଷେପରେ

### ଖଡ଼ିଆଳ ସହରରେ ଭାଲୁ



ଖଡ଼ିଆଳ,୧୦।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡିଆଳ ସହରରେ ରାତିରେ ବୁଲୁଛି ଭାଲୁ। ସହରରେ ଭାଲୁ ଦେଖି ଲୋକେ ଭୟଭିତ ହୋଇଥିଲେ ହେଁ ଭାଲୁ କାହାର କିଛି କ୍ଷତି କରି ନ ଥିବା ଜଣାପଡିଛି। ସହର ୱାର୍ଡ ନଂ ୫,ସାହୁପଡ଼ା, ୱାର୍ଡ ନଂ ୭ ଲାଲସାହେବ ପଡା ଓ ୱାର୍ଡ ନଂ. ୮ ରାଜା ପଡ଼ାରେ ବୁଲିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ବିଭିନ୍ନ ଶବ୍ଦ ଓ ଆଲୋକ ଦେଖାଇ ଭାଲୁ ଘଉଡ଼ାଇବାରେ ସଫଳ ହୋଇଥିଲେ। ହେଲେ ଖଡ଼ିଆଳ ନିଲଜି ବନ୍ଧ ପାଖରେ ଥିବା ଜଣାପଡିଥିବା ବେଳେ ଖଡ଼ିଆଳ ବନବିଭାଗ ପକ୍ଷରୁ ଭାଲୁକୁ ସକାଳୁ ଫରେଷ୍ଟର କନ୍ଦର୍ପ ସୁନାନୀ, ନରେଶ ଦଣ୍ଡସେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟ ବନ କର୍ମଚାରୀ ସହିତ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରିବା ସହିତ ନିଲଜି ବନ୍ଧ ଅଞ୍ଚଳକୁ ଯିବାକୁ ବାରଣ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଭାଲୁ ସେହି ସ୍ଥାନରେ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବିପଦ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର, ବିଦ୍ୟୁତ୍ ତାର

■ ଲତା ବୁଦାରେ ଢାଙ୍କି ହୋଇଛି ଟ୍ରାନ୍ସଫର୍ମର

■ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ଘର ଉପରେ ଝୁଲୁଛି

ବେହେରା,୧୦।୪(ଭୂପେଶ ତିୱାରୀ)





ବିପଦସଙ୍କୁଳ ବିଦ୍ୟୁତ୍ ତାର, ମୁକୁଳା ଟ୍ରାନ୍ସଫର୍ମର।

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବାଙ୍କିମୁଣ୍ଡା ଗ୍ରାମରେ ରାସ୍ତା କଡ଼ ଅଙ୍ଗନୱାଡ଼ି କେନ୍ଦ୍ର ସମ୍ମୁଖରେ ମୁକୁଳା ପଡିଛି ଉଚ୍ଚ ବିଦ୍ୟୁତ୍ ଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମର। ଯାହା ବିପଦକୁ ଆମନ୍ତ୍ରଣ କରୁଛି। ନିୟମ ଅନୁଯାୟୀ ଟ୍ରାନ୍ସଫର୍ମର ଚାରିପାଖେ ବା ଦ୍ୱାରା ଆବଦ୍ଧ କରି ଏକ ସୁରକ୍ଷିତ ଉଚ୍ଚତାରେ ବସାଯିବା କଥା। ମାତ୍ର ଦୀର୍ଘ ବର୍ଷ ହେବ ବିନା କୌଣସି ସୁରକ୍ଷାରେ ଅଙ୍ଗନୱାଡ଼ି କେନ୍ଦ୍ର ସମ୍ମୁଖରେ ଏହା ରହିଥିଲେ ସୁଦ୍ଧା ବିଦ୍ୟୁତ୍ ବିଭାଗର ଦୃଷ୍ଟି ପଡୁନି। ବର୍ତ୍ତମାନ ଲତା ବୁଦାରେ ଢାଙ୍କି ହୋଇ ଆହୁରି ବିପଦପୂର୍ଣ୍ଣ ପାଲଟିଛି। ଏହି ଟ୍ରାନ୍ସଫର୍ମରରୁ ଏଲଟି ସପ୍ଲାଇର ମୁକୁଳା ବିପଦ ପୂର୍ଣ୍ଣ ତାର ପାଖର ଜଣେ ବ୍ୟକ୍ତିଙ୍କ ଘର ଛପରରେ ଅନେକ ଦିନରୁ ଲାଗି ରହିଥିବା ବେଳେ ଏକ ଜରାଜୀର୍ଣ୍ଣ କାଠ ଖମ୍ବ ଦେଇ ମୁକୁଳା ତାର ଟେକି ରଖାଯାଇଛି। କେତେବେଳେ କାଳବୈଶାଖୀରେ ଭାଙ୍ଗି ପଡି ଘର ଉପରେ ପଡି ଜନଜୀବନ ନେଇ ଯିବା ଆଶଙ୍କାରେ ରାତିରେ ଶୋଇପାରୁ ନ ଥିବା ଘର ପରିବାରବର୍ଗ ପ୍ରକାଶ କରିଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରକୁ ପ୍ରତିଦିନ କୋମଳମତି ଶିଶୁମାନେ ଆସୁଥିବାବେଳେ ଅଳ୍ପ ଉଚ୍ଚତା ତଥା ବିନା ସୁରକ୍ଷାରେ ଟ୍ରାନ୍ସଫର୍ମର ଥିବାରୁ କେତେବେଳେ ଯେ ଅଘଟଣ ଘଟିବ ତାହା କହିହେବ ନାହିଁ। ଅନ୍ୟପକ୍ଷରେ ପ୍ରାୟ ବର୍ଷେରୁ ଅଧିକ ସମୟ ଧରି ଟାଟା ପାୱାର ବିଦ୍ୟୁତ୍ ବ୍ୟବସ୍ଥା ହାତକୁ ନେଇଥିଲେ ମଧ ଏହି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ରାସ୍ତା କଡରେ ଥିବାରୁ ଗୃହପାଳିତ ପଶୁପକ୍ଷୀ ମଧ ବିଭିନ୍ନ ସମୟରେ ଏହା ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରିବାକୁ ସାଧରଣରେ ଦାବି ହୋଇଛି। ଏ ନେଇ ଧର୍ମଗଡ଼ ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ପଚାରିବାରୁ ଏଥିପ୍ରତି ତୁରନ୍ତ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

# ଭାଜପା ଛାଡ଼ିଲେ ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ହେମାଙ୍ଗିନୀ ହଂସ

ଭବାନୀପାଟଣା/ବେହେରା,୧୦।୪
(ଉତ୍ତମ କୁମାର ଦାଶ/ଭୂପେଶ ତିୱାରୀ)



ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ତଥା କଳାହାଣ୍ଡି ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ହେମାଙ୍ଗିନୀ ହଂସ ବୁଧବାର ଭାଜପା ପ୍ରାଥମିକ ସଦସ୍ୟ ପଦବୀରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସେ ଧର୍ମଗଡ ସହର ଏକ ହୋଟେଲ କନ୍‌ଫେରନ୍ସ ହଲରେ ଖବରଦାତା ସମ୍ମିଳନୀରେ ନିଜର ପକ୍ଷ ରଖିଛନ୍ତି। ସେ ପଛୁଆ ବର୍ଗରୁ ଦୀର୍ଘ ବର୍ଷ ଧରି ଭାଜପାରେ ରହି ତୃଣମୂଳସ୍ତରରେ ଦଳୀୟ କାର୍ଯ୍ୟକ୍ରମ ପ୍ରଚାର ପ୍ରସାର କରିବା ସହ ଦଳର ଜଣେ ଶୃଙ୍ଖଳିତ କର୍ମକର୍ତ୍ତା ଭାବେ କାର୍ଯ୍ୟ କରି ଆସୁଥିଲେ। ହେଲେ ଦଳ ପକ୍ଷରୁ ସବୁ ସମୟରେ ତାଙ୍କୁ ଅଣଦେଖା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ପଛୁଆବର୍ଗର ମହିଳାଙ୍କୁ ଦଳ ପ୍ରାଧାନ୍ୟ ଦେଉ ନ ଥିବା କାରଣରୁ ସେ ଦଳ ଛାଡିଛନ୍ତି ବୋଲି କହିଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପ୍ରେରଣ କରିଥିବା କହିଛନ୍ତି। ଯଦି ଆସନ୍ତା ବିଧାନସଭା ନିର୍ବାଚନରେ ତାଙ୍କ ଶୁଭ ଚିନ୍ତକଙ୍କ ସମର୍ଥକ ରହିଲେ ସେ ସ୍ୱାଧୀନ ପ୍ରାର୍ଥିନୀ ଭାବେ ଚଳିତ ବିଧାନସଭା ନିର୍ବାଚନରେ ଛିଡା ହେବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଧର୍ମଗଡ ନିର୍ବାଚନମଣ୍ଡଳୀରେ ଯାଦବ ସମାଜର ଭୋଟ ବ୍ୟାଙ୍କ ରହିଥିବା ବେଳେ ଯାଦବ ସମାଜର ଜିଲା ସଭାନେତ୍ରୀ ରଶ୍ମିରେଖା ରାଉତଙ୍କୁ କଂଗ୍ରେସ ଧର୍ମଗଡରେ ଦଳୀୟ ଟିକେଟ ଦେଇଥିବା ବେଳେ ପୁଣି ସେହି ବର୍ଗର ମହିଳା ନେତ୍ରୀ ହେମାଙ୍ଗିନୀଙ୍କ ଭାଜପାରୁ ଇସ୍ତଫା ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ଲଢ଼ିବାକୁ ଅଣ୍ଟା ଭିଡି ଥିବା ବେଳେ ଆଗାମୀ ସମୟରେ ରାଜନୀତି ସମିକରଣ କ'ଣ ହେବ ସେ ନେଇ ସାଧାରଣ ଜନତାଙ୍କ ମଧରେ ଉତ୍ସୁକତା ଦେଖିବାକୁ ମିଳିଛି।

## ବିଜୁ ଯୁବ ଜନତା ଦଳ ଜିଲା ସଭାପତି ହରିଶ୍ଚନ୍ଦ୍ରଙ୍କ ଇସ୍ତଫା

ନୂଆପଡ଼ା,୧୦।୪(ମକାରୁ ବେମାଲ)



ନୂଆପଡା ଜିଲା ବିଜୁ ଯୁବ ଜନତା ଦଳ ଜିଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡା ଦଳରୁ ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ରାଜ୍ୟ ସଭାପତି ତଥା ନବୀନ ପଟ୍ଟନାୟକଙ୍କୁ ଇ-ମେଲ ମାଧମରେ ପ୍ରଦାନ କରିଥିବା ଏକ ଭିଡିଓ ବର୍ତ୍ତା ମାଧମରେ ସେ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ପଣ୍ଡାଙ୍କୁ ପଚାରିବାରୁ ନୂଆପଡା ବିଧାୟକ ଦଳର ନେତା କର୍ମୀମାନଙ୍କୁ ଅଣଦେଖା କରି ମନଇଚ୍ଛା କାମ କରୁଛନ୍ତି। ଏହି ବିଷୟରେ ଦଳର କର୍ମକର୍ତ୍ତା ବାରମ୍ବାର ଜଣାଇଥିଲେ ମଧ କୌଣସି କର୍ଣ୍ଣପାତ କଲେ ନାହିଁ କିମ୍ବା କୌଣସି ପଦକ୍ଷେପ ନେଲେ ନାହିଁ। ଫଳରେ ମୁଁ ଦଳରୁ ଇସ୍ତଫା ଦେଉଥିବା କହିଛନ୍ତି।

# ବିକାଶ ପକ୍ଷରୁ ଏଚ୍‌ଆଇଭି ଏଡ୍‌ସ ସଚେତନତା ଶିବିର



ଏଡ୍‌ସ ସଚେତନତା ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର ଏବଂ ଅତିଥି।

ଭବାନୀପାଟଣା,୧୦।୪(ଉତ୍ତମ କୁମାର ଦାଶ)

**ଅଂଶ ଗ୍ରହଣ କଲେ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର**

ଭବାନୀପାଟଣାସ୍ଥିତ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ନ୍ୟାଶନାଲ ୟୁଥ ଏଚ୍‌ଆଇଭି/ଏଡ୍‌ସ ସଚେତନତା ଦିବସ ଉପଲକ୍ଷେ ବୁଧବାର ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଷ୍ଟେଟ ଏମଏଚ ଆଣ୍ଡ ଇଏମସିସିଟି କନ-ସଲଟାଣ୍ଟ/ଓସାକସ୍ୱର ଡାକ୍ତର ତୃପ୍ତି ମିଶ୍ର, ନିମନ୍ତ୍ରିତ ଅତିଥି ଭାବେ କାଉନସେଲର ଆଇସିଟିସି ମାନସ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଡିଏସଆର୍‌ସି ପ୍ରତାପ ଚନ୍ଦ୍ର ଦାସ, ଏଡ଼ିପିଓ, ଅନଆସଆସ ସଞ୍ଜୀବ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଚ୍‌ଆଇଭି/ଏଡ୍‌ସ ବିଷୟରେ ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଯାଇଥିଲା। ବିକାଶ ଗ୍ରୁପ ନିର୍ଦ୍ଦେଶକ ଡ଼ି. ରାମ କୁମାର ଓ ଆଇଟି ଏଣ୍ଡ ମ୍ୟାନେଜେଣ୍ଟ ଅଧକ୍ଷ୍ୟ ସୁଦିପ୍ତ ଜାନା, ବିଜ୍ଞାନ ବିଭାଗ ଅଧକ୍ଷ୍ୟ ଆଦିତ୍ୟ ପଟ୍ଟନାୟକ, ଯୁକ୍ତ ୨ ଅଧକ୍ଷ୍ୟ ଯୁବରାଜ ନାୟକ ପ୍ରମୁଖ ଆଲୋଚନାଚକ୍ରରେ ଯୋଗଦାନ କରିଥିଲେ। ସେହିପରି ବିକାଶ ନର୍ସିଂ ମହାବିଦ୍ୟାଳୟ ଅଧକ୍ଷା କେ. ଜୟଶ୍ରୀ ଏହି ଆୟୋଜନ ମୁଖ୍ୟ ଉଦ୍ୟକ୍ତା ରହିଥିଲେ। କାର୍ଯ୍ୟକ୍ରମ ବିକାଶ ନର୍ସିଂ ମହାବିଦ୍ୟାଳୟ ଅଧାପିକା ଶିଖା ସୋନାଲି ଇକ୍କା ପରିଚାଳିତ କରାଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ କଲେଜ ଯଥା ମଦର୍ ଟେରେସା ନର୍ସିଂ ମହାବିଦ୍ୟାଳୟ, ଜୟ ପ୍ରକାଶ ସନ୍ଧ୍ୟା ମହାବିଦ୍ୟାଳୟ ଓ କଳାହାଣ୍ଡି କଲେଜ ଅଫ ନର୍ସିଂ ଆଣ୍ଡ ଆଲାଏଡ ସାଇନ୍ସ, ବିକାଶ ଉଚ୍ଚ ମାଧମିକ ବିଦ୍ୟାଳୟ ତଥା ବିକାଶ ନର୍ସିଂ ମହାବିଦ୍ୟାଳୟ ସମୁଦାୟ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ବିକାଶ ଶିକ୍ଷାନୁଷ୍ଠାନ ପକ୍ଷରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ବିହନ ଛିନା ଯାତ୍ରା ପାଳନ କଲେ ଖଲିଗଡ଼ ଗ୍ରାମବାସୀ

କୋକସରା,୧୦।୪
(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଖଲିଗଡ଼ ଗ୍ରାମ ଅଧୀନରେ ୭ଟି ପାଲି ଆଦିବାସୀ ଗ୍ରାମ ରହିଥିବା ବେଳେ ଏଠିକାର ଆଦିବାସୀ ଜଙ୍ଗଲ ଜାତ ଦ୍ରବ୍ୟ ଓ ଚାଷ କରି ଜୀବିକା ନିର୍ବାହ କରନ୍ତି। ମଙ୍ଗଳବାର ଖଲିଗଡ଼ ଅଞ୍ଚଳର ଆଦିବାସୀମାନେ ସକାଳୁ ବିହନ ଛିନା ଯାତ୍ରା ପାଳନ କରିଛନ୍ତି। ଏହି ଅବସରରେ ଗାଁଠାରୁ ଅଳ୍ପ ଦୂରରେ ଥିବା ବିହନ ଛିନା ଦେବଦେବୀଙ୍କ ଲାଠିକୁର୍ସି, କାଲିସି ସହ ପହଞ୍ଚିବା ପରେ ଗାଁ ଦିଶାରୀ ଧାରଣୀ ଗୁଡି ଦେବଦେବୀଙ୍କୁ ଶୁକ୍ଳ ଭୋଗ ଓ କୁକୁଡ଼ା, ପାରା ବଳି ଦେଇ ପୂଜାର୍ଚ୍ଚନା କରିଥିଲେ। ପରେ ମାଟି ଘରେ ଥିବା ଅଣ୍ଡା ଆକୃତିର ଏକ ବଡ଼ ପଥରକୁ ଉଠାଇବା ପରମ୍ପରା ରହିଛି। ସ୍ଥାନୀୟ ଭାଷାରେ ଏହି ଗୋଲାକାର ପଥରକୁ ଭିମା ଅଣ୍ଡା ବୋଲି କୁହନ୍ତି। ମାନ୍ୟତା ଅଛି ଯେ ଯେଉଁ ଚାଷୀ ବିଶ୍ୱାସ ଓ ଶ୍ରଦ୍ଧାରେ ମାଟି ଦେବତାଙ୍କ ନାମ ସୁମରଣା କରି ଏହି ପଥରକୁ ଉଠାଇ ପରିକ୍ରମା କରିବ ତାର ଚାଷ ଭଲ ହେବ ଓ ଯିଏ ଅବିଶାସ କରନ୍ତି ସେହି ଚାଷୀ ଏହି ଭିମା ଅଣ୍ଡାକୁ ଉଠାଇ ପାରନ୍ତି ନାହିଁ ବୋଲି ଏଠିକାର ଲୋକେ କୁହନ୍ତି। ବିହନ ଛିନା ଯାତ୍ରା ପରିଶେଷରେ ଚାଷୀମାନେ ବିହନ ନେଇ ଖୁସି ମନରେ ଘରକୁ ନାଚିଗାଇ ଫେରିଥାନ୍ତି। ବିହନ ଛିନା ଯାତ୍ରାକୁ ଗ୍ରାମର ଗୋନ୍ତିଆ ଗବ୍ର ମାଝି, ଗଣା ଯଦୁ ମହାନନ୍ଦ, ପୁଜକ ମାନସିଂ ପୂଝାରୀ, ଶିରା ନବେ ମାଝି, ଜୟଧର ଚଳାନ, ପଦ୍ମନ ଚଳାନ, ବିରେନ କନ୍ଧ, ତ୍ରିନାଥ ପୂଝାରୀ, ପୁରୁନ କନ୍ଧ, ସହଦେ ମାଝି, ଯୁଗଳ ମାଝିଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ପାଳନ କରିଛନ୍ତି।

# ବେଦାନ୍ତ ପକ୍ଷରୁ ପ୍ରୋଜେକ୍ଟ ପଞ୍ଛିର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ



ଲାଞ୍ଜିଗଡ଼,୧୦।୪(ରମେଶ ଚନ୍ଦ୍ର ନାୟକ)

**ଅଣସଂରକ୍ଷିତ ସମ୍ପ୍ରଦାୟର ୧ ହଜାର ବାଳିକାଙ୍କୁ ଉଚ୍ଚଶିକ୍ଷା, ଚାକିରି ସୁଯୋଗ ମାଧମରେ ସମର୍ଥନ ଲକ୍ଷ୍ୟ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ ଭାରତର ସ୍ମେଲଟର ଗ୍ରେଡଆଲୁମିନା ଉତ୍ପାଦକ ତଥା ବେଦାନ୍ତ ଆଲୁମିନିୟମର ଏକ ୟୁନିଟ ଏହାର ଅନନ୍ୟ ନିଯୁକ୍ତି ଡ୍ରାଇଭ 'ପ୍ରୋଜେକ୍ଟ ପଞ୍ଛି'ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛି। ଦେଶବ୍ୟାପୀ ଅଣ ସଂରକ୍ଷିତ ସମ୍ପ୍ରଦାୟର ୧ ହଜାର ବାଳିକାଙ୍କ ଜୀବନ ଧାରଣରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି। ଗତବର୍ଷ ଏହି ପ୍ରକଳ୍ପ ଆରମ୍ଭ ହେବା ପରଠାରୁ ବେଦାନ୍ତ ୫୦ରୁ ଅଧିକ ବାଳିକାଙ୍କୁ ନିଯୁକ୍ତି ପାଇଁ ଚିହ୍ନଟ କରିଥିଲେ। ଯେଉଁମାନେ ସେମାନଙ୍କ ପରିବାରର ପ୍ରଥମ ଶିକ୍ଷିତ ଅଟନ୍ତି। ଏକ ପୁଙ୍ଖାନୁପୁଙ୍ଖ, ପର୍ଯ୍ୟାୟ ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟାକୁ ଆଧାର କରି କମ୍ପାନୀ ରାୟଗଡା ଏବଂ କଳାହାଣ୍ଡି ଜିଲା ରେ ଠିକ ପ୍ରାର୍ଥୀ ଚିହ୍ନଟ କରିଛି। ପରବର୍ତ୍ତୀ ସମୟରେ, ମନୋନୀତ ପ୍ରାର୍ଥୀମାନେ କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀଙ୍କ ସହିତ ଏକ ବ୍ୟାପକ ଆଭିମୁଖ୍ୟ ପ୍ରକ୍ରିୟାକୁ ଅନୁସରଣ କରିଥାନ୍ତି। ବେଦାନ୍ତ ସିଇଓ ଆଲୁମିନା ବ୍ୟବସାୟ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମ ଅଧକ୍ଷ ଅନିଲ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ପ୍ରକଳ୍ପ ପଞ୍ଛି ବିକାଶ କରାଯାଇଛି। ଏହିପରି ପଦକ୍ଷେପ ମାଧମରେ ବେଦାନ୍ତ ଏହାର ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଗଠନ କରୁଥିବା ବାଳିକାମାନଙ୍କୁ ସଶକ୍ତିକରଣ ଉପରେ ଏକ ବିଶେଷ ଧାନଦେଇ ଏହାର କାର୍ଯ୍ୟକଳାପକୁ ସୁଦୂର ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ଦୃଶ୍ୟକୁ ବଢାଇବାକୁ ଚେଷ୍ଟା କରିଥାଏ। ସେମାନଙ୍କୁ ଉତ୍କର୍ଷ କରିବାପାଇଁ ମହତ୍ତ୍ୱପୂର୍ଣ ସୁଯୋଗ ପ୍ରଦାନ କରି ଆମେ କେବଳ ଆମର ଅଧକ୍ଷଙ୍କ ଆଦେଶ ପାଳନ କରୁନାହୁଁ ବରଂ ଏକ ପରିବର୍ତ୍ତନଶୀଳ ଯାତ୍ରା ପାଇଁ ବାଟ ମଧ ପ୍ରସ୍ତୁତ କରୁଛୁ ଯାହା ଆମର କାର୍ଯ୍ୟକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ପ୍ରତିଜ୍ଞା କରିଛି। ବେଦାନ୍ତ ସିଏଚଆରଓ ଦିଲୀପ ସିହ୍ନା କହିଛନ୍ତି, ପ୍ରୋଜେକ୍ଟ ପଞ୍ଛି ଆମର ଗତିଶୀଳ କାର୍ଯ୍ୟଶୈଳୀ ମଧରେ ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତ କରିବାପାଇଁ ଆମ କମ୍ପାନୀର ଅଦମ୍ୟ ପ୍ରତିବଦ୍ଧତା ସହିତ ଘନିଷ୍ଠ ଅଟେ। ଆମେ ଦୃଢଭାବରେ ବିଶ୍ୱାସ କରୁଯେ କ୍ୟାରିଅର ପୁରଣ କରିବା ପାଇଁ ଏହି ଝିଅମାନେ ଆଗେଇ ଆସିବେ ଏବଂ ସେମାନଙ୍କର ସମ୍ପ୍ରଦାୟ ଗୁଡିକରେ ଅନ୍ୟଙ୍କୁ ପ୍ରେରଣା ଦେବେ।

# ଖଡ଼ିଆଳଠାରେ ହିନ୍ଦୁ ନବବର୍ଷ ପାଳିତ

ଖଡ଼ିଆଳ,୧୦।୪(ସୁଜିତ୍ କୁମାର ପ୍ରଧାନ)

ପବିତ୍ର ଚୈତ୍ର ଶୁକ୍ଳ ପ୍ରତିପଦା ହିନ୍ଦୁ ନବବର୍ଷ ଉପଲକ୍ଷେ ହିନ୍ଦୁନବ ବର୍ଷ ପାଳନ ସମିତି ଖଡ଼ିଆଳ ପକ୍ଷରୁ ନବବର୍ଷ ପାଳନ କରାଯାଇଛି। ସ୍ଥାନୀୟ ଅଗ୍ରସେନ ଭବନଠାରେ ଆୟୋଜିତ ହୋଇଥିଲା କାର୍ଯ୍ୟକ୍ରମରେ ଖଣ୍ଡ ଚାଳକ ବିନୋଦ ଅଗ୍ରୱାଲ, ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ପୁସ୍ତମ ସୁନାନୀ, ବକ୍ତା ଭାବେ ବୌଦ୍ଧିକ ରଖିଥିଲେ। ଏକ ବିଶାଳ ଶୋଭାଯାତ୍ରା ଦଧିବାମନ ମନ୍ଦିରରୁ ବାହାରି ବ୍ଲକ ଛକ ଦେଇ ଅଗ୍ରସେନ ଭବନଠାରେ ସମାପ୍ତ ହୋଇଥିଲା। ଶୋଭାଯାତ୍ରାରେ ଲମ୍ବୋଦର ନିଆଲ, ହିତେଶ ବଗର୍ତ୍ତୀ, ଅଧୀରାଜ ପାଣିଗ୍ରାହୀ, ରଶ୍ମିରଞ୍ଜନ ଚଲାନ, ଉଜ୍ଜଳ ଗୁପ୍ତା ସାମିଲ ହୋଇଥିବା ବେଳେ ଶୋଭାଯାତ୍ରା ଆବାହଜ ବିଭୂତି ଭୂଷଣ ବିଶି, ସଜ୍ଜନ ଅଗ୍ରୱାଲ, ସଞ୍ଜୟ ତିୱାରୀ, ଗରୁ ଗହୀର, ବିକାଶ ବଂଶଲ, ଜଗବନ୍ଧୁ ବାରିକ, ଦିଲୀପ ତ୍ରିବେଦୀ, ଜଗଦୀଶ ତ୍ରିବେଦୀ ଜନାର୍ଦନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପରେ ସାଂକୃତିକ କାର୍ଯ୍ୟକ୍ରମରେ ହୋଇଥିଲା। ସନ୍ଧ୍ୟାରେ ବୌଦ୍ଧିକ କାର୍ଯ୍ୟକ୍ରମ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦ ଓଡିଶା ପଶ୍ଚିମ ପ୍ରାନ୍ତ ସହ ସମ୍ପାଦକ ପ୍ରବଚକ ମୋହନ ଚରଣ ଦାସ ଆଜିକାର ଦିନର ଗୌରବ ମୟ ଗାଥା ଗାନ କରିଥିଲେ ଓ ନିଜ ସଂସ୍କୃତି ପରମ୍ପରା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ସମସ୍ତଙ୍କ ପାଇଁ ଭୋଜନର ବ୍ୟବସ୍ଥା କରାଯାଇଥିଲା।

## ଚରିବାକୁ ଯାଇ ଫେରି ୮ ଛେଳି ମୃତ, ୧୨ ଗୁରୁତର

ନୂଆପଡ଼ା,୧୦।୪(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ସଦର ବ୍ଲକ ଜାମପାଣି ଗାଁ ଡୁମେରପଡାରେ ଜଙ୍ଗଲକୁ ଚରିବାକୁ ଯାଇ ଫେରି ୮ଟି ଛେଳି ମୃତ୍ୟୁ ହୋଇଥିବା ବେଳେ ୧୨ ଗୁରୁତର ହୋଇଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନା ମୁତାବକ ସୋମବାର ଜାମପାଣି ଡୁମେରପଡା ଗାଁର ନରସିଂହ ମାଝିଙ୍କ ୨୦ଟି ଛେଳି ତାଙ୍କ ଭାଇ ଯଶୋବନ୍ତ ଜଙ୍ଗଲକୁ ଚରାଇବା ପାଇଁ ନେଇଥିଲେ। ଛେଳିକୁ ଚରାଇ ମଧାହ୍ନରେ ଘରକୁ ଆଣି ଗୁହାଳରେ ରଖିଥିଲେ। ମଧାହ୍ନ ଭୋଜନ ଖାଇ ଅପରାହ୍ନରେ ପୁଣି ଚରାଇବା ପାଇଁ ଗୁହାଳ କବାଟ ଖୋଲିବା ବେଳକୁ କିଛି ଛେଳି ମରି ପଡିଥିବା ବେଳେ କିଛି ଛଟପଟ ହେଉଥିଲା। କିଛିକ୍ଷଣ ଭିତରେ ୮ଟି ଛେଳିର ମୃତ୍ୟୁ ହୋଇ ଯାଇଥିଲା ଓ ୧୨ଟି ଛେଳି ଗୁରୁତର ଅଛନ୍ତି। ସେହି ଛେଳି ସ୍ଥାନୀୟ ପଶୁ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଯାଉଛି। ଚରି ଯିବା ବାଟରେ ଜଙ୍ଗଲରେ ଛେଳି କ'ଣ ଖାଇଛି, ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ। ଗୋହିରା ଓ ବମୁର ଗଛରେ ଏକ ପ୍ରକାର କୀଟ ହୋଇ ଥାଏ, ସେହି କୀଟ ଗଛରେ ଥିବା କଣ୍ଟାକୁ ପେଣ୍ଡି କରି ଗଛ ଉପରେ ରଖେ, ସେହି ପେଣ୍ଡିକୁ ଖାଇ ଛେଳି ଅସୁସ୍ଥ ହୋଇଥିବ ବୋଲି ଅନୁମାନ କରାଯାଉଛି।

# ଜୈବ ପୁଞ୍ଜି ମାଧମରେ ମାଛ ଚାଷ

କର୍ଲାମୁଣ୍ଡା,୧୦।୪(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ବିଜାପାଟି ଗାଁର ମା' ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ସୋନାଲି ଚୌଧୁରୀ। ପରିବାର କହିଲେ ସ୍ୱାମୀ ଓ ଗୋଟିଏ ଝିଅ ଗୋଟିଏ ପୁଅ। ନିଜେ ରୋଜଗାର କରି ସ୍ୱାଭାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ଆଶାରେ ବାୟୋଫ୍ଲକ ଜୈବ ପୁଞ୍ଜି ମାଧମରେ ମାଛ ଚାଷ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ସେ ବ୍ଲକର ମତ୍ସ୍ୟ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରି ଜିଲା ମତ୍ସ୍ୟ ଅଧିକାରୀଙ୍କ ସୌଜନ୍ୟତାରେ ୬ଲକ୍ଷ ଟଙ୍କା ଅଟକଳରେ ୯୦ ହଜାର ଲିଟର ବିଶିଷ୍ଟ ୨ଟି ପାଣି ଟାଙ୍କି ତିଆରି କରି ପ୍ରଥମ ପର୍ଯ୍ୟାୟରେ ୪୮କେଜି ରୋହି, ଭାକୁର, ମିରଖଲ ପ୍ରଭୃତି ମାଛ ଯାଆଁଳା ଛାଡିଛନ୍ତି। ଏଥିପାଇଁ ସେ ସରକାରଙ୍କଠୁ ୩ ଲକ୍ଷ ୬୦ ହଜାର ଟଙ୍କା ରିହାତି ପାଇବେ। ତେବେ ବର୍ଷକୁ ୩ ଥର ମାଛ ଅମଳ କରି ବିକ୍ରି କରିବା ପରେ ମୋଟ ୩୬ କୁଇଣ୍ଟାଲକୁ ୭ ଲକ୍ଷ ୨୦ ହଜାର ଟଙ୍କା ଆୟ କରିବାକୁ ଲକ୍ଷ୍ୟ ରଖିଥିବା ସୋନାଲି ଚୌଧୁରୀ କହିବା ସହ ତାଙ୍କର ଏହି ଉଦ୍ୟମ ଅନ୍ୟମାନଙ୍କ ପାଇଁ ପ୍ରେରଣା ହେବ ବୋଲି ଆଶା ରଖିଛନ୍ତି।



ବିଜାପାଟିଠାରେ ଜିଲା ମତ୍ସ୍ୟ ବିଭାଗ ଅଧିକାରୀଙ୍କ ସହ ସୋନାଲି ଚୌଧୁରୀ।

# ଭାଙ୍ଗିପଡ଼ିଛି ସିମେଣ୍ଟ ଚେୟାର, କ୍ରୀଡ଼ା ସାମଗ୍ରୀ

କେସିଙ୍ଗା,୧୦।୪(ତୁମେଶ୍ୱର ସାହୁ)

**କେସିଙ୍ଗା ମିନି ଷ୍ଟାଡିୟମ**

■ ପାର୍କରେ ବ୍ୟାରିକେଡ ବ୍ୟବସ୍ଥା, ପୋଲିସ ସୁରକ୍ଷା ଦାବି




କେସିଙ୍ଗା ମିନି ଷ୍ଟାଡିୟମ ପାର୍ଶ୍ୱରେ ଥିବା ଭଙ୍ଗା ସିମେଣ୍ଟ ଚେୟାର।

କଳାହାଣ୍ଡି ଜିଲା କେସିଙ୍ଗା ସହର ବିଭିନ୍ନ ଛକ ଓ ବସ୍ତିରେ ଲୋକମାନଙ୍କ ସକାଳୁଆ ବ୍ୟାୟାମ ପାଇଁ ଏନ୍‌ଏସି ପକ୍ଷରୁ ମିନି ଷ୍ଟାଡିୟମ ପାର୍ଶ୍ୱରେ କ୍ରୀଡ଼ା ଉଦ୍ୟାନ ନିର୍ମାଣ କରାଯାଇଛି। ଏ ବାବଦରେ ଏନ୍‌ଏସି କୋଟି କୋଟି ଟଙ୍କା ବ୍ୟୟ କରିଛି। ମାତ୍ର ଅନେକ ସ୍ଥାନରେ ବ୍ୟାରିକେଡ ନ ଥିବାରୁ ପାର୍କଗୁଡିକ ଅସ୍ତିତ୍ୱ ହରାଇବାରେ ଲାଗିଛି। ୯ ନଂ. ୱାର୍ଡର ମିନି ଷ୍ଟାଡିୟମ ପାର୍ଶରେ କ୍ରୀଡ଼ା ଉଦ୍ୟାନ କରାଯାଇଛି। ଦୀର୍ଘମାସ ହେଲା ଏହି ମିନି ଷ୍ଟାଡିୟମ ନିକଟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବ୍ୟାୟାମ ଉପକରଣ ସ୍ଥାପନ ହୋଇଛି। କ୍ରୀଡ଼ା ସାମଗ୍ରୀ ସୁରକ୍ଷା ପାଇଁ ବ୍ୟାରିକେଡ ଲଗାଯାଇନାହିଁ। ମିନି ଷ୍ଟାଡିୟମରେ କ୍ରୀଡ଼ାପ୍ରେମୀ ତଥା ଛାତ୍ରୀଛାତ୍ର, ବୈଜ୍ୟେଷ୍ଠ ଲୋକମାନେ ଖେଳଠାରୁ ଆରମ୍ଭ କରି ବ୍ୟାୟାମ ସକାଳେ ସନ୍ଧ୍ୟାରେ କରନ୍ତି। କିନ୍ତୁ ସହରଠାରୁ ଦୂରରେ ମିନି ଷ୍ଟାଡିୟମ ଥିବାରୁ କ୍ରୀଡା ସାମଗ୍ରୀ ସୁରକ୍ଷା କରାଯାଇପାରୁ ନାହିଁ। ରାତ୍ରିରେ ମଦୁଆଙ୍କ ଆଡ୍ଡା ହେଉଛି। ଦୁର୍ବୃତ୍ତମାନେ କ୍ରୀଡା ସାମଗ୍ରୀ ସମେତ ସିମେଣ୍ଟ ଚେୟାର, କ୍ରୀଡା ସାମଗ୍ରୀ ଭାଙ୍ଗି ନଷ୍ଟ କରୁଛନ୍ତି। ସେହିପରି କେସିଙ୍ଗା ତେଲ ନଦୀ କୂଳରେ ଥିବା ପାର୍କରେ ମଧ ବହୁ କ୍ରୀଡା ସାମଗ୍ରୀ ଦୁର୍ବୃତ୍ତମାନେ ଭାଙ୍ଗି ନଷ୍ଟ କରି କେତେକ କ୍ରୀଡା ସାମଗ୍ରୀ ଚୋରି କରି ନେଇଛନ୍ତି। ମିନି ଷ୍ଟାଡିୟମ ଓ ତେଲ ନଦୀ ପାର୍ଶ୍ୱରେ ଥିବା ପାର୍କରେ ବ୍ୟାରିକେଡ ବ୍ୟବସ୍ଥା କରାଯିବା ପାଇଁ କ୍ରୀଡା ପ୍ରେମୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦଙ୍କୁ ପଚାରିବାରୁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରାଯିବ ଏବଂ ନଷ୍ଟ ହୋଇଥିବା ସିମେଣ୍ଟ ଚେୟାର ଓ କ୍ରୀଡା ସାମଗ୍ରୀ ମରାମତି କରାଯିବ ବୋଲି ପ୍ରକାଶ କରିଥିଲେ।

# ବରଗଡ଼ରେ ହିନ୍ଦୁ ନବବର୍ଷ ପାଳନ



ସଂସ୍କାର ଭାରତୀ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।



ବେଦ ପ୍ରଚାର ସମିତି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମ ।

ବରଗଡ଼,୧୦।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବେଦ ପ୍ରଚାର ସମିତି ତରଫରୁ ହିନ୍ଦୁ ନବବର୍ଷ ପାଳିତ ହୋଇଛି। ସ୍ଥାନୀୟ କେନାଲ କଲୋନୀସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ସୋମଦତ୍ତ ଶାସ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ସଦସ୍ୟା, ସଦସ୍ୟ ଯୋଗଦାନ କରିଥିଲେ। ଅଶୋକ କୁମାର ମେହେର ପ୍ରାରମ୍ଭିକ ସୂଚନା ଦେଇଥିଲେ। ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟ, ସମ୍ପାଦକ ରକ୍ଷଣ ମହାପାତ୍ର, ଡା. ଯଦୁମଣି ନାୟକ ହିନ୍ଦୁ ନବବର୍ଷ ପାଳନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହା ସହିତ ପଣ୍ଡିତ ଆଚାର୍ଯ୍ୟ ନିଜେ ଭାଷାନ୍ତର କରିଥିବା ମୂଳ ଲେଖକ ପରମହଂସ ସ୍ୱାମୀ ଜଗଦୀଶ୍ୱରାନନ୍ଦ ସରସ୍ୱତୀଙ୍କ ପ୍ରଭାତ ବନ୍ଦନା ଉପରେ ସୂଚନା ପ୍ରଦାନ କରିଥିଲେ । ସୁରେଶ୍ୱରୀ, ରଶ୍ମୀ, ସୁଜାତା, ସୁରଭି, ଗାୟତ୍ରୀ ପ୍ରମୁଖ ଭଜନ ଗାନ କରିଥିଲେ । ପବିତ୍ର ଭାଇ, ନୀଳାମ୍ବର ସାହୁ, କ୍ଷୀରୋଦ ନାଥ, ଡା. ଦିଲ୍ଲୀପ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ସେହିପରି ବରଗଡ଼ର ସଂସ୍କାର ଭାରତୀ ପକ୍ଷରୁ ନବବର୍ଷ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରମୋଦ ଝାଙ୍କର ମୁଖ୍ୟ ଅତିଥି, କୃଷ୍ଣପାଣି ପାଢ଼ୀ ମୁଖ୍ୟବକ୍ତା, ସନ୍ତୋଷିନୀ ଦାଶ, ରାଜେନ୍ଦ୍ର ସିକନ୍ଦର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ବୈଷ୍ଣବୀ ବିର୍ତ୍ତିଆ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସଞ୍ଜୟ ଶତପଥୀ, ଦିପେଶ ଯୋଶୀ, ସଂସ୍କାର ଭାରତୀର ପଶ୍ଚିମ ପ୍ରାନ୍ତ ଉପସଭାପତି ଜୟନ୍ତ ମହାରଣା, କାହ୍ନୁଚରଣ ପୃଷ୍ଟି, ପ୍ରୀତମ ସିଂ, ମନୋରଞ୍ଜନ ସାହୁ, ଅଶୋକ ମିଶ୍ର, ଗଣେଶ ଦାଶ, ରବିନାରାୟଣ ସାହୁ, ନିତ୍ୟାନନ୍ଦ ବାଗ, କନକ ଦଣ୍ଡସେନା, ଅଶୋକ ପଶାୟତ, ସୂର୍ଯ୍ୟନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ମହୁଲ ଫୁଲ ଜବତ, ଜଣେ ଗିରଫ

ଝାରବନ୍ଧ, ୧୦।୪(ଦେବେନ୍ଦ୍ର ସାହୁ)

ବରଗଡ ଜିଲା ଝାରବନ୍ଧ ପୋଲିସ ମହୁଲ ଫୁଲ ଚୋରାଚାଲାଣ ବେଳେ ଜଣଙ୍କୁ ଗିରଫ କରିଛି । ଝାରବନ୍ଧ ଥାନା ଅଧିକାରୀ ଶୁଚିସ୍ମିତା ମହାନ୍ତିଙ୍କ ସୂଚନା ଅନୁସାରେ ମଙ୍ଗଳବାର ରାତିରେ ପାଟ୍ରୋଲିଂ ସମୟରେ କପାଟୀ ଗାଁ ନିକଟରେ ଏକ ପିକ୍‌ଅପ ଭ୍ୟାନ(ସିଜି୦୬ଜିଏନ୫୭୨୯)କୁ ଅଟକାଇ ଥିଲେ। ଯାଞ୍ଚ ପରେ ଏଥିରେ ଥିବା ୬କୁଇଣ୍ଟାଲ ମହୁଲ ଫୁଲ ଜବତ କରାଯାଇଥିଲା। ଏହା ଛତିଶଗଡ ବାସନାକୁ ଚୋରା ଚାଲାଣ ହେଉଥିବା ଜଣାପଡିଛି। ଉକ୍ତ ଗାଡ଼ିରେ ଥିବା ଯୁବକ ଛତିଶଗଡ ଗଡ଼ପଟନି ନିବାସୀ ବାସୁଦେବ ଉନସନା ବୋଲିପୋଲିସ ସୂଚନା ଦେଇଛି। ତାଙ୍କ ବିରୋଧରେ ଝାରବନ୍ଧ ଥାନାରେ ଏକ ମାମଲା(୬୯/୨୪)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### କଳସଯାତ୍ରାରୁ ନାମଯଜ୍ଞ ଆରମ୍ଭ

ବରଗଡ଼,୧୦।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ନିଗମାନନ୍ଦ ବିହାରରେ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ବୁଧବାର କଳସଯାତ୍ରା ଅନୁଷ୍ଠିତ ହୋଇଛି। କଳସଯାତ୍ରା ସରିବା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ପଣ୍ଡିତ ଉତ୍ତମ ଆଚାର୍ଯ୍ୟ ଏଥିରେ ପୌରୋହିତ୍ୟ କରିଥିଲେ। ଚନ୍ଦ୍ରମଣି ଦାଶ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଛନ୍ତି। କୀର୍ତ୍ତନ ପରିଷଦର ସଭାପତି ବାଙ୍କବିହାରୀ ସାହୁ, ନିଗମାନନ୍ଦ ବିହାର ଉନ୍ନୟନ କମିଟିର ସଭାପତି ସଦାଶିବ ସାହୁ, ସମ୍ପାଦକ ଟିକେଲାଲ ନାଏକ, ସହସମ୍ପାଦକ ନରେଶ ପ୍ରଧାନ, ଉପସଭାପତି ଅର୍ଜୁନ ସେଟ୍, କୋଷାଧ୍ୟକ୍ଷ କୁଞ୍ଜ ଭୋଇ, ସହକୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଏବଂ ଅନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁବାର ଅପରାହ୍ଣରେ ନାମଯଜ୍ଞର ପୂର୍ଣ୍ଣାହୂତି ହେବାର କାର୍ଯ୍ୟକ୍ରମ ରହିଛି।

### ବିହନ ଛିନା ଯାତ୍ରା ପାଳନ କଲେ ଖଲିଗଡ଼ ଗ୍ରାମବାସୀ

କୋକସରା,୧୦।୪ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ) :

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଖଲିଗଡ଼ ଗ୍ରାମ ଅଧୀନରେ ୭ଟି ପାଳି ଆଦିବାସୀ ଗ୍ରାମ ରହିଥିବା ବେଳେ ଏଠିକାର ଆଦିବାସୀ ଜଙ୍ଗଲ ଜାତ ଦ୍ରବ୍ୟ ଓ ଚାଷ କରି ଜୀବିକା ନିର୍ବାହ କରନ୍ତି। ମଙ୍ଗଳବାର ଖଲିଗଡ଼ ଅଞ୍ଚଳର ଆଦିବାସୀମାନେ ସକାଳୁ ବିହନ ଛିନା ଯାତ୍ରା ପାଳନ କରିଛନ୍ତି। ଏହି ଅବସରରେ ଗାଁଠାରୁ ଅଳ୍ପ ଦୂରରେ ଥିବା ବିହନ ଛିନା ଦେବଦେବୀଙ୍କ ଲାଠିକୁର୍ସି, କାଲିସି ସହ ପହଞ୍ଚିବା ପରେ ଗାଁ ଦିଶାରୀ ଧାରଣୀ ଗୁଡି ଦେବଦେବୀଙ୍କୁ ଶୁକ୍ଳ ଭୋଗ ଓ କୁକୁଡ଼ା, ପାରା ବଳି ଦେଇ ପୂଜାର୍ଚ୍ଚନା କରିଥିଲେ।

## ରାମଚଣ୍ଡୀଙ୍କ ବାସନ୍ତିକ ନବରାତ୍ର ଆରମ୍ଭ

ସରଣ୍ଡା, ୧୦।୪(ଯୁଧିଷ୍ଠିର ମହାପାତ୍ର)

ବବରଗ ଜିଲା ଅତାବିରା ବ୍ଲକ ଲାଦରପାଲି ରାମଚଣ୍ଡୀଙ୍କ ବାସନ୍ତିକ ନବରାତ୍ର ପୂଜା ଆରମ୍ଭ ହୋଇଛି। ଏଥିପାଇଁ ସ୍ଥାନୀୟ ରାମବାବା ମଠ ପୋଖରୀରୁ କଳସ ଯାତ୍ରା ଆରମ୍ଭ ହୋଇ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ନବ ଗ୍ରହ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଅରଖ ବୃକ୍ଷ ରୋପଣ କରାଯାଇଛି। ପ୍ରଥମ ଦିନରେ ମା'ଙ୍କ ଶୈଳପୁତ୍ରି ବେଶ ହୋଇଥିଲା। କର୍ତ୍ତାଭାବେ ନରେନ୍ଦ୍ର ନାଏକ ଓ ବନିତା କାର୍ଯ୍ୟ ସମ୍ପାଦନ କରିଥିଲେ। ଆସନ୍ତା ୨୩ତାରିଖ ଚୈତ୍ର ପୂର୍ଣ୍ଣିମା ମହୋତ୍ସବ ପାଳନ କରାଯିବ ବୋଲି ରାମଚଣ୍ଡୀ ମନ୍ଦିର ପରିଚାଳନା କମିଟି ସଭାପତି ଦିବାକର ପ୍ରଧାନ ପ୍ରକାଶ କରିଛନ୍ତି।

## ସମଲେଶ୍ୱରୀଙ୍କ ନବଦିନାତ୍ମକ ପୂଜନୋତ୍ସବ



ବରଗଡ଼,୧୦।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ଶ୍ରୀ ସମଲେଶ୍ୱରୀଙ୍କ ଚୈତ୍ର ବାସନ୍ତୀକ ନବଦିନାତ୍ମକ ପୂଜନୋତ୍ସବ ଚାଲିଛି। ଏହି ପୂଜନୋତ୍ସବରେ ନିୟମିତ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଗତ ୮ତାରିଖରୁ ପୂଜନୋତ୍ସବ ଆରମ୍ଭ ହୋଇଥିବା ବେଳେ ବୁଧବାର ଦେବୀଙ୍କ ବିହିତ ପୂଜାର୍ଚ୍ଚନା କରାଯାଇଥିଲା। ନବଦିନାତ୍ମକ ପୂଜନୋତ୍ସବ ସମଲେଶ୍ୱରୀ ଦେବୀଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରି ନିଜକୁ ସୌଭାଗ୍ୟ ମଣିଥିଲେ ।

## ହ୍ୟାଟ୍ରିକ ବିଜୟ ପାଇଁ ବିଜେଡିର ପ୍ରସ୍ତୁତି



ବୈଠକରେ ବରଗଡ଼ ବିଧାୟକ ଉଦବୋଧନ ଦେଉଛନ୍ତି ।

ବରଗଡ଼,୧୦।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ଖଲିଆପାଲି ଗ୍ରାମରେ ବୁଧବାର ବିଜେଡ଼ିର ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ତଥା ଆସନ୍ତା ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥି ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ କଟାପାଲି, ବରଗାଁ, ଦେଓଗାଁ, ବର୍ଡ଼ୋଲ, ଖଲିଆପାଲି ପଞ୍ଚାୟତର ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକ ବୈଠକ ସଂଯୋଜନା କରିଥିଲେ। ବରିଷ୍ଠ ବିଜେଡ଼ି ନେତା ସମ୍ମିତ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ, ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, କଟାପାଲି ସରପଞ୍ଚ ରମେଶ ସାହୁ, ବରିଷ୍ଠ ବିଜେଡ଼ି ନେତା ହଳଧର ସାହୁ, ରାଜୁ ସୁନା, ପୌଳସ୍ତି ପ୍ରଧାନ, କୈଳାଶ ପ୍ରଧାନ, ଚନ୍ଦ୍ରକାନ୍ତ ପଟ୍ଟନାୟକ, ସିପୁ ସାହୁ, କରୁଣାକର ପ୍ରଧାନ ପ୍ରମୁଖ ବୈଠକରେ ଯୋଗଦାନ କରିଥିଲେ। ବରଗଡ଼ ବ୍ଲକରେ ବିଜେଡ଼ିର ସ୍ଥିତି ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବିଧାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ବିକାଶ ପ୍ରସଙ୍ଗ ସହିତ ବରଗଡ଼ ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ ଏବଂ ବ୍ୟାପକ ପ୍ରଗତି ଉପରେ ପ୍ରତ୍ୟେକ ମତଦାତାଙ୍କ ପାଖକୁ ପହଞ୍ଚିବା ପାଇଁ ଆହ୍ୱାନ କରିଥିଲେ । ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତା ସାଙ୍ଗଠାନିକ ସ୍ଥିତି ଉପସ୍ଥାପନା କରିବା ସହିତ ଆସନ୍ତା ନିର୍ବାଚନରେ ଦଳର ପୁଣି ବିଜୟ ସହିତ ଦଳୀୟ ପ୍ରାର୍ଥି ଆଚାର୍ଯ୍ୟଙ୍କ ହ୍ୟାଟ୍ରିକ ବିଜୟ ପାଇଁ ସଂଗଠିତଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ସଂକଳ୍ପ ନେଇଥିଲେ ।

## ଡୁଙ୍ଗୁରିପାଲିରେ ହିନ୍ଦୁ ନବବର୍ଷ ପାଳନ

ଡୁଙ୍ଗୁରିପାଲି,୧୦।୪(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ,କୃଷକ ନେତା ତଥା ଶିଶୁ ବିଦ୍ୟାମନ୍ଦିର ଡୁଙ୍ଗୁରିପାଲିର ପୂର୍ବତନ ଯୁଗ୍ମ ସମ୍ପାଦକ ବିପ୍ରଚରଣ ସାହୁ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ପଞ୍ଚଉପଚାର ସହ ମା' ଶାରଦାଙ୍କ ପୂଜା କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ସାହୁ ତାଙ୍କ ରଚିତ କବିତା ମାଧ୍ୟମ ରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷର ମହତ୍ତ୍ୱ ଓ ଆମର କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ଗୁରୁଜୀ ଅଶ୍ୱିନୀ ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଗୁରୁଜୀ ପୌଲସ୍ତି ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ଗୁରୁଜୀ, ସେବିକା ସେବକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବିଶ୍ୱ ହୋମିଓପ୍ୟାଥି ଦିବସ ପାଳନ




ବିଶ୍ୱ ହୋମିଓପ୍ୟାଥି ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।

ବରଗଡ଼,୧୦।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ଜିଲା ହୋମିଓପ୍ୟାଥି ମଣ୍ଡଳ ପକ୍ଷରୁ ବିଶ୍ୱ ହୋମିଓପ୍ୟାଥି ଦିବସ ପାଳିତ ହୋଇଛି। ହୋମିଓପ୍ୟାଥ ଚିକିତ୍ସା ବିଜ୍ଞାନର ଜନକ ଡା. ସାମୁଏଲ ହ୍ୟାନିମ୍ୟାନଙ୍କ ଜନ୍ମଦିନ ଅବସରରେ ପାଳିତ ଉକ୍ତ କାର୍ଯ୍ୟକ୍ରମରେ ଡା. ସୁବାଷ ଅଗ୍ରୱାଲ, ଡା. ସୁଶିଲ କୁମାର ଦାଶ, ଡା. ରଞ୍ଜନ ମହାନ୍ତି, ଡା. କପିଳାସ ଭୋଇ, ଗିରିଜା ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ । ଅତିଥିବୃନ୍ଦ ବିଶ୍ୱ ହୋମିଓପ୍ୟାଥି ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଚିକିତ୍ସକ ଉପସ୍ଥିତ ଥିଲେ ।

## ସୁବର୍ଣ୍ଣପୁରରେ ହିନ୍ଦୁ ନବବର୍ଷ ପାଳିତ

ସୋନପୁର,୧୦।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ସଂଘର ପ୍ରତିଷ୍ଠାତା ଡ. କେଶବ ବଳିରାମ ହେଡଗୱାରଙ୍କ ଜନ୍ମ ତିଥି ମଧ୍ୟ ପାଳନ କରା ଯାଇଥିଲା । ସୋନପୁର କଲେଜର ଅଧ୍ୟାପକ ଦେବେନ୍ଦ୍ର ପଧାନ, କୈଳାଶ ଚାନ୍ଦ ଓ ସଂଘର ଜିଲା ସହ ସଂଘଚାଳକ ଜୟଦ୍ରଥ ଜଗଦଲା ଅତିଥି ଭାବରେ ଯୋଗଦାନ କରିଥିଲେ । ନୂଆବର୍ଷର ମହତ୍ତ୍ୱ ଏବଂ ଇତିହାସ ଉପରେ ଅତିଥି ବୃନ୍ଦ ଆଲୋଚନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ, ସଙ୍ଗୀତ ସହିତ କୁନି ଝିଅମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଅର୍ପିତା ସୁମନ ମହାନ୍ତିଙ୍କ ରାମ ଆୟେଙ୍ଗେ ଗୀତ ସମସ୍ତଙ୍କୁ ଉତ୍ସାହିତ କରିଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଦର ମହକୁମାର ଅନେକ ଆଧାତ୍ମିକ, ସାମାଜିକ ସଂଗଠନ କର୍ମକର୍ତ୍ତା, ସ୍ୱୟଂ ସେବକ ଯୋଗଦାନ କରିଥିଲେ।

## ବିଜେଡି ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ବାଇକ୍ ରାଲି

ଘଣ୍ଟାପଡ଼ା/ଖୁଣ୍ଟିଗୋରା,୧୦।୪ (ପ୍ରଭାତ କୁମାର ସାହୁ/ମକରନ୍ଦ ସାହୁ)

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡ଼ିର କନ୍ଧମାଳ ଲୋକସଭା ଏମ୍‌ପି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ଓ କଣ୍ଟାମାଳ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ମହୀଧର ରଣା ଭୁବନେଶ୍ୱରରୁ ବୌଦ୍ଧ ଜିଲାକୁ ଫେରିବା ସମୟରେ ବୁଧବାର ଉଭୟଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ସେମାନେ ବାଇକ୍‌ରେ ରୋଡ ଶୋ କରି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ସାହାଜପାଲଠାରେ ଉଭୟ ପ୍ରାର୍ଥୀଙ୍କୁ ଶତାଧିକ କର୍ମୀ ଶଙ୍ଖ, ଦୁଲଦୁଲି ବାଜା ବଜାଇ ସ୍ୱାଗତ କରିଥିଲେ। ପ୍ରଥମେ ଉଭୟ ପ୍ରାର୍ଥୀ ମା' ମାହେଶ୍ୱରୀଙ୍କୁ ଦର୍ଶନ କରି ଆର୍ଶୀବାଦ ଭିକ୍ଷା କରିବା ପରେ ସେଠାରୁ ବାଇକ୍ ରାଲିରେ ବାହାରିଥିଲେ । ରାଲିରେ ହଜାର ହଜାର କର୍ମୀ, ସମର୍ଥକ ଓ ଶୁଭେଚ୍ଛୁ ସାମିଲ ଥିଲେ । ଏହି ରାଲି ବାଉଁଶୁଣୀ,ଦହ୍ୟା, ମନମୁଣ୍ଡା, ପଲଶାଗୋରା, କଣ୍ଟାମାଳ, ଘଣ୍ଟାପଡ଼ା ଆଦି ପରିକ୍ରମା କରିଥିବା ବେଳେ ଦୁହିଁଙ୍କୁ ପୁଷ୍ପମାଲ୍ୟ, ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଘଣ୍ଟାପଡ଼ାରେ ଉଭୟେ ପହଞ୍ଚିବା ପରେ ମା' ସମଲେଶ୍ୱରୀ ମନ୍ଦିରକୁ ଯାଇ ମା'ଙ୍କ ଦର୍ଶନ କରି ସିଧା ଆମ୍ବଗାଁ ଆସିଥିଲେ। ସେଠାରେ ଆମ୍ବଗାଁ ସରପଞ୍ଚ ପ୍ରତିମା ରଣା, ଖୁଣ୍ଟିଗୋରା ସରପଞ୍ଚ ସୁନିତା ମାଝୀ. କୁଲୁଡାଜୋର ସରପଞ୍ଚ ଚୁମକୀ ଭୋଇଙ୍କ ସମେତ ବହୁ ମହିଳା ସ୍ୱାଗତ କରିଥିଲେ। ଶେଷରେ ଆମ୍ବଗାଁ ହାଟପଦାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ସେଠାରେ ଆଗାମୀ ନିର୍ବାଚନରେ ପୁନର୍ବାର ବିଜୟୀ କରିବାକୁ ଉଭୟ ପ୍ରାର୍ଥୀ ନିବେଦନ କରିଥିଲେ ।



ଉଭୟ ପ୍ରାର୍ଥୀଙ୍କୁ ସ୍ୱାଗତ କରାଯାଉଛି।

## କିଙ୍ଗ କୋବ୍ରାକୁ ହରାଇ ୟଙ୍ଗ ଫାଇଟର ଚାମ୍ପିୟନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଅମରପାଲି,୧୦।୪(ପୀତାମ୍ବର ସାହୁ)

**ପ୍ରଥମ ବହଲପଦର ପ୍ରିମିଅର ଲିଗ କ୍ରିକେଟ**
- ଡେନି ଗୋପାଳ ମ୍ୟାନ ଅଫ୍ ଫାଇନାଲ ଓ ଶ୍ରେଷ୍ଠ ବ୍ୟାଟର
- ରିତିକ ଶ୍ରେଷ୍ଠ ବୋଲର

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ଖେଳପଡ଼ିଆରେ ହେଉଥିବା ପ୍ରଥମ ବହଲପଦର ପ୍ରିମିଅର ଲିଗ କ୍ରିକେଟର ଫାଇନାଲରେ କିଙ୍ଗ କୋବ୍ରା କୁ ହରାଇ ୟଙ୍ଗ ଫାଇଟର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ୟଙ୍ଗ ଫାଇଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଟି ଉଇକେଟ ହରାଇ ୧୬୮ ରନ କରିଥିଲା। ଦଳର ଡେନି ଗୋପାଳ ମାଝୀ ୨୮ ବଲରୁ ୮୯ ରନ ଓ ରାକେଶ ପ୍ରଧାନ ୧୧ ବଲରୁ ୩୩ ରନ କରିଥିଲେ। ବିପକ୍ଷ କିଙ୍ଗ କୋବ୍ରାର ବଶିଷ୍ଠ ସେଠୀ ୨ଟି ଓ ସଞ୍ଜୀବ ନାଏକ ଓ ଟିଲୁ ପୋଢ଼ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ କିଙ୍ଗ କୋବ୍ରା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୧୭ ରନ କରି ପରାସ୍ତ ହୋଇଥିଲା। ଦଳର ରାଜୁ ଦେହୁରୀ ୨୦ ବଲରୁ ୪୮ ରନ ଓ ପ୍ରଭାସ କୁମାର ଘଣ୍ଟା ୧୫ ବଲରୁ ୩୧ ରନ କରିଥିଲେ। ବିପକ୍ଷ ୟଙ୍ଗ ଫାଇଟରର ସୁଜିତ ସାହୁ ଓ ଶ୍ରୀତମ ବିଶି ୨ ଟି ଏବଂ ରାକେଶ ପ୍ରଧାନ ଓ ରିତିକ ସାହୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବ ରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ବୀରମହାରାଜପୁର ଜୋନ -୨ ଜିଲା ପରିଷଦ ପ୍ରତିନିଧି ପ୍ରଫୁଲ୍ଲ ଦନ୍ତା, ହିଲୁଙ୍ଗ ସମିତି ସଭ୍ୟ ଶୈଳ ରଞ୍ଜନ ବାଦୀ, ସ୍ୱେଚ୍ଛାସେବୀ କିଶୋର ହୋତା , ତ୍ରିନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟାଇଗର ଏକାଦଶର ଆଶିଷ ମେହେରଙ୍କୁ ଶ୍ରେଷ୍ଠ ଶତକ ଭାବେ ପୁରସ୍କୃତ କରାଯାଇଥିଲା। ଏହାସହିତ ୟଙ୍ଗ ଫାଇଟରର ରିତିକ ସାହୁଙ୍କୁ ଶ୍ରେଷ୍ଠ ବୋଲର, ଡେନି ଗୋପାଲ ମାଝୀଙ୍କୁ ଶ୍ରେଷ୍ଠ ବ୍ୟାଟର ଓ ମ୍ୟାନ ଅଫ ଫାଇନାଲ ଭାବେ ପୁରସ୍କୃତ କରାଯାଇଥିଲା। ଏହାସହିତ ଚାମ୍ପିୟନ ୟଙ୍ଗ ଫାଇଟରକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅଫ କିଙ୍ଗ କୋବ୍ରାକୁ ନଗଦ ୭ ହଜାର ଟଙ୍କା ସହିତ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ପ୍ରଣବ ନନ୍ଦ ଓ ପ୍ରଣୟ ମହାକୁର ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ । ଦୀପକ ସାହୁ ସ୍କୋରିଂ ଏବଂ ମାନସ କୁମାର ନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ।

# ବିଜୟ ପାଇଁ ସଙ୍କଳ୍ପ ନେବାକୁ ଆହ୍ୱାନ

ବଡ଼ଗାଁ,୧୦।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ବୁଧବାର ବିଜେଡି ପ୍ରାର୍ଥୀ ତଥା ଏସଡିସି ଅଧ୍ୟକ୍ଷ ବିନୟ ଟପ୍ପୋଙ୍କ ନେତୃତ୍ୱରେ ବୁଥ୍‌ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ପି ପ୍ରାର୍ଥୀ ହକି ତାରକା ଦିଲୀପ ତିର୍କୀ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଡ. ହିମାଂଶୁ ଷଡ଼ଙ୍ଗୀ, ବରିଷ୍ଠ ନେତା ଚୈତନ୍ୟ ମହାନ୍ତି, ନାରୀ ନେତ୍ରୀ ପ୍ରିୟଙ୍କା ଜେନା, ବଡ଼ଗାଁ ବ୍ଲକ ସଭାପତି ଦେବାଶିଷ ମିଶ୍ର, ବିଜେଡି କର୍ମକର୍ତ୍ତା ରାଜେନ୍ଦ୍ର ଲେଙ୍କା, ରାଜେନ୍ଦ୍ର ମହାନ୍ତି, ବିକ୍ରମ ଟପ୍ପୋ, ରାଜେନ୍ଦ୍ର ରାଉତ, ପୀତବାସ ପଣ୍ଡା, ଦେବାଶିଷ ପୁରୋହିତ, ଗୌତମ ମହାରଥୀ, ମୁକେଶ ପୁରୋହିତ, ଶିବାଜୀ ନାଏକଙ୍କ ସମେତ ବହୁ ସଂଖ୍ୟକ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ। ପୂର୍ବାହ୍ନରେ ମହାବୀର ଛକରୁ କର୍ମୀ ଓ ନେତାମାନେ ବାଇକ୍ ରାଲିରେ ଜଗନ୍ନାଥ ମନ୍ଦିରକୁ ଆସି ପୂଜାର୍ଚ୍ଚନା କଲାପରେ କଲେଜ ନିକଟ ପଡ଼ିଆରେ ସଭା ହୋଇଥିଲା। ସଭାରେ ବିଜେଡି ଜିଲା ସମ୍ପାଦକ ଧରଣୀଧର ସା, ସତ୍ୟନାରାୟଣ ନାୟକ, ରାଜଗାଙ୍ଗପୁର ଟାଉନ ସଭାପତି ରାଜେନ୍ଦ୍ର ଲେଙ୍କା ତାଙ୍କ ବକ୍ତବ୍ୟରେ ବୁଥ୍ କମିଟି ଗଠନକରି ନିର୍ବାଚନ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ଆହ୍ୱାନ ଦେଇଥିଲେ। ନବୀନ ପଟ୍ଟନାୟକ ୨୪ ବର୍ଷ ଶାସନ କରିବାର କାରଣ ସେ ଜଣେ ଦରଦୀ ବନ୍ଧୁ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରି ରାଜ୍ୟବାସୀଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ୨୦୧୪ରେ ଦିଲୀପ ତିର୍କୀ ହାରିଯାଇଥିଲେ। ଏଥର ତାଙ୍କୁ ଅଭୂତପୂର୍ବ ସମର୍ଥନ ମିଳୁଛି। ଜୁଏଲ ଓରାମ ବାରମ୍ବାର ଜିତିଥିଲେ ମଧ କେତେ ବିକାଶ ହୋଇଛି ଗାଁକୁ ଗଲେ ଜଣାପଡୁଛି। ବିନୟ ଏସ୍‌ଡିସି ପାଣ୍ଠି ଅର୍ଥରେ ଜିଲାର ବିକାଶ ଧାରାକୁ ଆଗେଇ ନେଇଛନ୍ତି। ଅଧିକାଂଶ ଗାଁରେ ତାଙ୍କର ଅବଦାନ ରହିଛି। ନାରୀନେତ୍ରୀ ପ୍ରିୟଙ୍କା ଜେନା, ସୁନ୍ଦରଗଡ଼ କାଉନସିଲର ସୁମନ୍ତ ସାହୁ ଓ ବରିଷ୍ଠ ନେତା ଚୈତନ୍ୟ ମହାନ୍ତି କହିଥିଲେ,


କର୍ମୀ ସମ୍ମିଳନୀରେ ଉପସ୍ଥିତ ଗ୍ରାମବାସୀ।

### ବିଜେଡିର ବୁଥ୍‌ସ୍ତରୀୟ କର୍ମୀ ସମ୍ମିଳନୀ

ଦିଲୀପ ତିର୍କୀ ସୁନ୍ଦରଗଡ଼ ମାଟିକୁ ବିଶ୍ୱ ଦରବାରରେ ପହଞ୍ଚାଇ ଜିଲାର ଗୌରବ ବଢ଼ାଇଛନ୍ତି। ଶିଶୁ, ମହିଳା, କୃଷକ, ଯୁବକ ଓ ଶ୍ରମିକଙ୍କ ପାଇଁ ରାଜ୍ୟ ସରକାର କଲ୍ୟାଣକାରୀ ଯୋଜନା କରିଛନ୍ତି। ଦିଲୀପଙ୍କ ପ୍ରଚେଷ୍ଟାରେ ଷ୍ଟାଡିୟମ ନିର୍ମାଣ ଓ ଖେଳ ପଡ଼ିଆର ଉନ୍ନତୀକରଣ କରାଯାଇଛି। ତେଣୁ ବିଜେଡିର ଉଭୟ ପ୍ରାର୍ଥୀଙ୍କୁ ଜିତାଇବାକୁ ସେ କହିଥିଲେ। ଭାଜପା ଛାଡି ବିଜେଡିକୁ ଆସିଥିବା ଡା. ଷଡ଼ଙ୍ଗୀ ଓ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଧାନ, ଜୁଏଲଙ୍କ ଦ୍ୱାରା କ'ଣ ବିକାଶ ହୋଇଛି ପ୍ରଶ୍ନ ଉଠାଇଥିଲେ। ମୋଦି ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରି ନ ଥିବା କହିଥିଲେ। ଅଞ୍ଚଳ ସମସ୍ୟାର ସମାଧାନ ପାଇଁ ବିଜେଡିର ଉଭୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ। ସଭାରେ ଏମ୍‌ପି ପ୍ରାର୍ଥୀ ଦିଲୀପ କହିଥିଲେ, ନବୀନ ସରକାର ସମସ୍ତଙ୍କ ପରିଚୟ ସୃଷ୍ଟି କରାଇଛନ୍ତି। ଓଡ଼ିଶାକୁ ଉଚ୍ଚ ସ୍ତରକୁ ନେଇଛନ୍ତି। ରାଜ୍ୟରେ ହକିର ବିକାଶ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ଉପରେ କହିଥିଲେ। ବିଧାୟକ ପ୍ରାର୍ଥୀ ଟପ୍ପୋ ବିକାଶ ଆଧାରରେ ନବୀନ ପଟ୍ଟନାୟକ ଦେଶରେ ନମ୍ବର ୱାନ୍ ହୋଇଥିବା କହିବା ସହିତ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଗତ ନିର୍ବାଚନରେ ତାଙ୍କୁ ଓ ତିର୍କୀଙ୍କୁ ଅଣଦେଖା କରି ଟିକେଟ ନ ଦେବାରୁ ବିପୁଳ ଭୋଟରେ ଦଳୀୟ ପ୍ରାର୍ଥୀ ହାରିଥିଲେ। ସେ କହିଥିଲେ, ଯଦି କେବେ କାହାକୁ ଦୁଃଖ ଦେଇଥିବି କିମ୍ବା ଫୋନ ଉଠାଇ ନ ଥିବି ତା'ହେଲେ କ୍ଷମା କରିଦେବେ। ଏହି କର୍ମୀ ସମ୍ମିଳନୀରେ ଦାଣ୍ଡଜମରା ପଞ୍ଚାୟତର ୧୬ ଜଣ ବିଜେଡିରେ ଯୋଗଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଅରୁଣ ଦୀକ୍ଷିତ ମଞ୍ଚ ପରିଚାଳନା କରିଥିଲାବେଳେ ଜିଲା ସମ୍ପାଦକ ଦେବାଶିଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବିଜେଡିରେ ଯୋଗଦେଲେ ପିସିସି ସମ୍ପାଦକ ପ୍ରଫୁଲ୍ଲ ସୁନ୍ୟାନି

ଭୁବନେଶ୍ୱର,୧୦।୪(ଅନିଲଦାସ): ସୁନ୍ଦରଗଡ ଜିଲା ଅନ୍ତର୍ଗତ ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ପିସିସି ସମ୍ପାଦକ ତଥା ୨୦୦୯ ନିର୍ବାଚନରେ ରଘୁନାଥ ପାଲିର କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସୁନ୍ୟାନି ବୁଧବାର ବିଜେଡିରେ ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ମନ୍ତ୍ରୀ ତଥା ସୁନ୍ଦରଗଡଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରିତି ରଞ୍ଜନ ଘଡାଇ, ରଘୁନାଥପାଲ୍ଲି ବିଧାୟକ ସୁବ୍ରତ ତରାଇ, ସୁନ୍ଦରଗଡର ପୂର୍ବତନ ବିଧାୟକ ଯୋଗେଶ ସିଂ ଓ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ସେମାନେ ଦଳରେ ସାମିଲ୍ ହୋଇଥିବା ପ୍ରଫୁଲ୍ଲ ସୁନ୍ୟାନିଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି । କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ସୁନ୍ଦରଗଡ ଜିଲାରେ ବିଜୁ ଜନତା ଦଳର ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ବିଜେଡି ନେତାମାନେ କହିଛନ୍ତି । ଏମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ନୂତନ ଓଡ଼ିଶା ଗଠନଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସେ ସୂଚାରୁରୂପେ ତୁଲାଇବେ। ଦଳରେ ତାଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ୪୮ ଘଣ୍ଟାରୁ ଉର୍ଦ୍ଧ୍ୱ ହେବ ମିଳିପାରିନି ସନ୍ଧାନ

**ମାଛ ଧରିବାକୁ ଯାଇ ନଦୀରେ ଯୁବକ ବୁଡ଼ିଯିବା ଘଟଣା**

ରାଜଗାଙ୍ଗପୁର,୧୦।୪(ଅଶୋକ ପାଣି) ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂଶବାହାଲ ଫାଣ୍ଡି ଅଧିନସ୍ଥ କାଂଶବାହାଲ ଡ୍ୟାମରେ ସୋମବାର ମାଛ ଧରିବାକୁ ଯାଇଥିବା ଜଣେ ଯୁବକ ନଦୀରେ ବୁଡ଼ିଯାଇଛନ୍ତି। ସେ ହେଲେ ଡୁଡି ବରଗଡ଼ା ଗ୍ରାମର ବିଲବୁଷ ତିର୍କୀ(୩୨)। ୪୮ ଘଣ୍ଟାରୁ ଉର୍ଦ୍ଧ୍ୱ ହେବ ବିଲବୁଷଙ୍କ ପତ୍ତା ମିଳିପାରୁନାହିଁ। ମିଳିଥିବା ସୂଚନା ଅନୁଯାୟୀ, ବିଲବୁଷ ତାଙ୍କର ସାଙ୍ଗଙ୍କ ସହ ସୋମବାର କାଂଶବାହାଲ ଡ୍ୟାମର ଭେଡିକୁଦର ଅଞ୍ଚଳକୁ ମାଛ ଧରିବା ପାଇଁ ଯାଇଥିଲେ। ଅପରାହ୍ନ ୪ଟାରେ ଗାଧୋଇବା ପାଇଁ ନଦୀରେ ପଶିଥିଲେ। ହେଲେ ଆଉ ବାହାରି ନ ଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ରାଜଗାଙ୍ଗପୁର ଥାନାରେ ଖବର ଦିଆଯାଇଥିଲା। ମଙ୍ଗଳବାର ସକାଳୁ ପୋଲିସ ଓ ଅଗ୍ନିଶମବାହିନୀ ଖୋଜାଖୋଜି କରିଥିଲେ। ହେଲେ କୌଣସି ସନ୍ଧାନ ମିଳି ନ ଥିଲା। ବୁଧବାର ଓଡ୍ରାଫ ଟିମ୍ ଖୋଜାଖୋଜି କରିଥିଲେ। ହେଲେ ସଫଳ ହୋଇ ନ ଥିଲେ। ଗୁରୁବାର ପୁଣି ଖୋଜା ଚାଲିବ ବୋଲି ସୂଚନା ମିଳିଛି।

### ରେଳ ଧାରଣାରୁ ଯୁବତୀଙ୍କ ମୃତଦେହ ଜବତ

ଝାରସୁଗୁଡ଼ା,୧୦।୪(ସଞ୍ଜୟ ମାଲି): ଝାରସୁଗୁଡ଼ା ରେଳ ଷ୍ଟେଶନ ନିକଟ ରେଳ ଧାରଣାରୁ ବୁଧବାର ଜଣେ ଯୁବତୀଙ୍କ ମୃତଦେହ ଜବତ ହୋଇଛି। ସକାଳ ପ୍ରାୟ ସାଢେ ୫ଟାରେ ମୃତଦେହ ପଡ଼ିଥିବା ଖବର ପାଇ ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତା ଯୁବତୀଙ୍କ ପରିଚୟ ମିଳି ନ ଥିବାବେଳେ ପୋଲିସ ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରୁ ଯୁବତୀ ଜଣକ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

### ବାଇକ ରଖାକୁ ନେଇ ବଚସା, ଛୁରାମାଡ଼

ପାଟଣାଗଡ,୧୦।୪(ସଚ୍ଚିଦାନନ୍ଦ ମହାକୁର) : ବଲାଙ୍ଗୀର ଜିଲା ପାଟଣାଗଡ ଥାନା କଚେରି ଛକ ନିକଟ ମୁଖ୍ୟ ଡାକଘର ସମ୍ମୁଖରେ ବାଇକ ରଖାକୁ ନେଇ ବୁଧବାର ବଚସା ଓ ଛୁରାମାଡ ହୋଇଛି। ଏଥିରେ ପାଟଣାଗଡ଼ ଥାନା ଗଙ୍ଗାନଗରର ନିମାଇଁ ଚରଣ ସାହୁ ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଛୁରା ମାଡ କରିଥିବା ଅଭିଯୁକ୍ତ ହେଲେ ବାବାଜୀ ପଡାର ଜେନା ଦାସ। ସୂଚନା ଅନୁସାରେ ବାଲିପଟା ଗ୍ରାମର ନିମାଇ କୌଣସି କାମରେ କଚେରିକୁ ଯାଇଥିଲେ।

## ରକ୍ସିରେ ଇଣ୍ଡିଆ ମେଣ୍ଟର କର୍ମୀ ସମ୍ମିଳନୀ


କର୍ମୀ ସମ୍ମିଳନୀରେ ଉପସ୍ଥିତ କର୍ମୀ ବୃନ୍ଦ।

ଟେନ୍‌ସା,୧୦।୪(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ରକ୍ସି ଚର୍ଚ୍ଚ ପଡିଆଠାରେ ଇଣ୍ଡିଆ ମେଣ୍ଟର ବିଶାଳ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଇଣ୍ଡିଆ ମେଣ୍ଟର ସୁନ୍ଦରଗଡ଼ ଲୋକସଭା କଂଗ୍ରେସ ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ ଓ ବଣାଇଁ ବିଧାନସଭା ଆସନ ପାଇଁ ସିପିଆଇଏମ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଓ ଆନନ୍ଦମାସୀ ହରଙ୍କ ସଭାପତିତ୍ୱରେ ସିପିଆଇଏମ ରାଷ୍ଟ୍ରୀୟ ଉପସଭାପତି ବିଷ୍ଣୁ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ସାମଲ, କୋଇଡା ବ୍ଲକ ଅଧ୍ୟକ୍ଷ ସୁରେଶ କୁମାର ନାଏକ, ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା, ବିମାନ ମାଇତି, ଜିଲା ପରିଷଦ ସଭ୍ୟା ସୁଶୀଳା ମୁଣ୍ଡା, ହରିଶ ରାୟ, ନେଲସନ ମୁଣ୍ଡା, ଲାଦୁ ମହାନ୍ତ ତଥା କଂଗ୍ରେସ ପକ୍ଷରୁ ଜିଲାସାଧାରଣ ସମ୍ପାଦକ ରାଜକିଶୋର ପାତ୍ର, ପରମେଶର ନାଏକ, ବ୍ଲକ ସଭାପତି ସନାତନ ଘଣା, ଇନ୍ଦ୍ରମଣି ବେହେରା, କୋଇଡା ସରପଞ୍ଚ ହୃଷିକେଶ ଦେହୁରୀ, ଲଚିନ୍ଦ୍ର ଦାସ, ଯୁବ କଂଗ୍ରେସ ସଭାପତି କେଦାର ଚନ୍ଦ୍ର ପଣ୍ଡା ପ୍ରମୁଖ ୬ ହଜାରରୁ ଉର୍ଦ୍ଧ୍ୱ କର୍ମୀଙ୍କ ସହ ଆଦିବାସୀ ପରମ୍ପରା, ଢୋଲ ନୃତ୍ୟ ସହ ପଦଯାତ୍ରା କରି କର୍ମୀ ସମ୍ମିଳନୀ ସ୍ଥାନରେ ପହଞ୍ଚି ଥିଲେ। ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ କିପରି ବହୁ ବ୍ୟବଧାନ ସହ ବିଜୟଲାଭ କରିବେ ସେ ନେଇ ବାର୍ତ୍ତା ପ୍ରେରଣ ସହ ରାଜ୍ୟ ଓ କେନ୍ଦ୍ର ସରକାରରେ ଥିବା ନେତୃତ୍ୱ, ନିତି, ଆଦର୍ଶ ଓ ଦଳକୁ କଡା ସମାଲୋଚନା କରିବା ସହିତ ଆଦିବାସୀଙ୍କ ହକ ପାଇଁ କେହି ଚିନ୍ତିତ ନୁହଁନ୍ତି ବୋଲି ଭାଷଣ ଜରିଆରେ ପ୍ରକାଶ କରିଥିଲେ। ଏଥିସହ ବହୁ ପଞ୍ଚାୟତ ଗୁଡିକରୁ ଅନ୍ୟ ଦଳ ଓ ସାଧାରଣ ବ୍ୟକ୍ତି ବିଧିବଧ ଭାବେ ସିପିଆଇଏମ ଓ କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ମେଣ୍ଟର ଲୋକସଭା ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ ଓ ବିଧାନସଭା ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା ଫୁଲମାଳ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଶେଷରେ ସିପିଆଇଏମ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡାଙ୍କ ଦୀର୍ଘ ବର୍ଷ ଧରି ଲୋକପ୍ରିୟତା ଓ ଭେଟେରାନ କଂଗ୍ରେସ ନେତା ତଥା ସାମାଜିକ କର୍ମୀ ଜନାର୍ଦ୍ଦନ ଦେହୁରୀଙ୍କ ମେଣ୍ଟ ସୁନ୍ଦରଗଡ଼ ଓ ବଣାଇଁ ବିଧାନସଭା ଆସନ ପାଇଁ ନିଶ୍ଚିତ ଫଳପ୍ରଦ ହୋଇ ବିଜୟୀ ହେବେ ବୋଲି ନେତୃତ୍ୱ ବୃନ୍ଦ ମତ ପ୍ରକାଶ କରିଥିଲେ।

### କିର୍ମିରାରେ ଭାଜପାର ମିଶ୍ରଣ ପର୍ବ

ଝାରସୁଗୁଡା, ୧୦।୪ (ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା କିର୍ମିରାଠାରେ ବୁଧବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ କର୍ମୀ ଅନ୍ୟ ଦଳ ଛାଡି ଭାଜପାରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଗଠନ ଲାଗି ଦୃଢ ସଂକଳ୍ପ ନେଇ ସେମାନେ ଦଳରେ ଯୋଗଦେଇଥିବା କହିଥିଲେ। ମିଶ୍ରଣ ପର୍ବରେ ଭାଜପା ଝାରସୁଗୁଡ଼ା ବିଧାନସଭା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଓ ଅନ୍ୟ ନେତୃବର୍ଗ ଉପସ୍ଥିତ ଥିଲେ। ନକ୍ସାପାଲି ପଞ୍ଚାୟତର ବିଳାସିନୀ ମହାନନ୍ଦଙ୍କ ନେତୃତ୍ୱରେ ଖୁଜାର ପୋଡ, ବାସନ୍ତୀ ସିଂହ, ପୁଣ୍ୟବତୀ ବାଗ, ପୂର୍ଣ୍ଣମୀ ମହାନନ୍ଦ, ତପସ୍ୱିନୀ ମହାନନ୍ଦ, ମୁକ୍ତା ବାଗ, ମଥୁରା ବୁଢ଼ା, ଝାରମୁଣ୍ଡା ପଞ୍ଚାୟତର ପିଙ୍କି ଦୀପ, କୌଶଲ୍ୟା ପୋଢ, ରେଶମା ଦୀପ, ପୁଷ୍ପା ଜୟପୁରିଆ, ତେଲିଡିହିର କଳ୍ପନା ମହାପାତ୍ର, ପ୍ରତିମା ପରୁଆ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ଟଙ୍କଧରଙ୍କ ସମେତ ଲଳିତ ମଗର, ଚନ୍ଦନ ନିଖଣ୍ଡିଆ, ପ୍ରଶାନ୍ତ ପଟେଲ, ପ୍ରେମସେନ ରାୟ ପ୍ରମୁଖ ଉପସ୍ଥିତ ରହି କର୍ମୀଙ୍କୁ ସ୍ୱାଗତ କରିଥିଲେ।

### ୨ଟି ବିଷୟରେ ପରୀକ୍ଷା ଦେଇ ସ୍କୁଲରେ ପ୍ରଥମ

ନୂଆଗାଁ ,୧୦।୪(ବିଜୟ ତ୍ରିପାଠୀ )

**ବିଇଓଙ୍କ ନିକଟରେ ଅଭିଯୋଗ**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଜାହାଡିଟୋଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ର ମାତ୍ର ୨ଟି ବିଷୟରେ ପରୀକ୍ଷା ଦେଇ ପ୍ରଥମ ହୋଇଛନ୍ତି। ଏନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଏହି ଘଟଣା ନୂଆଗାଁ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ପହଞ୍ଚିଛି। ବ୍ଲକ ଶିକ୍ଷାଧିକାରୀ ସସ୍ମିତା ବେହେରା ଏହି ଘଟଣାକୁ ଗୁରୁତର ସହ ନେଇ ଘଟଣାର ତଦନ୍ତ କରିବା ସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରିଦେଇଛନ୍ତି। ନିର୍ବାଚନ ଆଚରଣବିଧି ଉଠିଲେ ଆବଶ୍ୟକ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବିଇଓ ଅଭିଭାବକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଅନୁଯାୟୀ, ଜାହାଡିଟୋଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ର ମାତ୍ର ୨ଟି ବିଷୟରେ ପରୀକ୍ଷା ଦେଇଥିଲେ। ହେଲେ ପରୀକ୍ଷାଫଳ ବାହାରିବାରୁ ସେ ସ୍କୁଲରେ ପ୍ରଥମ ହୋଇଥିଲେ। ଏନେଇ ଅନ୍ୟ ଛାତ୍ରଛାତ୍ର ଅଭିଭାବକଙ୍କୁ ଜଣାଇଥିଲେ। ସରପଞ୍ଚ, ବ୍ଲକ ଅଧ୍ୟକ୍ଷା, ଅଭିଭାବକମାନେ ସ୍କୁଲକୁ ଯାଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ଘଟଣାର ସତ୍ୟାସତ୍ୟ ଜଣାପଡିଥିଲା। ତେବେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏହି ଘଟଣାରେ ଆଉ ଯେଉଁ ଶିକ୍ଷକଙ୍କ ହାତ ଅଛି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି। ଏନେଇ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପଙ୍କୁ ପଚାରିବାରୁ, ସ୍ଥାନୀୟ ସରପଞ୍ଚ, ସ୍କୁଲ କମିଟି ଏବଂ ଅଭିଭାବକଙ୍କ ସହିତ ସ୍କୁଲକୁ ଯାଇଥିଲି। ଘଟଣା ବିଷୟରେ ପଚାରି ବୁଝିଛି। ନିର୍ବାଚନ ଆଚରଣ ବିଧି ସରିଲା ପରେ ଏହାର ତଦନ୍ତ କରାଯିବ ବୋଲି ଅଧ୍ୟକ୍ଷା ଟପ୍ପ କହିଛନ୍ତି।


ବିଦ୍ୟାଳୟକୁ ଆସିଥିବା ଅଭିଭାବକମାନେ।

## ଭାଜପାରେ ସାମିଲ ହେଲେ ୨୦ରୁ ଉର୍ଦ୍ଧ୍ୱ ଯୁବନେତା

ସୁନ୍ଦରଗଡ,୧୦।୪(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ଭାଜପା ଜିଲା କାର୍ଯ୍ୟାଳୟରେ ବୁଧବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତଳସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସରଫଗଡ଼ ମଣ୍ଡଳର ପୂର୍ବତନ ଉପସଭାପତି ସ୍ୱପ୍ନ ଦଣ୍ଡସନା ବିଜୁ ଜନତା ଦଳରେ ଯୋଗଦେଇ ସକ୍ରିୟ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ହେଲେ ବୁଧବାର ପୁନର୍ବାର ନିଜ ଦଳକୁ ଘର ବାହୁଡ଼ା କରିଛନ୍ତି। ଅଞ୍ଚଳର ଜଣା ଶୁଣା ଯୁବ ସାମାଜିକ କର୍ମୀ ସୁଶାନ୍ତ କୁମାର ନାଗଙ୍କ ନେତୃତ୍ୱରେ ୨୦ରୁ ଉର୍ଦ୍ଧ୍ୱ ଯୁବନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ନେତୃତ୍ୱ ଏବଂ ଭାଜପାର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପା ଜିଲା କାର୍ଯ୍ୟାଳୟ ଭୋଜପୁର ଠାରେ ସଭାପତି ତଥା ତଳସରା ବିଧାୟକ ଭବାନୀଶଙ୍କର ଭୋଇଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ନୂତନ ଭାବେ ଯୋଗଦେଇଥିବା କାର୍ଯ୍ୟକର୍ତ୍ତାଙ୍କୁ ଜିଲା ସଭାପତି ଭୋଇ ଏବଂ ମଞ୍ଚାସୀନ ଅତିଥିବୃନ୍ଦ ଦଳୀୟ ଉତ୍ତରୀୟ, ଟୋପି ଓ ଉପଢୌକନ ଦେଇ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚେଇବା ସହ କେନ୍ଦ୍ରରେ ମୋଦି ସରକାର ଓ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସମସ୍ତ ନୂତନ କର୍ମକର୍ତ୍ତା ନିଜ ନିଜ ବୁଥରେ ସଂଗଠନକୁ ମଜବୁତ କରି ଦଳକୁ ବିଜୟ କରିବା ପାଇଁ ସଂକଳ୍ପ ନେଇଥିଲେ। ଏହି ମିଶ୍ରଣ ପର୍ବରେ ଜିଲା ସାଧାରଣ ସମ୍ପାଦକ ଅମୀର ନାଏକ, ଜିଲା ସମ୍ପାଦକ ନିହାର ରଞ୍ଜନ ନାଏକ, ବଡ଼ଗାଁ ମଣ୍ଡଳର ପୂର୍ବତନ ମଣ୍ଡଳ ସଭାପତି ତଥା ଲଢୁଆ ଯୁବନେତା ଦିଲ୍ଲୀପ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



### ସୋରଡ଼ାରେ ଚାଲିଛି ଜୁଆଖେଳ

ବନ୍ଧମୁଣ୍ଡା,୧୦।୪(ସୁବ୍ରତ ଦେ)

ବିଶ୍ରା ଥାନା ଅଧୀନ ସୋରଡ଼ା ଗାଁ ପୋଖରା ଟୋଲିର ଟୁଙ୍ଗ୍ରିଠାରେ ଗତ କିଛି ମାସ ଧରି ନିୟମିତ ଭାବେ ଜୁଆଖେଳ ଚାଲିଛି। ଫଳରେ ଗ୍ରାମର ନିରୀହ ଯୁବକ ଜୁଆ ଖେଳି ସର୍ବସ୍ୱାନ୍ତ ହେଉଛନ୍ତି। ଜୁଆଖେଳ ଯୋଗୁ ଅଞ୍ଚଳରେ ଚୋରି, ଡକାୟତି ଭଳି ଘଟଣା ବୃଦ୍ଧି ହେବା ସମ୍ଭାବନା ରହିଛି। ତେଣୁ ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜାଣିବା ପାଇଁ ବିଶ୍ରା ଥାନା ଅଧିକାରୀ ପ୍ରଦୀପ କୁମାର ନାୟକଙ୍କୁ ଫୋନ କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।

### ରାମଲୀଳା ଯାତ୍ରା ପାଇଁ ଦେବ ନିମନ୍ତ୍ରଣ

ବଡ଼ଗାଁ,୧୦।୪( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଆସନ୍ତା ୧୭ରେ ଖୋଲା ମଞ୍ଚରେ ଅଭିନୀତ ରାତ୍ରିକାଳୀନ ରାମଲୀଳା ଯାତ୍ରା ଆରମ୍ଭ ହେବ। ଏଥିପାଇଁ ରୀତିନୀତି ଅନୁସାରେ ବୁଧବାର ଦେବ ନିମନ୍ତ୍ରଣ କରାଯାଇଛି। ଯାତ୍ରା ସଂସଦ ସଭାପତି ସତ୍ୟନାରାୟଣ ନାୟକ, ସମ୍ପାଦକ ବିଶ୍ୱ ପୃଷେଟ, କର୍ମକର୍ତ୍ତା ବିଭୂତି ନାୟକ, ଅର୍ଜ୍ଜୁନ ନାୟକ, ମଣ୍ଟୁ ପଣ୍ଡା, ସୁଧୀର ନାୟକ, ସମୀର ଅଗ୍ରୱାଲ, ଘୁପୁଲୁ ପାଣିଗ୍ରାହୀ, ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ ପ୍ରମୁଖ ବ୍ୟକ୍ତି ପୂର୍ବାହ୍ନରେ ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର, କୁଳ ପୁରୋହିତ ସ୍ୱର୍ଗତ ନିତ୍ୟାନନ୍ଦ ନାୟକଙ୍କ ହନୁମାନ ମନ୍ଦିର, ସମଲେଇ ମନ୍ଦିର, ଗୁରୁ ମନ୍ଦିର, ରାମମନ୍ଦିର, କାଳୀମନ୍ଦିର, ତୁଡ଼ାଲଗା ମା' ମଙ୍ଗଳା ମନ୍ଦିର ସହିତ ସମସ୍ତ ମନ୍ଦିରରେ ଦେବ ଦେବୀଙ୍କୁ ନଡ଼ିଆ ଓ ନିମନ୍ତ୍ରଣ ପତ୍ର ଦେଇ ପୂଜାର୍ଚ୍ଚନା କରିଥିଲେ। ଆସନ୍ତା ୧୭ରେ ହନୁମାନ ଝଣ୍ଡା ସ୍ଥାପନ କରାଯିବ ଓ ରାତିରେ ରାମ ଜନ୍ମ ଅଭିନୀତ ହେବ।


ଦେବ ନିମନ୍ତ୍ରଣ କରାଯାଉଛି।

## କଂଗ୍ରେସ ଏମ୍‌ପି, ବିଧାୟକ ପ୍ରାର୍ଥୀ ଆରମ୍ଭ କଲେ ନିର୍ବାଚନ ପ୍ରଚାର

ରାଉରକେଲା, ୧୦।୪(ସଙ୍ଗୀତା ଜେନା)

ଚଳିତ ନିର୍ବାଚନର ପ୍ରାର୍ଥୀ ଘୋଷଣା ପରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛି କଂଗ୍ରେସ ଦଳ। ଏହି କ୍ରମରେ ସୁନ୍ଦରଗଡ଼ ଲୋକସଭା ଓ ରାଉରକେଲା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀମାନେ ପ୍ରଚାର ଆରମ୍ଭ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଏମ୍‌ପି ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ କୋଏଲନଗର 'ସି'ବ୍ଲକ ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରି ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। ପରେ ଦେହୁରୀ ତାଙ୍କ ସମର୍ଥକଙ୍କ ସହ ରକ୍ସି ଅଭିମୁଖେ ଯାତ୍ରା କରିଥିଲେ। ସେହିପରି ରାଉରକେଲା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ବିରେନ୍ଦ୍ର ନାଥ ପଟ୍ଟନାୟକ ବୁଧବାର ବନ୍ଧମୁଣ୍ଡା ଗସ୍ତ କରି ଦକ୍ଷିଣ ପୂର୍ବ ରେଳବାଇ ପେନସନ୍ ସଂଘରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ନେତ୍ରୀ ବି. ରୀନା ଓ ସହଯୋଗୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ଶିବୁ ଦୀପ୍, ଜିଲା ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ବାରିକ, ସୁଦନ ତନ୍ତୀ, ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପଟ୍ଟନାୟକ ମଙ୍ଗଳବାର ବନ୍ଧମୁଣ୍ଡା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଡିଜେଲ ଛକ ସ୍ଥିତ ଶହୀଦ ସୁଶୀଲ ପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେ ଆନ୍ଧ୍ର କଲଚରାଲ ଆସୋସିଏସନ୍ ଦ୍ୱାରା କରାଯାଉଥିବା ତେଲୁଗୁ ନବ ବର୍ଷ ବାର୍ଷିକ କାର୍ଯ୍ୟକ୍ରମ ଓ ମଙ୍ଗଳା ମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦେଇଥିଲେ। ଏଥିରେ ରାଜ୍ୟସଂଖ୍ୟା ଲଘୁ କଂଗ୍ରେସ ସଭାପତି ସଦ୍ଦବ ଅହମଦ, କୁମାର ନାୟକ ଯୋଗଦେଇଥିଲେ।


ବନ୍ଧମୁଣ୍ଡା ଅଞ୍ଚଳରେ ଆରମ୍ଭ ହୋଇଥିବା ପ୍ରଚାରରେ ପ୍ରାର୍ଥୀ ବିଏନ୍ ପଟ୍ଟନାୟକ।

## ସଂକ୍ଷେପରେ

### ବିଜେଡିରେ ଯୋଗଦେଲେ ପିସିସି ସମ୍ପାଦକ ପ୍ରଫୁଲ୍ଲ ସୁନ୍ୟାନି

**ଭୁବନେଶ୍ୱର,୧୦।୪(ଅନିଲଦାସ):** ସୁନ୍ଦରଗଡ ଜିଲା ଅନ୍ତର୍ଗତ ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ପିସିସି ସମ୍ପାଦକ ତଥା ୨୦୦୯ ନିର୍ବାଚନରେ ରଘୁନାଥ ପାଲିର କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସୁନ୍ୟାନି ବୁଧବାର ବିଜେଡିରେ ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ମନ୍ତ୍ରୀ ତଥା ସୁନ୍ଦରଗଡଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରୀତି ରଞ୍ଜନ ଘଡାଇ, ରଘୁନାଥପାଲ୍ଲି ବିଧାୟକ ସୁବ୍ରତ ତରାଇ, ସୁନ୍ଦରଗଡର ପୂର୍ବତନ ବିଧାୟକ ଯୋଗେଶ ସିଂ ଓ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ସେମାନେ ଦଳରେ ସାମିଲ୍ ହୋଇଥିବା ପ୍ରଫୁଲ୍ଲ ସୁନ୍ୟାନିଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି । କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ସୁନ୍ଦରଗଡ ଜିଲାରେ ବିଜୁ ଜନତା ଦଳର ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ବିଜେଡି ନେତାମାନେ କହିଛନ୍ତି । ଏମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ନୂତନ ଓଡ଼ିଶା ଗଠନଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସେ ସୁଚାରୁରୂପେ ତୁଲାଇବେ। ଦଳରେ ତାଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ୪୮ ଘଣ୍ଟାରୁ ଊର୍ଦ୍ଧ୍ୱ ହେବ ମିଳିପାରିନି ସନ୍ଧାନ

**ମାଛ ଧରିବାକୁ ଯାଇ ନଦୀରେ ଯୁବକ ବୁଡ଼ିଯିବା ଘଟଣା**

ରାଜଗାଙ୍ଗପୁର,୧୦।୪(ଅଶୋକ ପାଣି) ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂଶବାହାଲ ଫାଣ୍ଡି ଅଧିନସ୍ଥ କାଂଶବାହାଲ ଡ୍ୟାମରେ ସୋମବାର ମାଛ ଧରିବାକୁ ଯାଇଥିବା ଜଣେ ଯୁବକ ନଦୀରେ ବୁଡିଯାଇଛନ୍ତି। ସେ ହେଲେ ଡୁଡି ବରଗଡ଼ା ଗ୍ରାମର ବିଲଟୁଷ ତିର୍କୀ(୩୨)। ୪୮ ଘଣ୍ଟାରୁ ଉର୍ଦ୍ଧ୍ୱ ହେବ ବିଲଟୁଷଙ୍କ ପତ୍ତା ମିଳିପାରୁନାହିଁ। ମିଳିଥିବା ସୂଚନା ଅନୁଯାୟୀ, ବିଲଟୁଷ ତାଙ୍କର ସାଙ୍ଗଙ୍କ ସହ ସୋମବାର କାଂଶବାହାଲ ଡ୍ୟାମର ଭେଡିକୁଦର ଅଞ୍ଚଳକୁ ମାଛ ଧରିବା ପାଇଁ ଯାଇଥିଲେ। ଅପରାହ୍ନ ୪ଟାରେ ଗାଧୋଇବା ପାଇଁ ନଦୀରେ ପସିଥିଲେ। ହେଲେ ଆଉ ବାହାରି ନ ଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ରାଜଗାଙ୍ଗପୁର ଥାନାରେ ଖବର ଦିଆଯାଇଥିଲା। ମଙ୍ଗଳବାର ସକାଳୁ ପୋଲିସ ଓ ଅଗ୍ନିଶମବାହିନୀ ଖୋଜାଖୋଜି କରିଥିଲେ। ହେଲେ କୌଣସି ସନ୍ଧାନ ମିଳି ନ ଥିଲା। ବୁଧବାର ଓଡ୍ରାଫ ଟିମ୍ ଖୋଜାଖୋଜି କରିଥିଲେ। ହେଲେ ସଫଳ ହୋଇ ନ ଥିଲେ। ଗୁରୁବାର ପୁଣି ଖୋଜା ଚାଲିବ ବୋଲି ସୂଚନା ମିଳିଛି।

### ରେଳ ଧାରଣାରୁ ଯୁବତୀଙ୍କ ମୃତଦେହ ଜବତ

**ଝାରସୁଗୁଡ଼ା,୧୦।୪(ସଞ୍ଜୟ ମାଲି):** ଝାରସୁଗୁଡ଼ା ରେଳ ଷ୍ଟେଶନ ନିକଟ ରେଳ ଧାରଣାରୁ ବୁଧବାର ଜଣେ ଯୁବତୀଙ୍କ ମୃତଦେହ ଜବତ ହୋଇଛି। ସକାଳ ପ୍ରାୟ ସାଢେ ୫ଟାରେ ମୃତଦେହ ପଡ଼ିଥିବା ଖବର ପାଇ ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତା ଯୁବତୀଙ୍କ ପରିଚୟ ମିଳି ନ ଥିବାବେଳେ ପୋଲିସ ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରୁ ଯୁବତୀ ଜଣକ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

### ବାଇକ ରଖାକୁ ନେଇ ବଚସା, ଛୁରାମାଡ଼

**ପାଟଣାଗଡ,୧୦।୪(ସଚ୍ଚିଦାନନ୍ଦ ମହାକୁର) :** ବଲାଙ୍ଗୀର ଜିଲା ପାଟଣାଗଡ ଥାନା କଚେରି ଛକ ନିକଟ ମୁଖ୍ୟ ଡାକଘର ସମ୍ମୁଖରେ ବାଇକ ରଖାକୁ ନେଇ ବୁଧବାର ବଚସା ଓ ଛୁରାମାଡ ହୋଇଛି। ଏଥିରେ ପାଟଣାଗଡ଼ ଥାନା ଗଙ୍ଗାନଗରର ନିମାଇଁ ଚରଣ ସାହୁ ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଛୁରା ମାଡ କରିଥିବା ଅଭିଯୁକ୍ତ ହେଲେ ବାବାଜୀ ପଡାର ଜେନା ଦାସ। ସୂଚନା ଅନୁସାରେ ବାଲିପଟା ଗ୍ରାମର ନିମାଇ କୌଣସି କାମରେ କଚେରିକୁ ଯାଇଥିଲେ।

# ବିଜୟ ପାଇଁ ସଙ୍କଳ୍ପ ନେବାକୁ ଆହ୍ୱାନ

**ବିଜେଡିର ବୁଥ୍‌ସ୍ତରୀୟ କର୍ମୀ ସମ୍ମିଳନୀ**

ବଡ଼ଗାଁ,୧୦।୪(ଅଶୋକ ଷଡ଼ଙ୍ଗୀ)


କର୍ମୀ ସମ୍ମିଳନୀରେ ଉପସ୍ଥିତ ଗ୍ରାମବାସୀ।

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ବୁଧବାର ବିଜେଡି ପ୍ରାର୍ଥୀ ତଥା ଏସଡିସି ଅଧ୍ୟକ୍ଷ ବିନୟ ଟପ୍ପୋଙ୍କ ନେତୃତ୍ୱରେ ବୁଥ୍‌ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ପି ପ୍ରାର୍ଥୀ ହକି ତାରକା ଦିଲୀପ ତିର୍କୀ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଡ. ହିମାଂଶୁ ଷଡ଼ଙ୍ଗୀ, ବରିଷ୍ଠ ନେତା ଚୈତନ୍ୟ ମହାନ୍ତି, ନାରୀ ନେତ୍ରୀ ପ୍ରିୟଙ୍କା ଜେନା, ବଡ଼ଗାଁ ବ୍ଲକ ସଭାପତି ଦେବାଶିଷ ମିଶ୍ର, ବିଜେଡି କର୍ମକର୍ତ୍ତା ରାଜେନ୍ଦ୍ର ଲେଙ୍କା, ରାଜେନ୍ଦ୍ର ମହାନ୍ତି, ବିକ୍ରମ ଟପ୍ପୋ, ରାଜେନ୍ଦ୍ର ରାଉତ, ପୀତବାସ ପଣ୍ଡା, ଦେବାଶିଷ ପୁରୋହିତ, ଗୌତମ ମହାରଥୀ, ମୁକେଶ ପୁରୋହିତ, ଶିବାଜୀ ନାଏକଙ୍କ ସମେତ ବହୁ ସଂଖ୍ୟକ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ। ପୂର୍ବାହ୍ନରେ ମହାବୀର ଛକରୁ କର୍ମୀ ଓ ନେତାମାନେ ବାଇକ୍ ରାଲିରେ ଜଗନ୍ନାଥ ମନ୍ଦିରକୁ ଆସି ପୂଜାର୍ଚ୍ଚନା କଲାପରେ କଲେଜ ନିକଟ ପଡ଼ିଆରେ ସଭା ହୋଇଥିଲା। ସଭାରେ ବିଜେଡି ଜିଲା ସମ୍ପାଦକ ଧରଣୀଧର ସା, ସତ୍ୟନାରାୟଣ ନାୟକ, ରାଜଗାଙ୍ଗପୁର ଟାଉନ ସଭାପତି ରାଜେନ୍ଦ୍ର ଲେଙ୍କା ତାଙ୍କ ବକ୍ତବ୍ୟରେ ବୁଥ୍ କମିଟି ଗଠନକରି ନିର୍ବାଚନ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ଆହ୍ୱାନ ଦେଇଥିଲେ। ନବୀନ ପଟ୍ଟନାୟକ ୨୪ ବର୍ଷ ଶାସନ କରିବାର କାରଣ ସେ ଜଣେ ଦରଦୀ ବନ୍ଧୁ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରି ରାଜ୍ୟବାସୀଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ୨୦୧୪ରେ ଦିଲୀପ ତିର୍କୀ ହାରିଯାଇଥିଲେ। ଏଥର ତାଙ୍କୁ ଅଭୂତପୂର୍ବ ସମର୍ଥନ ମିଳୁଛି। ଜୁଏଲ ଓରାମ ବାରମ୍ବାର ଜିତିଥିଲେ ମଧ୍ୟ କେତେ ବିକାଶ ହୋଇଛି ଗାଁକୁ ଗଲେ ଜଣାପଡୁଛି। ବିନୟ ଏସ୍‌ଡିସି ପାଣ୍ଠି ଅର୍ଥରେ ଜିଲାର ବିକାଶ ଧାରାକୁ ଆଗେଇ ନେଇଛନ୍ତି। ଅଧିକାଂଶ ଗାଁରେ ତାଙ୍କର ଅବଦାନ ରହିଛି। ନାରୀନେତ୍ରୀ ପ୍ରିୟଙ୍କା ଜେନା, ସୁନ୍ଦରଗଡ଼ କାଉନସିଲର ସୁମନ୍ତ ସାହୁ ଓ ବରିଷ୍ଠ ନେତା ଚୈତନ୍ୟ ମହାନ୍ତି କହିଥିଲେ, ଦିଲୀପ ତିର୍କୀ ସୁନ୍ଦରଗଡ଼ ମାଟିକୁ ବିଶ୍ୱ ଦରବାରରେ ପହଞ୍ଚାଇ ଜିଲାର ଗୌରବ ବଢ଼ାଇଛନ୍ତି। ଶିଶୁ, ମହିଳା, କୃଷକ, ଯୁବକ ଓ ଶ୍ରମିକଙ୍କ ପାଇଁ ରାଜ୍ୟ ସରକାର କଲ୍ୟାଣକାରୀ ଯୋଜନା କରିଛନ୍ତି। ଦିଲୀପଙ୍କ ପ୍ରଚେଷ୍ଟାରେ ଷ୍ଟାଡିୟମ ନିର୍ମାଣ ଓ ଖେଳ ପଡ଼ିଆର ଉନ୍ନତୀକରଣ କରାଯାଇଛି। ତେଣୁ ବିଜେଡିର ଉଭୟ ପ୍ରାର୍ଥୀଙ୍କୁ ଜିତାଇବାକୁ ସେ କହିଥିଲେ। ଭାଜପା ଛାଡି ବିଜେଡିକୁ ଆସିଥିବା ଡା. ଷଡ଼ଙ୍ଗୀ ଓ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଧାନ, ଜୁଏଲଙ୍କ ଦ୍ୱାରା କ'ଣ ବିକାଶ ହୋଇଛି ପ୍ରଶ୍ନ ଉଠାଇଥିଲେ। ମୋଦି ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରି ନ ଥିବା କହିଥିଲେ। ଅଞ୍ଚଳ ସମସ୍ୟାର ସମାଧାନ ପାଇଁ ବିଜେଡିର ଉଭୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ। ସଭାରେ ଏମ୍‌ପି ପ୍ରାର୍ଥୀ ଦିଲୀପ କହିଥିଲେ, ନବୀନ ସରକାର ସମସ୍ତଙ୍କ ପରିଚୟ ସୃଷ୍ଟି କରାଇଛନ୍ତି। ଓଡ଼ିଶାକୁ ଉଚ୍ଚ ସ୍ତରକୁ ନେଇଛନ୍ତି। ରାଜ୍ୟରେ ହକିର ବିକାଶ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ଉପରେ କହିଥିଲେ। ବିଧାୟକ ପ୍ରାର୍ଥୀ ଟପ୍ପୋ ବିକାଶ ଆଧାରରେ ନବୀନ ପଟ୍ଟନାୟକ ଦେଶରେ ନମ୍ବର ୱାନ୍ ହୋଇଥିବା କହିବା ସହିତ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଗତ ନିର୍ବାଚନରେ ତାଙ୍କୁ ଓ ତିର୍କୀଙ୍କୁ ଅଣଦେଖା କରି ଟିକେଟ ନ ଦେବାରୁ ବିପୁଳ ଭୋଟରେ ଦଳୀୟ ପ୍ରାର୍ଥୀ ହାରିଥିଲେ। ସେ କହିଥିଲେ, ଯଦି କେବେ କାହାକୁ ଦୁଃଖ ଦେଇଥିବି କିମ୍ବା ଫୋନ ଉଠାଇ ନ ଥିବି ତା'ହେଲେ କ୍ଷମା କରିଦେବେ। ଏହି କର୍ମୀ ସମ୍ମିଳନୀରେ ଦାଣ୍ଡଜମରା ପଞ୍ଚାୟତର ୧୬ ଜଣ ବିଜେଡିରେ ଯୋଗଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଅରୁଣ ଦୀକ୍ଷିତ ମଞ୍ଚ ପରିଚାଳନା କରିଥିଲାବେଳେ ଜିଲା ସମ୍ପାଦକ ଦେବାଶିଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସର ନିର୍ବାଚନୀ ସଭା



ଦେବଗଡ଼,୧୦।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କାଳିଆପାଳ ପଞ୍ଚାୟତ ସଦର ମହକୁମାରେ କଂଗ୍ରେସ ପକ୍ଷରୁ ଏକ ନିର୍ବାଚନୀ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କୁ କଂଗ୍ରେସର ନିର୍ବାଚନୀ ଇସ୍ତାହାର ସମ୍ବଳିତ ଗ୍ୟାରେଣ୍ଟି କାର୍ଡ ବିତରଣ କରାଯାଇଛି। ଏହି ବୈଠକରେ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ ଯୋଗଦେଇ ଆଗାମୀ ନିର୍ବାଚନରେ କଂଗ୍ରେସର ଉଭୟ ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ଭୋଟ ଦେଇ ନିର୍ବାଚିତ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିବାସହ କଂଗ୍ରେସ ଦଳ ପକ୍ଷରୁ ପ୍ରସ୍ତୁତ ଉପରୋକ୍ତ ଗ୍ୟାରେଣ୍ଟି କାର୍ଡ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କାଳିଆପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈଷାଖୁ ନାୟକ ଓ ପୂର୍ଣ୍ଣଚନ୍ଦ୍ର ଶବର, ଦୀର୍ଘୁପାତ୍ର, ଜିଲା କଂଗ୍ରେସ ସମ୍ପାଦକ ରମେଶ ପାତ୍ର, ନେତା ଶ୍ରୀତମ ସାହୁ, ଅଲେଖ ନାଏକ, କ୍ଷୀର ଗଡନାୟକ ଓ ନାଥକୃଷ୍ଣ ଜାଲଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ରକ୍ସିରେ ଇଣ୍ଡିଆ ମେଣ୍ଟର କର୍ମୀ ସମ୍ମିଳନୀ

ଟେନ୍‌ସା,୧୦।୪(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ରକ୍ସି ଚର୍ଚ୍ଚ ପଡିଆଠାରେ ଇଣ୍ଡିଆ ମେଣ୍ଟର ବିଶାଳ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଇଣ୍ଡିଆ ମେଣ୍ଟର ସୁନ୍ଦରଗଡ଼ ଲୋକସଭା କଂଗ୍ରେସ ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ ଓ ବଣାଇଁ ବିଧାନସଭା ଆସନ ପାଇଁ ସିପିଆଇଏମ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଓ ଆନନ୍ଦମାସୀ ହରଙ୍କ ସଭାପତିତ୍ୱରେ ସିପିଆଇଏମ ରାଷ୍ଟ୍ରୀୟ ଉପସଭାପତି ବିଷ୍ଣୁ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ସାମଲ, କୋଇଡା ବ୍ଲକ ଅଧ୍ୟକ୍ଷ ସୁରେଶ କୁମାର ନାଏକ, ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା, ବିମାନ ମାଇତି, ଜିଲା ପରିଷଦ ସଭ୍ୟା ସୁଶୀଳା ମୁଣ୍ଡା, ହରିଶ ରାୟ, ନେଲସନ ମୁଣ୍ଡା, ଲାଦୁ ମହାନ୍ତ ତଥା କଂଗ୍ରେସ ପକ୍ଷରୁ ଜିଲାସାଧାରଣ ସମ୍ପାଦକ ରାଜକିଶୋର ପାତ୍ର, ପରମେଶର ନାଏକ, ବ୍ଲକ ସଭାପତି ସନାତନ ଘଣା, ଇନ୍ଦ୍ରମଣି ବେହେରା, କୋଇଡା ସରପଞ୍ଚ ହୃଷିକେଶ ଦେହୁରୀ, ଲଚିନ୍ଦ୍ର ଦାସ, ଯୁବ କଂଗ୍ରେସ ସଭାପତି କେଦାର ଚନ୍ଦ୍ର ପଣ୍ଡା ପ୍ରମୁଖ ୬ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ସହ ଆଦିବାସୀ ପରମ୍ପରା, ଢୋଲ ନୃତ୍ୟ ସହ ପଦଯାତ୍ରା କରି କର୍ମୀ ସମ୍ମିଳନୀ ସ୍ଥାନରେ ପହଞ୍ଚି ଥିଲେ। ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ କିପରି ବହୁ ବ୍ୟବଧାନ ସହ ବିଜୟଲାଭ କରିବେ ସେ ନେଇ ବାର୍ତ୍ତା ପ୍ରେରଣ ସହ ରାଜ୍ୟ ଓ କେନ୍ଦ୍ର ସରକାରରେ ଥିବା ନେତୃତ୍ୱ, ନିତି, ଆଦର୍ଶ ଓ ଦଳକୁ କଡା ସମାଲୋଚନା କରିବା ସହିତ ଆଦିବାସୀଙ୍କ ହକ ପାଇଁ କେହି ଚିନ୍ତିତ ନୁହଁନ୍ତି ବୋଲି ଭାଷଣ ଜରିଆରେ ପ୍ରକାଶ କରିଥିଲେ। ଏଥିସହ ବହୁ ପଞ୍ଚାୟତ ଗୁଡିକରୁ ଅନ୍ୟ ଦଳ ଓ ସାଧାରଣ ବ୍ୟକ୍ତି ବିଧିବଧ ଭାବେ ସିପିଆଇଏମ ଓ କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ମେଣ୍ଟର ଲୋକସଭା ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ ଓ ବିଧାନସଭା ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା ଫୁଲମାଳ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ।

## ୨ଟି ବିଷୟରେ ପରୀକ୍ଷା ଦେଇ ସ୍କୁଲରେ ପ୍ରଥମ

**ବିଇଓଙ୍କ ନିକଟରେ ଅଭିଯୋଗ**

ନୂଆଗାଁ,୧୦।୪(ବିଜୟ ତ୍ରିପାଠୀ )

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଜାହାଡିଟୋଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ର ମାତ୍ର ୨ଟି ବିଷୟରେ ପରୀକ୍ଷା ଦେଇ ପ୍ରଥମ ହୋଇଛନ୍ତି। ଏନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଏହି ଘଟଣା ନୂଆଗାଁ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ପହଞ୍ଚିଛି। ବ୍ଲକ ଶିକ୍ଷାଧିକାରୀ ସସ୍ମିତା ବେହେରା ଏହି ଘଟଣାକୁ ଗୁରୁତର ସହ ନେଇ ଘଟଣାର ତଦନ୍ତ କରିବା ସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରିଦେଇଛନ୍ତି। ନିର୍ବାଚନ ଆଚରଣବିଧି ଉଠିଲେ ଆବଶ୍ୟକ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବିଇଓ ଅଭିଭାବକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଅନୁଯାୟୀ, ଜାହାଡିଟୋଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ର ମାତ୍ର ୨ଟି ବିଷୟରେ ପରୀକ୍ଷା ଦେଇଥିଲେ। ହେଲେ ପରୀକ୍ଷାଫଳ ବାହାରିବାରୁ ସେ ସ୍କୁଲରେ ପ୍ରଥମ ହୋଇଥିଲେ। ଏନେଇ ଅନ୍ୟ ଛାତ୍ରଛାତ୍ର ଅଭିଭାବକଙ୍କୁ ଜଣାଇଥିଲେ। ସରପଞ୍ଚ, ବ୍ଲକ ଅଧ୍ୟକ୍ଷା, ଅଭିଭାବକମାନେ ସ୍କୁଲକୁ ଯାଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ଘଟଣାର ସତ୍ୟାସତ୍ୟ ଜଣାପଡିଥିଲା। ତେବେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏହି ଘଟଣାରେ ଆଉ ଯେଉଁ ଶିକ୍ଷକଙ୍କ ହାତ ଅଛି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି। ଏନେଇ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ନଙ୍କୁ ପଚାରିବାରୁ, ସ୍ଥାନୀୟ ସରପଞ୍ଚ, ସ୍କୁଲ କମିଟି ଏବଂ ଅଭିଭାବକଙ୍କ ସହିତ ସ୍କୁଲକୁ ଯାଇଥିଲି। ଘଟଣା ବିଷୟରେ ପଚାରି ବୁଝିଛି। ନିର୍ବାଚନ ଆଚରଣ ବିଧି ସରିଲା ପରେ ଏହାର ତଦନ୍ତ କରାଯିବ ବୋଲି ଅଧ୍ୟକ୍ଷା ଟପ୍ନ କହିଛନ୍ତି।


ବିଦ୍ୟାଳୟକୁ ଆସିଥିବା ଅଭିଭାବକମାନେ।

## ପୋଷ୍ଟାଲ ବାଲାଟ ମତଦାନ ପ୍ରଶିକ୍ଷଣ ଶିବିର

ଦେବଗଡ଼,୧୦।୪(ଶଶାଙ୍କ ଶେଖର ଝାଙ୍କର)



ସାଧାରଣ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ପୋଲିସ କର୍ମଚାରୀଙ୍କ ପୋଷ୍ଟାଲ ବାଲାଟ ମଧ୍ୟମରେ ପ୍ରଶିକ୍ଷଣ ଶିବିର ରିଜର୍ଭ ଇନ୍ସପେକ୍ଟରଙ୍କ ସମ୍ମିଳନୀ କକ୍ଷଠାରେ ରିଟର୍ନିଂ ଅଫିସର ତଥା ଉପଜିଲାପାଳ ପରକ୍ଷିତ ସାହୁଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନିର୍ବାଚନ କାର୍ଯ୍ୟରେ ଜିଲାରୁ ୫୪୨ ଜଣ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ମତଦାନ ଶିବିରରେ ଫର୍ମ ନଂ. ୧୨ ଓ ୧୨(ଘ) ରେ ପୂରଣ କରି ମତଦାନ କରିବେ ବୋଲି ପ୍ରଶିକ୍ଷଣ ଦ୍ୱାରା ସୂଚାଇ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ପୋଲିସ ବିଭାଗ ନୋଡାଲ ଅଧିକାରୀ ଡିଏସପି ପବିତ୍ର କିଷାନ, ରିଜର୍ଭ ଇନ୍ସପେକ୍ଟର ହାମ୍ବିରା ସୋରେନ, ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକ, ବରିଷ୍ଠ ରାଜସ୍ୱ ସହାୟକ ସମିତ୍ରି ପ୍ରସାଦ ଦେହୁରୀ ଓ ପୋଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସୋରଡ଼ାରେ ଚାଲିଛି ଜୁଆଖେଳ

ବନ୍ଧମୁଣ୍ଡା,୧୦।୪(ସୁବ୍ରତ ଦେ)

ବିଶ୍ରା ଥାନା ଅଧୀନ ସୋରଡ଼ା ଗାଁ ପୋଖରା ଟୋଲିର ଟୁଙ୍ଗ୍ରିଠାରେ ଗତ କିଛି ମାସ ଧରି ନିୟମିତ ଭାବେ ଜୁଆଖେଳ ଚାଲିଛି। ଫଳରେ ଗ୍ରାମର ନିରୀହ ଯୁବକ ଜୁଆ ଖେଳି ସର୍ବସ୍ୱାନ୍ତ ହେଉଛନ୍ତି। ଜୁଆଖେଳ ଯୋଗୁ ଅଞ୍ଚଳରେ ଚୋରି, ଡକାୟତି ଭଳି ଘଟଣା ବୃଦ୍ଧି ହେବା ସମ୍ଭାବନା ରହିଛି। ତେଣୁ ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜାଣିବା ପାଇଁ ବିଶ୍ରା ଥାନା ଅଧିକାରୀ ପ୍ରଦୀପ କୁମାର ନାୟକଙ୍କୁ ଫୋନ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।

## ରାମଲୀଳା ଯାତ୍ରା ପାଇଁ ଦେବ ନିମନ୍ତ୍ରଣ

ବଡ଼ଗାଁ,୧୦।୪( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଆସନ୍ତା ୧୭ରେ ଖୋଲା ମଞ୍ଚରେ ଅଭିନୀତ ରାତ୍ରିକାଳୀନ ରାମଲୀଳା ଯାତ୍ରା ଆରମ୍ଭ ହେବ। ଏଥିପାଇଁ ରୀତିନୀତି ଅନୁସାରେ ବୁଧବାର ଦେବ ନିମନ୍ତ୍ରଣ କରାଯାଇଛି। ଯାତ୍ରା ସଂସଦ ସଭାପତି ସତ୍ୟନାରାୟଣ ନାୟକ, ସମ୍ପାଦକ ବିଶ୍ୱ ପୃଷେଟ, କର୍ମକର୍ତ୍ତା ବିଭୂତି ନାୟକ, ଅର୍ଜୁନ ନାୟକ, ମଣ୍ଟୁ ପଣ୍ଡା, ସୁଧୀର ନାୟକ, ସମୀର ଅଗ୍ରୱାଲ, ଘୁପୁଲୁ ପାଣିଗ୍ରାହୀ, ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ ପ୍ରମୁଖ ବ୍ୟକ୍ତି ପୂର୍ବାହ୍ନରେ ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର, କୁଳ ପୁରୋହିତ ସ୍ୱର୍ଗତ ନିତ୍ୟାନନ୍ଦ ନାୟକଙ୍କ ହନୁମାନ ମନ୍ଦିର, ସମଲେଇ ମନ୍ଦିର, ଗୁରୁ ମନ୍ଦିର, ରାମମନ୍ଦିର, କାଳୀମନ୍ଦିର, ଡୁଡ଼ାଲଗା ମା' ମଙ୍ଗଳା ମନ୍ଦିର ସହିତ ସମସ୍ତ ମନ୍ଦିରରେ ଦେବ ଦେବୀଙ୍କୁ ନଡ଼ିଆ ଓ ନିମନ୍ତ୍ରଣ ପତ୍ର ଦେଇ ପୂଜାର୍ଚ୍ଚନା କରିଥିଲେ। ଆସନ୍ତା ୧୭ରେ ହନୁମାନ ଝଣ୍ଡା ସ୍ଥାପନ କରାଯିବ ଓ ରାତିରେ ରାମ ଜନ୍ମ ଅଭିନୀତ ହେବ।


ଦେବ ନିମନ୍ତ୍ରଣ କରାଯାଉଛି।

## କଂଗ୍ରେସ ଏମ୍‌ପି, ବିଧାୟକ ପ୍ରାର୍ଥୀ ଆରମ୍ଭ କଲେ ନିର୍ବାଚନ ପ୍ରଚାର

ରାଉରକେଲା, ୧୦।୪(ସଙ୍ଗୀତା ଜେନା)



ବନ୍ଧମୁଣ୍ଡା ଅଞ୍ଚଳରେ ଆରମ୍ଭ ହୋଇଥିବା ପ୍ରଚାରରେ ପ୍ରାର୍ଥୀ ବିଏନ୍ ପଟ୍ଟନାୟକ।

ଚଳିତ ନିର୍ବାଚନର ପ୍ରାର୍ଥୀ ଘୋଷଣା ପରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛି କଂଗ୍ରେସ ଦଳ। ଏହି କ୍ରମରେ ସୁନ୍ଦରଗଡ଼ ଲୋକସଭା ଓ ରାଉରକେଲା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀମାନେ ପ୍ରଚାର ଆରମ୍ଭ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଏମ୍‌ପି ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ କୋଏଲନଗର 'ସି'ବ୍ଲକ ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରି ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। ପରେ ଦେହୁରୀ ତାଙ୍କ ସମର୍ଥକଙ୍କ ସହ ରକ୍ସି ଅଭିମୁଖେ ଯାତ୍ରା କରିଥିଲେ। ସେହିପରି ରାଉରକେଲା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ବିରେନ୍ଦ୍ର ନାଥ ପଟ୍ଟନାୟକ ବୁଧବାର ବନ୍ଧମୁଣ୍ଡା ଗସ୍ତ କରି ଦକ୍ଷିଣ ପୂର୍ବ ରେଳବାଇ ପେନସନ୍ ସଂଘରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ନେତ୍ରୀ ବି. ରୀନା ଓ ସହଯୋଗୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ଶିବୁ ଦୀପ୍, ଜିଲା ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ବାରିକ, ସୁଦନ ତନ୍ତୀ, ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପଟ୍ଟନାୟକ ମଙ୍ଗଳବାର ବନ୍ଧମୁଣ୍ଡା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଡିଜେଲ ଛକ ସ୍ଥିତ ଶହୀଦ ସୁଶୀଲ ପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେ ଆନ୍ଧ୍ର କଲଚରାଲ ଆସୋସିଏସନ୍ ଦ୍ୱାରା କରାଯାଉଥିବା ତେଲୁଗୁ ନବ ବର୍ଷ ବାର୍ଷିକ କାର୍ଯ୍ୟକ୍ରମ ଓ ମଙ୍ଗଳା ମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦେଇଥିଲେ। ଏଥିରେ ରାଜ୍ୟସଂଖ୍ୟା ଲଘୁ କଂଗ୍ରେସ ସଭାପତି ସଦ୍ଦବ ଅହମଦ, କୁମାର ନାୟକ ଯୋଗଦେଇଥିଲେ।

**ବର୍ଷା, ପବନରେ ଭାଙ୍ଗି ପଡ଼ିଲା କୁକୁଡ଼ା ଫାର୍ମ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଦାନାମାଲ ଗାଁରେ ଅଦିନିଆ ଝଡ଼ବର୍ଷା ଯୋଗୁ ବସନ୍ତ ସାହୁଙ୍କ କୁକୁଡ଼ା ଭାଡ଼ି ଭାଙ୍ଗିଯାଇଛି। ବର୍ଷକ ତଳେ ନିଜ ଉଦ୍ୟମରେ ୫ ହଜାର କୁକୁଡା ପାଳନ ପାଇଁ ରଣ କରି ଘର ତିଆରି କରିଥିଲେ। ମଙ୍ଗଳବାର ଝଡ଼ ବର୍ଷାରେ ତାହା ଭାଙ୍ଗିଯାଇଛି। ସେତେବେଳେ ଫାର୍ମରେ କୁକୁଡ଼ା ନ ଥିଲେ। ଏହାକୁ ନେଇ କୁକୁଡା ଚାଷୀ ଚିନ୍ତାରେ ପଡିଯାଇଛନ୍ତି। ଏନେଇ ପ୍ରାଣୀସମ୍ପଦ ବିଭାଗ ଓ ରାଜସ୍ୱ ବିଭାଗକୁ ସେ ଅବଗତ କରିଥିବା କହିଛନ୍ତି।



କଣ୍ଟାବାଞ୍ଜି ଇନ୍ଦିରା ଛକରେ ଆନ୍ଦୋଳନକାରୀ ରାଜ୍ୟ ରାଜପଥ ନଂ.୪୨ ଅବରୋଧ କରିଛନ୍ତି।

# ୧୨ଘଣ୍ଟା କଣ୍ଟାବାଞ୍ଜି ବନ୍ଦ

**କଣ୍ଟାବାଞ୍ଜି, ୧୦।୪(ଗୁରୁଦୟାଲ ହଂସ)**

**ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ସ୍ଥଗିତ ରଖିବାକୁ ଦାବି**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିଠାରେ ନୂତନ ଆମ ବସଷ୍ଟାଣ୍ଡ ନିର୍ମାଣ ସ୍ଥଗିତ ରଖିବାକୁ ଦାବି କରିଛି ସମଲେଶ୍ୱରୀ ମାର୍କେଟ ଦୋକାନୀ ସଂଘ ଏବଂ ନାଗରିକ କମିଟି। ଏହାର ପ୍ରତିବାଦ ସ୍ୱରୂପ ବୁଧବାର ଉଭୟ ସଙ୍ଗଠନ ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ପାଳନ କରାଯାଇଥିଲା। ଆରମ୍ଭ ହୋଇଥିବା ବନ୍ଦ ପ୍ରଭାବରେ ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଯାନବାହାନ ଚଳାଚଳ ବନ୍ଦ ରହିଥିବାରୁ ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା। ବନ୍ଦ ପାଳନକାରୀ ପିକେଟିଂ କରି ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ସହରର ଇନ୍ଦିରା ଛକରେ ଆନ୍ଦୋଳନକାରୀ ରାଜ୍ୟ ରାଜପଥ ନଂ.୪୨କୁ ଅବରୋଧ କରିବାରୁ ବଲାଙ୍ଗୀର-ଖରିଆର ମୁଖ୍ୟରାସ୍ତାରେ ଯାତାୟାତ ବ୍ୟାହତ ହୋଇଥିଲା। ଜରୁରୀକାଳୀନ ସେବା ସହିତ ନାମଲେଖା ଏବଂ ପରୀକ୍ଷା ଦୃଷ୍ଟିରୁ ସ୍କୁଲ, କଲେଜ ସ୍ୱାଭାବିକଭାବେ ଖୋଲା ରହିଥିଲା। କଣ୍ଟାବାଞ୍ଜି ସହରର କେନ୍ଦ୍ରସ୍ଥଳରେ ବର୍ତ୍ତମାନର ବସ୍‌ଷ୍ଟାଣ୍ଡ ରହିଛି। ଏହା ନିକଟରେ ସାପ୍ତାହିକ ବଜାର ଓ ସମଲେଶ୍ୱରୀ ମାର୍କେଟ କମ୍ପ୍ଲେକ୍ସ ରହିଛି। ଏହି ବସ୍‌ଷ୍ଟାଣ୍ଡର ଆଧୁନିକୀକରଣ କରା ନ ଯାଇ ସହରଠାରୁ ପ୍ରାୟ ୨ କି.ମି. ଦୂର ଡୁରେକେଲା ରାସ୍ତା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଉଛି । ଏହାର ଅଟକଳ ମୂଲ୍ୟ ପ୍ରାୟ ୮କୋଟି ଟଙ୍କା ରହିଛି । ବର୍ତ୍ତମାନର ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ଆବଶ୍ୟକ ସୁବିଧା ଉପଲବ୍ଧ ନ କରାଇ ନୂତନ ବସଷ୍ଟାଣ୍ଡ ନିର୍ମାଣ କାହିଁକି ବୋଲି ଆନ୍ଦୋଳନକାରୀ ପ୍ରଶ୍ନ ଉଠାଇଛନ୍ତି। ସହରଠାରୁ ଦୂରରେ ନିର୍ମାଣ ହେଉଥିବାରୁ ଯାତ୍ରୀମାନେ ସେଠାକୁ ଯିବାକୁ ସୁରକ୍ଷିତ ମଣୁ ନାହାନ୍ତି। ଏ ନେଇ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇଲେ ବି କୌଣସି ସୁଫଳ ମିଳିଲା ନାହିଁ। ଅନ୍ୟନୋପାୟ ହୋଇ ସମଲେଶ୍ୱରୀ ମାର୍କେଟ ଦୋକାନୀ ସଂଘ ସମ୍ପାଦକ ତୁଳସୀ ବେହେରା, କୋଷାଧକ୍ଷ ସନ୍ତୋଷ ନନ୍ଦ, ନାଗରିକ କମିଟିର ନିତ୍ୟା ବେହେରା, ପ୍ରହ୍ଲାଦ ତ୍ରିପାଠୀ, ସଞ୍ଜୀବ ରାଏ ଏବଂ ୩ଶହରୁ ଊର୍ଦ୍ଧ୍ୱ ଦୋକାନୀ ଏବଂ ଅନ୍ୟ ବ୍ୟବସାୟିକ ସଂଘ କର୍ମକର୍ତ୍ତାଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା।

## ବାଇକ ରଖାକୁ ନେଇ ବଚସା, ଛୁରାମାଡ଼

**ପାଟଣାଗଡ,୧୦।୪(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ ଥାନା କଚେରି ଛକ ନିକଟ ମୁଖ୍ୟ ଡାକଘର ସମ୍ମୁଖରେ ବାଇକ ରଖାକୁ ନେଇ ବୁଧବାର ବଚସା ଓ ଛୁରାମାଡ ହୋଇଛି। ଏଥିରେ ପାଟଣାଗଡ଼ ଥାନା ଗଙ୍ଗାନଗରର ନିମାଁଇ ଚରଣ ସାହୁ ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଛୁରା ମାଡ କରିଥିବା ଅଭିଯୁକ୍ତ ହେଲେ ବାବାଜୀ ପଡାର ଜେନା ଦାସ। ସୂଚନା ଅନୁସାରେ ବାଲିପଟା ଗ୍ରାମର ନିମାଇ କୌଣସି କାମରେ କଚେରିକୁ ଯାଇଥିଲେ। କଚେରିର ଅନତିଦୂରରେ ଥିବା ଡାକଘର ସମ୍ମୁଖରେ ବାଇକ ରଖିବାକୁ ନେଇ ତାଙ୍କର ଜେନା ଦାସଙ୍କ ସହ ବଚସା ହୋଇଥିଲା। ଏଥିରେ ଜେନା ନିମାଇଙ୍କ ମୁଣ୍ଡରେ ଛୁରା ମାଡ କରିଥିଲେ। ସେଠାରେ ଥିବା କେତେକ ଲୋକ ତାଙ୍କୁ ଉଦ୍ଧାର କରି ନିକଟରେ ଥିବା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହି ସମୟରେ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ। ନିମାଇଙ୍କ ଲିଖିତ ଅଭିଯୋଗ ପରେ ପୋଲିସ ଦଫା ୩୦୭, ୨୯୪, ୫୦୬ରେ ଏକ ମାମଲା (୧୨୭/୨୪)ରୁଜୁ କରୁଥିଲା। ମଧ୍ୟାହ୍ନରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଜେନା ଦାସଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଏସଆଇ ବ୍ରଜକିଶୋର ପଣ୍ଡାଙ୍କଠାରୁ ଜଣାପଡିଛି।

# ବଳରାମ ବଗର୍ତ୍ତି ହେବେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ



କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା କର୍ମକର୍ତ୍ତାଙ୍କ ସହ ବଳରାମ ବଗର୍ତ୍ତି।

**ପାଟଣାଗଡ,୧୦।୪(ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ପାଣିପାଗ ଧୀରେ ଧୀରେ ଉଷ୍ମ ହେବାରେ ଲାଗିଛି। ବିଜେଡି ବିଧାୟକ ସରୋଜ ମେହେର, ଭାଜପା ପୂର୍ବତନ ବିଧାୟକ କନକବର୍ଦ୍ଧନ ସିଂଦେଓ ଓ କଂଗ୍ରେସ ଅନୀଲ ମେହେରଙ୍କୁ ପ୍ରାର୍ଥୀ ଘୋଷଣା କରି ସାରିଛି। ଏବେ ଆଉ ଜଣଙ୍କ ନାମ ସାମନାକୁ ଆସିଛି। ବଳରାମ ବଗର୍ତ୍ତି କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀଭାବେ ଲଢ଼ିବେ। ଏନେଇ ସ୍ଥାନୀୟ ସାରଦା ଲଜ ସଭାଗୃହରେ ବୁଧବାର ଆୟୋଜିତ ଏକ ବୈଠକରେ କୋଶଳ ମୁକ୍ତି ମୋର୍ଚ୍ଚା କର୍ମକର୍ତ୍ତାମାନେ ଘୋଷଣା କରିଛନ୍ତି। କିଛି ମାସ ପୂର୍ବରୁ ବଗର୍ତ୍ତି ବିଜେଡିର ଅସନ୍ତୁଷ୍ଟ କର୍ମୀଙ୍କ ସହାୟତାରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ରାଲି ଓ ସଭାମାନ କରି ଆସୁଥିଲେ। ଏହାସତ୍ତ୍ୱେ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା। ଏହି ପରିସ୍ଥିତିରେ ଉଚ୍ଚ ଶିକ୍ଷିତ ବଗର୍ତ୍ତିଙ୍କୁ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା ସମର୍ଥିତ ପ୍ରାର୍ଥୀ ଭାବେ ଘୋଷଣା କରିଛି। ବଗର୍ତ୍ତି କହିଛନ୍ତି ଏହି ନିର୍ବାଚନ କ୍ଷେତ୍ରର ଲୋକେ ଆଜିଯାଏ ଶିକ୍ଷା, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଗମନାଗମନ ଆଦି ବିଭିନ୍ନ ମୌଳିକ ସେବା ପାଇବାରେ ବଞ୍ଚିତ ରହିଛନ୍ତି। ବିଗତ ଦିନରେ ଏଠାରୁ ପ୍ରତିନିଧିତ୍ୱ କରିଆସିଥିବା ଜନ ପ୍ରତିନିଧିମାନେ ଅଞ୍ଚଳର ବିକାଶ ପାଇଁ ସେମିତି କିଛି ଆଖିଦୃଶିଆ କାମ କରିନାହାନ୍ତି। ଜନସାଧାରଣ ଆଶୀର୍ବାଦ କଲେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ସେ ନିଷ୍ଠାପରଭାବେ କାମ କରିବେ ଏବଂ ବିଧାନ ସଭାରେ ଉପସ୍ଥାପନ କରିବେ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ପାଟଣାଗଡ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା ସଦସ୍ୟ ଡିଙ୍ଗର କୁମ୍ଭାର, ସୁବାଷଚନ୍ଦ୍ର ଆଚାର୍ଯ୍ୟ, ଜଙ୍କସନ ନାଗ, ସଙ୍କୀର୍ତ୍ତନ ବୁଢ଼ିଆ, ବରଗଡ ଜିଲା କୋଶଳ ରାଏଜ ମୁକ୍ତି ମୋର୍ଚ୍ଚାର ବ୍ରତିସ ଦାସ, ନନ୍ଦନ ମହାନନ୍ଦ, ରମଣି ଦନ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶଧାରା ଆହୁରି ଆଗକୁ ନେବାକୁ ହେବ

**ଟିଟିଲାଗଡ଼,୧୦।୪(ଶରତ ମିଶ୍ର)**



ଲୋକ ସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଓ ବିଧାୟକ ପ୍ରାର୍ଥୀନି ଟୁକୁନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଟିଟିଲାଗଡ଼ରେ ଲୋକ ସଭା ପ୍ରାର୍ଥୀ ସୁରେନ୍ଦ୍ରଙ୍କୁ ସମ୍ବର୍ଦ୍ଧନା**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଗୋବିନ୍ଦ ବାଟିକାରେ ବିଜେଡ଼ିର ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ବୁଧବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସଭାରେ ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀନି ତଥା ମନ୍ତ୍ରୀ ଟୁକୁନୀ ସାହୁ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ବ୍ଲକ ଅଧକ୍ଷା ସଂଯୁକ୍ତା ନାୟକ, ଟିକି ପୋଡ଼, ପ୍ରେମ ଜୈନ, ବିକାଶ ପାଣିଗ୍ରାହୀ, ତୁଳସୀ ବେହେରା, ଦିଲୀପ ବାଗ, ରୁଟ ବାଗ, ସ୍ନେହାଞ୍ଜଳି ମହାନ୍ତି, ଶ୍ୟାମ ପ୍ରସାଦ ଗରିହା ପ୍ରମୁଖ ଯୋଗ ଦେଇଥିଲେ। ସମ୍ବର୍ଦ୍ଧନା ଉତ୍ତରରେ ସିଂଭୋଇ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ସାମିଲ ହୋଇଛନ୍ତି। ଯେଉଁ ବିଶ୍ୱାସ ରଖି ଦଳ ତାଙ୍କୁ ପ୍ରାର୍ଥୀ କରିଛି ତାହାର ଟେକ ରଖିବା ଦିଗରେ ଆମ୍ଭେ କାର୍ଯ୍ୟ କରିବା। ବଲାଙ୍ଗୀରର ବହୁ ପ୍ରତୀକ୍ଷିତ ଲୋୟର ସୁକତେଲ ପ୍ରକଳ୍ପ ଲୋକର୍ପିତ ହୋଇଛି। ଏଥିସହ ଟିଟିଲାଗଡ଼ରେ ହଜାରେ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଚେକଡ୍ୟାମ ନିର୍ମାଣ ଆରମ୍ଭ, ମନ୍ଦିର, ମସ୍‌ଜିଦ, ଗୀର୍ଜା ଘରର ପୁନରୁଦ୍ଧାର, ପର୍ଯ୍ୟଟନସ୍ଥଳୀ କୁମୁଡ଼ା ପାହାଡ଼ରେ ପାର୍କ ନିର୍ମାଣ, ମହାରାଜ ସାଗର, ଦେବନ୍ଧର ପୁନରୁଦ୍ଧାର ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ଓ ମନ୍ତ୍ରୀ ଟୁକୁନୀ ସାହୁଙ୍କ ଉଦ୍ୟମ ଯୋଗୁ ଏସବୁ ସମ୍ଭବ ହୋଇଥିବା ସେ କହିଥିଲେ। ଏହି ବିକାଶ ଧାରାକୁ ଆହୁରି ଆଗକୁ ନେବାକୁ ହେଲେ ଆଗାମୀ ନିର୍ବାଚନରେ ଟିଟିଲାଗଡ ନିର୍ବାଚନ ମଣ୍ଡଳୀରୁ ଟୁକୁନି ସାହୁଙ୍କୁ ଓ ଲୋକ ସଭା ପାଇଁ ତାଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ନିର୍ବାଚିତ କରିବାକୁ ସେ ଅନୁରୋଧ କରିଥିଲେ। ବିଧାୟକ ପ୍ରାର୍ଥୀ ଟୁକୁନି ସାହୁ କହିଥିଲେ ଯେ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ବିକାଶ ସର୍ବୋପରି। ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରୁ ଏ ଅଞ୍ଚଳର ବିକାଶ ଦ୍ରୁତଗତିରେ ଆଗେଇ ଚାଲିଛି ଓ ଆଗାମୀ ଦିନରେ ଏହା ଜାରି ରହିବ। ଆସନ୍ତା ନିର୍ବାଚନରେ ଖାଲି ଟିଟିଲାଗଡ଼ ନୁହେଁ ବଲାଙ୍ଗୀର ଲୋକ ସଭା ନିର୍ବାଚନରେ ଦଳ ବିଜୟ ହାସଲ କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ।

## ଭାଜପାର ମିଶ୍ରଣ ପର୍ବ ପାଇଁ ପ୍ରସ୍ତୁତି

**ମୁରିବାହାଲ,୧୦।୪(ଶ୍ରୀବସ୍ଥ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଭାଜପାର ଏକ ମିଶ୍ରଣ ପର୍ବ ପାଇଁ ବୁଧବାର ହଲଦୀ ହାଇସ୍କୁଲ ଖେଳ ପଡିଆ ନିକଟରେ ଆସନ୍ତା ୧୨ତାରିଖରେ ଅନୁଷ୍ଠିତ ହେବ। ଏଥିପଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ହଳଦୀ ମଣ୍ଡଳ ସଭାପତି ଈଶ୍ୱର ପୁଟେଲ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଦଳର ଜିଲା ସାଧାରଣ ସମ୍ପାଦକ ଶ୍ରୀବସ୍ଥ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହଳଦୀ ମଣ୍ଡଳ ସାଧାରଣ ସମ୍ପାଦକ ସୁବାଷ ପୋଡ଼, ଉପ ସଭାପତି ସରୋଜ ବାଗ, ଲାଲବାହାଦୁର ପୁଟେଲ, ଗବର ପୋଢ଼, ଦଧିଛି ବଘଡ଼ି, ଟଙ୍କଧର ହଁସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ଆସୁନାହାନ୍ତି ପ୍ରଧାନଶିକ୍ଷକ

**ଲାଠୋର, ୧୦।୪(ଭୁବନେଶ୍ୱର ବାରିକ)**

- **ଅଭିଯୋଗ ପରେ ସାଧନ କେନ୍ଦ୍ର ସଂଯୋଜକଙ୍କ ତଦନ୍ତ**
- **ଆବଶ୍ୟକ ପଦକ୍ଷେପ ନିଆଯିବ: ଅତିରିକ୍ତ ଶିକ୍ଷା ଅଧିକାରୀ**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଅଧିନ ବିଜମାଲପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥାରେ ଚାଲିଛି। ପ୍ରଧାନ ଶିକ୍ଷକ ନିଜ ମନ ମୁତାବକ ବିଦ୍ୟାଳୟକୁ ଆସୁଥିବାରୁ ଏହି ପରିସ୍ଥିତି ଦେଖାଦେଇଥିବା ବିଦ୍ୟାଳୟ ପରିଚାଳନା ସମିତି ଏବଂ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ୨୦୧୦ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ରହିଥିବା ବେଳେ ଦୁଇଜଣ ଶିକ୍ଷକ ରହିଛନ୍ତି। ପ୍ରଧାନଶିକ୍ଷକ ନିୟମିତ ଆସୁ ନାହାନ୍ତି। ଯେତେବେଳେ ବି ବିଦ୍ୟାଳୟ ଆସୁଛନ୍ତି ପିଲାଙ୍କୁ ଗାଳିଗୁଲଜ କରୁଥିବା ଚୌକି ଭଙ୍ଗା ରୁଜା କରୁଥିବା ପରିଚାଳନା ସମିତି ସଭାପତି ଅଭିଯୋଗ କରିଛନ୍ତି। ସମିତି ପକ୍ଷରୁ ଏପରି ନ କରିବାକୁ ବାରମ୍ବାର କୁହାଯାଉଥିଲେ ମଧ୍ୟ ସେ କାହା କଥା ଶୁଣୁ ନ ଥିବା ଅଭିଯୋଗ ହେଉଛି। ବୁଧବାର ସମିତି ପକ୍ଷରୁ ବିଦ୍ୟାଳୟ ଦାୟିତ୍ୱରେ ଥିବା ସାଧନ କେନ୍ଦ୍ର ସଂଯୋଜକଙ୍କୁ ଅବଗତ କରି ବିଦ୍ୟାଳୟ ପରିଦର୍ଶନ କରିବାକୁ ଅନୁରୋଧ କରାଯାଇଥିଲା। ସେ ବିଦ୍ୟାଳୟରେ ପହଞ୍ଚି ପରିଚାଳନା ସମିତି ସଦସ୍ୟଙ୍କୁ ଭେଟି ତାଙ୍କଠାରୁ ଏକ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଏ ନେଇ ସାଧନ କେନ୍ଦ୍ର ସଂଯୋଜକ କୃତିବାସ ବରିହାଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକଙ୍କ ବିରୋଧରେ ପରିଚାଳନା ସମିତି ପକ୍ଷରୁ ଅଭିଯୋଗ ହୋଇଛି। ମୁଁ ଅଭିଯୋଗ ପତ୍ର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଛି। ଅଧିକାରୀମାନେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ସେହିପରି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଫକିର ଚରଣ ବିଶିଙ୍କୁ ପଚାରିବାରୁ ଅଭିଯୋଗ ପତ୍ର ମିଳିଛି। ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ପ୍ରଧାନଶିକ୍ଷକ କମଳ ହାତୀଖୁଜିଆଙ୍କୁ ତାଙ୍କ ମୋବାଇଲ ନଂ ୮୭୫୮୫୬୦୪୫୭ରେ ଯୋଗଯୋଗ କରାଯାଇଥିଲା। ରିଙ୍ଗ ହେବା ସତ୍ତ୍ୱେ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଶ୍ରେଣୀଗୃହରେ ସହପାଠୀଙ୍କୁ ବ୍ଲେଡ୍‌ରେ ଆକ୍ରମଣ

**ଲୋଇସିଂହା,୧୦।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ବିଲାଇସର୍ଡା ଜବାହରଲାଲ ହାଇସ୍କୁଲରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି । ବିଦ୍ୟାଳୟର ନବମ ଶ୍ରେଣୀର ଜଣେ ଛାତ୍ର ବ୍ଲେଡରେ ଜଣେ ସହପାଠୀଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି। ଆକ୍ରମଣରେ ଗୁରୁତର ଛାତ୍ରଙ୍କୁ ବିଦ୍ୟାଳୟର ଶିକ୍ଷକମାନେ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସା କରାଇଛନ୍ତି। ତାଙ୍କ ମୁହଁରେ ୧୦ରୁ ୧୨ ଷ୍ଟିଚ ପଡିଛି। ବୁଧବାର ଘଟଣାକୁ ନେଇ ସ୍କୁଲ ପରିଚାଳନା କମିଟି, ଆଲୁମିନି କମିଟି, ଅଭିଭାବକଙ୍କୁ ନେଇ ବୈଠକ ବସିଥିଲା । ଆକ୍ରମଣ କରିଥିବା ଛାତ୍ରଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଟିସି ଦେଇଥିବା ହସ୍ତଗତ ହୋଇଛି। ଗାଁରେ କ୍ରିକେଟ ଖେଳକୁ ନେଇ ଦୁଇ ସାଙ୍ଗଙ୍କ ମଧରେ ଝଗଡା ହୋଇଥିଲା। ମଙ୍ଗଳବାର ଦ୍ୱିତୀୟ ପିରିୟଡ ପରେ ଶିକ୍ଷକ ବାହାରକୁ ଆସିଥିବା ପରେ ଏହି ଘଟଣା ଘଟିଥିଲା। ଅନ୍ୟ ଛାତ୍ରମାନେ ସ୍କୁଲ କର୍ତ୍ତୃପକ୍ଷଙ୍କ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ ପରିଚଳନା କମିଟି ସଭାପତି ଚିନ୍ତାମଣୀ ପଣ୍ଡା କହିଛନ୍ତି ସେମାନଙ୍କ ଅଭିଭାବକ ଏବଂ ସହପାଠୀଙ୍କ କହିବା ମୁତାବକ ସେମାନେ ଭଲ ସାଙ୍ଗ । ଏହି ଘଟଣା ପରେ ଜଣଙ୍କୁ ଟିସି ଦିଆଯାଇଛି, ଅନ୍ୟ ଜଣଙ୍କୁ ବି ଟିସି ଦିଆଯିବ ବୋଲି ସେ କହିଛନ୍ତି। ପ୍ରଧାନଶିକ୍ଷକ ସ୍ୱାଧୀନ ସାହୁ କହିଛନ୍ତି, ପ୍ରଥମ ପରିୟଡ ଗଣିତ,ଦ୍ୱିତୀୟ ପିରିୟଡ ବିଜ୍ଞାନ କ୍ଲାସ ହୋଇଥିଲା । ତୃତୀୟ କ୍ଲାସ ପାଇଁ ଶିକ୍ଷକ ଶ୍ରେଣୀକୁ ଯାଉଥିବାବେଳେ ଏହି କାଣ୍ଡ ଘଟିଥିବା ସିସି ଟିଭି ଫୁଟେଜରୁ ଜଣାପଡିଛି। ଆକ୍ରମଣ କରିଥିବା ଛାତ୍ରର ଅଭିଭାବକଙ୍କ ଆବେଦନ ପରେ ତାଙ୍କୁ ସ୍କୁଲରୁ ଟିସି ଦେଇଥିବା ସେ କହିଛନ୍ତି। ପୁଇଁତଲା ବିଇଓ ଲୋକନାଥ ସୁନାଙ୍କୁ ଘଟଣା ସଂକ୍ରାନ୍ତରେ ପଚାରିବାରୁ, ଏନେଇ ଅଭିଭାବକ, ସିଆରସିସି କିମ୍ବା ପ୍ରଧାନଶିକ୍ଷକ କେହି ଜଣାଇନାହାନ୍ତି। ସେମାନେ ନିଜସ୍ତରରେ ଘଟଣାର ସମାଧାନ କରିଥାଇ ପାରନ୍ତି କହି ଘଟଣାକୁ ହାଲକା ଭାବେ ନେଇଥିଲେ । ସ୍କୁଲରେ ଏପରି ଘଟନାର ପୁନରାବୃତ୍ତି ଯେପରି ନଘଟିବ ସେ ଦିଗରେ ସ୍କୁଲ କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଶିକ୍ଷା ବ୍ୟବସ୍ଥାର ଅବନତି ପାଇଁ ସରକାର ଦାୟୀ




ମହିଳା ସମ୍ମିଳନୀରେ ବିଧାୟକ ନରସିଂହ ମିଶ୍ର, ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଓ ଅନ୍ୟମାନେ।

**ବଲାଙ୍ଗୀର,୧୦।୪(ବୀରେନ୍ଦ୍ର କୁମାର ଝାଙ୍କର)**

**ଖରସେଲପଡାରେ କଂଗ୍ରେସ ମହିଳା ସମ୍ମିଳନୀରେ ବର୍ଷିଲେ ନେତା**

ବଲାଙ୍ଗୀର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୨୧ର ଖରସେଲପଡା ଠାରେ କଂଗ୍ରେସ ଦଳ ପକ୍ଷରୁ ବୁଧବାର ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ନରସିଂହ ମିଶ୍ର, କଂଗ୍ରେସର ବଲାଙ୍ଗୀର ବିଧାନସଭା ସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କୁ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ପାଇଁ ଦାୟୀ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ତାଙ୍କ ବକ୍ତବ୍ୟ କହିଥିଲେ ଯେ, କଂଗ୍ରେସ ସରକାର ଅମଳର ଶିକ୍ଷା ବ୍ୟବସ୍ଥାରେ ଗରିବ ଓ ଧନୀ ସମସ୍ତେ ଗୋଟିଏ ସ୍କୁଲରେ ପାଠ ପଢୁଥିଲେ। ସେହି ଶିକ୍ଷା ବ୍ୟବସ୍ଥାକୁ ରାଜ୍ୟରେ ବିଜେଡି ସରକାର ଆସିଲା ପରେ ଦୁଇଭାଗ କରିଦେଇଛନ୍ତି। ଏବେ ଗରିବ ଲୋକଙ୍କ ପିଲାଙ୍କ ପାଇଁ ଅଲଗା ସ୍କୁଲ ଓ ଧନୀ ଲୋକଙ୍କ ପିଲାଛୁଆ ପାଇଁ ଅଲଗା ସ୍କୁଲ ରହିଛି। ଗରିବ ପଢୁଥିବା ସ୍କୁଲରେ ଶିକ୍ଷକ ନାହିଁ କି କର୍ମଚାରୀ ନାହିଁ। ସେମାନଙ୍କ ଭବିଷ୍ୟତ ଘୋର ଅନ୍ଧାକାରମୟ ହୋଇପଡିଛି। ଏଥିପାଇଁ କେବଳ ସରକାର ଦାୟୀ ବୋଲି ଦୋଷାରୋପ କରିଥିଲେ। ଶିକ୍ଷା ବ୍ୟବସ୍ଥାରେ ପାତରଅନ୍ତର ଆର୍ଥିକ ଅସମାନତା ବଢ଼ାଉଛି ବୋଲି ସେ କହିଥିଲେ। ଏହାକୁ ମହିଳା ଓ ପୁରଷମାନେ ବିଝିବା ଉଚିତ୍ ବୋଲି କହିଥିଲେ। ଏହି ସଭାରେ ସେ ବିଧାୟକ ମିଶ୍ରଙ୍କ ଗତ ୧୦ ବର୍ଷର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବଲାଙ୍ଗୀର ସହରର ପିଇବା ପାଣି ସମସ୍ୟାର ସମାଧାନ, ଶିକ୍ଷା ଭିତ୍ତିଭୂମି ନିର୍ମାଣ, ସ୍ୱାସ୍ଥ୍ୟ ପାଇଁ ମେଡିକାଲ କଲେଜ, କ୍ରୀଡା ଭିତ୍ତି ଭୂମି, ରାସ୍ତାଘାଟ, ଜଳସେଚନ ପାଇଁ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଭଳି ଅନେକ ଯୋଜନା କାର୍ଯ୍ୟକାରୀ କରିବାରେ ବିଧାୟକ ମିଶ୍ରଙ୍କ ଶ୍ରେୟ ବୋଲି କହିଥିଲେ। ସଭାରେ ବିଧାୟକ ମିଶ୍ର ଉପସ୍ଥିତ ମହିଳାଙ୍କ ଉଦ୍ଦେଶ୍ୟରେ ଆଗାମୀ ନିର୍ବାଚନରେ ବିଧାୟକ ଭାବେ ସମରେନ୍ଦ୍ର ମିଶ୍ରଙ୍କୁ ସମର୍ଥନ କରି ଭୋଟ୍ ଦେବାକୁ ଅନୁରୋଧ କରିଥିଲେ। ରାଜ୍ୟରେ କଂଗ୍ରେସ ସରକାର ଆସିଲେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ରଣ ମାଫ, ବାର୍ଦ୍ଧକ୍ୟ, ବିକଳାଙ୍ଗ, ବିଧବା ଭତ୍ତାକୁ ଦ୍ୱିଗୁଣିତ କରାଯିବ, ଧାନର ସର୍ବନିମ୍ନ ମୂଲ୍ୟ ୩୦୦୦ ଟଙ୍କାକୁ ବୃଦ୍ଧି କରାଯିବ, ବେକାରୀ ଯୁବକଙ୍କୁ ବେକାରୀ ଭତ୍ତା ୩୦୦୦ ଟଙ୍କା ପ୍ରଦାନ କରାଯିବା ସହ ସମସ୍ତ ମା' ମାନଙ୍କୁ ମାସିକ ୨୦୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବ ବୋଲି କହିଥିଲେ। ସମ୍ମିଳନୀକୁ ମହିଳା କଂଗ୍ରେସ ସଭାନେତ୍ରୀ ମିଳନି ସାହୁ ସଂଯୋଜନା କରିଥିଲେ। ସଭାରେ ଶତାଧିକ ମହିଳା ଯୋଗଦାନ କରିଥିଲେ।

# ବିସ୍ଥାପିତ କଲୋନୀରେ ପାନୀୟ ଜଳ ସମସ୍ୟା

**ବଲାଙ୍ଗୀର,୧୦।୪(ବୀରେନ୍ଦ୍ର କୁମାର ଝାଙ୍କର)**



ଦୁଇ ଜଣ ପିଲା କୁସ୍‌ମେଲ କଲୋନୀରୁ ଫଟାବାହାଲ ଗାଁକୁ ପାଣି ଆଣିବାକୁ ଯାଉଛନ୍ତି।

**ଦେଢ଼ କିମି ଦୂରରୁ ସାଇକେଲରେ ପିଲା ପାଣି ଆଣୁଛନ୍ତି**

ବଲାଙ୍ଗୀର ଜିଲାବାସୀଙ୍କ ବୃହତ୍ତର ସ୍ୱାର୍ଥ ସାଧନ ଏବଂ ଜିଲାର ଦ୍ରୁତ ବିକାଶ ନିମନ୍ତେ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପାଇଁ ୨୯ଟି ଗାଁର ଲୋକଙ୍କୁ ବିସ୍ଥାପିତ କରାଯାଇଛି। ସେମାନେ ପୂର୍ବପୁରୁଷଙ୍କ ଭିଟାମାଟି ଛାଡି ବିସ୍ଥାପିତ ହୋଇଛନ୍ତି। ତେବେ ଏଇ ବିସ୍ଥାପିତ ପରିବାର ବର୍ଗ ଏବେ ଦୟନୀୟ ଜୀବନଯାପନ କରୁଥିବା ଜଣାପଡିଛି। ଜିଲାର ବିଭିନ୍ନ ସ୍ଥାନରେ ବିସ୍ଥାପିତମାନଙ୍କ ପାଇଁ ନିର୍ମାଣ ହୋଇଥିବା ଅସ୍ଥାୟୀ କଲୋନୀରେ ବହୁକଷ୍ଟରେ ଚଳୁଛନ୍ତି। ଏବେ ଖରାଦିନରେ ବିସ୍ଥାପିତଙ୍କ ଦୁଃଖ ଦ୍ୱିଗୁଣିତ ହୋଇଛି। ସେମାନେ ନିଜ ସମସ୍ୟା ସମ୍ପର୍କରେ ହାରିଗୁହାରି କଲେ ପ୍ରତିଶ୍ରୁତି ଛଡା କିଛି ମିଳୁନାହିଁ। ପ୍ରକଳ୍ପ ପ୍ରଭାବିତ ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ଗଡଶଙ୍କର ଡୁଙ୍ଗୁରିପାଲି ଗ୍ରାମ ପଞ୍ଚାୟତର ବନଛୋରପାଲି ଗାଁର ବିସ୍ଥାପିତଙ୍କୁ କୁସମେଲ କଲେନୀର ଅସ୍ଥାୟୀ ଘରେ ଆଣି ରଖାଯାଇଛି। ଟିଣ ଘରେ ଏବେ ପ୍ରଚଣ୍ଡ ତାପମାତ୍ରାରେ ସେମାନେ ଦହଗଞ୍ଜ ହେଉଛନ୍ତି। ସେଠାରେ ସେମାନଙ୍କୁ ପିଇବା ପାଣି ମିଳୁ ନ ଥିବାରୁ ଖରାଦିନରେ ଜଳକଷ୍ଟରେ ଆଉଟୁ ପାଉଟୁ ହେଉଛନ୍ତି। ସେମାନଙ୍କୁ ପିଇବା ପାଣି ପାଇଁ ପ୍ରାୟ ଦେଢ଼ କିଲୋମିଟର ଦୂର ଫଟାବାହାଲ ଗାଁ ଉପରେ ନିର୍ଭର କରିବାକୁ ପଡୁଛି। ପ୍ରତିଦିନ ସକାଳୁ ଏବଂ ସନ୍ଧ୍ୟା ପୂର୍ବରୁ ଲୋକଙ୍କୁ ପିଇବା ପାଣି ଆଣି ରଖିବାକୁ ପଡୁଛି। ଫଟାବାହାଲ-କୁସଙ୍ଗ ମୁଖ୍ୟ ରାସ୍ତାକଡ ଛତା ଛକ ନିକଟରେ ଥିବା କୁସମେଲ ଅସ୍ଥାୟୀ କଲୋନୀ ଟିଣ ଘରେ ବନ୍‌ଛୋରପାଲି ଗାଁର ୩୨ଟି ଭୂମିହୀନ ପରିବାର ରହୁଛନ୍ତି। ସରକାର ଭୂମିହୀନ ପରିବାରଙ୍କୁ ଘରଡିହ ବ୍ୟବସ୍ଥା କରି ନ ଥିବାରୁ ଏଇ ପରିବାର ସଦସ୍ୟ ଏଇ ଅସ୍ଥାୟୀ କଲୋନୀରେ ରହିଆସୁଛନ୍ତି। ତେବେ ଏଇ ଅସ୍ଥାୟୀ କଲୋନୀରେ ସର୍ବନିମ୍ନ ମୌଳିକ ସୁବିଧା ନାହିଁ। ପିଇବା ପାଣି ନ ଥିବାରୁ ପ୍ରତିଦିନ ଦେଢ଼ କିଲୋମିଟର ଦୂର ସାଇକେଲରେ ଫଟାବାହାଲ ଗାଁର ପାଣିଟାଙ୍କି ନିକଟକୁ ଯାଇ ଏମାନଙ୍କୁ ପିଇବା ପାଣି ସଂଗ୍ରହ କରିବାକୁ ପଡୁଛି। ଘରେ ପୁରୁଷ ଲୋକେ ଥିଲେ ପାଣି ସଂଗ୍ରହ କରୁଛନ୍ତି। ତେବେ ଅନେକ ସମୟରେ ସେମାନେ ଦିନ ମଜୁରିଆ ଭାବେ କାମ କରିବାକୁ ଯାଉଥିବାରୁ ସେମାନଙ୍କ ସ୍କୁଲରେ ପଢୁଥିବା ପିଲାଛୁଆମାନେ ସାଇକେଲରେ ପାଣି ସଂଗ୍ରହ କରୁଛନ୍ତି। ଖରାଦିନ ହେବା ପରେ ଦିନରେ ଅନେକ ଥର ପାଣି ଆଣିବାକୁ ଦେଢ଼ କିଲୋମିଟର ଦୂର ଫଟାବାହାଲ ଯିବାକୁ ପଡୁଛି। କିଛିଦିନ ତଳେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର କୁସ୍‌ମେଲ କଲୋନୀ ପରିଦର୍ଶନରେ ଯାଇ ବିସ୍ଥାପିତଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କୁ ବିସ୍ଥାପିତମାନେ କଲୋନୀର ବିଭିନ୍ନ ସମସ୍ୟା ସମ୍ପର୍କରେ କହିବା ସହ ବିଶେଷକରି ଭୋଗୁଥିବା ଜଳକଷ୍ଟ ଦୂର କରିବାକୁ ନିବେଦନ କରିଥିଲେ। ଶୀଘ୍ର ପାନୀୟ ଜଳ ସୁବ୍ୟବସ୍ଥା କରିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇ ଫେରିଥିଲେ। ତେବେ ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ମଧ୍ୟ କୁସ୍‌ମେଲ କଲୋନୀରେ ପାନୀୟ ଜଳକଷ୍ଟ ଦୂର ହୋଇନାହିଁ। ଏବେବି ପିଲାମାନେ ସ୍କୁଲରୁ ଫେରିଲା ପରେ ଫଟାବାହାଲ ଯାଇ ପାଣି ସଂଗ୍ରହ କରୁଥିବା ବିସ୍ଥାପିତ ପରିବାର ସଦସ୍ମମାନେ ଅଭିଯୋଗ କରିଛନ୍ତି। ଜିଲାର ବୃହତ୍ତର ସ୍ୱାର୍ଥ ପାଇଁ ଗାଁ, ଘର ଛାଡି ବିସ୍ଥାପିତ ହୋଇଥିବା ଲୋକମାନେ ଯେଉଁ କଷ୍ଟ ଭୋଗୁଛନ୍ତି ତାହା ଅନ୍ୟ କାହାକୁ ନ ମିଳୁ ବୋଲି ବିସ୍ଥାପିତ କଲୋନୀ ନିବାସୀ ଦେବରାଜ ପୋଢ଼ କହିଛନ୍ତି।

## ସଂକ୍ଷେପରେ

### ବୌଦ୍ଧରେ କଂଗ୍ରେସର ପ୍ରଚାର ଜୋରଦାର

ବୌଦ୍ଧ,୧୦।୪(ଅଜିତ କୁମାର ବାରିକ)

ସାଧାରଣ ନିର୍ବାଚନ ପାଇଁ ବୌଦ୍ଧ ଜିଲାରେ ରାଜନୀତି ସରଗରମ ହୋଇ ପଡିଥିବା ବେଳେ ତିନି ପ୍ରମୁଖ ରାଜନୈତିକ ଦଳ ପ୍ରଚାର ଆରମ୍ଭ କରିଛି। ବୌଦ୍ଧ ନିର୍ବାଚନମଣ୍ଡଳୀରେ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ଲଢେଇ ହେବାକୁ ଯାଉଥିବା ବେଳେ ବରିଷ୍ଠ ଆଇନଜୀବୀ ନବକୁମାର ମିଶ୍ର କଂଗ୍ରେସର ପ୍ରାର୍ଥୀ ହୋଇଛନ୍ତି। ମିଶ୍ର କଂଗ୍ରେସର ପ୍ରାର୍ଥୀ ଘୋଷଣା ହେବା ପରେ ଗତ ରବିବାର ଦିନ ବୌଦ୍ଧ ଜିଲାର ଆରାଧ୍ୟା ଦେବୀ ମା' ଭୈରବୀଙ୍କ ପୀଠରେ ପୂଜାର୍ଚ୍ଚନା କରିବା ପରେ ହରଭଙ୍ଗା ବ୍ଲକରେ ପ୍ରଚାର ଆରମ୍ଭ କରିଥିଲେ। ପୁଣି ମଙ୍ଗଳବାର ହରଭଙ୍ଗା ବ୍ଲକର ଆଡେଣୀଗଡ ଠାରେ ଦଳୀୟ ନେତା ଓ କର୍ମୀଙ୍କୁ ନେଇ ପ୍ରଚାର ଆରମ୍ଭ କରିଥିଲେ। ପ୍ରଚାର ସମୟରେ ଲୋକେ ନାମ ସଂକୀର୍ତ୍ତନ କରି ମିଶ୍ରଙ୍କୁ ସ୍ୱାଗତ କରୁଥିବା ଦେଖିବାକୁ ମିଳିଥିଲା। ସେ ଘର ଘର ଯାଇ ଲୋକଙ୍କ ସାଙ୍ଗେ ମିଶିବା ସହ କଂଗ୍ରେସର ଗ୍ୟାରେଣ୍ଟି ଇସ୍ତାହାର ଲୋକଙ୍କୁ ପ୍ରଦାନ କରିଥିଲେ। ପ୍ରଚାରରେ ଜିଲା କଂଗ୍ରେସ ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ଉପସଭାପତି ସମରେଶ ମିଶ୍ର, ହରଭଙ୍ଗା ବ୍ଲକ କଂଗ୍ରେସ ସଭାପତି ପଙ୍କଜ କର୍ଣ୍ଣ, ଆଇନଜୀବୀ ତାରିଣି ଜେନା, ଅର୍ଜ୍ଜୁନ ମହାନନ୍ଦିଆ, ବେଣୁଧର ମେହେର, ବୁଦ୍ଧଦେବ ପ୍ରଧାନ, ରୋହିତାଶ୍ୱ ବେହେରା, ପ୍ରମୋଦ ପ୍ରଧାନ, ପୌଲସ୍ତି ପ୍ରଧାନ ସାମିଲ ଥିଲେ। ଏପଟେ ଭାଜପା ପ୍ରାର୍ଥୀ ଯୁବ ନେତା ସରୋଜ କୁମାର ପ୍ରଧାନ ହରଭଙ୍ଗା ବ୍ଲକରେ ଘରକୁ ଘର ଯାଇ ପ୍ରଚାର ଜୋର ଦାର କରିଥିବା ଦେଖିବାକୁ ମିଳିଛି।

### ବୀରମହାରାଜପୁରରେ ହିନ୍ଦୁ ନବବର୍ଷ ପାଳିତ

ଅମରପାଲି,୧୦।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଚୈତ୍ର ଶୁକ୍ଳ ପ୍ରତିପଦା ଅବସରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। କେନଝିରିଆପାଲିସ୍ଥିତ ହରେ ରାମ ପ୍ରେମାନନ୍ଦ ମଠରେ ଧୁମଧାମରେ ନବବର୍ଷ ପାଳିତ ହୋଇଥିଲା। ଏଠାରେ ଥିବା ଜ୍ଞାନେଶ୍ୱର ବାବା ଶୈବପୀଠର ଦ୍ୱାଦଶ ଜ୍ୟୋତି ଲିଙ୍ଗ ମନ୍ଦିରରେ ପ୍ରଥମେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ଓ ପରେ ରୁଦ୍ରାଭିଷେକ, କ୍ଷୀର ଜଳଶାୟୀ ଅନୁଷ୍ଠିତ ହୋଇଥିଲା। ବନମାଳୀ ଚାନ୍ଦ ପୂଜକ ତଥା ବିଦ୍ୟାଧର ପଧାନ ଓ ସୂର୍ଯ୍ୟକାନ୍ତ ଦେହୁରୀ ସହ୍ରିକ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ମଠାଧୀଶ ଘୁଙ୍ଗାନନ୍ଦ ପୁରୀଜୀ ମହାରାଜ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଆର୍ଶୀବଚନ ପ୍ରଦାନ କରିଥିଲେ। ଗଣେଶ୍ୱର ଦାଶ ଓ କଳ୍ପ ବିଶ୍ୱାଳ ଏଥିରେ ଯୋଗଦେଇ ପରମ୍ପରା ଓ ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏଥିରେ ଶଙ୍କର୍ଷଣ ପଧାନ, କରୁଣାକର ବିଶି, ଲାଲବାହାଦୁର ମିଶ୍ର, ତ୍ରିପୁରାରୀ ଦେହୁରୀ ଓ ନାରାୟଣ ଦେହୁରୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ରବିନାରାୟଣ କର୍ଣ୍ଣ, ରାମଶଙ୍କର ପଧାନ, ଜାତକ ପଧାନ, ଶିବ ପଧାନ, ତରଣୀ ପଧାନଙ୍କ ସମେତ ପରିଚାଳନା କମିଟି କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। ସେହିଭଳି ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲା କାର୍ଯ୍ୟକର୍ତ୍ତା ଦିଲୀପ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ହିନ୍ଦୁ ନବବର୍ଷ ପାଳନର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉମେଶ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ବୁଧରାମ ମହାକୁର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଜନକରାମ ପଟେଲ ଓ ସମ୍ପାଦକ ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସୁବଳୟା ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ନବବର୍ଷ ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏଥିରେ ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ସହଯୋଗ କରିଥିଲେ। ସେହିଭଳି ଗୌଡଗାଡ ଗ୍ରାମରେ ମଧ୍ୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି।

# ବିକାଶକୁ ନେଇ ଲୋକଙ୍କ ନିକଟକୁ ଯିବୁ: ସଙ୍ଗୀତା

ସୋନପୁର,୧୦।୪(ମୃତ୍ୟୁଞ୍ଜୟ ଶତପଥୀ)



ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରାର୍ଥିନୀ ସଙ୍ଗୀତା କୁମାରୀ ସିଂହଦେଓ ସୂଚନା ଦେଉଛନ୍ତି।

ବିକାଶମୂଳକ କାର୍ଯ୍ୟକୁ ନେଇ ଭାରତୀୟ ଜନତା ପାର୍ଟି ଲୋକଙ୍କ ନିକଟକୁ ଯିବ। ସୁବର୍ଣ୍ଣପୁର ଜିଲାବାସୀଙ୍କ ଦୀର୍ଘ ବର୍ଷର ଦାବି ରେଳପଥ ନିର୍ମାଣକୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ କରିବା ସହ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହୋଇଥିଲା। ତେବେ ଏହା ସମ୍ପୂର୍ଣ୍ଣ ହୋଇ ଜନସାଧାରଣଙ୍କୁ ସେବା ଯୋଗାଇବା ବଡ କଥା ବୋଲି ସୁବର୍ଣ୍ଣପୁର ସହରସ୍ଥିତ ଅଗ୍ରସେନ ଭବନରେ ଭାଜପାର ବଲାଙ୍ଗୀର ଏମ୍‌ପି ପ୍ରାର୍ଥିନୀ ସଙ୍ଗୀତା କୁମାରୀ ସିଂହଦେଓ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ମୋଦି ସରକାରଙ୍କ ସମୟରେ ଦେଶର ଆର୍ଥିକ ସ୍ଥିତି ମଜବୁତ୍ ହୋଇଛି। ଜାତୀୟ ରାଜପଥ, ରେଳପଥର ବିକାଶ ହୋଇଛି। ଚାଷ ଜମିକୁ ଜଳସେଚନ ଓ ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ମିଳିଛି। କିନ୍ତୁ ଏହିସବୁ ପ୍ରକଳ୍ପ କାମ ଧିମା ଗତିରେ ଚାଲିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କୁ ଘର ମିଳିବା ସହ ମାଗଣାରେ ଖାଦ୍ୟ ଶସ୍ୟ ଯୋଗାଇ ଦିଆଯାଉଛି। କେନ୍ଦ୍ର ସରକାରଙ୍କ ଦୃଢ ଇଚ୍ଛାଶକ୍ତି ପାଇଁ ଏହା ସମ୍ଭବ ହୋଇପାରିଛି। ଆଗାମୀ ଦିନରେ ଜିଲାର ସୋନପୁର ଓ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ଜନସାଧାରଣଙ୍କ ଆଶୀର୍ବାଦରୁ ଭାଜପା ବିଜୟ ଲାଭ କରିବ ବୋଲି ସିଂହଦେଓ ଦୃଢୋକ୍ତି ପ୍ରକାଶ କରିଥିଲେ। ରାଜ୍ୟରେ ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ଅନୁକୂଳ ବାତାବରଣ ଅଛି। ଲୋକେ ମୋଦିଙ୍କୁ ପୁନର୍ବାର ପ୍ରଧାନମନ୍ତ୍ରୀ ରୂପେ ଦେଖିବାକୁ ଚାହୁଁଛନ୍ତି। ଓଡିଶାରେ ଭାଜପା ସରକାର ଓ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆସିଲେ ସୁବର୍ଣ୍ଣପୁର ଜିଲାରେ ଥିବା ପୁରାତନ ମନ୍ଦିରଗୁଡିକର ପୁନରୁଦ୍ଧାର କରାଯିବ। ଉଲୁଣ୍ଡା ବ୍ଲକର କୋଟସମଲେଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ବିନିକାର ପାପକ୍ଷୟ ଘାଟ, ଚରଦାର କପିଳେଶ୍ୱର ମନ୍ଦିର, ଖଲିଆପାଲିର ଭୀମଭୋଇଙ୍କ ପୀଠ ଓ ବୈଦ୍ୟନାଥର କୋଶଳେଶ୍ୱର ମନ୍ଦିରର ବିକାଶ କରାଯିବ। ଜମିକୁ ଜଳସେଚନ ଓ ବୁଣାକାରଙ୍କ ଆର୍ଥିକ ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ତେଣୁ ଦ୍ରୁତ ବିକାଶ ପାଇଁ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆଣିବାକୁ ଜନସାଧାରଣଙ୍କୁ ସିଂହଦେଓ ଆହ୍ୱାନ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ତଥା ସୋନପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରମୋଦ କୁମାର ମହାପାତ୍ର ଓ ଭାଜପା ଯୁବମୋର୍ଚ୍ଚା ସଭାପତି ସ୍ୱରୂପ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ହିନ୍ଦୁ ନବବର୍ଷ ପାଳିତ



ଘଣ୍ଟାପଡ଼ା ଶିଶୁ ମନ୍ଦିରର ଛାତ୍ରୀଛାତ୍ରଙ୍କ ଗ୍ରାମ୍ୟ ପରିକ୍ରମା।

ଘଣ୍ଟାପଡ଼ା,୧୦।୪(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡ଼ା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଘଣ୍ଟାପଡ଼ା ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଶିବ ମନ୍ଦିର,ଜଗନ୍ନାଥ ମନ୍ଦିର ଦର୍ଶନ କରି ଗ୍ରାମ୍ୟ ପରିକ୍ରମା କରିଥିଲେ। ସେହିପରି ଆମ୍ବଗାଁ ଶିବ ମନ୍ଦିରରେ ଭଗତ ସିଂ ଶାଖା ତରଫରୁ ନବବର୍ଷ ପାଳନ କରାଯାଇଥିଲା। ଖୁଣ୍ଟିଗୋରା ପଞ୍ଚାୟତର ମସିଣାଗୋରା ଶିଶୁ ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ମନ୍ଦିର ଦର୍ଶନ କରି ଖୁଣ୍ଟିଗୋରା ଓ ମସିଣାଗୋରା ଗ୍ରାମ ପରିକ୍ରମା କରିଥିଲେ। ଏପରି କି ଉକ୍ତ ପଞ୍ଚାୟତଗ ରୁଗୁଡ଼ିପାଲିସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନବ ସେବା ସଦନ ଓ ଯୁବ ସମାଜର ସଦସ୍ୟମାନେ ନବବର୍ଷକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଅନୁଷ୍ଠାନର ସଦସ୍ୟମାନେ ସ୍ଥାନୀୟ ଶିବମନ୍ଦିରରୁ ଦର୍ଶନ ସାରି ଏକ ବାଇକ୍ ରାଲିରେ ବାହାରି ଖୁଣ୍ଟିଗୋରାସ୍ଥିତ ଜଗନ୍ନାଥ ମନ୍ଦିର,ବନ୍ଧଗୋରା ଶିବମନ୍ଦିର, ରେଘାମୁଣ୍ଡାସ୍ଥିତ ଶିବମନ୍ଦିର, କଣ୍ଟାମାଳ–ବନ୍ଧପାଲିସ୍ଥିତ ଶ୍ରୀରାମମନ୍ଦିର, ଘଣ୍ଟାପଡ଼ାସ୍ଥିତ ଶିବ, ଜଗନ୍ନାଥ ଓ ସମଲେଶରୀ ମନ୍ଦିର, ଆମ୍ବଗାଁ ଶିବମନ୍ଦିର ଦର୍ଶନ କରିଥିଲେ। ସୁଶାନ୍ତ ବାରିକଙ୍କ ତତ୍ତ୍ୱାବଧାନରେ ମାନବ ସେବା ସଦନର ସଭାପତି ବଳରାମ ବାଘ, ସଂପାଦକ ବଂଶୀଧର ମାଝୀ, ଯୁବ ସମାଜର ଶଙ୍କର ସାହଙ୍କ ସମେତ ଶତାଧିକ ସଦସ୍ୟ ରାଲିରେ ସାମିଲ ଥିଲେ।

# ଲେହେଡିରେ ମା' ନାରାୟଣୀଙ୍କ ଖମ୍ବ ପ୍ରତିଷ୍ଠା ଉତ୍ସବ


ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁ।

ସୋନପୁର,୧୦।୪(ମୃତ୍ୟୁଞ୍ଜୟ ଶତପଥୀ)

ଆଶ୍ୱିନ ଓ ଚୈତ୍ର ମାସରେ ଶକ୍ତି ଆରାଧନା କରାଯାଏ। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ଅନ୍ୟତମ ଶକ୍ତି ପୀଠ ଉଲୁଣ୍ଡା ବ୍ଲକ ଲେହେଡ଼ି ଗାଁର ମା' ମାହେଶ୍ୱରୀଙ୍କ ପୀଠରେ ଚାଲିଛି ଦେବୀଙ୍କ ପୂଜା ଆରାଧନା। ଚଳିତବର୍ଷ ମା' ମାହେଶ୍ୱରୀଙ୍କ ପୀଠରେ ଆୟୋଜିତ ହୋଇଛି ନାରାୟଣୀଙ୍କ ନବକଳେବର ଉତ୍ସବ। ପ୍ରାୟ ପାଞ୍ଚ ଦଶକ ପୂର୍ବରୁ ପ୍ରାଚୀନ ମନ୍ଦିରରେ ମା' ନାରାୟଣୀଙ୍କ କାଠ ନିର୍ମିତ ଖମ୍ବ ପ୍ରତିମା ଘରପୋଡିରେ ନଷ୍ଟ ହୋଇ ଯିବା ପରେ ଦେବୀ ପ୍ରତିମାଙ୍କ ପରିବର୍ତ୍ତନ କରାଯାଇଥିଲା। ପୁଣି ଚଳିତ ଚୈତ୍ର ପର୍ବରେ ନାରାୟଣୀଙ୍କ କାଠ ପ୍ରତିମାର ନବକଳେବର ଉତ୍ସବ ପାଳନ କରାଯାଇ ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ଚୈତ୍ର ଶୁକ୍ଳ ଦଶମୀ ତିଥିରୁ ଚଣ୍ଡୀ ଯଜ୍ଞର ଆୟୋଜନ କରାଯାଇଥିଲା। ସୋମବାର, ମଙ୍ଗଳବାର ଓ ବୁଧବାର ତିନି ଦିନ ପର୍ଯ୍ୟନ୍ତ ଶକ୍ତି ଆରାଧନା ସାଙ୍ଗକୁ ଦେବୀଙ୍କ ପୂଜା ଆରାଧନା କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ସଂକୀର୍ତ୍ତନ, ଆଧ୍ୟାତ୍ମିକ ପ୍ରବଚନ, ଭଜନ କାର୍ଯ୍ୟକ୍ରମ ଆଦିର ଆୟୋଜନ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଚଣ୍ଡୀଯଜ୍ଞରେ ସାମିଲ ହୋଇ ଦେବୀ ଦର୍ଶନର ସୌଭାଗ୍ୟ ଅର୍ଜନ କରିଛନ୍ତି। ମା' ମାହେଶ୍ୱରୀ ଡୁମ୍ବାଲ ସମ୍ପ୍ରଦାୟର ଇଷ୍ଟ ଦେବୀ ଭାବେ ପ୍ରସିଦ୍ଧି ଲାଭ କରିଥିବାରୁ ଡୁମ୍ବାଲ ସମ୍ପ୍ରଦାୟର ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ଏହି ଉତ୍ସବରେ ସାମିଲ ହୋଇ ଦେବୀଙ୍କୁ ଦର୍ଶନ କରିଥିଲେ। ମାହେଶ୍ୱରୀଙ୍କ ଏହି ଶକ୍ତି ପୀଠ ସୋନପୁର ଗଡଜାତ ଶାସନ ସମୟରୁ ଜିଲାର ଅନ୍ୟତମ ତାନ୍ତ୍ରିକ ଶକ୍ତି ପୀଠ ଭାବେ ପରିଚୟ ପାଇଛି। ପ୍ରତିଷ୍ଠା ପର୍ବରେ ମାହେଶ୍ୱରୀଙ୍କ ସେବାୟତ ଓ ପୁରୋହିତ ସାମିଲ ହୋଇ ନାରାୟଣୀଙ୍କ ଖମ୍ବ ପ୍ରତିମାଙ୍କ ପୁନଃ ପ୍ରତିଷ୍ଠା କରିଛନ୍ତି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଜନସାଧାରଣ ସାମିଲ ହୋଇ ଦେବୀଙ୍କ କୃପା ଲାଭ କରିଛନ୍ତି।

# କନ୍ଧ ସମାଜର ବୈଠକ

**କନ୍ଧ ସମାଜର ସାମାଜିକ ଉନ୍ନତି ଉପରେ ଆଲୋଚନା**

ଘଣ୍ଟାପଡ଼ା,୧୦।୪(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ତୁର୍କା ପ୍ରଗଣା ତଥା ନାରାୟଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଭାଙ୍ଗିବେଡା ଗ୍ରାମରେ କନ୍ଧ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କନ୍ଧ ସମାଜ ଉନ୍ନୟନ ପରିଷଦ ସଭାପତି ସାମନ୍ତ ମାଝୀଙ୍କ ଆହ୍ୱାନକ୍ରମେ ବିଭିନ୍ନ ପ୍ରଗଣାର କନ୍ଧ ସମାଜ ପ୍ରତିନିଧି ଯୋଗଦେଇ ଆଦିମାତା ଆଦିଶକ୍ତିଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ସଭାପତି ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଲବିଟ ପ୍ରଗଣା ସଭାପତି ବିବସ୍ୱ କଅଁର, ଉପସଭାପତି ସର୍ବେଶ୍ୱର ଭୋଇ, କୁଦୁର୍କା ପ୍ରଗଣା ସଭାପତି ଦେବାଧି ମଲିକ, ମହାସିଙ୍ଗ ପ୍ରଗଣା ସଭାପତି ରବିଚନ୍ଦ୍ର ମାଝୀ, ତୁର୍କା ପ୍ରଗଣା ଉପସଭାପତି ରାଜେନ୍ଦ୍ର ଭୋଇ, ସମ୍ପାଦକ ଧର୍ମୁ କଅଁର, ଆଞ୍ଚଳିକ କନ୍ଧ ସମାଜ ଉନ୍ନୟନ ପରିଷଦର ଉପଦେଷ୍ଟା ବିପିନ ଭୋଇ, ପବିତ୍ର ଝାଙ୍କର, କୋଷାଧକ୍ଷ ବଂଶୀଧର ମାଝୀ ଯୋଗଦେଇ ବିଭିନ୍ନତା ମଧ୍ୟରେ କନ୍ଧ ସମାଜର ସ୍ଥିତି, ସାମାଜିକ ଉନ୍ନତି, ପାରମ୍ପରିକ ପୂଜା ପଦ୍ଧତି ବିଷୟରେ ଆଲୋଚନା କରିଥିଲେ। ସର୍ବୋପରି ଘଣ୍ଟାପଡ଼ା ପଞ୍ଚାୟତର କୋଡ଼ିବାହାଲସ୍ଥିତ ଭୀମଭୋଇ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟକୁ ରୋଷେଇ ଘର ନିର୍ମାଣ ପାଇଁ ଆର୍ଥିକ ସହାୟତା ଲାଗି ଆଲୋଚନା ପରେ ସର୍ବସମ୍ମତ ପ୍ରକାଶ ପାଇଥିଲା। ସହାୟତା ପ୍ରଦାନ ନିମନ୍ତେ ସଭାପତି ସାମନ୍ତ ମାଝୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସଦସ୍ୟ ସୁଦାମ ଭୋଇ ଧନ୍ୟବାଦ ଦେଇଥିଲେ। ଦିଗାମ୍ବର ଭୋଇ, ବିପିନ ମାଝୀ, ଗଣେଶ୍ୱର ଭୋଇ, ପୂର୍ଣ୍ଣଚନ୍ଦ୍ର ମଲିକ, ସାଧୁ କଅଁର ପ୍ରମୁଖ ସହଯୋଗ କରିଥିଲେ।

# ବୀରମହାରାଜପୁରରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ


ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

ଅମରପାଲି,୧୦।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ବିଜୁ ଜନତା ଦଳର କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ବିଜେଡି ସଭାପତି ସ୍ୱୟମ୍ଭୁ ନାଥ ଖଣ୍ଡଗିରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ ଏକ ଶୋଭାଯାତ୍ରାରେ ବୀରମହାରାଜପୁର ମୁଖ୍ୟ ଛକ ଦେଇ ନିଜ ସମର୍ଥକ ଓ କର୍ମକର୍ତ୍ତାଙ୍କ ସହିତ କାର୍ଯ୍ୟାଳୟକୁ ଆସିଥିଲେ। ବିଧାୟକ ବେହେରା କାର୍ଯ୍ୟାଳୟ ଉଦ୍‌ଘାଟନ କଲା ପରେ ସେଠାରେ ଏକ ସଭା ହୋଇଥିଲା। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି କାର୍ଯ୍ୟାଳୟରେ ନିର୍ବାଚନକୁ ନେଇ ବିଜେଡ଼ିର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ସହିତ ବିଭିନ୍ନ ଆଲୋଚନା ହେବ। ଦଳୀୟ କର୍ମୀ ଓ ସମର୍ଥକମାନେ କାର୍ଯ୍ୟାଳୟରୁ ବିଭିନ୍ନ ସୂଚନା ପାଇପାରିବେ। ଏହି କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ବିଧାୟକଙ୍କ ସମେତ ଦଳର ବରିଷ୍ଠ ସଦସ୍ୟମାନେ ଆଗାମୀ ନିର୍ବାଚନ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। କର୍ମୀମାନଙ୍କୁ ଲୋକଙ୍କ ପାଖକୁ ଯାଇ ପ୍ରଚାର କରିବା ସହିତ ସଂଗଠିତ ହୋଇ ସମସ୍ତେ କାମ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ବିଜେଡ଼ି ଉପସଭାପତି ରଞ୍ଜିତ ରଥ, କିଶୋର ହୋତା, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କୃତ୍ତିବାସ ମିଶ୍ର, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ହିଲୁଙ୍ଗ ସମିତିସଭ୍ୟ ଶୈଳ ରଞ୍ଜନ ବାଦୀ,ଜିଲା ବିଜେଡି ସାଧାରଣ ସମ୍ପାଦକ ସତ୍ୟଞ୍ଜିବ ମିଶ୍ର, ବୀରମହାରାଜପୁର ବ୍ଲକ ଛାତ୍ର ବିଜେଡ଼ି ସଭାପତି ଭଗବାନ କର୍ଣ୍ଣ, ମଧୁ ପଣ୍ଡା, ଜିଲା ବିଜେଡି ଡିଜିଟାଲ ମିଡିଆ ସଭାପତି ବିହାରୀଲାଲ ମିଶ୍ର, ଉଲୁଣ୍ଡା ଜିଲା ପରିଷଦ ସଭ୍ୟା ପ୍ରତିନିଧି ବିଭୁ ପ୍ରସାଦ ତରାଇ, ଆଲୋକ ଦେହୁରୀ, ପ୍ରଦୀପ ମିଶ୍ର, ସଞ୍ଜୀବ ମିଶ୍ର, ପର୍ଶୁରାମ ଦେହୁରୀଙ୍କ ସମେତ ଶତାଧିକ ବିଜେଡି ସମର୍ଥକ ଯୋଗ ଦେଇଥିଲେ।

# ସୁବର୍ଣ୍ଣପୁର ଏଡିଏମ୍‌ଙ୍କ ବଦଳି

ସୋନପୁର,୧୦।୪(ମୃତ୍ୟୁଞ୍ଜୟ ଶତପଥୀ)


ରବୀନ୍ଦ୍ରନାଥ କହଁର।

ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ (ଏଡିଏମ୍)ରବୀନ୍ଦ୍ରନାଥ କହଁରଙ୍କ ବୁଧବାର ବଦଳି ହୋଇଛି। ତାଙ୍କ ସ୍ଥାନରେ ରାଜେନ୍ଦ୍ର ମାଝିଙ୍କୁ ନିଯୁକ୍ତି ଦିଆଯାଇଛି। ମାଝି ଏବେ ଗଜପତି ଜିଲା ଛେଳିଗଡ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଭୂ ଅଧିଗ୍ରହଣ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ତେବେ କହଁର ମାତ୍ର ୨ ମାସ ପୂର୍ବରୁ ଏଠାରେ ଯୋଗଦାନ କରିଥିଲେ। ନିର୍ବାଚନ କମିଶନଙ୍କ ଚିଠି ନଂ ୪୩୪/୯।୪।୨୦୨୪ ଆଧାରରେ ରାଜ୍ୟ ସରକାର ତାଙ୍କର ବଦଳି କରିଛନ୍ତି। କହଁର ଜିଲାର ନିର୍ବାଚନ ସମ୍ପର୍କିତ ଅଧିକାରୀ ଥିଲେ। ନୋଡାଲ ଅଫିସର ଭାବେ ନିର୍ବାଚନ ଦାୟିତ୍ୱ ନିର୍ବାହ କରୁଥିଲେ। ହଠାତ୍ ତାଙ୍କ ବଦଳିକୁ ନେଇ ଜିଲାରେ ନା ନା ଚର୍ଚ୍ଚା ଲାଗି ରହିଛି। ପ୍ରକାଶ ଯେ, କହଁର ଏହା ପୂର୍ବରୁ ବୌଦ୍ଧରେ ଉପଜିଲାପାଳ ଥିଲେ। ତାଙ୍କ ଘର କନ୍ଧମାଳ ଜିଲାର ଫୁଲବାଣୀରେ। ବୌଦ୍ଧ ଜିଲା କନ୍ଧମାଳ ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଥିବାରୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ତାଙ୍କର ସୁବର୍ଣ୍ଣପୁରକୁ ଏଡିଏମ୍(ରାଜସ୍ୱ) ଭାବରେ ଫେବୃୟାରୀ ମାସରେ ବଦଳି ହୋଇଥିଲା। ଅନ୍ୟପକ୍ଷେ ଫୁଲବାଣୀ ବିଧାନସଭା ପ୍ରାର୍ଥୀ ହେବା ନେଇ ତାଙ୍କ ନାମ ଚର୍ଚ୍ଚାକୁ ଆସିଥିଲା। ରାଜନୀତିରେ ରୁଚି ରଖିଥିବାରୁ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ତେଣୁ ନିର୍ବାଚନ କମିଶନ ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡିଛି।

# ଆଇନ ସଚେତନତା ଶିବିର

ବୌଦ୍ଧ,୧୦।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୁଧବାର ଦିନ ପଦ୍ମନପୁର ଗ୍ରାମପଞ୍ଚାୟତର ଗୋଛାପଡା ଶିବ ମନ୍ଦିରଠାରେ ଏକ ଆଇନ ସଚେନତନା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ଆଇନସେବା ପ୍ରାଧିକରଣର ସଚିବ ଶାଶ୍ୱତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ଶିବିର ହୋଇଥିଲା । ଶିବିରରେ ଆଇନସେବା ପ୍ରାଧିକରଣ ପକ୍ଷରୁ କିପରି ଲୋକମାନେ ଆଇନର ସୁବିଧା ପାଇପାରିବେ ସେନେଇ ଆଲୋଚନା କରାଯାଇଥିଲା । ଏହାଛଡା ଆଇନର ବିଭିନ୍ନ ଦିଗ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ସମସ୍ତଙ୍କୁ ସାମାଜିକ ଶୃଙ୍ଖଳା ପାଇଁ ଆବଶ୍ୟକୀୟ ମୌଳିକ ଆଇନର ଦିଗ ଉପରେ ସଚେତନ କରାଯାଇଥିଲା ।



ସଚେତନତା ଶିବିରରେ ଆଇନସେବା ପ୍ରାଧିକରଣ ସଚିବ ଶାଶ୍ୱତୀ ମିଶ୍ର ଓ ଅନ୍ୟମାନେ।

# ଆଡ଼େଣୀଗଡ଼ରେ ପଞ୍ଚଶମ୍ଭୁ ଦଣ୍ଡ ମିଳନ

ତଳଗାଁ,୧୦।୪( କୁନା ବେହେରା)


ପଞ୍ଚଶମ୍ଭୁଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ବୌଦ୍ଧ ଜିଲାରେ ପାଳିତ ହୋଇ ଆସୁଥିବା ବିଭିନ୍ନ ପର୍ବ ପର୍ବାଣୀ ମଧ୍ୟରେ ଦଣ୍ଡଯାତ୍ରା ଏକ ମୁଖ୍ୟ ପର୍ବ। ଜିଲାରେ କାହିଁ କେଉଁ କାଳରୁ ଦଣ୍ଡ ଯାତ୍ରା ପାଳିତ ହୋଇଆସୁଛି। ଯେତେ ସଭ୍ୟ, ଶିକ୍ଷିତ ହୋଇ ଆଧୁନିକତାକୁ ଆପଣାଇଲେ ମଧ୍ୟ ଏବେ ବି ଜିଲାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିଛି ଦଣ୍ଡ ଯାତ୍ରା। ଶୈବ ଓ ଶକ୍ତିର ଆରାଧନା ଦଣ୍ଡଯାତ୍ରା। ଜିଲାରେ ଚୈତ୍ର ମାସରେ ଦଣ୍ଡପର୍ବ ପାଳନ ହୋଇଥିବା ବେଳେ ଏଥିପାଇଁ ଗ୍ରାମଗୁଡିକରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ହରଭଙ୍ଗା ବ୍ଲକ ଆଡେଣୀଗଡର ତେଲିସାହିଠାରେ ମଙ୍ଗଳବାର ଦିନ ପଞ୍ଚଶମ୍ଭୁ ଦଣ୍ଡ ମିଳନ ହୋଇଛି । ଦୀର୍ଘ ୪ ବର୍ଷ ହେଲା ଗ୍ରାମରେ ପଞ୍ଚଶମ୍ଭୁ ମିଳନ ହୋଇ ଆସୁଛି । ଚଳିତବର୍ଷ ଏହି ପଞ୍ଚଶମ୍ଭୁ ଦଣ୍ଡ ମିଳନରେ ଜିଲାରେ ଗୋଛାପଡାର ବାବା ଭୁବନେଶ୍ୱର, ଲଣ୍ଡେଯୋରର

**ଗାଁରେ ଭକ୍ତିମୟ ପରିବେଶ**

ବାବା ମହେଶ୍ୱର, ସାକୁଶିଙ୍ଗାର ବାବା ଧବଳେଶ୍ୱର, କେଳାକଟାର ବାବା ଚମ୍ପେଶ୍ୱର ଓ ଖଲିଆପାଲିର ବାବା ଗୁପ୍ତେଶ୍ୱରଙ୍କ ମହାମିଳନ ଦେଖିବାକୁ ମିଳିଥିଲା। ଏହି ପଞ୍ଚଶମ୍ଭୁ ମିଳନ ଦଣ୍ଡ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଭକ୍ତଙ୍କ ସମାଗମ ହୋଇଥିଲା। ଆୟୋଜକ କମିଟିର ସଭାପତି ପ୍ରମୋଦ କୁମାର ସାହୁ, ସହ ସମ୍ପାଦକ ଦ୍ରୋଣ ସାହୁ, ସଦସ୍ୟ ଚିତ୍ତ ସାହୁ, ବିରାଜ ବାରିକ, କୁଶ ରଣା, ହରେକୃଷ୍ଣ ରଥ, ପୂର୍ଣ୍ଣଚନ୍ଦ୍ର ଭୋଇ, ମନମୋହନ ସାହୁ, ଶ୍ରୀକର ନାଏକ, ଦେବେନ୍ଦ୍ର ଭୋଇ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ସୀମାନ୍ତରୁ ଆଇଇଡ଼ି ଜବତ

ରାଉରକେଲା,୧୦।୪(ସଙ୍ଗୀତା ଜେନା): ଚଳିତ ନିର୍ବାଚନକୁ ନେଇ ଓଡ଼ିଶା-ଝାଡଖଣ୍ଡ ସୀମାନ୍ତରେ ମାଓବାଦୀ କାର୍ଯ୍ୟକଳାପ ବୃଦ୍ଧି ହେବାରେ ଲାଗିଛି। ମାଓବାଦୀ ଦମନ ପାଇଁ ସ୍ଥାନୀୟ ପୋଲିସ ଓ ସୁରକ୍ଷାବଳ ନିରନ୍ତର କୁମ୍ବିଂ ଅପରେସନ ଜାରି ରଖିଛନ୍ତି। ଏହି କ୍ରମରେ ବୁଧବାର ପୂର୍ବାହ୍ନରେ ସୀମାନ୍ତ ଟୋଂଟୋ ଥାନା ଅନ୍ତର୍ଗତ ବନଗ୍ରାମ ସରଜୋମବୁରର ଆଖାପାଖ ଜଙ୍ଗଲରୁ ୫ କେଜି ଗୋଟିଏ ଆଇଇଡ଼ି ଜବତ ହୋଇଛି। ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ଏହି ଆଇଇଡ଼ି ଲଗାଯାଇଥିଲା। ଏହାକୁ ଜବତ କରାଯାଇ ନଷ୍ଟ କରାଯାଇଥିଲା। ଏ ନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ମିଳିଛି।

### ଏସ୍‌ପିଙ୍କୁ ଭେଟିଲେ ଶାନ୍ତି କମିଟି ସଦସ୍ୟ

ରାଉରକେଲା, ୧୦।୪(ସଙ୍ଗୀତା ଜେନା): ।ଉରକେଲା ଶାନ୍ତି କମିଟି ସଦସ୍ୟ ବୁଧବାର ମଧ୍ୟାହ୍ନରେ ରାଉରକେଲା ଏସ୍‌ପି ବ୍ରଜେଶ ରାୟଙ୍କୁ ଭେଟିଛନ୍ତି। କମିଟି ସଦସ୍ୟମାନେ ଏସ୍‌ପି ରାୟଙ୍କୁ ଭେଟିବା ସହିତ କମିଟିର ଇତିହାସ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଗୁରୁବାର ହେବାକୁ ଥିବା ସଂଖ୍ୟା ଲଘୁଙ୍କ ପର୍ବ ଇଦ୍‌କୁ ଶାନ୍ତିଶୃଙ୍ଖଳାର ସହ ପାଳନ ଓ ଇଦ୍‌ଗା ପଡିଆରେ ଆୟୋଜିତ କାର୍ଯ୍ୟକ୍ରମ ପାଇଁ ଏସ୍‌ପିଙ୍କୁ ନିମନ୍ତ୍ରଣ କରାଯାଇଥିଲା। କମିଟିର ସଦସ୍ୟ ସତ୍ୟାନନ୍ଦ ମହାନ୍ତି, ପ୍ରାକ୍ତନ ପୋଲିସ ଅଧିକାରୀ ସୁମନ ଦତ୍ତ, ଦେବବ୍ରତ ବିହାରୀ, ଗିରିଜା ଦ୍ୱିବେଦୀ, ଶଙ୍କର ମହାନ୍ତି, ଜଗଦେବ ସିଂହ, ସୁନାକର ନାୟକ, ଏମ୍‌ଡ଼ି ସାହାବୁଦ୍ଦିନ୍ ପ୍ରମୁଖ ଭେଟିଥିଲେ।



ଅସ୍ମିତା କାର୍ଯ୍ୟକ୍ରମ ଅଧିବେଶନରେ ଅଂଶଗ୍ରହଣକାରୀ ପ୍ରଭାବଶାଳୀ ନେତୃତ୍ୱ ନେଉଛନ୍ତି।

# ଆର୍‌ଏସ୍‌ପିରେ ମହିଳା ନେତୃତ୍ୱ କାର୍ଯ୍ୟକ୍ରମ ଅସ୍ମିତା

ରାଉରକେଲା,୧୦।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଏଚଆରଡି କେନ୍ଦ୍ରରେ ମହିଳା ଅଧିକାରୀଙ୍କ ଦକ୍ଷତା ଓ ନେତୃତ୍ୱ ଗୁଣାବଳୀ ବିକାଶ ମାଧ୍ୟମରେ ସଶକ୍ତ କରିବା ଲକ୍ଷ୍ୟରେ ଦୁଇ ଦିନିଆଁ କର୍ମଶାଳା ଅସ୍ମିତା କାର୍ଯ୍ୟକ୍ରମ ସଶକ୍ତ ଜୀବନ ଦିଗ ଶୀର୍ଷକରେ ଆୟୋଜିତ ହୋଇଥିଲା। କାର୍ଯ୍ୟ ଓ ଅଣକାର୍ଯ୍ୟ କ୍ଷେତ୍ରରେ ଅଧିକାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅସ୍ମିତା କର୍ମଶାଳାରେ ପ୍ରଭାବୀ ଯୋଗାଯୋଗ, ବୁଝାମଣା, ଦ୍ୱନ୍ଦ ପରିଚାଳନା ଏବଂ ଦଳ ଗଠନ ସହ ଅତ୍ୟାବଶ୍ୟକ ନେତୃତ୍ୱ ଦକ୍ଷତା ସହିତ ମହିଳା ଅଧିକାରୀମାନଙ୍କୁ ସୁସଜ୍ଜିତ କରିବା ନିମନ୍ତେ ଲକ୍ଷ୍ୟ ରଖିଥିବାବେଳେ ଏଚଆରଡି ବିଭାଗର ସିଜିଏମ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ। ଗ୍ରୋ ମଡେଲ କୋଚିଙ୍ଗର ରୋଲ ପ୍ଲେ ଉପରେ ଏକ ଅଧିବେସନ ମଧ୍ୟ ନେଇଥିଲେ। ପରେ ସେଣ୍ଟ୍ରାଲ କୋ- ଅର୍ଡିନେସନ ମାଇନ୍ସ ବିଭାଗର ଏଜିଏମ ସୁଶ୍ରୀ ଶୁଭସ୍ମିତା ଦାସ ସ୍ମାର୍ଟ ଲକ୍ଷ୍ୟ ଏବଂ କ୍ଷୁଦ୍ର ଅଭ୍ୟାସର ଉପରେ ଧ୍ୟାନ ଦେଲେ ଜଣେ ପ୍ରଭାବଶାଳୀ ନେତୃତ୍ୱ ହେବାର ଦକ୍ଷତାର ଉପରେ ଅଧିବେସନ ସମ୍ପନ୍ନ କରିଥିଲେ। ଏସଏମଏସ ବିଭାଗର ଏଜିଏମ ଶକୁନ୍ତଳା ରେଡ୍ଡୀ ନେତୃତ୍ୱ ପଦବୀ, ସଶକ୍ତିକରଣ ଏବଂ ନେତୃତ୍ୱ ପାଇଁ ପ୍ରତିବନ୍ଧକ ଉପରେ ଦୁଇଟି ଅଧିବେସନ ନେଇଥିବା ବେଳେ ଏଚଆରଡି ବିଭାଗର ଜିଏମ ଏନ.ପତି ସଫଳତାର ମନ୍ତ୍ର ନେତୃତ୍ୱର ବିକାଶ ଉପରେ ଅଧିବେସନ ସମ୍ପନ୍ନ କରିଥିଲେ। ପରିବର୍ତ୍ତନ ନିମନ୍ତେ ଉନ୍ମୁକ୍ତ ଉପରେ ଏକ ଅଧିବେସନ ସୁଶ୍ରୀ ଡି ହେମ୍ବ୍ରମ୍ ସମ୍ପାଦିତ କରିଥିଲେ। କୋକ ଓଭେନସ ବିଭାଗର ସିନିୟର ମ୍ୟାନେଜର ତନୁଶ୍ରୀ ପରିଡା ବୁଝାମଣା ଓ ଦ୍ୱନ୍ଦ ପରିଚାଳନା ନେଇ ଅଧିବେସନ ସମ୍ପାଦନ କରିଥିବା ବେଳେ ଏଚଆରଡି ବିଭାଗର ସିନିୟର ମ୍ୟାନେଜର ଅର୍ଣ୍ଣପୂର୍ଣ୍ଣା ବେହେରା ସିମୁଲେସନ ଗେମ ମାଧ୍ୟମରେ ଟିମ୍ ୱାର୍କ ଉପରେ ଅଧିବେଶନ ପରିଚାଳନା କରିଥିଲେ। ଅନ୍ୟପଟେ କର୍ମଶାଳାରେ ଅସ୍ମିତା ମହିଳା ନେତୃତ୍ୱ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ପ୍ରଭାବଶାଳୀ ନେତୃତ୍ୱ ପାଇଁ ବିଭିନ୍ନ କ୍ଷେତ୍ରାଦିର ମୂଲ୍ୟବାନ ଜ୍ଞାନ ଏବଂ କୌଶଳ ହାସଲ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ଅଧିକ ଅନୁକୂଳ ଏବଂ ପରିବର୍ତ୍ତନ ପାଇଁ ଉନ୍ମୁକ୍ତ ରହିବା ନେଇ ଆତ୍ମ-ବିକାଶ ନେତୃତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କର୍ମଶାଳାର ଶିକ୍ଷଣ ଅଧିବେସନ ଅଂଶଗ୍ରହଣକାରୀଙ୍କୁ ନେତୃତ୍ୱ ଭୂମିକାର ଜଟିଳତାକୁ ବୁଝିବା ଏବଂ ନିଜ ବିଭାଗରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସୁସଜ୍ଜିତ ଓ ସୁଦକ୍ଷ କରିଥିଲା। କର୍ମଶାଳା ଅର୍ଣ୍ଣପୂର୍ଣ୍ଣା ବେହେରାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବା ବେଳେ ଏଚଆରଡି ବିଭାଗ ଅପରେଟିଭ ଡି.ପୁରନ ସଂଯୋଜନା କରିଥିଲେ।

# ବେଦାନ୍ତ କର୍ମଚାରୀ ଅନ୍‌ଲାଇନ ଠକେଇର ଶିକାର

ଝାରସୁଗୁଡ଼ା, ୧୦।୪ (ସଞ୍ଜୟ ମାଲି)

କିଛିଦିନର ବ୍ୟବଧାନ ପରେ ଝାରସୁଗୁଡ଼ା ବେଦାନ୍ତ ଆଲୁମିନା କାରଖାନାରେ କାର୍ଯ୍ୟରତ ଆଉ ଜଣେ କର୍ମଚାରୀ ଅନ୍‌ଲାଇନ ଠକେଇର ଶିକାର ହୋଇଛନ୍ତି। ଏ ନେଇ ବଡ଼ମାଲ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୬୫/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ ସକ୍ଷମ କୋହଲି ନାମକ ଯୁବକ ବେଦାନ୍ତରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବାବେଳେ ବେଦାନ୍ତ ଟାଉନଶିପରେ ରହନ୍ତି। ଗତ ୬ ତାରିଖରେ ସକ୍ଷମଙ୍କ ପାଖକୁ ୭୮୩୪୮୮୪୨୧୧ ନମ୍ବରରୁ ଏକ ଅଜଣା କଲ୍ ଆସିଥିଲା। ବ୍ୟକ୍ତି ଜଣକ ଆଇସିଆଇସିଆଇ ସୁପରିଓ କ୍ରେଡିଟ କାର୍ଡରୁ କହୁଛି ବୋଲି ନିଜ ପରିଚୟ ଦେଇଥିଲେ। ଏହି କ୍ରେଡିଟ କାର୍ଡ ନେଲେ ଆପଣଙ୍କୁ ୧୨ ଲକ୍ଷ ଟଙ୍କା ଯାଏ ଲିମିଟ ମିଳିବ ବୋଲି କହିଥିଲେ। ଏତିକି କଥା ପରେ ସକ୍ଷମଙ୍କ ମୋବାଇଲ ନମ୍ବରକୁ ଏକ ଓଟିପି ଆସିଥିଲା। କିଛି ନ ବୁଝି ସକ୍ଷମ ଉକ୍ତ ଓଟିପିକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଶେୟାର କରିଦେଇଥିଲେ। ଟିକେ ପରେ ତାଙ୍କ ଆକାଉଣ୍ଟରୁ କ୍ରମାଗତ ଭାବେ ୧୨,୧୫,୮୭୬ ଟଙ୍କା ୪ରୁ ୫ଟି ଆକାଉଣ୍ଟକୁ ଚାଲିଯାଇଥିଲା। ସେ ତୁରନ୍ତ ବ୍ୟାଙ୍କ ଗ୍ରାହକସେବାକୁ ଫୋନ କରି ଠକେଇର ଶିକାର ହୋଇଥିବା ଜାଣି ବଡ଼ମାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଦୁଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜଗାଙ୍ଗପୁର,୧୦।୪(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ସରବତୀଦେବି ମହିଳା ମହାବିଦ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ମଙ୍ଗଳା କିଷାନ ଓ ଯଶୋବନ୍ତ ପାଣିଗ୍ରାହୀଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ବିପିନ ଚୌଧୁରୀ, ଗଭର୍ଣ୍ଣିଂ ବୋଡିର ସଭାପତି ଡ. କମଳ କୁମାରୀ ମିଶ୍ର, ଅଧ୍ୟାପକ ସପନ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅବସର ପ୍ରାପ୍ତ କର୍ମଚାରୀଙ୍କୁ ଜଗନ୍ନାଥଙ୍କ ଫଟୋଚିତ୍ର ତଥା ଉପଢ଼ୌକନ ଦେଇ ତାଙ୍କର ସେବା ପାଇଁ ସମ୍ମାନିତ କରାଯାଇଥିଲା। ଏହି ସଭା କାର୍ଯ୍ୟକୁ ଶୁକାନ୍ତ ଖାଲଖୋ ପରିଚାଳନା କରିଥିଲେ।

# ହିନ୍ଦୁ ନବବର୍ଷ ଉପଲକ୍ଷେ ଭବ୍ୟ ଶୋଭାଯାତ୍ରା

ଝାରସୁଗୁଡ଼ା, ୧୦।୪ (ସଞ୍ଜୟ ମାଲି)

ହିନ୍ଦୁ ନବବର୍ଷ ଉପଲକ୍ଷେ ହିନ୍ଦୁ ସେବା ସମିତି ପକ୍ଷରୁ ବୁଧବାର ଏକ ଭବ୍ୟ ଶୋଭାଯାତ୍ରା ସତ୍‌ସଙ୍ଗ ଭବନରୁ ବାହାରି କାଳୀମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ, ଅଶୋକ ଗାନ୍ଧୀ, ସୁରେଶ ବନ୍ଦିଆ, ପ୍ରମୋଦ ତ୍ରିପାଠୀ, ବିମଳେନ୍ଦୁ ଭୋଳ, ଦିଲେଶ୍ୱର ରାଓଙ୍କ ସମେତ ବହୁ ସଂଖ୍ୟାରେ ରାମ ଭକ୍ତ ଯୋଗଦେଇଥିଲେ। ସହରର ମୁଖ୍ୟ ମାର୍ଗ ପାର୍ଶ୍ୱରେ ହଜାର ହଜାର ଲୋକ ଉପସ୍ଥିତ ରହି ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ଶୋଭାଯାତ୍ରାରେ ବିଭିନ୍ନ ପ୍ରକାର ବାଦ୍ୟ ଓ ନୃତ୍ୟ ଦଳ ସାମିଲ ହୋଇଥିଲେ। ଏପରିକି ଶିଶୁ କଳାକାର ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ଅନ୍ୟାନ୍ୟ ବେଶରେ ଯୋଗଦେଇଥିଲେ। ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ଏଥିଲାଗି ସମଗ୍ର ସହରରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ



ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସମ୍ମିଳିତ ଅତିଥି।

ରାଉରକେଲା,୧୦।୪(ବିପ୍ଳବରଞ୍ଜନ ଦାଶ)

ଆର୍‌ଏସ୍‌ପି ଅଧିନସ୍ତ ଇସ୍ପାତ ଜେନେରାଲ ହସ୍ପିଟାଲରେ ୭୬ତମ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ଆୟୋଜିତ ଉତ୍ସବରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି.କେ. ହୋତା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏନେଇ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ଡାକ୍ତର ଏନ.ପି ସାହୁ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ତଥା ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ରାଉରକେଲା ଶାଖାର ସଭାପତି ଡାକ୍ତର ପି.କେ ମହାପାତ୍ର ଏବଂ ବରିଷ୍ଠ ପରାମର୍ଶଦାତା(ମେଡିକାଲ) ତଥା ଆଇଏମ୍‌ଏସ୍‌ର ସଚିବ ଡାକ୍ତର ଜେ.ଆର. ସାହୁ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଡାକ୍ତର, ନର୍ସ ଏବଂ ଆଇଜିଏଚ କର୍ମଚାରୀ ଯୋଗଦେଇଥିଲେ। ଉତ୍ସବରେ ଡାକ୍ତର ହୋତା ଚଳିତ ବର୍ଷର ଏହି ଦିବସ ପାଳନରେ ବିଷୟବସ୍ତୁ 'ମୋ ସ୍ୱାସ୍ଥ୍ୟ, ମୋର ଅଧିକାର' ଏବଂ ବିନା ଭେଦଭାବରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଉତ୍ତମ ସ୍ୱାସ୍ଥ୍ୟ ପ୍ରତ୍ୟେକ ବ୍ୟକ୍ତିର ଅଧିକାର ଏବଂ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ ଉପଲବ୍ଧ ହେବା ଉଚିତ୍। ପ୍ରାରମ୍ଭରେ ଡାକ୍ତର ପି.କେ ମହାପାତ୍ର ସମାବେଶକୁ ସ୍ୱାଗତ କରିଥିଲେ। ମେଡିକାଲ ଅଫିସର ଡାକ୍ତର ପ୍ରଜ୍ଞାଜ୍ୟୋତି ରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଶିଶୁ ବିକାଶ ବିଦ୍ୟାମନ୍ଦିରରେ ଜ୍ଞାନଦୀକ୍ଷା ମହାଯଜ୍ଞ



ମହାଯଜ୍ଞରେ ଶିଶୁଙ୍କ ଗହଣରେ ଅତିଥିମାନେ।

ଝାରସୁଗୁଡ଼ା, ୧୦।୪ (ସଞ୍ଜୟ ମାଲି)

ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟାମନ୍ଦିରରେ ଶିଶୁଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଜ୍ଞାନଦୀକ୍ଷା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂଜକ ଫକିର ଚରଣ ମିଶ୍ର ଓ ପଣ୍ଡିତ ଗିରିଧାରୀ ଝା ପୁରୋହିତ ଭାବେ ପୂଜାକାର୍ଯ୍ୟ ତୁଲାଇଥିଲେ। ପ୍ରଧାନ ଆଚାର୍ଯ୍ୟା ମମତା ସିଂହ, ତାରିଣୀ ପ୍ରିୟା ମହାନ୍ତି ଏଥିରେ ସହଯୋଗ କରିଥିଲେ। ସାମାଜିକ କର୍ମୀ ମିନର୍ଭା ପଣ୍ଡା ନିମନ୍ତ୍ରିତ ଅତିଥି ଭାବରେ ଯଜ୍ଞ ମଣ୍ଡପରେ ଆହୁତି ଦେଇଥିଲେ। ଶତାଧିକ ଶିଶୁଙ୍କ ଗହଣରେ ଅଭିଭାବକମାନେ ମଧ୍ୟ ଯଜ୍ଞରେ ଆହୁତି ଦେଇଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ରଘୁମଣି ପଟେଲ ଶିଶୁମାନଙ୍କ ପାଇଁ ବହୁ ମୂଲ୍ୟବାନ ସାମଗ୍ରୀ ଅର୍ପଣ କରିଥିଲେ। ରଞ୍ଜିତା ନାଏକ, ଚନ୍ଦ୍ରିକା କିଷାନ, ଆରଜୁ ପଟେଲ, ଝରଣା ସାହୁ, ବର୍ଷାରାଣୀ ଦୋରାଙ୍କ ତତ୍ତ୍ୱାବଧାନରେ ଶିଶୁମାନେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ପରିଶେଷରେ ପୁରୋହିତ ଯଜ୍ଞ ପୂର୍ଣ୍ଣାହୁତି କରି ଶିଶୁଙ୍କର ମାନ ବୃଦ୍ଧି ଓ ବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

# ଗୁଣିଗାରେଡି ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ରାଉରକେଲା, ୧୦।୪(ସଙ୍ଗୀତା ଜେନା)

୨୦୧୫ ଜୁନ୍ ୭ରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଦାଣ୍ଡିଆପାଲୀ ଅଞ୍ଚଳରେ ଗୁଣିଗାରେଡିକୁ ନେଇ ସଙ୍ଗଠିତ ଡବଲ ମର୍ଡ଼ର ମାମଲା (ନଂ .୧୨୭/୧୫)ର ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ବୁଧବାର ଏଡିଜେ ମନୋଜ କୁମାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସୋମବାର ଦିନ ପାଇଁ ରାୟ ସଂରକ୍ଷିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ କୈଳାଶ ପ୍ରଧାନ ମାମଲା ପରିଚାଳନା କରିଥିଲେ। ମାମଲା ଅନୁଯାୟୀ, ଦାଣ୍ଡିଆପାଲୀ ଅଞ୍ଚଳରେ ପୁନିଆ ପାନା ଓ କାଳିଆ ପାନା ବୃଦ୍ଧ ଦମ୍ପତି ରହୁଥିଲେ। ସମାନ ଅଞ୍ଚଳରେ ରହୁଥିବା ରାଜୁ ପାନା ୪/୫ ଦିନରୁ ଜ୍ୱରରେ ପୀଡ଼ିତ ଥିଲେ। ରାଜୁ ଉକ୍ତ ବୃଦ୍ଧ ଦମ୍ପତିଙ୍କୁ ଗୁଣିଗାରେଡି କରୁଥିବା ସନ୍ଦେହ କରୁଥିଲେ। ଜୁନ୍ ୭ ତାରିଖ ଅପରାହ୍ନରେ ବୃଦ୍ଧ ଦମ୍ପତି ଘର ଅଗଣାରେ ଶୋଇଥିବା ବେଳେ ରାଜୁ ଏକ କୁରାଢ଼ୀରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କୁ ହତ୍ୟା କରିଥିଲେ। ଥାନାରେ ମାମଲା ରୁଜୁ ହୋଇଥିଲା। ରାଜୁ ଗିରଫ ହୋଇଥିଲେ। ତାଙ୍କ ବିରୋଧରେ ଗୁଣିଗାରେଡି ନିରୋଧ ଆଇନ ଓ ୩୦୨ ଦଫାରେ ମାମଲା କରାଯାଇଥିଲା।

# ସମୂହ ଚେତନା ଆରୋଗ୍ୟନିଧି କାର୍ଯ୍ୟକ୍ରମ

ରାଉରକେଲା,୧୦।୪(ବିପ୍ଳବରଞ୍ଜନ ଦାଶ)

ରାଉରକେଲା ଇନଫାଇନାଇଟ ଲଭ୍ ଏକାଡେମୀ ପକ୍ଷରୁ ଆସନ୍ତା ୧୪ତାରିଖରେ ଭଞ୍ଜଭବନଠାରେ ଅନୁଷ୍ଠିତ ହେବାକୁ ଯାଉଛି ସମୂହ ଚେତନା ସଶକ୍ତିକରଣ ଆରୋଗ୍ୟନିଧି କାର୍ଯ୍ୟକ୍ରମ। ଏନେଇ ବୁଧବାର ରାଉରକେଲା କ୍ଲବଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଅନୁଷ୍ଠାନର ପ୍ରମୁଖ ରେକି ମାଷ୍ଟର ବିଜୟ କୁମାର ଦାସ କାର୍ଯ୍ୟକ୍ରମ ବିଷୟିକ ସୂଚନାରେ କହିଥିଲେ ଯେ, ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ରହିଛି ସାମୂହିକ ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ଆଣିବା। ବ୍ରହ୍ମାଣ୍ଡର ଜୀବଶକ୍ତି ସମୁଦାୟର ଆୟୁ ବୃଦ୍ଧି ନିମନ୍ତେ ସର୍ବୋଚ୍ଚ ଶକ୍ତି ରେକିର ଉପଯୋଗ କରିବା। ଏଥିସହିତ ସ୍ୱାସ୍ଥ୍ୟ ବିଷୟରେ ଜନସଚେତନତା ବୃଦ୍ଧି କରିବା ସହିତ ଲୋକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ସଚେତନ କରାଇବା। କାର୍ଯ୍ୟକ୍ରମରେ ସମ୍ମିଳିତ ବ୍ୟକ୍ତିଙ୍କର ଶାରୀରିକ, ମାନସିକ ଓ ଭାବପ୍ରବଣତାରେ ସୁସ୍ଥତା ବୃଦ୍ଧି କରିବା ସହିତ ରେକିର ଅଧିକ ଉପଯୋଗ ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ ହେବା ନିର୍ଦ୍ଧାରିତ ଥିବା ଉଲ୍ଲେଖ କରିବା ସହିତ କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ରେକି ଗ୍ରାଣ୍ଡମାଷ୍ଟର ଡାକ୍ତର ରାଜୀବ ଲୋଚନ ପଣ୍ଡା ସବିଶେଷ ତଥ୍ୟ ପ୍ରଦାନ କରିବା ନିର୍ଦ୍ଧାରିତ ଥିବା କହିଥିଲେ। ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମମତା ମହାନ୍ତି, ସୌମ୍ୟା ମହାନ୍ତି, ମୀନାକ୍ଷୀ ପାଢୀ, ଆତସୀ ରାଜଗୁରୁ, ସରସ୍ୱତୀ ଦାସ, କ୍ରିପା ଜୈନ, ମହେଶ ଅଗ୍ରୱାଲ, ରୀତା ମହାନ୍ତି ପ୍ରମୁଖ ଏକାଡେମୀର ସମସ୍ତ କର୍ମକର୍ତ୍ତା ସମ୍ମିଳିତ ରହିଥିଲେ।




ଖବରଦାତା ସମ୍ମିଳନୀରେ ସମ୍ମିଳିତ ଏକାଡେମୀ କର୍ମକର୍ତ୍ତା।

# ବସ୍ତି ବିକାଶ ବାଟବଣା: ବଢୁଛି ଅସନ୍ତୋଷ

- ବର୍ଷବର୍ଷ ଗଡ଼ିଚାଲିଛି ଯୋଜନା
- ନାଳନର୍ଦ୍ଦମା ଓ ପାଇପ ପାଣି ବ୍ୟବସ୍ଥା ବିପର୍ଯ୍ୟସ୍ତ

ରାଉରକେଲା, ୧୦।୪(ସଙ୍ଗୀତା ଜେନା)



ଗୋପବନ୍ଧୁପାଲି ଖଟାଲ ବସ୍ତିରେ ନାଳନର୍ଦ୍ଦମା ଏବଂ ପାଇପ ପାଣି ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ପଡିରହିଛି।









ଇସ୍ପାତ ସହର ରାଉରକେଲାର ବସ୍ତିଗୁଡ଼ିକର ଆଶାନୁରୂପ ବିକାଶ ହୋଇପାରୁନି। ବର୍ଷବର୍ଷ ବିତି ଗଲେ ମଧ୍ୟ ଲୋକଙ୍କର ମୌଳିକ ଆବଶ୍ୟକତା ପୂରଣ ହୋଇପାରୁନାହିଁ। ୬ମାସ ପୂର୍ବେ ରାଉରକେଲାରେ ଝାଡ଼ାବାନ୍ତି ପ୍ରକୋପ ଦେଖାଯାଇଥିଲା। ଲୋକେ ମୃତ୍ୟୁବରଣ କରିଥିବା ବେଳେ ସହରକୁ ପାନୀୟଜଳ ଯୋଗାଣ କରୁଥିବା ୱାଟକୋ (ୱାଟର କର୍ପୋରେସନ୍) ଯୁଦ୍ଧକାଳୀନ ଭିତ୍ତିରେ ଯୋଜନା ପରିପୂର୍ଣ୍ଣ କରିଥିବା କହିଥିଲା। ସେହିପରି ସ୍ମାର୍ଟସିଟି ବିକାଶ ଯୋଜନା ଅନ୍ତର୍ଗତ ବସ୍ତିମାନଙ୍କରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ଅନୁଯାୟୀ ସଫେଇ ବ୍ୟବସ୍ଥା ବଜାୟ ରଖାଯାଇଥିବା କୁହାଯାଉଛି। ହେଲେ ଏଗୁଡ଼ିକ ହୋଇ ନ ଥିବା ଦେଖାଯାଇଛି। କିଛି ପ୍ରମୁଖ ବସ୍ତିରେ ଏପରି ଯୋଜନା କାର୍ଯ୍ୟକାରୀ ହୋଇଥିବା ବେଳେ ଅନେକ ବସ୍ତିରେ ଏପରି ବିକାଶ ହୋଇ ନ ଥିବା ଅଭିଯୋଗ ହୋଇଛି। ଉଦାହରଣସ୍ୱରୂପ ରାଉରକେଲା ନିର୍ବାଚନ ମଣ୍ଡଳୀର ବଡ଼ ଭୋଟର ପଏଣ୍ଟ ଗୋପବନ୍ଧୁପାଲୀ ଅଞ୍ଚଳ ଖଟାଲ ବସ୍ତିରେ ଏପରି ବିକାଶ ଅଧାପନ୍ତରିଆ ଥିବା ଲକ୍ଷ୍ୟ କରାଯାଇଛି। ଅସ୍ୱାସ୍ଥ୍ୟକର ଅବସ୍ଥାରେ ୱାଟକୋ ପାଇପଗୁଡ଼ିକ ନାଳନର୍ଦ୍ଦମା ଉପରେ ନିରନ୍ତର ଭାବେ ଖୋଲା ପଡ଼ିରହିଛି। ଯାହାଦ୍ୱାରା ପାନୀୟ ଜଳ ପ୍ରଦୂଷିତ ହେଉଛି। ଏହାକୁ ବସ୍ତିବାସୀ ବ୍ୟବହାର କରୁଛନ୍ତି। ସେହିପରି ବର୍ଷବର୍ଷ ଧରି ନାଳନର୍ଦ୍ଦମା ତିଆରି କରିବାକୁ ରାଜନେତାଙ୍କ ଠାରୁ ପ୍ରତିଶ୍ରୁତି ପାଇବା ପରେ ମଧ୍ୟ ତାହା ଅସମ୍ପୂର୍ଣ୍ଣ ହୋଇ ରହିଛି। ଅତିଷ୍ଠ ହୋଇ କିଛି ବସ୍ତିବାସୀ ଚଳିତ ଭୋଟକୁ ବର୍ଜନ କରିବାକୁ କହୁଥିବାବେଳେ କିଛି ପୁଣି ରାଜନେତାଙ୍କୁ ସମସ୍ୟା ସମ୍ପର୍କରେ ମନେପକାଇ ଦେବାକୁ କହୁଛନ୍ତି। ଅନୁରୂପ ଭାବେ ସହରୀ ଭୂମିହୀନ ବା ବସ୍ତିରେ ରହୁଥିବା ଲୋକଙ୍କୁ ପାଇଁ ରାଜ୍ୟ ସରକାରଙ୍କ ଜାଗା ମିଶନରେ ବାସଗୃହ ଯୋଗାଣ ମଧ୍ୟ ଅଧାରେ ଥିବା ଜଣାପଡ଼ିଛି। ଅର୍ବାନ ସ୍ଲମ୍ ହାଉସହୋଲ୍ଡ ଏରିଆ( ଉଷା) ସର୍ଭେ ଅନୁଯାୟୀ, ହିତାଧିକାରୀ ଚିହ୍ନଟ କରି ଜାଗା ପ୍ରଦାନ କରାଯିବା ନିୟମ ରହିଛି। ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ଅନ୍ତର୍ଭୁକ୍ତ ୪୦ଟି ୱାର୍ଡ଼ରେ ହଜାର ହଜାର ଲୋକ ବାସ କରୁଥିବାବେଳେ ୩୬ ହଜାର ହିତାଧିକାରୀ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୪୭୪୭ ଜଣ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୋପବନ୍ଧୁପାଲୀ -୧ରେ ୬୧୮ ଜଣ, ଗୋପବନ୍ଧୁପାଲୀ-୨ରେ ୨୭୫ ଜଣ, ଇନ୍ଦିରା ନଗର-୧ରେ ୨୧୩ ଜଣ, ଇନ୍ଦିରାନଗର-୨ରେ ୧୫୦, ମଧୁସୂଦନପାଲୀ ୧, ୨ ଓ ୩ରେ ଯଥାକ୍ରମେ ୪୩୫, ୩୮ ଜଣ ଓ ୨୭୫ ଜଣ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ସେହିଭଳି ଅନ୍ୟ ଅଞ୍ଚଳରେ ଲୋକସଂଖ୍ୟା ଅପେକ୍ଷା ବାସଗୃହ ପାଇବା ଯୋଗ୍ୟ ହିତାଧିକାରୀ ଚିହ୍ନଟ ସଂଖ୍ୟା କମ୍ ରହିଛି। ଯାହାକି ଲୋକଙ୍କ ବାସଗୃହ ସମସ୍ୟା ନିରାକରଣ ଅଧାପନ୍ତରିଆ ବୋଲି ଅଭିଯୋଗ କରାଯାଉଛି। ୩୦ବର୍ଷରୁ ଉକ୍ତ ଅଞ୍ଚଳରେ ରହୁଥିବା କୁନ୍ତୀଦେବୀ ନାଳନର୍ଦ୍ଦମା, ମଶାମାଛିର ପ୍ରାଦୁର୍ଭାବ ବୃଦ୍ଧି ଶୋଚନୀୟ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅଭିଯୋଗ କରି କହିଛନ୍ତି, ପ୍ରତ୍ୟେକ ନିର୍ବାଚନରେ ନେତାମାନେ କେବଳ ସମସ୍ୟା ଓ ଦାବି ଶୁଣି ପ୍ରତିଶ୍ରୁତି ଦେଉଛନ୍ତି। ଏହାର କୌଣସି ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ତେଣୁ ଆଗାମୀ ଦିନରେ ଭୋଟ ବର୍ଜନ ଏକ ପ୍ରକାର ନିଷ୍ପତ୍ତି ବୋଲି କହିଥିଲେ। ସେହିପରି ରେଣୁଦେବୀ ଯାଦବ କହିଛନ୍ତି, ଦୀର୍ଘ ବର୍ଷ ରହିବା ପରେ ମଧ୍ୟ ଅବସ୍ଥା ସୁଧୁରିଲା ନାହିଁ। ବିପର୍ଯ୍ୟସ୍ତ ନାଳନର୍ଦ୍ଦମା ଯୋଗୁ ବର୍ଷା ମାସରେ ବର୍ଷାଜଳ ଘରମାନଙ୍କରେ ପଶି ନର୍କର ଅନୁଭୂତି ଦେଇଥାଏ। ତେଣୁ ଭୋଟ ଦେବା ପୂର୍ବରୁ ଭାବିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟତମ ବସ୍ତିବାସିନ୍ଦା କୌଶଲ୍ୟା ଦେବୀଙ୍କ କହିବା ଅନୁଯାୟୀ, ନାଳନର୍ଦ୍ଦମା ଅବସ୍ଥା ସୁଧାରିବାକୁ ପ୍ରାଥମିକତା ଦେବା ଉଚିତ୍। ନଚେତ୍ ଭୋଟ ଦେବା ପୂର୍ବରୁ ବିଚାରକରି ଭୋଟ ଦେବାକୁ ପଡ଼ିବା ବୋଲି ସେ କହିଥିଲେ। ଅନୁରୂପ ଭାବେ ପ୍ରଥମ ଥର ପାଇଁ ଭୋଟ ଦେଉଥିବା ଛାତ୍ର ବୀଜେନ୍ଦ୍ର ଯାଦବ କୁହନ୍ତି, ନିର୍ବାଚନବେଳକୁ ବସ୍ତିରେ ନେତାଙ୍କ ପାଦ ପଡୁଛି। ତରବରିଆ ଭାବେ ରାସ୍ତାଘାଟ କାମ ହେଉଛି। ଏଠାରେ କ୍ଲବ ଘର ଓ ପାଠପଢ଼ିବା ପାଇଁ କୌଣସି ସୁବିଧା ନାହିଁ। ବିକାଶକୁ ଦୃଷ୍ଟିରେ ରଖି ଭୋଟ ଦିଆଯିବ।

## ସଂକ୍ଷେପରେ

### ନୃସିଂହ ଗୁରୁ ଟାଉନ ହାଇସ୍କୁଲରେ ସଚେତନତା

ସମ୍ବଲପୁର,୧୦।୪(ବି.ଶଙ୍କର)

ସମ୍ବଲପୁର ନୃସିଂହ ଗୁରୁ ଟାଉନ ହାଇସ୍କୁଲଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଆଲୁମ୍ନି ସଭାପତି ଡ. ପରେଶ ଚନ୍ଦ୍ର ଦାନିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି ଛାତ୍ରମାନଙ୍କୁ ସଚେତନ ରହିବାକୁ କହିଥିଲେ। ପତଞ୍ଜଳୀ ଯୋଗ ସମିତିର ରାଜ୍ୟ ପ୍ରଭାରୀ ଜେ. ଗିରିଜା ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରମାନଙ୍କୁ ସ୍ୱାସ୍ଥ୍ୟ ପାଇଁ ଯୋଗର ଭୂମିକା ଉପରେ ଆଲୋଚନା କରିଥିଲେ। ଏଥିସହ ଛାତ୍ରମାନଙ୍କୁ କିଛି ନିର୍ଦ୍ଦିଷ୍ଟ ଯୋଗ ଅଭ୍ୟାସ କରାଇଥିଲେ। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଭୁଜାତା ନନ୍ଦ ଓ ମୀନା କୁମାରୀ ସ୍ୱାସ୍ଥ୍ୟ ସହିତ ମନର ଦୃଢତା ବଢେଇବା ପାଇଁ ଯୋଗାଭ୍ୟାସ କରିବାକୁ ଆହ୍ୱାନ କରିଥିଲେ। ବେଦବ୍ୟାସ ସୂପକାର ପିଲାଙ୍କୁ ସ୍ୱାସ୍ଥ୍ୟ ସଚେତନ ହୋଇ ଯୋଗ ଦ୍ୱାରା ସ୍ମରଣ ଶକ୍ତି ଆହରଣ ବିଷୟରେ କହିଥିଲେ । ଯୁଗ୍ମ ସମ୍ପାଦକ ଗୋରେଖଲାଲ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### କେନ୍ଦ୍ରମନ୍ତ୍ରୀଙ୍କ କୁଚିଣ୍ଡା ଡାକ୍ତରଖାନା ପରିଦର୍ଶନ

କୁଚିଣ୍ଡା,୧୦।୪(ବିରଞ୍ଚି ଦର୍ଶୀ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୁଚିଣ୍ଡା ଗସ୍ତରେ ଆସି ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ କରି ତା'ର ଦୟନୀୟ ଅବସ୍ଥା ଦେଖି ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। କୁଚିଣ୍ଡା ଉପଖଣ୍ଡରେ ସ୍ୱୀକୃତିପ୍ରାପ୍ତ ୧୪୯ ଡାକ୍ତର ପଦବୀରୁ ମାତ୍ର ୪୮ ଜଣ ଡାକ୍ତର ଅଛନ୍ତି ଓ ୧୦୧ ଡାକ୍ତର ପଦବୀ ଖାଲି ପଡିଛି। ତନ୍ମଧ୍ୟରୁ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ସ୍ୱୀକୃତିପ୍ରାପ୍ତ ୧୮ ବିଶେଷଜ୍ଞ ପଦବୀରୁ ମାତ୍ର ୧୧ ଜଣ ଡାକ୍ତର କାର୍ଯ୍ୟ ତୁଲାଉଛନ୍ତି। ସ୍ତ୍ରୀରୋଗ ବିଶେଷଜ୍ଞ ପଦବୀ ଏବେ ବି ଖାଲିପଡିଛି। ୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୫ ଡାକ୍ତର ପଦବୀ ଖାଲି ପଡିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଭୟରେ ଓଡ଼ିଶାରେ ନବୀନ ସରକାର ଆୟୁଷ୍ମାନ ଭାରତ ଯୋଜନାକୁ କାର୍ଯ୍ୟକାରୀ କରୁନାହାନ୍ତି ବୋଲି ସେ କହିଛନ୍ତି।

### ରକ୍ଷଣାବେକ୍ଷଣ ପାଇଁ ୧୨ରେ ବିଦ୍ୟୁତ୍ ଯୋଗାଣ ବନ୍ଦ

ସମ୍ବଲପୁର,୧୦।୪ (ଭବାନୀ ଶଙ୍କର ଭୋଇ)

ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ସମ୍ବଲପୁର ଅଇଁଠାପାଲି ନିକଟବର୍ତ୍ତୀ ୩୩ କେଭି ଫିଡର୍ ଲାଇନର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ। ଏଥିପାଇଁ ଆସନ୍ତା ୧୨ତାରିଖରେ ଅଇଁଠାପାଲି, କାଇଁଶିର, ଭାଲୁପାଲି, ବୁଢାରଜା, ଜଗନ୍ନାଥ କଲୋନୀ, ଲକ୍ଷ୍ମୀଟକିଜ୍, ପୋଲିସ୍ ଲାଇନ୍, ଫାଟକ, ଚେରୁଆପଡ଼ା, ବଲବସପୁର, ସମଲେଇଶ୍ୱରୀ ମନ୍ଦିର ଅଞ୍ଚଳ, ବାଲିବନ୍ଧା, ପଟ୍ଟନାୟକପଡ଼ା, ମୁଦିପଡ଼ା, ଲେବର କଲୋନି, ରେଲୱେ କଲୋନି ଆଖାପାଖ ଅଞ୍ଚଳରେ ସକାଳ ୭ଟାରୁ ଅପରାହ୍ନ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ବୋଲି କମ୍ପାନୀର ବୁର୍ଲାସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଆନ୍ଦୋଳନ ସ୍ଥଗିତ ରଖିଲେ ଘୁନଘୁଟିପଡ଼ା ବିସ୍ଥାପିତ

**୯୨ଦିନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଚାଲିଥିଲା**

ସମ୍ବଲପୁର,୧୦।୪ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାପାଳ କାର୍ଯ୍ୟାଳୟ ଆଗରେ ୯୨ଦିନ ଧରି ଚାଲିଥିବା ଧାରଣା ସାମୟିକ ଭାବେ ସ୍ଥଗିତ ରଖିବା ନେଇ ବୁଧବାର ଖବରଦାତା ସମ୍ମିଳନୀରେ ଘୁନଘୁଟିପଡ଼ା ବିସ୍ଥାପିତ ସୁରକ୍ଷା କମିଟି ଘୋଷଣା କରିଛି। ଗତ ରବିବାର ବିଜେଡିର ସମ୍ବଲପୁର ସାଂସଦ ପ୍ରାର୍ଥୀ ତଥା ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଆନ୍ଦୋଳନରତ ଘୁନଘୁଟି ପଡ଼ାବାସୀଙ୍କ ପାଖକୁ ଯାଇ ଆଲୋଚନା କରିଥିଲେ। ଏହାସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ବିଶ୍ୱାସ ରଖି ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ନିବେଦନ କରିଥିଲେ। ନିର୍ବାଚନ ପରେ ବବି ଦାବି ଉପରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଯଥାସମ୍ଭବ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉପରେ ବିଶ୍ୱାସ ରହିଥିବାରୁ ଆମେ ଆଜିଠାରୁ ଆନ୍ଦୋଳନକୁ ସ୍ଥଗିତ ରଖି ଧାରଣାରୁ ଉଠୁଛୁ ବୋଲି ଘୁନଘୁଟିପଡ଼ା ବାସିନ୍ଦା କହିଛନ୍ତି।

ସୂଚନାଯୋଗ୍ୟ, ଗତ ଜାନୁଆରୀ ୧୦ରୁ ଜିଲାପାଳଙ୍କ ଅଫିସ ଆଗରେ ଛୁଆପିଲା ଧରି ଘୁନଘୁଟିପଡ଼ାବାସୀ ଧାରଣାରେ ବସିରହିଥିଲେ। ଖବରଦାତା ସମ୍ମିଳନୀରେ ପଡ଼ାବାସୀ ଅଭିଯୋଗ କରିଛନ୍ତି, ତିନିମାସ ହେବ ଆମେ ଆନ୍ଦୋଳନ ଜାରି ରଖିଥିବା ବେଳେ ପ୍ରଶାସନ ବାରମ୍ବାର ଆଲୋଚନା କରି ପଦକ୍ଷେପ ନେଇପାରି ନାହିଁ। ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଆସି ଆଲୋଚନା କରି ସମର୍ଥନ ଜଣାଇବା ସତ୍ତ୍ୱେ ସୁଫଳ ମିଳିନାହିଁ। ସମଲେଇ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ୨୪୪ ପରିବାରକୁ ୬୪୦ ବର୍ଗଫୁଟ ଲେଖାଏ ଜମି ପ୍ରଦାନ କରାଯାଇଛି। ତେବେ କ୍ଷତିପୂରଣ ପ୍ରଦାନରେ ଅସମାନତା ଅଭିଯୋଗ କରି ୪ ଦଫା ଦାବିରେ ଧାରଣା ଦେଇଥିଲେ। ପ୍ରମୁଖ ଦାବି ମଧ୍ୟରେ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ, ମାସିକ ୧୨ ହଜାର ଟଙ୍କା ପ୍ରଦାନ, ଘର ସାମଗ୍ରୀ ପରିବହନ ବାବଦକୁ ୧ଲକ୍ଷ ଟଙ୍କା ପ୍ରଦାନ ଏବଂ ଘୁନଘୁଟିପଡ଼ାର ବାଦ ପଡିଥିବା ୨୮ ପରିବାରକୁ କ୍ଷତିପୂରଣ ପ୍ରଦାନ ଅନ୍ୟତମ। ବବିଙ୍କୁ ପୂର୍ବରୁ ମଧ୍ୟ ପଡ଼ାବାସୀ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଧାରଣାରୁ ଉଠିଥିଲେ ବି ନିବାଚନ ଆଚରଣ ବିଧି ହଟିବାର ଗୋଟିଏ ମାସ ଭିତରେ ଦାବି ପୂରଣ ନ ହେଲେ ସେମାନେ ପୁଣି ଆଲୋଚନା କରି ଆଗାମୀ ପଦକ୍ଷେପ ଗ୍ରହଣ କରିବେ ବୋଲି ଖବରଦାତା ସମ୍ମିଳନୀରେ ବିସ୍ଥାପିତ ସୁରକ୍ଷା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସଂଯୋଜକ ରାମତାନୁ ଦୀପ, ଉପଦେଷ୍ଟା ଭାଗୀରଥି ଦୀପ, ଦିଲୀପ କୁମ୍ଭାର, ଶ୍ରୁତିମା ମହାନନ୍ଦ, ମନିଷା କୁଆଁର, ଶନ୍ତାନୁ ଦୀପ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଘୁନଘୁଟିପଡା ବିସ୍ଥାପିତ ସୁରକ୍ଷା କମିଟି କର୍ମକର୍ତ୍ତା।

# ରାଷ୍ଟ୍ରୀୟ ନବବର୍ଷ ଜୀବନଚକ୍ରର ଏକ ପବିତ୍ର ପର୍ବ

ସମ୍ବଲପୁର,୧୦।୪(ବି.ଶଙ୍କର)

ସମ୍ବଲପୁର ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି ପକ୍ଷରୁ ନବବର୍ଷ ଉତ୍ସବ ମଙ୍ଗଳବାର ରାତିରେ ସ୍ଥାନୀୟ ଫ୍ରେଜର କ୍ଲବଠାରେ ପାଳିତ ହୋଇଯାଇଛି। ସୁଧିରରଞ୍ଜନ ବହିଦାରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ଜୀବନ ଚକ୍ରର ଏକ ପବିତ୍ର ପର୍ବ ବୋଲି କହିଥିଲେ। ସେ ଆହୁରି କହିଥିଲେ, ଦୀର୍ଘବର୍ଷ ଧରି ଭାରତ ବିଦେଶୀ ଶକ୍ତିଙ୍କ କବଳରେ ରହିଥିଲା। ସେମାନଙ୍କ ପ୍ରଥମ ଲକ୍ଷ୍ୟ ଥିଲା ଆମ ସଂସ୍କୃତି, ସଭ୍ୟତାକୁ ନଷ୍ଟ କରି ଶିକ୍ଷା ପଦ୍ଧତିକୁ ବଦଳାଇବା। ଇଂରେଜ ଶାସନରେ ରହି ଆମେ କିଛିଦିନ ପାଇଁ ସନାତନ ସଭ୍ୟତାକୁ ଭୁଲିଯାଇଥିଲୁ। କିନ୍ତୁ ସମୟ ଚକ୍ର ବଦଳିଛି। ୫୦୦ବର୍ଷ ସଂଘର୍ଷ ପରେ ଅଯୋଧ୍ୟାରେ ରାମଲାଲାଙ୍କ ଭବ୍ୟ ମନ୍ଦିର ସ୍ଥାପନା ହୋଇଛି। ପୁଣିଥରେ ଆମ ପରମ୍ପରା, ସଭ୍ୟତାକୁ ନେଇ ଆମେ ଗର୍ବ କରିବାର ସମୟ ଆସିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଏହି ଅବସରରେ ସମ୍ବଲପୁରର ପ୍ରତିଷ୍ଠିତ ଗାୟକ ବିଭୂତି ପଟ୍ଟନାୟକ, ଦିଲୀପ ବାଗ, ସଙ୍ଗୀତ ନିର୍ଦ୍ଦେଶକ ତ୍ରିଲୋଚନ ତ୍ରିପାଠୀ, ଗାୟିକା ଦେବୀ ରାଣୀ, ପ୍ରସିଦ୍ଧ ଗାୟକ ଉମାକାନ୍ତ ବାରିକ, ରାଜକୁମାର ଜାଲ ଓ ପ୍ରୀତିନନ୍ଦା ମିଶ୍ରଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ କ୍ଷେତ୍ରୀୟ ଶିକ୍ଷା ବିକାଶ ସମିତି ସଂଯୋଜକ ରମାକାନ୍ତ ମହନ୍ତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ଦେବନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁଯୁମୁରାଠାରେ ଅଷ୍ଟଶମ୍ଭୁ ମହାମିଳନ ଯାତ୍ରା



ଅଷ୍ଟଶମ୍ଭୁ ଯାତ୍ରାରେ ଅନ୍ନଭୋଗ ବଣ୍ଟନ କରୁଛନ୍ତି ବିଧାୟକଙ୍କ ସହଧର୍ମିଣୀ।

ସମ୍ବଲପୁର,୧୦।୪(ପ୍ରମୋଦ ବହିଦାର):

ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଯୁଯୁମୁରା ଗ୍ରାମରେ ଦଣ୍ଡ ସଂସ୍କୃତି ଓ ପରାମ୍ପରାକ୍ରମେ ଅଷ୍ଟଶମ୍ଭୁ ମହାମିଳନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଧାୟକ ରୋହିତ ପୂଜାରୀଙ୍କ ସହଧର୍ମିଣୀ ବୈଶାଳୀ ପୂଜାରୀ ପୂଜାର୍ଚ୍ଚନ ପୂର୍ବକ ଶ୍ରଦ୍ଧାଳୁଙ୍କୁ ଅନ୍ନଭୋଗ ବଣ୍ଟନ କରିଥିଲେ। ଏଥିରେ ବିଜେଡି ମହିଳା ଜିଲା କାର୍ଯ୍ୟକାରୀ ଅଧକ୍ଷା ଉଷା ପ୍ରଧାନ, ବ୍ଲକ ବିଜେଡି ସଭାପତି ବିନୋଦ ବଡ଼ପଣ୍ଡା, ମହିଳା ବିଜେଡି ବ୍ଲକ ଅଧକ୍ଷା ଲଳିତା ପ୍ରଧାନ, ଯୁବ ବିଜେଡି ସମ୍ବଲପୁର ଜୋନ ସଭାପତି ଦେବାଶିଷ ପରିଡ଼ା, ଯୁବ ବିଜେଡି ବ୍ଲକ ସଭାପତି ଜୟ ବିଶ୍ୱାଳ, ବିଜେଡି ନେତା ସୁଶିଳ ବେହେରା, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ସମିତି ସଭ୍ୟ ନୃପଶେଖର କୁମୁରା, ମେଘପାଲ ସରପଞ୍ଚ ମମତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ପାର୍କରେ ନିମ୍ନମାନର ଜିମ୍ ଓ ଖେଳ ଉପକରଣ

## ଚୁକ୍ତି ଖିଲାପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ସମ୍ବଲପୁର,୧୦।୪(ପ୍ରମୋଦ ବହିଦାର):

ସମ୍ବଲପୁରରେ ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଉପଲବ୍ଧ ଖୋଲା ଜିମ୍ ଓ ପିଲାଙ୍କ ପାଇଁ ଖେଳ ଉପକରଣ ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଟେଣ୍ଡରରେ ଭାଗ ନେଇଥିବା ଯୋଗାଣକାରୀ ସଂସ୍ଥା ସହିତ ଉପକରଣଗୁଡ଼ିକୁ ଏକ ବୈଷୟିକ କମିଟି ଦ୍ୱାରା ଅନୁମୋଦନ କରାଯାଇ ଉତ୍ତମ ମାନର ସାମଗ୍ରୀ କ୍ରୟ ପାଇଁ ବରାଦ କରିବା ବ୍ୟବସ୍ଥା ରହିଛି। ହେଲେ ମହାନଗର ନିଗମ ଅନ୍ତର୍ଗତ ବାଲିବନ୍ଧା, ସେନପାର୍କ, ଗୌରୀଶଙ୍କର ପାର୍କ, ଜଗନ୍ନାଥ କଲୋନୀ ପାର୍କ, ମୁଦିପଡ଼ା ଆଦି ସ୍ଥାନରେ ଉପଲବ୍ଧ ଖୋଲା ଜିମ ଓ ଖେଳ ଉପକରଣ ମାନ ଚୟନକୁ ଅଣଦେଖା କରାଯାଇଛି ବୋଲି ନିଜ ସନ୍ତାନଙ୍କୁ ନେଇ ଜିମ୍‌କୁ ଆସୁଥିବା ସାଦିଆ ପରବିନ୍, ସୁନିଲ୍ କୁମାର ଶର୍ମା, ସନାତନ ସାହୁ, ଜିତେନ୍ଦ୍ର ମିଶ୍ର, ସୁଦାମ ଦାସ, ସୁରଭି ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ସେମାନେ ଏହାର ତଦନ୍ତ କରିବାକୁ ଜିଲାପାଳଙ୍କୁ ଲିଖିତ ନିବେଦନ କରିଛନ୍ତି।



ସେମାନେ ଅଭିଯୋଗ କରିଛନ୍ତି, ଏଭଳି ନିମ୍ନମାନର ଉପକରଣ କେବଳ ସୁରକ୍ଷା ଦୃଷ୍ଟିରୁ ବିପଜ୍ଜନକ ତା' ନୁହେଁ ବରଂଏହା ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ କ୍ଷତିକାରକ। କେଉଁସ୍ଥାନରେ ଝୁଲାରେ ହ୍ୟାଣ୍ଡେଲ୍ ଭାଙ୍ଗିଛି ତ ଆଉ କେଉଁଠି ଝୁଲାର ବସିବା ପ୍ଲାଷ୍ଟିକ ସିଟ୍‌ରେ ଫାଟ ହୋଇଛି। ଏପରି କି କେତେକ ଝୁଲା ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। ଏଭଳି ନିମ୍ନମାନର ଉପକରଣ ପାଇଁ ବିଭିନ୍ନ ପାର୍କରେ ପ୍ରତିଦିନ ଏକାଧିକ ଛୋଟବଡ଼ ଦୁର୍ଘଟଣା ଘଟି ପିଲାମାନେ ଆହତ ହେଉଛନ୍ତି। ତେବେ ଏଭଳି ନିମ୍ନମାନର ଉପକରଣ କ୍ରୟରେ ଏକ ବଡ଼ ଧରଣର ଦୁର୍ନୀତର ଗନ୍ଧ ବାରିହେଉଥିବାରୁ ବ୍ୟକ୍ତିଗତ ଭାବେ ଏହାର ଅନୁଧ୍ୟାନ କରି ଚୁକ୍ତି ଖିଲାପି ଉପକରଣ ଯୋଗାଣକାରୀ ସଂସ୍ଥା ଓ ଏଥିରେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

### ଆମ୍ବେଡକର ଜୟନ୍ତୀ ସକାଶେ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୦।୪(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଦୁର୍ଗାପାଲି ଖଡ଼ିଆପଡ଼ାସ୍ଥିତ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାଗୃହରେ ବାବା ସାହେବ ଡାକ୍ତର ବିଆର୍ ଆମ୍ବେଡ଼କର ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସଂଘର ଜିଲା ସଭାପତି ତରଣୀସେନ ଖଡ଼ିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭାରତୀୟ ସମ୍ବିଧାନ ପ୍ରଣେତା ଆମ୍ବେଡ଼କରଙ୍କ ୧୩୪ତମ ଜୟନ୍ତୀ ମହାସମାରୋହରେ ପାଳନ କରିବାକୁ ସ୍ଥିର ହୋଇଥିଲା। ଜିଲାସ୍ତରୀୟ ଉତ୍ସବ ସମ୍ବଲପୁରଠାରେ ପାଳନ କରିବାକୁ ଧାର୍ଯ୍ୟ କରାଯାଇଛି। ଏହି ଉତ୍ସବରେ କୁଚିଣ୍ଡା, ଧନକଉଡ଼ା, ରେଙ୍ଗାଲି, ରେଢ଼ାଖୋଲ, ମାନେଶ୍ୱର, ଯୁଯୁମୁରା, ଜମନକିରା, ନାକଟିଦେଉଳ, ବାମରା ବ୍ଲକର ଆଦିବାସୀ ଭଉଣୀଭାଇ ଅଂଶଗ୍ରହଣ କରିବାକୁ ଗୃହୀତ ହୋଇଥିଲା। ବୈଠକରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ନାରୀନେତ୍ରୀ ଅନିତା ଓରାମ, ପୂର୍ବତନ ସଭାପତିଉଷ୍ଣନ ମୁଣ୍ଡା, ଉପସଭାପତିରୋହିତ ଭୋଇ, ମହେନ୍ଦ୍ର କୁଅଁର, ସହସମ୍ପାଦକ ଯୁବରାଜ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ସକାଳୁଆ ଅଫିସ

**ଜୁନ୍ ୧୫ ପର୍ଯ୍ୟନ୍ତ ଜାରି ରହିବ**

ସମ୍ବଲପୁର,୧୦।୪(ପ୍ରମୋଦ ବହିଦାର):

ସମ୍ବଲପୁରରେ ବୁଧବାରଠାରୁ ଆରମ୍ଭ ହୋଇଛି ସକାଳୁଆ ଅଫିସ। ଏହା ଆସନ୍ତା ଜୁନ ୧୫ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଜିଲାପାଳଙ୍କ ପତ୍ର ସଂଖ୍ୟା ୬୬୨୦/୮।୪।୨୪ରେ ଜାରି ନିର୍ଦ୍ଦେଶନାମା ଅନୁସାରେ ସମସ୍ତ କାର୍ଯ୍ୟ ଦିବସରେ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ, କୋର୍ଟ ଆଦି ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି ସମୟ ମଧ୍ୟରେ କର୍ମଚାରୀମାନେ ବିନା କୌଣସି ବିରତିରେ କାର୍ଯ୍ୟ କରିବେ। ବୁଧବାର ପ୍ରଥମ ଦିନରେ ଜିଲାପାଳ, ଆର୍‌ଡିସି, ଉପଜିଲାପାଳ, ଅବକାରୀ ବିଭାଗ, ଯୋଗାଣ ବିଭାଗ, ଉପ-ନିବନ୍ଧକ, ପରିବହନ, ମହାନଗର ନିଗମ, ବନ ବିଭାଗ, ଜିଲା ଶିକ୍ଷାଧିକାରୀ ଆଦି କାର୍ଯ୍ୟାଳୟ ସହିତ ସମସ୍ତ କୋର୍ଟ କାର୍ଯ୍ୟାଳୟରେ କର୍ମଚାରୀମାନେ ଧାର୍ଯ୍ୟ ସମୟ ପୂର୍ବରୁ ପହଞ୍ଚି ଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି ସକାଳୁ ସକାଳୁ ସରକାରୀ ଅଫିସରେ ଦୁରଦୂରାନ୍ତରୁ ଆସିଥିବା ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସୂଚନାଯୋଗ୍ୟ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପ୍ରଶମନ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଗତ ଏପ୍ରିଲ୍ ୨ରୁ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ରରେ ସକାଳୁଆ ପାଠପଢ଼ା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ସେହି ଦିନଠାରୁ ସମ୍ବଲପୁରରେ ସମସ୍ତ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ସକାଳ ୭ଟାରୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ପାଠପଢ଼ା ଜାରି ରହିଛି।

### ବୃନ୍ଦାବନ ମାଝିଙ୍କୁ ସ୍ୱାଗତ

କୁଚିଣ୍ଡା,୧୦।୫(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ବିଜେଡ଼ି କାର୍ଯ୍ୟାଳୟରେ ବୁଧବାର ବିଜେଡି ଓ କୁଚିଣ୍ଡା ଆଦିବାସୀ ଭବନରେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ନୂତନ ଭାବେ ବିଜେଡ଼ିରେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ବୃନ୍ଦାବନ ମାଝିଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଜିଲା ସମ୍ପାଦକ ରଶ୍ମିକାନ୍ତ ସାମଲ, ଆଦିବାସୀ ସଙ୍ଗଠନର ରମେଶ ପଧାନ, କିଷାନ ସମାଜର ରାମଚନ୍ଦ୍ର ମିଞ୍ଜ, ଅନାଦି ମିର୍ଦ୍ଧା ଓ ପ୍ରମୋଦ ମିର୍ଦ୍ଧା, ଗଣ୍ଡ ସମାଜର ମଦନମୋହନ ଧୁରୁଆ, ମୁଣ୍ଡା ସମାଜର ସୁକଲ ମୁଣ୍ଡା, ଶୁଣ୍ଡି ସମାଜର ଦିବ୍ୟରାଜ ସାହୁ ଯୋଗଦେଇଥିଲେ।

# କୁଚିଣ୍ଡାରେ କଂଗ୍ରେସର ସାଙ୍ଗଠନିକ ବୈଠକ



ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

କୁଚିଣ୍ଡା,୧୦।୪(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ନଗର କଂଗ୍ରେସ ଆହ୍ୱାନକ୍ରମେ ବୁଧବାର କଂଗ୍ରେସ ଭବନଠାରେ ଦଳର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର କଂଗ୍ରେସ ସଭାପତି ତଥା ପୂର୍ବତନ ନଗରପାଳ ଅଖିଳ ପ୍ରତାପ ସିଂ ସଭାପତିତ୍ୱ କରିଥିଲେ। ସମ୍ବଲପୁର ଜିଲା ସଭାପତି ଜୟ ଶଙ୍କର ମିଶ୍ର, ଲୋକ ସଭା ପର୍ଯ୍ୟବେକ୍ଷକ ପ୍ରେମ ରଞ୍ଜନ ମିଶ୍ର, ବିଧାନସଭା ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ବିଶ୍ୱାଳ, ପିସିସି ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଦିଲୀପ କିଷାନ, ସଭ୍ୟ ସଞ୍ଜିତ ଶର୍ମା, ସାଧାରଣ ସମ୍ପାଦକ ଇନ୍ଦ୍ରମଣି ବାରିକ, ଡା. ଶରତ ଚନ୍ଦ୍ର ଗୌନ୍ତିଆ ପ୍ରମୁଖ ଯୋଗଦେଇ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଜାରି ହୋଇଥିବା ପ୍ରଶମନ ଆପ ଜରିଆରେ ଆଗାମୀ ନିର୍ବାଚନ ନିମନ୍ତେ ପ୍ରାର୍ଥୀ ଚୟନ ନେଇ ଆଲୋଚନା କରିଥିଲେ। ଦଳକୁ ତୃଣମୂଳ ସ୍ତରରୁ ସଂଗଠିତ କଲେ ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କଂଗ୍ରେସର ନିର୍ବାଚନୀ ଇସ୍ତାହାର ସଂକ୍ରାନ୍ତରେ ସବିଶେଷ ଆଲୋଚନା ହୋଇଥିଲା।

# ବୁର୍ଲାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ହିନ୍ଦୁ ନବବର୍ଷ



ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଘୋଷ ପଥ ସଞ୍ଚାଳନ କାର୍ଯ୍ୟକ୍ରମ।

ସମ୍ବଲପୁର,୧୦।୪(ବି.ଶଙ୍କର)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ବୁର୍ଲା ନଗର ପକ୍ଷରୁ ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ହିନ୍ଦୁ ନବବର୍ଷ ପାଳନ କରାଯାଇଛି । ବୁର୍ଲାରେ ରହୁଥିବା ସମସ୍ତ ସ୍ୱୟଂସେବକମାନେ ପ୍ରତି ପଡା, ଅନୁଷ୍ଠାନ, ମନ୍ଦିରରେ ହିନ୍ଦୁ ନବବର୍ଷ ପାଳନ କରିଛନ୍ତି। ଏହି ଅବସରରେ ଘୋଷ ପଥ ସଞ୍ଚାଳନ ସ୍ଥାନୀୟ ଗୁରୁଦ୍ୱାରାଠାରୁ ଆରମ୍ଭ ହୋଇ ସହରର ବିଭିନ୍ନ ବସ୍ତି ପରିକ୍ରମା କରଇଥିଲା। ଏହାକୁ ସହରର ବିଭିନ୍ନ ଛକରେ ପୁଷ୍ପ ଓ ପୂର୍ଣ୍ଣ କଳସ ସ୍ଥାପନ କରି ସ୍ଥାନୀୟ ବାସିନ୍ଦା ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିରରେ ଛାତ୍ରୀଛାତ୍ର, ବୁର୍ଲାର ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୁର୍ଲା ଭାରତୀ କଳା ପରିଷଦର ପ୍ରମୋଦ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏକ ଦେଶାତ୍ମବୋଧକ କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା। ସୁନୀଲ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି, ଡା. ପୁରୁଷୋତ୍ତମ ଅଗ୍ରୱାଲ ମୁଖ୍ୟବକ୍ତା ଓ ନଗର ସଂଘ ଚାଳକ ପ୍ରଭାକର ନାୟକ ସମ୍ମାନିତ ଅତିଥି ଥିଲେ। ଭାରତ ମାତା ସେବା ସଂସ୍ଥାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ କଳାକାରଙ୍କୁ ପ୍ରସଂଶାପତ୍ର ପ୍ରଦାନ କରଯାଇଥିଲା। କାର୍ଯ୍ୟକ୍ରମକୁ ବୁର୍ଲା ନଗର କାର୍ଯ୍ୟବାହ ଡା. ସଞ୍ଜୟ କୁମାର ପାତ୍ର ପରିଚାଳନା କରିକରିଥିଲେ ।

# ଓଡ଼ିଶାର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ଜରୁରୀ

**କୁଚିଣ୍ଡାରେ ଧର୍ମେନ୍ଦ୍ରଙ୍କୁ ସ୍ୱାଗତ**

କୁଚିଣ୍ଡା,୧୦।୪(ବିରଞ୍ଚି ଦର୍ଶୀ)

ଓଡ଼ିଶାରେ ୨୫ବର୍ଷ ଧରି ଲୋକଙ୍କୁ ଠକିଥିବା ସରକାରଙ୍କୁ ଆଗାମୀ ନିର୍ବାଚନରେ ଉଚିତ ଜବାବ ଦେବାକୁ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି। ବୁଧବାର କେନ୍ଦ୍ରମନ୍ତ୍ରୀ ପ୍ରଧାନ କୁଚିଣ୍ଡା ଗସ୍ତରେ ଆସି ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରି ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ସ୍ଥାପନ କରିବାକୁ କହିଛନ୍ତି। ଭାଜପା ପକ୍ଷରୁ ଏକ ନ୍ଦବାଇକ୍ ଶୋଭାଯାତ୍ରାରେ ବାନ୍ଧୁବାସ ଛକରୁ କେନ୍ଦ୍ରମନ୍ତ୍ରୀଙ୍କୁ ସହର ପରିକ୍ରମା କରାଇ କେନ୍ଦୁପତ୍ର ଶ୍ରମିକ ଭବନ ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା।

ସମ୍ବଲପୁର ଜିଲା ଭାଜପା ସାଧାରଣ ସମ୍ପାଦକ ଶୁଶୀଳ କୁମାର କରଙ୍କ ସଂଯୋଜନାରେ କେନ୍ଦୁପତ୍ର ଶ୍ରମିକ ଭବନଠାରେ କୁଚିଣ୍ଡା ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମେନ୍ଦ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ଜନଜାଗରଣ ସୃଷ୍ଟି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ। ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ଓ କୁଚିଣ୍ଡା ବିଧାନସଭା ପ୍ରାର୍ଥୀ ରବିନାରାୟଣ ନାଏକ ଓଡ଼ିଶାରେ ଭାଜପା ସରକାର ସ୍ଥାପନ କରିବାକୁ ହେଲେ ବୁଥ ସ୍ତରରୁ ସଂଗଠନକୁ ସୁଦୃଢ କରିବାକୁ କର୍ମୀମାନଙ୍କୁ କହିଥିଲେ। ଏଥିରେ ପର୍ଯ୍ୟାୟ କ୍ରମେ କୁଚିଣ୍ଡା ବିଧାନସଭା ଅନ୍ତର୍ଗତ ୭ ମଣ୍ଡଳର କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ନଗର ମଣ୍ଡଳ ସଭାପତି କାହ୍ନୁଚରଣ ନାୟକ, ଚଇତ୍ରା ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଗୁଦଗୁଦା ସଭାପତି ଉପେନ୍ଦ୍ର ପଟେଲ, ବାମରା ସଭାପତି ନରେଶ ସିଂ ଠାକୁର, କେଶାଇବାହାଲ ସଭାପତି ସୁନୀଲ ଦାସ, ଗୁଣ୍ଡୁରୁଟୁଆଁ ସଭାପତି ଦୁଷ୍ମନ୍ତ ନାୟକ, ଜମନକିରା ସଭାପତି ଅମୋଘ ପାଣିଗ୍ରାହୀ,ଗୋବିନ୍ଦ ଅଗ୍ରୱାଲ, ପ୍ରମୋଦ ରଥ, ବ୍ଲକ ଅଧକ୍ଷା ପିଙ୍କି ଧୁରୁଆ, ପୂର୍ବତନ ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ, ବୀରେନ୍ଦ୍ର ଚୌଧୁରୀ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଅନୁପମା ନାୟକ, କୁଞ୍ଜଲତା ନାଏକ, ମଧୁମିତା ମହାପାତ୍ର, ମଞ୍ଜୁଲତା ପରିଡା, କୁଚିଣ୍ଡା ବ୍ଲକ ଉପାଧକ୍ଷା ରଶ୍ମିତା ନାଏକ, ସୁଭଦ୍ରା ବାଘଙ୍କ ସମେତ ସହସ୍ରାଧିକ କର୍ମୀ ଯୋଗ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଜଗନ୍ନାଥ ମନ୍ଦିର, ପଞ୍ଚମୁଖୀ ହନୁମାନ ମନ୍ଦିର ଓ ପୁରୁଣା ବସଷ୍ଟାଣ୍ଡସ୍ଥିତ ଦୁର୍ଗା ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ସମ୍ପାଦକ ବିଭୂତିକଲ୍ୟାଣ ପଟେଲ, ପ୍ରାଣବନ୍ଧୁ ନାଥ, ମହେଶ ରାୟ, ପିଙ୍କୁ ପାଣି, ବିବେକ ରାୟ, ପ୍ରୀତମ ପାଣିଗ୍ରାହୀ, ସରୋଜ କର୍ସେଲ, ରାଜକୁମାର ରକ୍ସା ପ୍ରମୁଖ ସହଯୋଗ କରିଥିଲେ।



ଧର୍ମେନ୍ଦ୍ରଙ୍କୁ ଶୋଭାଯାତ୍ରାରେ ପାଛୋଟି ନିଆଯାଉଛି।

# ସୂତାଖିଅରେ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀଙ୍କ ଭାଗ୍ୟ

ଭୁବନେଶ୍ୱର,୧୦।୪(ଅନିଲ ଦାସ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଘୋଷଣା ହୋଇ ନ ଥିବା ୩୯ ଆସନ ପାଇଁ ବିଜେଡି ଆଶାୟୀ ଓ ବିଧାୟକଙ୍କ ମଧ୍ୟରେ ଛନକା ବଢ଼ିବାରେ ଲାଗିଛି। ସେମାନଙ୍କ ମଧ୍ୟରେ ୨ ଜଣ ମନ୍ତ୍ରୀଙ୍କ ଭାଗ୍ୟ ସୂତାଖିଅରେ ଝୁଲିରହିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲା କରଞ୍ଜିଆରୁ ପ୍ରଥମ ଥର ପାଇଁ ବିଧାୟିକାରୁ ମନ୍ତ୍ରୀ ହୋଇଥିବା ବାସନ୍ତୀ ହେମ୍ବ୍ରମ ଏବଂ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା। ଉଭୟ ଯୁବ ମନ୍ତ୍ରୀ। ୨୦୧୯ରେ କରଞ୍ଜିଆ ବିଧାୟକ ବିଜୟ କୁମାର ନାଏକଙ୍କୁ ହଟାଇ ବାସନ୍ତୀ ହେମ୍ବ୍ରମଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ସେ ପ୍ରଥମ ଥର ବିଧାୟକ ହୋଇଥିଲେ ମଧ୍ୟ ତାଙ୍କୁ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଥିଲା। ବିଜେଡି ତାଙ୍କୁ ପୁଣି ଟିକେଟ ଦେଇ ନିର୍ବାଚନ ମଇଦାନକୁ ଓହ୍ଲାଉଛି କି ନାହିଁ ସେ ନେଇ ହେମ୍ବ୍ରମ ଆଶା ଓ ଆଶଙ୍କାରେ ରହିଛନ୍ତି। ଟିକେଟ ପାଇଁ ସେ ଗତ କିଛିଦିନ ହେବ ଲବି ଚଳାଇଛନ୍ତି। ତେବେ ତାଙ୍କ ପାଇଁ ପୂର୍ବତନ ବିଧାୟକ ବିଜୟ ନାୟକ, ବାସନ୍ତୀଙ୍କ ଯାଆ ରୁକ୍ମିଣୀ ହେମ୍ବ୍ରମ ପ୍ରତିବନ୍ଧକ ସାଜିଛନ୍ତି। ମନ୍ତ୍ରୀ ଥିବା ସମୟରେ ସେ ନିର୍ବାଚନମଣ୍ଡଳୀ ପାଇଁ ସେପରି କିଛି କରି ନ ଥିବା ଅଭିଯୋଗ ହେଉଛି। ଏପରି ସ୍ଥଳେ ବିଜେଡି କରଞ୍ଜିଆରେ ବିଜୟୀ ସମ୍ଭାବନା ଥିବା ପ୍ରାର୍ଥୀ ଖୋଜାରେ ଲାଗିଛି । ସେ ନେଇ ଗତ କିଛିଦିନ ହେବ ଜିଲାର ବରିଷ୍ଠ ନେତା ଓ ପର୍ଯ୍ୟବେକ୍ଷକ ମାନସମନ୍ଥନ ଚଳାଇଛନ୍ତି।

ଅନୁରୂପଭାବେ କାକଟପୁରର ଯୁବ ବିଜେଡି ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଆସନ ମଧ୍ୟ ଟଳମଳ। ମନ୍ତ୍ରୀ ଥାଇ ମଧ୍ୟ କୌଣସି ଆଖିଦୃଶିଆ କାମ କରି ନ ଥିବା ଅଭିଯୋଗରେ ନିକଟରେ ନିଜ ନିର୍ବାଚନମଣ୍ଡଳୀରେ ତାଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏପରିକି ସେ ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ଏକ ସଭାରେ ଯୋଗଦେଇ ନ ପାରି ଫେରି ଯାଇଥିଲେ। ମନ୍ତ୍ରୀ ତୁଷାରକାନ୍ତିଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଉଛନ୍ତି ୨୦୧୪ରେ ବିଧାୟକ ଥିବା ସୁରେନ୍ଦ୍ର ସେଠୀ। ସେ ମଧ୍ୟ ଟିକେଟ ପାଇଁ ଜୋରସୋର ଲବି ଚଳାଇଛନ୍ତି। ଏଭଳି ସ୍ଥିତିରେ ବିଜେଡି କାହାକୁ ଟିକେଟ ଦେବ ସେ ନେଇ ଗତ କିଛିଦିନ ହେବ ଦ୍ୱନ୍ଦ୍ୱ ଜାରିରହିଛି। ଏପରି ସ୍ଥଳେ ତୁଷାରକାନ୍ତି ନିଜ ପ୍ରାର୍ଥିତ୍ୱ ପୁଣି ଥରେ ବଜାୟ ରଖିବାରେ ସଫଳ ହେଉଛନ୍ତି କିମ୍ବା ନିରାଶ ହେବାକୁ ପଡୁଛି ତାହା ଆଉ କିଛିଦିନ ପରେ ସ୍ପଷ୍ଟ ହୋଇଯିବ।

ଗତ ମନ୍ତ୍ରିମଣ୍ଡଳରେ ଥିବା ଅଧିକାଂଶ ମନ୍ତ୍ରୀ ଓ ପୂର୍ବତନ ମନ୍ତ୍ରୀଙ୍କୁ ଦଳ ପୁଣିଥରେ ବିଜେଡି ମଇଦାନକୁ ଓହ୍ଲାଇଛି। ପୂର୍ବତନ ହସ୍ତତନ୍ତ ମନ୍ତ୍ରୀ ତଥା କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆଁନଙ୍କ ଟିକେଟ କଟିଥିବା ବେଳେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପୁଅ ଅଙ୍କିତ ପ୍ରତାପ ଜେନାଙ୍କୁ ମାହାଙ୍ଗା ଏବଂ ମନ୍ତ୍ରୀ ଉଷାଦେବୀଙ୍କ ବଦଳରେ ତାଙ୍କ ପୁଅ ଚିନ୍ମୟାନନ୍ଦ ଶ୍ରୀରୂପ ଦେବଙ୍କୁ ବିଜେଡି ଚିକିଟିରୁ ଟିକେଟ ଦେଇଛି। ପଦ୍ମିନୀଙ୍କ ବିଜୟ ସମ୍ଭାବନା କମ୍ ଥିବାରୁ ତାଙ୍କ ବଦଳରେ ଦଳ କୋଟପାଡ଼ରୁ ଚନ୍ଦ୍ରଶେଖର ମାଝିଙ୍କୁ ପ୍ରାର୍ଥୀ କରିଛି। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମାହାଙ୍ଗା ଡବଲ ମର୍ଡର ମାମଲାରେ ଛନ୍ଦିହୋଇ ପଡିଥିବାରୁ ସେ ଚଳିତ ନିର୍ବାଚନରୁ ଆଗୁଆ ଓହରିଯାଇଛନ୍ତି। ତେବେ ନିଜ ସ୍ଥାନରେ ପୁଅକୁ ଟିକେଟ କରାଇ ନିର୍ବାଚନମଣ୍ଡଳୀକୁ ଉତ୍ତରାଧିକାରୀ ସୂତ୍ରରେ ନିଜ କବ୍‌ଜାରେ ରଖିବାରେ ଏକପ୍ରକାର ସଫଳ ହେବାକୁ ଲକ୍ଷ୍ୟ ରଖିଛନ୍ତି।

ସେହିପରି କେନ୍ଦୁଝର ଜିଲାର ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଟିକେଟ ନ ପାଇବା ଆଶଙ୍କା କରି ନିକଟରେ ଭାଜପାରେ ସାମିଲ ହୋଇଛନ୍ତି। ସେହି ଆସନରେ ବିଜେଡି ଟିକେଟରେ ଲଢ଼ିବା ପାଇଁ ପୂର୍ବତନ ବିଧାୟକ ଦେବବ୍ୟାସ ନାୟକ ଏବଂ ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାର ଜୋରସୋର ଲବି ଚଳାଇଛନ୍ତି। ନିମାପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଟିକେଟ ଝୁଲିରହିଛି। ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ହତ୍ୟାକାଣ୍ଡ ଘଟଣାରେ ବିବାଦୀୟ ହେବା ପରେ ତାଙ୍କୁ ମନ୍ତ୍ରୀପଦ ହରାଇବାକୁ ପଡ଼ିଥିଲା। ଏହାକୁ ନେଇ ନିମାପଡ଼ାରେ ତାଙ୍କର ଜନସମର୍ଥନ ହ୍ରାସ ପାଇଥିବା କୁହାଯାଉଛି। ତାଙ୍କୁ ଟିକେଟ ନ ଦେବା ଲାଗି ଗୋଟିଏ ଗୋଷ୍ଠୀ ଲାଗିପଡ଼ିଛନ୍ତି। ବିଜେଡି ସମୀରଙ୍କ ବଦଳରେ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିବା ନେଇ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ତାଙ୍କୁ ଯଦି ଟିକେଟ ନ ମିଳେ ତେବେ ସେ ତାଙ୍କ ସ୍ତ୍ରୀଙ୍କ ପାଇଁ ଟିକେଟ ଯୋଗାଡ଼ କରାଇବାରେ ଜୋରସୋର ଲାଗିଥିବା କୁହାଯାଉଛି। ସେହିପରି ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଟିକେଟ ମଧ୍ୟ ଝୁଲିରହିଛି। ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ପରଠାରୁ ନିର୍ବାଚନମଣ୍ଡଳୀରେ ତାଙ୍କ ଲୋକପ୍ରିୟତା ହ୍ରାସ ପାଇଥିବା ନେଇ ଚର୍ଚ୍ଚା ହେଉଛି। ଓଡ଼ିଶା ସରକାରଙ୍କ ସଂସ୍କୃତି ଓ ମାନବ ସମ୍ବଳ ବିକାଶ ରାଜ୍ୟ ସମ୍ପାଦକ ଶଶିକୁମାର ସାହୁ ତାଙ୍କୁ କଡ଼ା ଟକ୍କର ଦେଉଛନ୍ତି। ଶଶି ୨୦୧୪ରେ ଭାଜପା ଟିକେଟରେ ନିର୍ବାଚନ ଲଢ଼ି ୨୮ ହଜାର ଭୋଟ ହାତେଇ ଭାଜପାକୁ ସୁଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ୨୦୧୯ରେ ସେ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ । ତେବେ ସେତେବେଳେ ଦଳ ତାଙ୍କ ଉପରେ ଭରସା କରିପାରି ନ ଥିଲା । ସେବେଠାରୁ ସେ ନିର୍ବାଚନମଣ୍ଡଳୀରେ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଜନ ସମର୍ଥନ ଯୋଗାଡ଼ରେ ଲାଗି ପଡ଼ିଛନ୍ତି। ଗୋଟିଏ ଗୋଷ୍ଠୀ ଭୁବନେଶ୍ୱର ଯାଇ ତାଙ୍କ ପାଇଁ ଟିକେଟ ଲବି ଚଳାଇଥିବା କୁହାଯାଉଛି।

ସେହିପରି ପୂର୍ବତନ ମନ୍ତ୍ରୀ ତଥା ଏରସମା-ବାଲିକୁଦା ବିଧାୟକ ରଘୁନନ୍ଦନ ଦାସ ମଧ୍ୟ ଟିକେଟକୁ ନେଇ ଚିନ୍ତାରେ ରହିଛନ୍ତି। ନିକଟରେ କଂଗ୍ରେସରୁ ବିଜେଡିରେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ ଦଳ ସେଠାରେ ପ୍ରାର୍ଥୀ କରିବା ନେଇ ଚର୍ଚ୍ଚା ହେଉଛି।

# ଗୁଲମକ୍କୀ ନା ଅସିତ ପ୍ରଭାବ ନିର୍ଣ୍ଣାୟକ

## ଭଦ୍ରକ ବିଧାନସଭା କ୍ଷେତ୍ର

ଭଦ୍ରକ,୧୦।୪(ସନାତନ ରାଉତ)

୨୦୨୨ ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜେଡିକୁ ପଛରେ ପକାଇ ଭଦ୍ରକ ପୌରାଧ୍ୟକ୍ଷା ହୋଇଥିଲେ ଗୁଲମକ୍କୀ ଦଲାୱାଜି ହବିବ୍। ହେଲେ ମଙ୍ଗଳବାର ସ୍ୱାମୀ ଜାହିଦ ହବିବ୍‌ଙ୍କ ସହିତ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନ ଯାଇ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କର ଏହି ମିଶ୍ରଣ ପରେ ଭଦ୍ରକ ରାଜନୀତି ଭିନ୍ନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଉଛି।

ଭଦ୍ରକ ବିଧାନସଭା ଆସନକୁ ନେଇ ରାଜନୀତି ସମୀକ୍ଷକଙ୍କ ସମୀକରଣ ଏବେ ଓଲଟ ପାଲଟ ହୋଇଯାଇଛି। ପୌର ନିର୍ବାଚନରେ ବିଜେଡି ପ୍ରାର୍ଥିନୀ ସମିତା ମିଶ୍ରଙ୍କୁ ୩,୨୫୬ ଭୋଟରେ ପରାସ୍ତ କରି ଜଣେ ସଂଖ୍ୟାଲଘୁ ମହିଳା ଭାବେ ଗୁଲମକ୍କୀ ପ୍ରଥମ ଥର ପାଇଁ ଭଦ୍ରକ ପୌରାଧ୍ୟକ୍ଷା ଆସନକୁ ଦଖଲ କରିଥିଲେ। ତାଙ୍କୁ ଆଶାତୀତ ସମର୍ଥନ ମିଳିବା ସହ ପୌରପାଳିକାର ୩୦ଟି ୱାର୍ଡରୁ ସେ ୨୮ହଜାର୧୧୫ ଖଣ୍ଡ ଭୋଟ ପାଇଥିଲେ। ଏହି ନିର୍ବାଚନରେ ଯୁବନେତା ଅସିତ୍ ପଟ୍ଟନାୟକ ତାଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ସ୍ୱାଧୀନ ପୌରାଧ୍ୟକ୍ଷା ଭାବେ ନିର୍ବାଚିତ ହେବା ପରେ ଅସିତଙ୍କ ସହ ମିଶି କାର୍ଯ୍ୟ କରିଥିଲେ। ଫଳରେ ସେମାନଙ୍କର ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ସହ ଛକାପଞ୍ଝା ଲାଗି ରହିଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟର ଅଧିକାଂଶ ଭୋଟ ତାଙ୍କ ଅକ୍ତିଆରରେ ଥିବାରୁ ଅସିତ ଓ ଗୁଲମକ୍କୀଙ୍କ ଗୋଟିଚାଳନା ୨୦୨୪ ନିର୍ବାଚନରେ ଭଦ୍ରକ ଆସନରେ ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଆକଳନ କରାଯାଉଥିଲା। କିନ୍ତୁ ବିଜେଡି ସବୁ ସମୀକରଣକୁ ଓଲଟ ପାଲଟ କରି ଭଦ୍ରକ ଓ ଭଣ୍ଡାରିପୋଖରୀରେ ପ୍ରାର୍ଥୀ ବଦଳାଇ ଦେଲା। ପ୍ରଫୁଲ୍ଲ ତାଙ୍କ ପୁରୁଣା ନିର୍ବାଚନମଣ୍ଡଳୀ ଭଦ୍ରକକୁ ଆସିବା ପରେ ଗୁଲମକ୍କୀ ଓ ଜାହିଦ୍‌ଙ୍କୁ ବିଜେଡିକୁ ଫେରାଇ ଆଣିବାରେ ସଫଳ ହୋଇଛନ୍ତି। ଏବେ ଅସିତ ଓ ଜାହିଦ୍‌ଙ୍କ ମଧ୍ୟରେ ରାଜନୈତିକ ସମ୍ପର୍କ ଛିନ୍ନ ହେବା ସହ ରାସ୍ତା ମଧ୍ୟ ଅଲଗା ହୋଇଗଲା। ଅସିତ କଂଗ୍ରେସରେ ଯୋଗ ଦେବା ଏକପ୍ରକାର ନିଶ୍ଚିତ ହୋଇଥିବା ବେଳେ ବିଜେଡି ପାଇଁ ପୂରା ଦମ୍‌ରେ ଜାହିଦ୍ ଓ ଗୁଲମକ୍କୀ ଭୋଟ ସଂଗ୍ରହ କରିବେ ବୋଲି କହିଲେଣି। ଏହି ମିଶ୍ରଣ ପରେ ବିଜେଡିର ସ୍ଥିତି ଭଦ୍ରକ ବିଧାନସଭାରେ ସୁଦୃଢ଼ ହୋଇଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଅସିତଙ୍କ ପିତା ଯୁଗଳ କିଶୋର ପଟ୍ଟନାୟକ ପୋଖତ ରାଜନେତା ହୋଇଥିବା ବେଳେ ସଂଖ୍ୟାଲଘୁ ଭୋଟ ସହ ନିର୍ବାଚନମଣ୍ଡଳୀରେ ତାଙ୍କର ଗୋଟେ ଖାଦି ଥିବାରୁ ଏହି କ୍ଷେତ୍ରରେ ନିର୍ବାଚନ ସମୀକରଣ ବଦଳିବ ବୋଲି କୁହାଗଲାଣି। ତେବେ ଏଠାରେ ଅସିତ ଓ ଗୁଲମକ୍କୀଙ୍କ ପ୍ରଭାବ ଫଳାଫଳ ଉପରେ କେଉଁ ଚିହ୍ନ ଲଗାଉଛି, ତାହା ଦେଖିବାକୁ ଅଛି।



ଜଟଣୀ ବିଧାନସଭା ଆସନ ଲାଗି ବିଜେଡି ପ୍ରାର୍ଥୀ ବିଭୂତି ବଳବନ୍ତରାୟଙ୍କୁ ହଟାଇବା ଦାବିରେ ବୁଧବାର ଶଙ୍ଖଭବନ ସମ୍ମୁଖରେ କର୍ମୀମାନଙ୍କ ପକ୍ଷରୁ 'ବିଭୂତି ହଟାଓ, ବିଜେଡି ବଞ୍ଚାଓ' ସ୍ଲୋଗାନ ଦିଆଯାଉଛି।

# ସିମୁଳିଆ ବିଜେଡିରେ ଛିଡୁନି ଅଙ୍କ

## ସାମାଜିକ ଗଣମାଧ୍ୟମରେ ତୀବ୍ର ହେଉଛି ଆକ୍ଷେପ ପ୍ରତିଆକ୍ଷେପ

ଖଇରା, ୧୦।୪ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଘୋଷଣା କରି ସାରିଥିବା ବେଳେ ବିଜେଡିରେ ଆଶାୟୀ ପ୍ରାର୍ଥୀ ତାଲିକା ଝୁଲି ରହିଛି । ଘୋଷଣା ବିଳମ୍ବ ହେଉଥିବାରୁ ସମର୍ଥକଙ୍କ ଉତ୍କଣ୍ଠା ବଢିଚାଲିଛି। ଏବେ ଫେସବୁକ, ହ୍ୱାଟ୍ସଆପ୍ ଭଳି ସାମାଜିକ ଗଣମାଧ୍ୟମରେ ଏଠାକାର ସମର୍ଥକଙ୍କ କମେଣ୍ଟ ଓ ପୋଷ୍ଟ ଯୁଦ୍ଧ ଉଗ୍ରରୂପ ଧାରଣ କରିଛି। ଆଶାୟୀଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏବଂ ଓଡିଶା ସରକାରଙ୍କ ସଂସ୍କୃତି ଓ ମାନବ ସମ୍ବଳ ବିକାଶ ରାଜ୍ୟ ସମ୍ପାଦକ ଶଶିକୁମାର ସାହୁ।



ଜ୍ୟୋତିପ୍ରକାଶ ପାଣିଗ୍ରାହୀ



ଶଶୀ କୁମାର ସାହୁ

ସିମୁଳିଆ-ଖଇରାର ଜଣାଶୁଣା ଚେହେରା ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଦାବିଦାର ଥିବା ବେଳେ ଏଥର ଟିକେଟ ମିଳିଲେ ହ୍ୟାଟ୍ରିକ ବିଜୟ ଲାଭ କରିବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଜ୍ୟୋତି ୨୦୧୪ରେ ୭ ହଜାର ୯୩୭ ଭୋଟ ଏବଂ ୨୦୧୯ରେ ୧୪, ୯୫୯ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ୨୦୨୪ରେ ଏହି ବ୍ୟବଧାନ ୨୫ ହଜାର ରହିବ ବୋଲି ବିଜେଡି କର୍ମୀମାନେ ଦୃଢତାର ସହ କହିଲେଣି । ଯଦି ଜ୍ୟୋତିଙ୍କ ବ୍ୟତୀତ ଦଳ ଅନ୍ୟ କାହା ଉପରେ ଭରସା କରେ ତେବେ ସିଟ୍ ହାତଛଡା ହେବ ବୋଲି ବହୁ ଦଳୀୟ କାର୍ଯ୍ୟକର୍ତ୍ତା କହୁଥିବାର ଶୁଣିବାକୁ ମିଳୁଛି ।

ଜ୍ୟୋତି ବିଧାୟକ ଭାବେ ୧୦ବର୍ଷ ଧରି ସିମୁଳିଆ ଖଇରାରେ ଶାନ୍ତି ଓ ପ୍ରଗତିକୁ ଗୁରୁତ୍ୱ ଦେଇ ଆସିଥିବା ବେଳେ ବିଜେଡି ସୁପ୍ରିମୋ ଜ୍ୟୋତି ପ୍ରକାଶଙ୍କୁ ସୁଯୋଗ ଦେବା ଆବଶ୍ୟକ ବୋଲି ଗୋଳିହା ପଞ୍ଚାୟତ ସରପଞ୍ଚ ପୁଷ୍ପଲତା ଘଡେଇ, ନନ୍ଦୁର ସରପଞ୍ଚ ଜୟନ୍ତୀ ପତି, ଶ୍ୟାମସୁନ୍ଦରପୁର ସରପଞ୍ଚ ବନିତା ପ୍ରଧାନଓ ସମିତିସଭ୍ୟ ବାସନ୍ତୀ ମହାନ୍ତି, ଗଗନଧୂଳି ପଞ୍ଚାୟତ ସରପଞ୍ଚ ମଦନମୋହନ ସାନ୍ତରା, ଖଇରା ସରପଞ୍ଚ ମାଳତୀ ସେଠୀ ଓ ସମିତିସଭ୍ୟ ନର୍ମଦା ଦେଓଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ତଥା ୫ ଜୋନର ଜିଲା ପରିଷଦ ସଭ୍ୟ, ଛାମୁଆ ସଙ୍ଗଠନର କର୍ମକର୍ତ୍ତାମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଅପରପକ୍ଷେ ଅନ୍ୟତମ ଆଶାୟୀ ଶଶିକୁମାର ସାହୁ ୨୦୧୪ରେ ଭାଜପା ଟିକେଟରେ ନିର୍ବାଚନ ଲଢି ୨୮ହଜାର ଭୋଟ ହାତେଇ ଭାଜପାକୁ ଦୃଢ ସ୍ଥିତିରେ ପହଞ୍ଚାଇଥିଲେ। ୨୦୧୯ରେ ସେ ଭାଜପା ଛାଡି ବିଜେଡିରେ ଯୋଗଦେଇଥିଲେ । ହେଲେ ସେତେବେଳେ ଦଳ ତାଙ୍କୁ ଭରସା କରିପାରି ନ ଥିଲା । ମାତ୍ର ସେବେଠାରୁ ସେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇ ତାଙ୍କ ସମର୍ଥନରେ ଏକ (ଅଧିକାଂଶ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡିରେ ଥିବା) ଗୋଷ୍ଠୀ ଭୁବନେଶ୍ୱର ଯାଇ ଟିକେଟ ପାଇଁ ଲବି ଚଳାଇଥିବା ବେଳେ ତାଙ୍କ ସମର୍ଥନରେ ପ୍ରତିକ୍ରିୟା ମଧ୍ୟ ଦେଇଛନ୍ତି। ବିଜେଡି ୫ବର୍ଷ ମଧ୍ୟରେ ଲୋକପ୍ରିୟତା ହରାଇଛି ଯେଉଁଥିପାଇଁ ପଞ୍ଚାୟତ ସମିତି ହାତରୁ ଖସିଛି। ଯଦି ଶଶି ସାହୁଙ୍କୁ ପ୍ରାର୍ଥୀ କରାଯାଏ ଦଳ ଛାଡିଥିବା ଜିଲା ପରିଷଦ, ସରପଞ୍ଚ, ସମିତିସଭ୍ୟ ପୁଣିଥରେ ସମର୍ଥକଙ୍କ ସହ ବିଜେଡିକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ୩ ନମ୍ବର ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ କହିଛନ୍ତି । ତେବେ ପିତାଙ୍କ ସମୟରୁ ବିଜେଡିରେ ନିଜର ବିଶ୍ୱସନୀୟତା ପ୍ରତିପାଦିତ କରିଥିବା ବ୍ୟକ୍ତିଙ୍କୁ ଦଳ ଭରସା କରିବ କି ଭାଜପାରୁ ଆସି ବିଜେଡିରେ ଯୋଡି ହୋଇଥିବା ବ୍ୟକ୍ତିଙ୍କୁ ଦଳ ଟିକେଟ ଦେବ, ତାହାକୁ ନେଇ ଏଠାରେ ଆକ୍ଷେପ ପ୍ରତିଆକ୍ଷେପ ବଢିଚାଲିଛି ।

# ନବୀନ ଓଡ଼ିଶା ଗଠନ ପାଇଁ ପ୍ରସ୍ତୁତ ହେବ ଇସ୍ତାହାର

## ବିଜେଡି ଗଠନ କଲା ୩୮ ଜଣିଆ କମିଟି

ଭୁବନେଶ୍ୱର,୧୦।୪(ଅନିଲ ଦାସ)

ଆସନ୍ତା ବିଧାନସଭା ଓ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ବୁଧବାର ୩୮ ଜଣିଆ ଇସ୍ତାହାର କମିଟି ଗଠନ କରିଛି। କମିଟିରେ ୬ ସହ ଅଧ୍ୟକ୍ଷ ଓ ୩ ପ୍ରବାସୀ ଓଡ଼ିଆଙ୍କୁ ମଧ୍ୟ ସାମିଲ କରାଯାଇଛି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ କମିଟିର ଅଧ୍ୟକ୍ଷ ଥିବାବେଳେ ଅମର ପଟ୍ଟନାୟକ ଆବାହକ ରହିଛନ୍ତି।

ଏହି କମିଟିରେ ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଦେବ, ସୁଦାମ ମାର୍ଣ୍ଡି, ମଙ୍ଗଳା କିଷାନ, ପଦ୍ମନାଭ ବେହେରା ଏବଂ କସ୍ତୁରୀ ମହାପାତ୍ର ସହ ଅଧ୍ୟକ୍ଷ ରହିଥିବା ବେଳେ ଅମର ପଟ୍ଟନାୟକ ଆବାହକ ଏବଂ ସସ୍ମିତ ପାତ୍ର ସହ-ଆବାହକ ଅଛନ୍ତି। ସେହିପରି ସୁକାନ୍ତ ମହାପାତ୍ର, ସ୍ୱପ୍ନେନ୍ଦୁ ମହାନ୍ତି ଏବଂ ଅମିୟ ମିଶ୍ର ପ୍ରବାସୀ ଓଡ଼ିଶା ବିଶେଷଜ୍ଞ ସଦସ୍ୟ ରହିଛନ୍ତି। କମିଟିରେ ଅତନୁ ସବ୍ୟସାଚୀ ନାୟକ, ଅଚ୍ୟୁତାନନ୍ଦ ସାମନ୍ତ, ଅରୁଣ କୁମାର ସାହୁ, ସଂତୃପ୍ତ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ସିଂ, କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର, ଶ୍ରୀମୟୀ ଶ୍ୱେତାସ୍ନିଗ୍ଧା ମିଶ୍ର,ଚିନ୍ମୟ ସାହୁ,ଚିରଞ୍ଜୀବ ବିଶ୍ୱାଳ, ସୁବାସ ସିଂ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ରମେଶ ଚନ୍ଦ୍ର ମାଝି, ଦିଲୀପ ତିର୍କୀ, ରବି ନାରାୟଣ ନନ୍ଦ, ଅମରେଶ ପତ୍ରୀ,ଏସ୍. କେ. ନିଜାମୁଦ୍ଦିନ, ତନ୍ମୟ ସ୍ୱାଇଁ,ଜ୍ୟୋସ୍ନାରାଣୀ ପରିଡ଼ା, ବିଷ୍ଣୁପ୍ରିୟା ଦାସ, ସଞ୍ଜିତ ମହାନ୍ତି, ପଙ୍କଜିନୀ ମଙ୍ଗରାଜ, ମାମିନା ନାୟକ ଏବଂ କିଶୋର ଦେବତା ସଦସ୍ୟ ରହିଛନ୍ତି। କମିଟିର ସଦସ୍ୟମାନେ ନବୀନ ଓଡ଼ିଶା-ସଶକ୍ତ ଓଡ଼ିଶା ଗଠନ ପାଇଁ ବିଭିନ୍ନ ବର୍ଗର ଲୋକ, ଅଞ୍ଚଳବାସୀ ଓ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରି ବିଜେଡିର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିବେ ।

# ୧୬ ବିଧାନସଭା, ମୟୂରଭଞ୍ଜ ଲୋକ ସଭା ଆସନରେ ଲଢ଼ିବ ଜେଏମ୍ଏମ୍

ବାରିପଦା,୧୦।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ରାଜ୍ୟର ମୟୂରଭଞ୍ଜ ଲୋକ ସଭା ସମେତ ୧୬ ବିଧାନସଭା ଆସନରେ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଛି। ଏନେଇ ବୁଧବାର ରାଇରଙ୍ଗପୁରଠାରେ ଏକ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତୃବୃନ୍ଦମାନେ ସୂଚନା ଦେଇଛନ୍ତି। ଏଥିରେ ଜେଏମ୍ଏମ୍ ରାଜ୍ୟ ସଭାପତି ଅଞ୍ଜନୀ ସୋରେନ, ଝାଡ଼ଖଣ୍ଡ ସରକାରଙ୍କ ଆଦିବାସୀ ଉନ୍ନୟନ ଓ ପରିବହନ ବିଭାଗ ମନ୍ତ୍ରୀ ଦୀପକ ବିରୁଆ, ବାହଡ଼ାଗୁଡା ବିଧାୟକ ସମୀର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଏହି ନିଷ୍ପତ୍ତି ନେଇଛନ୍ତି।

ମୟୂରଭଞ୍ଜ ଲୋକ ସଭା ଆସନ ସହ ସାରସକଣା, ବାଙ୍ଗିରିପୋଷି, ମୋରଡ଼ା, ରାଇରଙ୍ଗପୁର, ଯଶିପୁର, ବାରିପଦା, ଉଦଳା ଓ କରଞ୍ଜିଆ ବିଧାନସଭା ଆସନରେ ଦଳ ପ୍ରାର୍ଥୀ ଦେବାକୁ ସ୍ଥିର କରିଛି। ସେହିପରି ସୁନ୍ଦରଗଡ଼ ଜିଲାର ବୀରମିତ୍ରପୁର, ବଣାଇ, ରାଜଗାଙ୍ଗପୁର, ରଘୁନାଥପାଲି ଏବଂ ବାଲେଶ୍ୱର ଜିଲାର ବସ୍ତା, ଯାଜପୁର ଜିଲାର ସୁକିନ୍ଦା, ଢେଙ୍କାନାଳ ଜିଲାର ପରଜଙ୍ଗ ଓ କେନ୍ଦୁଝର ଜିଲାର ଚମ୍ପୁଆ ବିଧାନସଭା ଆସନରେ ଦଳ ପ୍ରାର୍ଥୀ ଦେବ ବୋଲି ଘୋଷଣା କରିଛି। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମୋରଡ଼ା ଆସନର ଆଶାୟୀ ପ୍ରାର୍ଥୀ ତଥା ପୂର୍ବତନ ବିଜେଡି ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ ନିଜ ସମର୍ଥକଙ୍କ ସହ ଜେଏମ୍ଏମ୍‌ରେ ଯୋଗଦେଇଥିଲେ। ଦଳ ତାଙ୍କୁ ମୋରଡ଼ା ଆସନରୁ ପ୍ରାର୍ଥୀ ଘୋଷଣା କରିପାରେ ବୋଲି ସୂଚନା ମିଳିଛି। ତେବେ ଚଳିତ ନିର୍ବାଚନରେ ଦଳ ଦୃଢ଼ତାର ସହ ପ୍ରତିଦ୍ୱନ୍ଦ୍ୱିତା କରିବ ଏବଂ ବିଜୟୀ ହେବ ବୋଲି ଦଳର ବରିଷ୍ଠ ନେତା ଦୀପକ ବିରୁଆ କହିଛନ୍ତି।

## କଳାହାଣ୍ଡି ଲୋକ ସଭା କ୍ଷେତ୍ର

# ଲଢ଼େଇରେ ୩ ଦଳର ନୂଆ ମୁହଁ

ଭବାନୀପାଟଣା,୧୦।୪
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଲୋକ ସଭା ଆସନ ହାତେଇବା ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀ ଲୋକ ସମ୍ପର୍କରେ ବାହାରିଛନ୍ତି। ଅବଶ୍ୟ ଏଥର ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତିନି ଦଳର ପ୍ରାର୍ଥୀ ସମ୍ପୂର୍ଣ୍ଣ ନୂଆ। ବିଜେଡି ପ୍ରାର୍ଥୀ ଲମ୍ବୋଦର ନିଆଲ, ଭାଜପାର ମାଳବିକା କେଶରୀ ଦେଓ ଏବଂ କଂଗ୍ରେସରୁ ଦ୍ରୌପଦୀ ମାଝି ନିଜର ଶକ୍ତି ପ୍ରଦର୍ଶନ ପାଇଁ ଅଣ୍ଟା ଭିଡ଼ିଲେଣି। ବିଜେଡି ପ୍ରାର୍ଥୀ ଯାଦବ ଭୋଟ ଉପରେ ଭରସା କରିଥିବା ବେଳେ କଳାହାଣ୍ଡି ରାଜ ପରିବାରର ବୋହୂ ମାଳବିକା ଭାଜପାର ଦଳୀୟ ଭୋଟ ସହିତ ଜିଲାରେ ଥିବା ରାଜାଘରିଆ ଭୋଟ ନିଜ ଆଡ଼କୁ ଯିବ ବୋଲି ଭାବୁଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଦ୍ରୌପଦୀ ଆଦିବାସୀଙ୍କ



ମାଳବିକା କେଶରୀ ଦେଓ



ଦ୍ରୌପଦୀ ମାଝି



ଲମ୍ବୋଦର ନିଆଲ।

ଭୋଟକୁ ନେଇ ଆଶା ବାନ୍ଧିଛନ୍ତି।

କଳାହାଣ୍ଡି ଲୋକ ସଭା ଆସନରେ ବିଶେଷ ଭାବେ ଆଦିବାସୀ ଓ ଯାଦବ ଭୋଟ ହାର ଅଧିକ। ରାଜାଘରିଆ ଭୋଟ ସେ ତୁଳନାରେ ଯଥେଷ୍ଟ ନୁହେଁ । ତଥାପି ମାଳବିକାଙ୍କ ସ୍ୱାମୀ ଅର୍କକେଶରୀ ଦେଓ ୨୦୧୪ରେ ବିଜେଡିରୁ ଟିକେଟ ପାଇ ପ୍ରଥମ ଥର ପାଇଁ ଏମ୍‌ପି ହୋଇଥିଲେ। ପୂର୍ବରୁ ସେହି ପରିବାରର ବିକ୍ରମ କେଶରୀ ଦେଓ ୩ ଥର ଓ ପ୍ରତାପ କେଶରୀ ଦେଓ ୬ ଥର ଏମ୍‌ପି ହୋଇଥିଲେ। ୨୦୧୪ ନିର୍ବାଚନରେ ଅର୍କକେଶରୀ ଦେଓ ନିର୍ବାଚିତ ହୋଇଥିଲେ ମଧ୍ୟ ୫ବର୍ଷ ଲୋକଙ୍କ ସହିତ ଜଡ଼ିତ ହୋଇ ରହିବା କଳା କୌଶଳକୁ ଆପଣେଇ ପାରି ନ ଥିଲେ। ଫଳରେ ୨୦୧୯ ନିର୍ବାଚନରେ ବିଜେଡି ତାଙ୍କୁ ଆଉ ଟିକେଟ ଦେଇ ନ ଥିଲା। ଅର୍କ କେଶରୀ ବିଜେଡିରେ ଥାଇ ବି ନିଜ ଉପସ୍ଥିତି ଜାହିର କରିବାରେ ପ୍ରୟାସ କଲେନାହିଁ। ଶେଷରେ ନିର୍ବାଚନ ସମୟରେ ସେ ଭାଜପାରେ ଯୋଗଦେଇ ଟିକେଟ ପାଇବା ଅପେକ୍ଷାରେ ରହିଥିଲେ। କିନ୍ତୁ ଭାଜପା ଏଥର ମହିଳା କାର୍ଡ ଖେଳି ତାଙ୍କ ପତ୍ନୀ ମାଳବିକାଙ୍କୁ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଲା। ରାଜାଘରିଆ ଭୋଟ ସମେତ ମୋଦି ହାୱାରେ ସେ ନିର୍ବାଚନ ବୈତରଣୀ ପାର ହେବେ ବୋଲି ଆଶା ବାନ୍ଧିଥିବା କୁହାଯାଉଛି। ୨୦୧୯ରେ ଭାଜପାର ବସନ୍ତ କୁମାର ପଣ୍ଡା ଏହି ଆସନରୁ ବିଜୟୀ ହୋଇଥିଲେ। ଏଠାରେ ଭାଜପାର ଗୋଟେ ଭଲ ଭୋଟ ବ୍ୟାଙ୍କ ଅଛି ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀଙ୍କ କ୍ଷେତ୍ରରେ ନିର୍ବାଚନ ପାଇଁ ପ୍ରସ୍ତୁତିରେ ଏତେଟା କଷ୍ଟ ଉଠାଇବାକୁ ପଡୁନାହିଁ ବୋଲି ପ୍ରାର୍ଥୀ ଲମ୍ବୋଦର ନିଆଲ ପ୍ରକାଶ କରିଛନ୍ତି। କାରଣ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ସଂସଦୀୟ କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ଆଉ ୪ ଲକ୍ଷ ୫୦ହଜାରରୁ ଉର୍ଦ୍ଧ୍ୱ ଯାଦବ ଭୋଟ ତାଙ୍କ ପାଇଁ ସବୁଠାରୁ ବଡ଼ ଭରସା ବୋଲି ସେ କହିଛନ୍ତି। ଲମ୍ବୋଦର ଉତ୍କଳ ଯାଦବ ମହାସଭାର ମହାସଚିବ ଓ ନୂଆପଡ଼ା ଜିଲା ବିଜେଡିର ସାଧାରଣ ସମ୍ପାଦକ ଦାୟିତ୍ୱ ମୁଣ୍ଡାଇଛନ୍ତି। ବିପୁଳ ଜନ ସମର୍ଥନ ପାଇବା ଆଶା ରଖି ନିର୍ବାଚନ ପ୍ରଚାରରେ ସେ ଲାଗିପଡ଼ିଛନ୍ତି।

କଂଗ୍ରେସର ଏମ୍‌ପି ପ୍ରାର୍ଥୀ ଦ୍ରୌପଦୀ ମାଝୀ ୧୯୯୭ରୁ ରାଜନୈତିକ ଜୀବନ ଆରମ୍ଭ କରିବା ଓ ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟା, ସରପଞ୍ଚ ହେବା ସହିତ ବ୍ଲକ ଅଧ୍ୟକ୍ଷା ରୂପେ ନିଜର ଦକ୍ଷତା ପ୍ରଦର୍ଶିତ କରିଛନ୍ତି। ତେବେ ତାଙ୍କ ପଛରେ ପୂର୍ବତନ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କ ସମର୍ଥନ ରହିଛି। ଯଦି ଆଦିବାସୀଙ୍କ ଭୋଟ ଦ୍ରୌପଦୀ ହାତେଇପାରନ୍ତି, ତେବେ କଂଗ୍ରେସ ପୂର୍ବାପେକ୍ଷା ଭଲ କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

# ସର୍ବୋଚ୍ଚସ୍ତରରେ ସେନ୍‌ସେକ୍ସ

■ସେନ୍‌ସେକ୍ସ ୭୫,୦୦୦ପାର
■୨୩,୦୦୦ ନିକଟବର୍ତ୍ତୀ ନିଫ୍ଟି-୫୦

ନୂଆଦିଲ୍ଲୀ,୧୦।୪



ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ସପ୍ତାହ କାରବାରର ୩ୟ ଦିନରେ ଘରୋଇ ଶେୟାର ବଜାର ଏକ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଶେୟାର ବଜାରର କାରବାର ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍‌ଇ ସେନ୍‌ସେକ୍ସ ଦୀର୍ଘ ବର୍ଷ ପରେ ପ୍ରଥମ ଥର ପାଇଁ ୭୫,୦୦୦(୭୫,୦୩୮.୧୫) ଅଙ୍କ ଅତିକ୍ରମ କରିଥିଲାବେଳେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ବା ଏନ୍‌ଏସ୍‌ଇ ନିଫ୍ଟି-୫୦ର କାରବାର ମଧ୍ୟ ୨୩,୦୦୦ (୨୨,୭୫୩.୮୦)ଅଙ୍କର ନିକଟବର୍ତ୍ତୀ ହୋଇଛି। ବିଶେଷକରି ଘରୋଇ ଶେୟାର ବଜାର କାରବାର ମଙ୍ଗଳବାର ସକାଳ ସମୟରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉଚ୍ଚା ରହିଥିଲା ବେଳେ ବିଏସ୍‌ଇର ଶ୍ରେଷ୍ଠ ୩୦ ନିବେଶକ ବିଶିଷ୍ଟ ସେନ୍‌ସେକ୍ସ (୩୦-ସେନ୍‌ସେକ୍ସ) ର କାରବାର ଏବଂ ଏନ୍‌ଏସ୍‌ଇ ନିଫ୍ଟି-୫୦ର କାରବାରରେ ମଧ୍ୟ ଅଭିବୃଦ୍ଧି ଘଟିଥିଲା। ଏପରିକି ବିଏସ୍‌ଇ ସେନ୍‌ସେକ୍ସର ଆଇଟିସି, କୋଟାକ ବ୍ୟାଙ୍କ, ଏସ୍‌ବିଆଇ,ଟେକ ମହିନ୍ଦ୍ରା,ଭାରତୀ ଏୟାରଟେଲ,ଏସିଆନ ପେଣ୍ଟସ, ଜେଏସଡବ୍ଲ୍ୟୁ ଷ୍ଟିଲ,ଇନ୍‌ଫୋସିସ ଏବଂ ରିଲାଏନ୍ସ ଭଳି ଅଗ୍ରଣୀ ନିବେଶକଙ୍କ ପୁଞ୍ଜି ୧ର୨% ବୃଦ୍ଧି ଘଟିଥିଲାବେଳେ ସେକ୍ଟରାଲ କ୍ଷେତ୍ରରେ ମଧ୍ୟ ନିବେଶକମାନେ ପୂର୍ବ ଦିନର କାରବାର ଠାରୁ ଅଧିକ ଲାଭ ହାସଲ କରିଥିବାରୁ ବଜାରରେ ଉତ୍ସାହ ବଢିଥିଲା। ସେହିପରି ଏନ୍‌ଏସ୍‌ଇ ନିଫ୍ଟିରେ ମଧ୍ୟ ଉଚ୍ଚ ଅଭିବୃଦ୍ଧି ସହ ନିଫ୍ଟି ମିଡକ୍ୟାପ ୪୮୫.୭୦ ପଏଣ୍ଟ ବଢି ୫୦,୭୮୦.୪୦ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନିଫ୍ଟି ସ୍ମଲକ୍ୟାପ ୬୮.୮୫ ପଏଣ୍ଟ ବଢି ୭୬୫୭.୪୦ ଅଙ୍କ ଏବଂ ନିଫି ବ୍ୟାଙ୍କିଙ୍ଗ୍‌ରେ ୨୫୬.୦୫ ପଏଣ୍ଟ ବୃଦ୍ଧି ଘଟି ୪୮,୯୮୬.୭୦ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଫଳରେ ଉଭୟ ଏନ୍‌ଏସ୍‌ଇ ଓ ବିଏସ୍‌ଇରେ କାରବାର ବୃଦ୍ଧି ଯୋଗୁ ପୁଞ୍ଜିବଜାରରେ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇବା ସହ ଷ୍ଟକ ମାର୍କେଟ ଏକ ଐତିହାସିକ ସଫଳତା ଅତିକ୍ରମ କରିପାରିଥିଲା ବୋଲି ପୁଞ୍ଜି ବଜାରର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ପୁଞ୍ଜିବଜାରର ସୂଚନା ଅନୁଯାୟୀ, ୨୦୨୦ ମାର୍ଚ୍ଚରେ ଷ୍ଟକ୍ ମାର୍କେଟ ପ୍ରଥମ ଥର ପାଇଁ ବିଏସ୍‌ଇ ସେନ୍‌ସେକ୍ସ ୭୫,୦୦୦ ଅଙ୍କ ଅତିକ୍ରମ କରିଥିଲାବେଳେ ଏନ୍‌ଏସ୍‌ଇ ନିଫ୍ଟି ୨୫,୦୦୦ ନିକଟବର୍ତ୍ତୀ ହୋଇଥିଲା। ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷର ୨ୟ ସପ୍ତାହର ପ୍ରଥମ (ସୋମବାର) କାରବାରରେ ଘରୋଇ ଶେୟାର ବଜାରର କାରବାର ୪୦୦ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା

## ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ:** ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି।ବିଶେଷକରିବୁଧବାରବମ୍ବେଷ୍ଟକ୍‌ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୫୪(୩୫୪.୪୫) ପଏଣ୍ଟ ବଢି ୭୫,୦୩୮(୭୫,୦୩୮.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୧ (୧୧୧.୦୫) ପଏଣ୍ଟ ବୃଦ୍ଧି ଘଟି ୨୨,୭୫୪ (୨୨,୭୫୩.୮୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଜିଓର ନୂତନ ମାଇଲଖୁଣ୍ଟ

**ଫେବୃଆରୀ ଶେଷ ସୁଦ୍ଧା ରାଜ୍ୟରେ ୧.୫ କୋଟିରୁ ଅଧିକ ମୋବାଇଲ ଉପଭୋକ୍ତା**

ଭୁବନେଶ୍ୱର, ୧୦।୪(ଅଭୟ ଦାଶ)




ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଜୟଯାତ୍ରା ଜାରି ରଖିଥିବାବେଳେ ରିଲାଏନ୍ସ ଜିଓ ରାଜ୍ୟରେ ସଫଳତାର ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଜିଓର ମୋବାଇଲ ଗ୍ରାହକ ସଂଖ୍ୟା ୨୦୨୪ ଫେବୃୟାରୀ ଶେଷ ସୁଦ୍ଧା ୧.୫କୋଟି ଅତିକ୍ରମ କରିଛି। ଟ୍ରାଇର ସୂଚନା ଅନୁଯାୟୀ,୨୦୨୪ ଫେବୃଆରୀରେ ସର୍ବାଧିକ ୮୭,୦୦୦ରୁ ଅଧିକ ନୂଆ ମୋବାଇଲ ଉପଭୋକ୍ତା ଜିଓ ସହ ଯୋଡ଼ି ହୋଇଥିଲାବେଳେ ଓଡ଼ିଶାରେ ଜିଓ ନେଟ୍‌ୱର୍କର ମୋଟ ମୋବାଇଲ ଉପଭୋକ୍ତା ସଂଖ୍ୟା ଦେଢ଼ କୋଟିରୁ ଅଧିକ ହୋଇଛି। ଚଳିତ ବର୍ଷ ଫେବୃଆରୀ ଶେଷ ସୁଦ୍ଧା ଓଡ଼ିଶାରେ ଏୟାରଟେଲର ୧.୧୫କୋଟି ମୋବାଇଲ ଉପଭୋକ୍ତା ରହିଥିବା ବେଳେ ବିଏସ୍‌ଏନ୍‌ଏଲ୍‌ର ୫୪.୪୭ ଲକ୍ଷ ଏବଂ ଭି (ଭୋଡାଫୋନ୍ ଆଇଡିଆ) ର ୧୪.୫୩ ଲକ୍ଷ ମୋବାଇଲ ଉପଭୋକ୍ତା ରହିଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟରୁ ଜଣାପଡିଛି । ସେହିଭଳି ଜାତୀୟସ୍ତରରେ ମଧ୍ୟ ଜିଓ ସର୍ବାଧିକ ୩୬ ଲକ୍ଷ ଉପଭୋକ୍ତା ୨୦୨୪ ଫେବୃଆରୀରେ ଯୋଡ଼ିଛି। ଏଥିସହ ଜିଓ ନେଟ୍‌ୱର୍କରେ ମୋଟ ମୋବାଇଲ୍ ଉପଭୋକ୍ତାଙ୍କ ସଂଖ୍ୟା ୪୬.୭୫ କୋଟିରୁ ଅଧିକ ସହ ଜିଓ ଭାରତରେ ୪୦% ରୁ ଅଧିକ ମୋବାଇଲ ଉପଭୋକ୍ତା ବଜାର ଅଂଶ ହାସଲ କରିଛି। ସୂଚନାଯୋଗ୍ୟ, ରିଲାଏନ୍ସ ଜିଓ ଓଡ଼ିଶାର ପ୍ରାୟ ୪୫% ଉପଭୋକ୍ତା ବଜାର ଅଂଶ ଏବଂ ୫୨% ରାଜସ୍ୱ ବଜାର ଅଂଶ ସହିତ ରାଜ୍ୟର ୧ ନମ୍ବର ଏବଂ ସର୍ବାଧିକ ପସନ୍ଦଯୋଗ୍ୟ ଡିଜିଟାଲ ସେବା ପ୍ରଦାନକାରୀ ହୋଇରହିଛି।

# ଖୁବ୍‌ଶୀଘ୍ର ଅନୁଗୋଳରେ କଲ୍ୟାଣ ଜୁଏଲର୍ସ

**ଏପ୍ରିଲ ୧୨ରେ ସୋନାକ୍ଷୀ ସିହ୍ନା କରିବେ ଉଦ୍‌ଘାଟନ**

ଭୁବନେଶ୍ୱର, ୧୦।୪

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ବା ଗହଣା ବ୍ରାଣ୍ଡ୍ କଲ୍ୟାଣ ଜୁଏଲର୍ସର ନୂତନ ଶୋ'ରୁମ୍ ଖୁବ୍‌ଶୀଘ୍ର ଅନୁଗୋଳର ଶଙ୍କର ସିନେମା ରୋଡ୍‌ଠାରେ ଖୋଲିବାକୁ ଯାଉଛି। ଏପରିକି ଓଡ଼ିଶା ବଜାରରେ ବ୍ରାଣ୍ଡ୍‌ର ଉପସ୍ଥିତି ଓ ସମ୍ପ୍ରସାରଣ ବିଷୟରେ ପ୍ରତିଷ୍ଠାନ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଏପ୍ରିଲ ୧୨ ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ବଲିଉଡ୍ ତାରକା ସୋନାକ୍ଷୀ ସିହ୍ନା ଉକ୍ତ ଶୋ'ରୁମ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ ବୋଲି କଲ୍ୟାଣ ଜୁଏଲର୍ସ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ସେହିଭଳି ଅନୁଗୋଳ ଟାଉନରେ ବ୍ରାଣ୍ଡ୍‌ର ଏହା ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋର (ଶୋ'ରୁମ୍) ହୋଇଥିବାବେଳେ ରାଜ୍ୟ (ଓଡ଼ିଶା)ରେ ମୋଟ ୬ଷ୍ଠ ଶୋ'ରୁମ୍ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଏପରିକି ଓଡ଼ିଶାର ଭୁବନେଶ୍ୱର, ରାଉରକେଲା ଓ ବ୍ରହ୍ମପୁର ଭଳି ରାଜ୍ୟର ପ୍ରମୁଖ ସହରରେ ବ୍ରାଣ୍ଡ୍‌ର ଷ୍ଟୋର ଉପଲବ୍ଧ ରହିଛି।

# ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ସହ କାବିଲର ବୁଝାମଣା



ଭୁବନେଶ୍ୱର, ୧୦।୪

କାଉନସିଲ ଅଫ୍ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍)ର ଅଗ୍ରଣୀ ଅନୁଷ୍ଠାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମ୍‌ଏମ୍‌ଟି) ବା ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଏବଂ ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ୍ ବା କାବିଲ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି କ୍ରିଟିକାଲ୍ ମିନେରାଲ କ୍ଷେତ୍ରରେ ଜ୍ଞାନ ଏବଂ ବୈଷୟିକ ସହଯୋଗ ନିମନ୍ତେ କାବିଲ୍ ଓ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ପରିପ୍ରେକ୍ଷୀରେ ନାଲ୍‌କୋର କର୍ପୋରେଟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ନାଲ୍‌କୋର ସିଏମ୍‌ଡି ତଥା କାବିଲ୍‌ର ଚେୟାରମ୍ୟାନ୍ ଶ୍ରୀଧର ପାତ୍ରଙ୍କ ଉପସ୍ଥିତିରେ ଏହି ବୁଝାମଣା ନାଲ୍‌କୋ ନିର୍ଦ୍ଦେଶକ(ବାଣିଜ୍ୟିକ) ତଥା କାବିଲ୍ ସିଇଓ ସଦାଶିବ ସାମନ୍ତରାୟ ଏବଂ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ.ରାମାନୁଜ ନାରାୟଣଙ୍କ ଦ୍ୱାରା ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।

ଏ ସମ୍ପର୍କରେ ନାଲ୍‌କୋର ସିଏମଡି ତଥା କାବିଲ୍‌ର ଚେୟାରମ୍ୟାନ ପାତ୍ର କହିଛନ୍ତି, ଏହି ସହଯୋଗ କ୍ରିଟିକାଲ୍ ମିନେରାଲ ଅନୁସନ୍ଧାନ ପାଇଁ ଏକ ଉନ୍ନତ ପରିବେଶ ସୃଷ୍ଟି କରିବ। ଏପରିକି ଖଣିଜ ଏବଂ ଧାତବ କ୍ଷେତ୍ରଗୁଡ଼ିକରେ ବୈଜ୍ଞାନିକ ଅନୁସନ୍ଧାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ ସହ ଭାରତୀୟ ଖଣି ଶିଳ୍ପର ଅଭିବୃଦ୍ଧି ତଥା ସ୍ଥିରତା ପାଇଁ ଅତ୍ୟନ୍ତ ଜରୁରୀ ଏବଂ ଦେଶର ଖଣିଜ ସୁରକ୍ଷା ତଥା ଘରୋଇ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ସିୟୁରେ ଦିନକିଆ ଜାତୀୟ କର୍ମଶାଳା



ଭୁବନେଶ୍ୱର, ୧୦।୪

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ସେଞ୍ଚୁରିଅନ ୟୁନିର୍ଭସିଟ୍ (ସିୟୁ)ର ଅଗ୍ରଣୀ ଅନୁଷ୍ଠାନ ସ୍କୁଲ ଅଫ୍ ପାରାମେଡିକ୍ସ ଆଣ୍ଡ ଆଲିଏଡ୍ ହେଲ୍‌ଥ ସାଇନ୍ସ ପକ୍ଷରୁ ଏକ ଦିନିକିଆ ଜାତୀୟ କର୍ମଶାଳାର ଆୟୋଜନ କରାଯାଇଥିଲା। ବିଶେଷକରି ୱାର୍ଲଡ ହେଲ୍‌ଥ ଡେ-୨୦୨୪ର ଥିମ୍ 'ମୋ ସ୍ୱାସ୍ଥ୍ୟ,ମୋର ଅଧିକାର ଶୀର୍ଷକ ବିଷୟବସ୍ତୁ ଉପରେ ଉକ୍ତ ସେମିନାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତ ସରକାର ଅଧୀନ ଏନ୍‌ଆଇଏଚ୍‌ଏଫ୍‌ଡବ୍ଲ୍ୟୁର ମୁଖ୍ୟ ପ୍ରଫେସର ମିହିର କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଓଡିଶା ସରକାରଙ୍କ ଅଧୀନ ଡିଏଚ୍‌ଏସ୍‌ର ଡାଇରେକ୍ଟର ଡା.ବିଜୟ କୁମାର ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଡା. ନୀଳାଞ୍ଜନା ମୁଖାର୍ଜୀ ଓ ୱାଇପିଏସଓଏମ୍‌ଇଡିର ପ୍ରଫେସର ସଞ୍ଜୟ ରାଜପାଲ ପ୍ରମୁଖ ଯୋଗ ଦେଇଥିଲେ।

**ନୀତି ରାଜନୀତି**

# ବାହାରିଆ ପ୍ରାର୍ଥୀ ଚର୍ଚ୍ଚାରେ ହେଭିୱେଟ ଲଢ଼େଇ ପାଇଁ ପ୍ରସ୍ତୁତି

ସମ୍ବଲପୁର,୧୦।୪(ପ୍ରମୋଦ ବହିଦାର)

ସମ୍ବଲପୁର ଲୋକସଭା ଆସନରେ ଏଥର ହେଭିୱେଟ ଲଢେଇ ହେବ। ଏହି ଆସନ ସମ୍ମାନର ପ୍ରଶ୍ନ ହୋଇଥିବାରୁ ଏହାକୁ ଦଖଲ ପାଇଁ ଉଭୟ ବିଜେଡି ଓ ଭାଜପା ପ୍ରାଣପଣେ ଉଦ୍ୟମ କରିବେ। ଏଠାରେ ବିଜେଡିରୁ ଦଳର ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି) ଓ ଭାଜପାରୁ କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁହାଁମୁହିଁ ହେବାକୁ ଯାଉଛନ୍ତି। ନିଜନିଜ ଦଳରେ ଉଭୟଙ୍କ ବେଶ ପତିଆରା ରହିଛି। ମାତ୍ର ସମ୍ବଲପୁର ଭୋଟରଙ୍କୁ କିଏ ଅଧିକ ପ୍ରଭାବିତ କରି ଗ୍ରହଣୀୟ ହୋଇ ପାରିବେ ତାହା ଆଗାମୀ ଦିନରେ ଜଣାପଡ଼ିବ। ଅପରପକ୍ଷେ କଂଗ୍ରେସ ଏପର୍ଯ୍ୟନ୍ତ ଏଠାରେ ପ୍ରାର୍ଥୀ ଘୋଷଣା କରିନାହିଁ। ଧର୍ମେନ୍ଦ୍ର ଗତ ଦେଢ଼ବର୍ଷ ହେଲା ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ବୁଲି ଭୋଟରଙ୍କ ନିକଟତର ହେବା ଅଭିଯାନ ଆରମ୍ଭ କରି ଦେଇଛନ୍ତି। ନିୟମିତ ଭାବେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିଧାନସଭା କ୍ଷେତ୍ର ଗସ୍ତ କରିସଭା ସମିତିରେ ଯୋଗଦେଇ ଆସିଛନ୍ତି। ଚଳିତମାସ ୩ରେ ସେ ଅନୁଗୋଳ ଜିଲା ବ୍ରାହ୍ମଣବିଲ ଗ୍ରାମରୁ ଜୋରଦାର ପ୍ରଚାର ଆରମ୍ଭ କରିଛନ୍ତି। ମୋଦିଙ୍କ ବିକାଶକୁ ପାଥେୟ କରି ସାଧାରଣ ଜନତାଙ୍କ ନିକଟତର ହେବାକୁ ପ୍ରୟାସ କରୁଛନ୍ତି। ଅପରପକ୍ଷେ ପ୍ରଣବ(ବବି) ରାଜ୍ୟରେ ବିଜେଡି ସଂଗଠନକୁ ତୃଣମୂଳ ସ୍ତରରୁ ଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସିଛନ୍ତି। ସେ ମଧ୍ୟ ଚଳିତ ମାସ ୪ ରେ ଦେବଗଡ଼ରୁ ପ୍ରଚାର ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପାଇଁ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇ ବର୍ତ୍ତମାନ ସମ୍ବଲପୁର ନିର୍ବାଚନମଣ୍ଡଳୀରେ ରହିଛି। ... ଭୋଟରଙ୍କ ନିକଟତର ହୋଇଛନ୍ତି। ତେବେ ଉଭୟ ପ୍ରାର୍ଥୀ ସମ୍ବଲପୁର ନର୍ବାଚନମଣ୍ଡଳୀ ବାହାରୁ ଆସିଥିବା ପ୍ରସଙ୍ଗକୁ ନେଇ ଏଠାରେ ଚର୍ଚ୍ଚା ଜୋର ଧରିଛି। ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀର ବହୁ ଗାଁର ଜନସାଧାରଣଙ୍କ ମଧ୍ୟରେ ବିଜେଡି, ଶଙ୍ଖଚିହ୍ନ ଓ ନବୀନ ପଟ୍ଟନାୟକ ବେଶ ପରିଚିତ। ଆଉ ବବିଙ୍କ ପଛରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତିର ଛାପ ଏଠାରେ ତାଙ୍କ ବିଜୟ ପଥକୁ ସୁଗମ କରିପାରେ ବୋଲି ଚର୍ଚ୍ଚା ହେଉଛି। ଗୋଟିଏ ପଟେ ମୋଦିଙ୍କ ବିକାଶ ଓ ଅନ୍ୟପଟେ ନବୀନଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତିକୁ ପାଥେୟ କରି ଉଭୟ ହେଭିୱେଟ୍ ନେତା ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ତେବେ ଉଭୟଙ୍କ ପ୍ରାର୍ଥିତ୍ୱକୁ ନେଇ ସମ୍ବଲପୁର ଜନସାଧାରଣ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି।

## ସମ୍ବଲପୁର:ବିଜେଡି-ଭାଜପା ପ୍ରାର୍ଥୀଙ୍କୁ ନେଇ ଭୋଟରଙ୍କ ପ୍ରତିକ୍ରିୟା

**ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଭାଜପା ପାଇଁ ଅଡୁଆ ସୃଷ୍ଟି କରିପାରେ**



ସମ୍ବଲପୁରରେ ଆଞ୍ଚଳିକ ବୈଷମ୍ୟ ନାହିଁ ବୋଲି କୁହାଯାଇ ପାରିବନାହିଁ। ମାତ୍ର ତାହା ଅତ୍ୟନ୍ତ ନଗଣ୍ୟ। ସମ୍ବଲପୁରବାସୀ ସହଜରେ ବାହାର ଲୋକଙ୍କୁ ଆପଣେଇ ନେଇଥାଆନ୍ତି। ତେଣୁ ବିଜେଡି ପ୍ରାର୍ଥୀ ବା ଭାଜପା ପ୍ରାର୍ଥୀଙ୍କୁ ନିର୍ବାଚନୀ ରଣାଙ୍ଗନରେ କୌଣସି ଅସୁବିଧା ହେବ ନାହିଁ। ବବି ଦାସ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇ ପରବର୍ତ୍ତୀ ସମୟରେ ପ୍ରାର୍ଥୀ ଘୋଷିତ ହୋଇଛନ୍ତି। ଫଳରେ ଏପର୍ଯ୍ୟନ୍ତ ସେ ଠିକ୍‌ଭାବେ ଏହି ଲୋକସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ନିକଟତର ହୋଇ ପାରିନାହାନ୍ତି। ଅପରପକ୍ଷରେ ଧର୍ମେନ୍ଦ ଦେଢ଼ ବର୍ଷ ପୂର୍ବରୁ ସମ୍ବଲପୁର ଲୋକସଭା ପ୍ରାର୍ଥୀ ହେବା ନେଇ ପରୋକ୍ଷ ସୂଚନା ଦେବା ସହ ବିଭିନ୍ନ ଅଞ୍ଚଳ ଗସ୍ତ କରି ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା କରିଛନ୍ତି। ତେଣୁ ଆଜିର ଦିନରେ ଧର୍ମେନ୍ଦ୍ରଙ୍କ ପଲା ଭାରି ମନେ ହୁଏ। ମାତ୍ର ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଭାଜପା ପାଇଁ ଅଡୁଆ ସୃଷ୍ଟି କରିବାର ଆଶଙ୍କା ରହିଛି।

**-ଭକ୍ତପ୍ରସାଦ ନନ୍ଦ, ବରିଷ୍ଠ ନାଗରିକ**

**ବାହାର ପ୍ରାର୍ଥିତ୍ୱ ପ୍ରସଙ୍ଗ ନିର୍ଣ୍ଣାୟକ ହୋଇପାରେ**

ସମ୍ମାନଜନକ ସମ୍ବଲପୁର ଲୋକସଭା ଆସନରେ ବାହାର ପ୍ରାର୍ଥିତ୍ୱ ପ୍ରସଙ୍ଗ ନିର୍ଣ୍ଣାୟକ ହୋଇପାରେ। ଯାହା ବିଜେଡିକୁ ପ୍ରଭାବିତ କରିବ। ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ଅବିଭକ୍ତ ସମ୍ବଲପୁର ଜିଲା ଅନ୍ତର୍ଗତ ଦେବଗଡ଼ ଏମ୍‌ପି ରହି ସାରିଛନ୍ତି। ଯାହାର ୪ଟି ବିଧାନସଭା କ୍ଷେତ୍ର ବର୍ତ୍ତମାନ ସମ୍ବଲପୁର ନିର୍ବାଚନମଣ୍ଡଳୀରେ ରହିଛି। ତେଣୁ ସେ ଏଠାରେ ନୂଆ ନୁହନ୍ତି। ମାତ୍ର ବିଜେଡି ପ୍ରାର୍ଥୀ ବବି ଦାସ ଉପକୂଳ ଅଞ୍ଚଳ ଯାଜପୁର ଜିଲାରୁ ଆସିଛନ୍ତି। ଏଠାରେ ରହିଥିବା ପଶ୍ଚିମାଞ୍ଚଳ ଓ ଉପକୂଳ ବୈଷମ୍ୟ ନିର୍ବାଚନରେ ପ୍ରତିଫଳିତ ହେବା ଆଶଙ୍କା ରହିଛି।



**-ଡ. ଦିଲୀପ ପଣ୍ଡା, ଶିକ୍ଷାବିତ୍**

**ଚାଷୀଙ୍କ ବିକାଶକୁ ଗୁରୁତ୍ୱ ଦେଉଥିବା ଦଳ ଗ୍ରହଣୀୟ ହେବ**



ଯେକୌଣସି ରାଜନୈତିକ ଦଳର ହେଭିୱେଟ୍ ନେତା ସମ୍ବଲପୁର ଲୋକସଭା ଆସନ ପାଇଁ କୌଣସି ଗୁରୁତ୍ୱ ରଖେ ନାହିଁ। ବରଂ ନିଜ ନିଜ ଦଳର ଆଭିମୁଖ୍ୟରୁ ଊର୍ଦ୍ଧ୍ୱକୁ ଉଠି ସମସ୍ୟା ବହୁଳ ସମ୍ବଲପୁରର ବିକାଶକୁ ତ୍ୱରାନ୍ୱିତ କରିବା ଦଳହିଁ ଏଥର ନିର୍ବାଚନରେ ବାଜିମାତ କରିବ। ସମ୍ବଲପୁର ବିଶେଷ କରି କୃଷିଭିତ୍ତିକ ଅର୍ଥନୀତି ଉପରେ ନିର୍ଭରଶୀଳ। ତେଣୁ ଚାଷ ବା ଚାଷୀଙ୍କ ବିକାଶ ପାଇଁ କାର୍ଯ୍ୟ କରିବା ଦଳ ସେ ବିଜେଡି ହେଉ ବା ଭାଜପା ପ୍ରାର୍ଥୀ ଏଠାରେ ଜନସାଧାରଣଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିବେ।

**- ଅଶୋକ ପ୍ରଧାନ,ଚାଷୀନେତା**

# ମାଟିର ସ୍ୱାଭିମାନ ପାଇଁ ନିର୍ବାଚନ ଲଢ଼ିବି: ଦିଲୀପ ରାୟ

ରାଉରକେଲା,୧୦।୪(ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲା ବିମାନବନ୍ଦରରେ ଦିଲୀପଙ୍କୁ ଭବ୍ୟ ସମ୍ବର୍ଦ୍ଧନା**



ରାଉରକେଲାରେ ଦିଲୀପ ରାୟଙ୍କୁ ସ୍ୱାଗତ କରାଯାଉଛି।

ଭାଜପାର ସୁନ୍ଦରଗଡ଼ ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ୍ ରାଉରକେଲା ବିଧାନସଭା ଆସନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯିବା ନେଇ ସୂଚନା ଦେବାର ୨୪ ଘଣ୍ଟା ନ ପୂରୁଣୁ ବୁଧବାର ଏହାର ବାସ୍ତବ ରୂପ ଦେଖିବାକୁ ମିଳିଥିଲା। ଭୁବନେଶ୍ୱରରୁ ବୁଧବାର ଅପରାହ୍ନରେ ଦିଲୀପ ନିଜ ଚାର୍ଟାର୍ଡ ଫ୍ଲାଇଟ୍‌ରେ ସ୍ତ୍ରୀ ପୂଜା ରାୟଙ୍କ ସହ ରାଉରକେଲା ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ୍, ହରି ରାଉତରାୟ, ସୁବ୍ରତ ପଟ୍ଟନାୟକ, ରଘୁନାଥପାଲୀ ଭାଜପା ବିଧାୟକ ପ୍ରାର୍ଥୀ ଦୁର୍ଗା ତନ୍ତି, ପିପି ରାୟ ଓ ସୁମନ ଦତ୍ତ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଦିଲୀପଙ୍କୁ ସ୍ୱାଗତ କରିଥିଲେ। ଭାଜପା କର୍ମୀ, ସମର୍ଥକ, ବଜରଙ୍ଗ ଦଳ, ଭିଏଚ୍‌ପି କର୍ମୀ, ସହରର ବିଭିନ୍ନ ଅନୁଷ୍ଠାନ ଓ ପ୍ରତିଷ୍ଠାନର ବ୍ୟକ୍ତିବିଶେଷ ହାତରେ ଭାଜପା ପତାକା ଓ ବଜରଙ୍ଗ ଦଳ ପତାକା ଧରି ଦିଲୀପଙ୍କ ସମର୍ଥନରେ ନାରା ଦେଇଥିଲେ। ବିଭିନ୍ନ ବାଜା ବଜାଇ, ବାଣ ଫୁଟାଇ ଭବ୍ୟ ସ୍ୱାଗତ ଜଣାଇଥିଲେ। ହଜାର ହଜାର ସମର୍ଥକଙ୍କ ଗହଣରେ ଦିଲୀପ ନିଜ ହକି ଗ୍ରାମ ଆଡ଼କୁ ପଦଯାତ୍ରା କରିଥିଲେ। ଏହାପରେ ସେ ରାଉରକେଲା ସହରର ଜନସାଧାରଣଙ୍କ ଉଦ୍ଦେଶ୍ୟରେ କହିଥିଲେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ମୋ ପ୍ରତି ରାଉରକେଲାବାସୀଙ୍କ ଥିବା ବିପୁଳ ଆସ୍ଥାର ଆଜି ପରିପ୍ରକାଶ ହୋଇଛି। ମୁଁ କୌଣସି ଭୁଲ୍ ନିଷ୍ପତ୍ତି ନେଇନି। ମାଟିର ବିକାଶ ଓ ସ୍ୱାଭିମାନ ନିମନ୍ତେ ଏଥର ନିର୍ବାଚନ ଲଢ଼ିବି। ଏନେଇ ଦିଲୀପଙ୍କ ଦୃଢ଼ ସମର୍ଥକ ସୁବ୍ରତ ପଟ୍ଟନାୟକ ଏବଂ ମିଡିଆ ପର୍ସନ ହରି ରାଉତରାୟ କହିଥିଲେ ଯେ, ଦିଲୀପଙ୍କ ପ୍ରତି ଥିବା ଅଗାଢ଼ ଲୋକପ୍ରିୟତା ତାଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବ। ଆଗାମୀ ଦିନରେ ବିଜେଡି ଏବଂ ଅନ୍ୟ ଦଳରୁ ବହୁ ଅସନ୍ତୁଷ୍ଟ କର୍ମୀ ଦିଲୀପଙ୍କ ସମର୍ଥନରେ ସାମିଲ ହେବେ ବୋଲି କହିଥିଲେ। ୨/୩ ଦିନ ଭିତରେ ଦିଲୀପଙ୍କୁ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପ୍ରଦାନ କରାଯିବ ବୋଲି କହିଥିଲେ। ଦିଲୀପଙ୍କୁ ସ୍ୱାଗତ ଅବସରରେ ବିଜେଡିର କେତେଜଣ କର୍ମୀ ମଧ୍ୟ ରହିଥିବା ଦେଖିବାକୁ ମିଳିଥିଲା।

# ଭାଜପାରେ ଖୋର୍ଦ୍ଧା ଜିଲାର କିଛି ବିଜେଡି ନେତା, କର୍ମୀ

ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

ଖୋର୍ଦ୍ଧା ଜିଲା ବିଜେଡି ସାଧାରଣ ସମ୍ପାଦକ କାଳନ୍ଦି ପ୍ରଧାନ ନିଜ ସମର୍ଥକଙ୍କ ସହ ଆନୁଷ୍ଠାନିକଭାବେ ଭାଜପାରେ ଯୋଗ ଦେଇଛନ୍ତି। କାଳନ୍ଦିଙ୍କ ସମେତ ପୁରୁଣା ସାଲିଆ ସାହି ବସ୍ତି ସଭାପତି ରମେଶ ପାତ୍ର, ଶକ୍ତି ବିହାର ଉପଦେଷ୍ଟା ସର୍ବେଶ୍ୱର ବିଶୋଇ, ଶ୍ରୀକୃଷ୍ଣନଗର ଉପଦେଷ୍ଟା ନିରଞ୍ଜନ ସ୍ୱାଇଁ, ବସ୍ତି ବିକାଶ ପରିଷଦ ସଭ୍ୟ ଟୁକୁନା ମହାରଣା ପ୍ରମୁଖ ଆନୁଷ୍ଠାନିକଭାବେ ଭାଜପାରେ ଯୋଗ ଦେଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି ଯେ, ଦେଶର ଗରୀବ, ଯୁବକ, କୃଷକ ଏବଂ ମହିଳାମାନଙ୍କ ବିକାଶ ଓ କଲ୍ୟାଣ ପାଇଁ ମୋଦି ସରକାର ପ୍ରତିଶୃତିବଦ୍ଧ । ଓଡିଶାରେ ମୋଦିଙ୍କ ଲୋକପ୍ରିୟତା ସବୁଠୁ ଅଧିକ ବୋଲି ସେ କହିଛନ୍ତି।

# ୫୯ ଜଣିଆ ପ୍ରଚାର କମିଟି ତାଲିକା ପ୍ରକାଶକଲା କଂଗ୍ରେସ

ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

କଂଗ୍ରେସ ବୁଧବାର ନିଜର ୫୯ ଜଣିଆ ପ୍ରଚାର କମିଟି ତାଲିକା ଘୋଷଣା କରିଛି। କମିଟିରେ ଅଧ୍ୟକ୍ଷ ଦାୟିତ୍ୱରେ ଭକ୍ତଚରଣ ଦାସ ଓ ଉପାଧ୍ୟକ୍ଷ ଭାବେ ନବଜ୍ୟୋତି ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଛି। କମିଟିରେ ଆବାହକ ଭାବେ ସୁଧାଂଶୁ ଶେଖର ଦେଓଙ୍କୁ ନିଯୁକ୍ତ କରାଯାଇଛି। ତେବେ କଂଗ୍ରେସକୁ ଫେରିଥିବା ନେତା ଶ୍ରୀକାନ୍ତ ଜେନା ଓ ଗିରିଧର ଗମାଙ୍ଗଙ୍କୁ କମିଟିରେ ସଦସ୍ୟ ଭାବେ ସାମିଲ କରାଯାଇଛି।

ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ଦ୍ୱାରା ବୁଧବାର ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତି ଅନୁସାରେ, ପ୍ରଦେଶ କଂଗ୍ରେସର ଓଡ଼ିଶା ପାଇଁ ପ୍ରଚାର କମିଟିରେ ଅନ୍ୟ ସଦସ୍ୟ ଭାବେ ପିସିସି ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ ନେତା ନରସିଂହ ମିଶ୍ର, ନିରଞ୍ଜନ ପଟ୍ଟନାୟକ, କାହ୍ନୁଚରଣ ଲେଙ୍କା, କେ.ପି. ସିଂହଦେଓ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଣ୍ଟିଆ, ସୁଶୀଳା ତିରିଆ, ପଞ୍ଚାନନ କାନୁନ୍‌ଗୋ, ବିଜୟଲକ୍ଷ୍ମୀ ସାହୁ, ଦେବାଶିଷ ପଟ୍ଟନାୟକ, ପଦ୍ମାକର ଗୁରୁ, କୃଷ୍ଣଚନ୍ଦ୍ର ଶଗରିଆ, ଶରତ ରାଉତ, ହମିଦ୍ ହୁସେନ, ଜଗନ୍ନାଥ ପଟ୍ଟନାୟକ, ସପ୍ତଗିରି ଉଲାକା, ହଳଧର କାର୍ଜି ପ୍ରମୁଖ ରହିଛନ୍ତି।

ପୂର୍ବତନ ପ୍ରଚାର କମିଟି ଅଧ୍ୟକ୍ଷ ଦାୟିତ୍ୱରେ ଥିବା ବିଜୟ କୁମାର ପଟ୍ଟନାୟକଙ୍କୁ ମଧ୍ୟ ପ୍ରଚାର କମିଟିର ସଦସ୍ୟ ଭାବେ ତାଲିକାରେ ସ୍ଥାନ ମିଳିଛି। ବିଜୟଙ୍କୁ ଗତ ମାର୍ଚ୍ଚ ଶେଷ ସପ୍ତାହରେ ପ୍ରଚାର କମିଟି ଅଧ୍ୟକ୍ଷ ପଦରୁ ହଟାଇ ପ୍ରଚାର ସମନ୍ୱୟ କମିଟିରେ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ତାଙ୍କୁ କେବଳ ପ୍ରଚାର କମିଟିର ସଦସ୍ୟ ଭାବେ ସାମିଲ କରାଯାଇଛି। ଏମାନଙ୍କ ବ୍ୟତୀତ ସଦନ ନାଏକ, ମନୋରଞ୍ଜନ ତ୍ରିପାଠୀ, ଜାକବ ପ୍ରଧାନ, ଲିପିକା ମାଝି, ବନ୍ଦିତା ପରିଡ଼ା, ମନୋଜ ବିଶ୍ୱାଳ, ବିଧୁଭୂଷଣ ମହାପାତ୍ର, ପଞ୍ଚାନନ ଦାଶ,ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ବିସ୍ମୟ ମହାପାତ୍ର, ରଞ୍ଜିତା ରାଉତ, ଅଜିତ୍ ଦାସ, ଗଣେଶ ସାହୁ, ସନ୍ତୋଷ ମାଣ୍ଡେଲା, ହେମନ୍ତ ପଣ୍ଡା, ତୁଷାର ରଞ୍ଜନ ପାଢୀଯୋଶୀ, ଅଙ୍କିତ ସିଙ୍ଘାଂରୀ, ମନସା ତ୍ରିପାଠୀ, ବିଷ୍ଣୁଚରଣ ବାରିକ, ଆକବର ଖାନ, ଅଶୋକ ମହାନ୍ତି, ସରୋଜ ପ୍ରଧାନ, ଦେବେନ୍ଦ୍ର ସାହୁ, ଆକାଶ ଭୂୟାଁ, ଗିରିବାଳା ବେହେରା, ସସ୍ମିତା ବେହେରା, ହରେକୃଷ୍ଣ ସାହୁ, ଗୀତାଞ୍ଜଳି ମହାନ୍ତ, ଶଶୀକାନ୍ତ ଲେଙ୍କା, ସୁଦାମ ବାରିକ, ସତ୍ୟ ନାଏକ, ଫକିରା ଜଗତ ସଦସ୍ୟ ଭାବେ ସାମିଲ ହୋଇଛନ୍ତି। ଏହି ନେତାଙ୍କ ସମେତ ପ୍ରଚାର କମିଟିରେ ଏକ୍ସ-ଅଫିସିଓ ସଦସ୍ୟ ଭାବେ ଦଳର ସମସ୍ତ ବିଧାୟକ, ଓଡ଼ିଶା ପିସିସିର ସବୁ ଛାମୁଆ ସଙ୍ଗଠନର ମୁଖ୍ୟ ଏବଂ ସମସ୍ତ ଜିଲା କଂଗ୍ରେସ ସଭାପତିଙ୍କୁ ମଧ୍ୟ କାର୍ଯ୍ୟ କରିବାକୁ କୁହାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...........................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାଭୋ ନୁର୍ମି ଗେମ୍ସରେ ଭାଗନେବେ ନୀରଜ




ନୂଆଦିଲ୍ଲୀ,୧୦।୪(ପି.ଟି.)

ଭାରତୀୟ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ସମ୍ମାନଜନକ ପାଭୋ ନୁର୍ମି ଗେମ୍ସରେ ଅଂଶଗ୍ରହଣ କରିବେ। ଫିନ୍‌ଲାଣ୍ଡର ଟୁର୍କୁରେ ଏହି ଟୁର୍ନାମେଣ୍ଟ ଜୁନ୍ ୧୮ରେ ଅନୁଷ୍ଠିତ ହେବ। ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜେତା ନୀରଜଙ୍କ ବ୍ୟତୀତ ଜର୍ମାନୀର ୧୯ ବର୍ଷୀୟ ସେନସେସନ ମାକ୍ସ ଦେହନିଙ୍ଗ ମଧ୍ୟ ଏଥିରେ ଅଂଶଗ୍ରହଣ କରୁଥିବା ନେଇ ଆୟୋଜକମାନେ ପ୍ରକାଶ କରିଛନ୍ତି। ନିକଟରେ ମାକ୍ସ ୯୦ ମିଟର କ୍ଲବରେ ପ୍ରବେଶ କରିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସର ପ୍ରସ୍ତୁତି ପାଇଁ ନୀରଜ ପାଭୋ ନୁର୍ମି ଗେମ୍ସରେ ଅଂଶଗ୍ରହଣ କରିବେ।

୨୬ ବର୍ଷୀୟ ନୀରଜ ଚୋପ୍ରା ମେ' ୧୦ ତାରିଖରେ ଦୋହା ଡାଇମଣ୍ଡ ଲିଗ୍‌ରେ ନିଜର ଅଭିଯାନ ଆରମ୍ଭ କରିବେ। ଚୋପ୍ରାଙ୍କ କ୍ୟାରିୟର ଶ୍ରେଷ୍ଠ ଥ୍ରୋ ୮୯.୯୪ ମିଟର ରହିଥିବା ବେଳେ ୨୦୨୨ ସଂସ୍କରଣର ପାଭୋ ନୁର୍ମି ଗେମ୍ସରେ ସେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। କ୍ୟାରିୟରର ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ ସହ ୮୯.୩୦ ମିଟର ଥ୍ରୋ କରିଥିଲେ ନୀରଜ। ତେବେ ୨୦୨୩ରେ ଆହତ ଥିବା କାରଣରୁ ଓହରି ଯାଇଥିଲେ। ଫିନଲାଣ୍ଡର କିମ୍ବଦନ୍ତୀ ଧାବକ ପାଭୋ ନୁର୍ମିଙ୍କ ନାମରେ ନାମିତ ଏହି ଟୁର୍ନାମେଣ୍ଟ ଡାଇମଣ୍ଡ ଲିଗ୍ ପରେ ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିୟନ ନୀରଜ ଚୋପ୍ରା ଏକ ବର୍ଷର ବ୍ୟବଧାନ ପରେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଏହା ବେଶ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଟୁର୍ନାମେଣ୍ଟ ହେବାକୁ ଯାଉଛି ବୋଲି କହିଛନ୍ତି ଆର୍ଟୁ ସାଲୋନେନ୍। ନୀରଜଙ୍କ ବ୍ୟତୀତ ଜର୍ମାନୀର ଜୁଲିଆନ୍ ୱେବର ଓ ମାକ୍ସ ଦେହନିଙ୍ଗଙ୍କ ସହ ଚୁକ୍ତି ସ୍ୱାକ୍ଷର ହୋଇଥିବା ଜଣାପଡିଛି।

୧୯ ବର୍ଷୀୟ ମାକ୍ସ ଫେବୃଆରୀ ମାସରେ ୯୦.୨୦ ମିଟର ଥ୍ରୋ କରିଥିଲେ। ତେବେ ମାର୍ଚ୍ଚରେ ତାଙ୍କର ଥ୍ରୋ ୮୦.୩୦ ମିଟର ରହିଥିଲା। ଅନ୍ୟପକ୍ଷରେ ୟୁରୋପିଆନ ଚାମ୍ପିୟନ ଜୁଲିଆନ୍ ୱେବର ଚଳିତ ସିଜନରେ ୮୮.୭୨ ମିଟରର ସର୍ବାଧିକ ଦୂରତା ହାସଲ କରିଛନ୍ତି। ୨୦୨୩ ବିଶ୍ୱ ଚାମ୍ପିୟନଶିପରେ ୱେବର ୮୯.୫୪ ମିଟରର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ। ସେହିପରି ପାଭୋ ନୁର୍ମି ଗେମ୍ସରେ ନୀରଜ ୯୦ ମିଟର ଥ୍ରୋର ଲକ୍ଷ୍ୟ ରଖିଥିବା କହିଛନ୍ତି କୋଚ୍ କ୍ଲାଉସ ବାର୍ଟୋନିଏଜ୍। ଅଭ୍ୟାସରେ ନୀରଜ ୯୦.୪୦ ମିଟର ଥ୍ରୋ କରିଥିବା ନେଇ ପ୍ରକାଶ କରିଛନ୍ତି କ୍ଲାଉସ୍।

# ଗୁଜରାଟର ରୋମାଞ୍ଚକ ବିଜୟ

ଜୟପୁର, ୧୦।୪

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ବୁଧବାର ରାଜସ୍ଥାନ ରୟାଲ୍ସକୁ ୩ ଉଇକେଟରେ ହରାଇ ରୋମାଞ୍ଚକ ବିଜୟ ହାସଲ କରିଛି ଗୁଜରାଟ ଟାଇଟନ୍ସ। ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ୨୦ ଓଭରରେ ୩ ଉଇକେଟ ହରାଇ ୧୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଗୁଜରାଟ ୭ ଉଇକେଟ ହରାଇ ଅନ୍ତିମ ବଲରେ ବିଜୟ ହାସଲ କରିଥିଲା। ପଞ୍ଚମ ମ୍ୟାଚରୁ ରାଜସ୍ଥାନ ପ୍ରଥମ ପରାଜୟ ବରଣ କରିଥିବା ବେଳେ ଷଷ୍ଠ ମ୍ୟାଚ୍‌ରୁ ଗୁଜରାଟର ଏହା ତୃତୀୟ ବିଜୟ।

ବୁଧବାର ବର୍ଷା କାରଣରୁ ମ୍ୟାଚ୍ ୩୦ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା। ଗୁଜରାଟ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ରାଜସ୍ଥାନ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ (୨୪) ଓ ଜୋଶ ବଟଲର(୮) ପ୍ରଥମ ଉଇକେଟରେ ୩୨ ରନ୍ ଯୋଡିଥିଲେ। ଜୟସ୍ୱାଲ ୫ ଚୌକା ସହ ୨୪ ରନ୍ କରି ଉମେଶ ଯାଦବଙ୍କ ବଲ୍‌ରେ ଆଉଟ ହୋଇଥିଲେ। ପୂର୍ବ ମ୍ୟାଚ୍‌ର ଶତକ ହାସଲକାରୀ ଜୋଶ ବଟଲର ମାତ୍ର ୮ ରନ୍ କରିଥିବା ବେଳେ ରଶିଦ୍ ଖାଁଙ୍କ ବଲରେ ଆଉଟ ହୋଇଥିଲେ। ୪୨ ରନ୍‌ରେ ଦ୍ୱିତୀୟ ଉଇକେଟର ପତନ ପରେ ସଞ୍ଜୁ ସାମସନଙ୍କ ସହ ଯୋଗ ଦେଇଥିଲେ ରିୟାନ ପରାଗ। ଉଭୟ ଖେଳାଳି ଚଳିତ ଟୁର୍ନାମେଣ୍ଟରେ ନିଜର ତୃତୀୟ ଅର୍ଦ୍ଧଶତକ ପୂରଣ କରିବା ସହ ୧୩୦ ରନ୍ ଯୋଡି ରୟାଲ୍ସକୁ ୧୯୬ ରନ୍‌ରେ ପହଞ୍ଚାଇଥିଲେ। ସାମସନ୍ ୬୮ ରନ୍‌ରେ ଶେଷ ଯାଏ ଅପରାଜିତ ରହିଥିବା ବେଳେ ପରାଗ ୭୬ ରନ୍ କରି ୧୯ତମ ଓଭରରେ ଆଉଟ ହୋଇଥିଲେ। ସାମସନ୍ ୩୮ ବଲ୍ ଖେଳି ୭ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟପକ୍ଷରେ ୧୯ ତମ ଓଭରରେ ଆଉଟ ହୋଇଥିବା ପରାଗ ୪୮ ବଲ୍ ଖେଳି ୩ ଚୌକା ଓ ୫ ଛକା ମାରିଥିଲେ। ଗୁଜରାଟ ପକ୍ଷରୁ ଉମେଶ ଯାଦବ, ରଶିଦ୍ ଖାଁ ଓ ମୋହିତ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଗୁଜରାଟ ପକ୍ଷରୁ ଶୁବମନ୍ ଗିଲ୍(୭୨) ଓ ସାଇ ସୁଦର୍ଶନ(୩୫) ପ୍ରଥମ ଉଇକେଟରେ ୬୪ ରନ୍ ଯୋଡିଥିଲେ। ତେବେ ଦୁଇ ଓଭରରେ ୩ ଖେଳାଳିଙ୍କୁ ଆଉଟ କରି ଗୁଜରାଟକୁ ବ୍ୟାକ୍‌ଫୁଟରେ ରଖିଥିଲେ କୁଲଦୀପ ସେନ୍। ଗିଲ୍ ଗୋଟିଏ ପଟୁ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୪୪ ବଲ୍ ଖେଳି ୭୨ ରନ୍ କରିଥିଲେ। ଏହି ଇନିଂସରେ ୬ ଚୌକା ଓ ୨ ଛକା ସାମିଲ ଥିଲା। ୧୬ ତମ ଓଭରରେ ଗିଲ୍ ଆଉଟ ହେବା ସହ ମ୍ୟାଚ୍‌ରେ ରୋମାଞ୍ଚ ଭରି ଯାଇଥିଲା। ଇମ୍ପାକ୍ଟ ପ୍ଲେୟର ଶାହରୁଖ ଖାନ୍ ୧୪ ରନ୍ କରିଥିବା ବେଳେ ରାହୁଲ ଟେୱ୍ୱଟିଆ ୨୨ ଓ ରଶିଦ୍ ଖାନ୍ ଅପରାଜିତ ୨୪ ରନ କରି ଦଳକୁ ବିଜୟୀ କରିଥିଲେ। ଶେଷ ୨ ଓଭରରୁ ୩୫ ରନ୍ ଆବଶ୍ୟକ ଥିବା ବେଳେ ୧୯ତମ ଓଭରରେ କୁଲଦୀପ ସେନ୍ ୨୦ ରନ୍ ଦେଇଥିଲେ। ଅନ୍ତିମ ଓଭରରେ ୧୫ ରନ୍ ଆବଶ୍ୟକ ଥିବା ବେଳେ ଅନ୍ତିମ ବଲ୍‌ରେ ଚୌକା ମାରି ବିଜୟୀ କରିଥିଲେ ରଶିଦ୍ ଖାନ୍। ରାଜସ୍ଥାନ ପକ୍ଷରୁ କୁଲଦୀପ ସେନ ୩, ୟୁଜବେନ୍ଦ୍ର ଚହଲ ୨ ଓ ଆଭେଶ ଖାନ୍ ଗୋଟିଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୯୬/୩ (ରିୟାନ ପରାଗ-୭୬, ସଞ୍ଜୁ ସାମସନ୍-୬୮, ଯଶସ୍ୱୀ ଜୟସ୍ୱାଲ-୨୪, ରଶିଦ୍ ଖାଁ-୧/୧୮, ଉମେଶ ଯାଦବ-୧/୪୭, ମୋହିତ ଶର୍ମା-୧/୫୧)। ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୯୯/୭ ( ଶୁବମନ ଗିଲ୍-୭୨, ସାଇ ସୁଦର୍ଶନ-୩୫, ରାହୁଲ ଟେୱ୍ୱଟିଆ-୨୨, କୁଲଦୀପ ସେନ୍-୩/୪୧, ୟୁଜବେନ୍ଦ୍ର ଚହଲ-୨/୪୩, ଆଭେଶ୍ ଖାନ୍-୧/୪୮।




ଶତକୀୟ ଭାଗୀଦାରି ଅବସରରେ ସଞ୍ଜୁ ସାମ୍‌ସନ୍ ଓ ରିୟାନ ପରାଗ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ ବେଙ୍ଗାଲୁରୁ**

ସ୍ଥାନ: ମୁମ୍ବାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୮ | +୦.୮୭୧ |
| କୋଲକାତା ନାଇଟ ରାଇଡର୍ସ | ୪ | ୩ | ୧ | ୬ | +୧.୫୨୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୩ | ୧ | ୬ | +୦.୭୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୬୬୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୬ | -୦.୬୩୭ |
| ପଞ୍ଜାବ କିଙ୍ଗ୍ସ | ୫ | ୨ | ୩ | ୪ | -୦.୧୯୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୨ | -୦.୭୦୪ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୧ | ୪ | ୨ | -୦.୮୪୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୧ | ୪ | ୨ | -୧.୩୭୦ |

# ପି.ଭି. ସିନ୍ଧୁ ବିଜୟୀ

**ନିଙ୍ଗବୋ, ୧୦।୪ (ପି.ଟି.):** ଚାଇନାରେ ଅନୁଷ୍ଠିତ ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ର ପ୍ରଥମ ଦିନରେ ଭାରତୀୟ ଖେଳାଳି ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ସିଡେଡ୍ ଖେଳାଳିଙ୍କ ମଧ୍ୟରେ କେବଳ ପି.ଭି. ସିନ୍ଧୁ ପ୍ରଥମ ରାଉଣ୍ଡରେ ବିଜୟ ହାସଲ କରିଥିବା ବେଳେ ଲକ୍ଷ୍ୟ ସେନ୍, କିଡାମ୍ବୀ ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅନ୍ୟ ପକ୍ଷରେ ମହିଳା ଡବଲ୍ସରେ ତ୍ରିସା ଜୋଲି-ଗାୟତ୍ରୀ ଗୋପୀଚାନ୍ଦ ଓ ଓଡ଼ିଆ ଭଉଣୀ ରତପର୍ଣ୍ଣା-ଶ୍ୱେତପର୍ଣ୍ଣା ପଣ୍ଡା ମଧ୍ୟ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସିନ୍ଧୁ କଡା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ମାଲେସିଆର ଗୋ ଜିନ୍ ୱେଇଙ୍କୁ ୧୮-୨୧, ୨୧-୧୪ ଓ ୨୧-୧୯ରେ ପରାସ୍ତ କରିଥିଲେ। ପ୍ରଥମ ସେଟ୍ ହାରିଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ସେଟ୍‌ରେ ସହଜ ବିଜୟ ହାସଲ କରିବା ସହ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଥିଲେ ସିନ୍ଧୁ।

ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଲକ୍ଷ୍ୟ ସେନ୍ ମାତ୍ର ୫୩ ମିନିଟ ସମୟରେ ଟପ୍ ସିଡ୍ ଶି ୟୁ କିଙ୍କ ଠାରୁ ପରାଜିତ ହୋଇଥିଲେ। ୧୯-୨୧ ଓ ୧୫-୨୧ରେ ଲକ୍ଷ୍ୟ ପରାଜିତ ହୋଇଥିଲେ। ପୁରୁଷ ସିଙ୍ଗଲ୍ସରେ ଅନ୍ୟତମ ଖେଳାଳି ପ୍ରିୟାଂଶୁ ରଜାୱତ ମାଲେସିଆର ଲି ଜି ଜିଆଙ୍କ ଠାରୁ ୯-୨୧, ୧୩-୨୧ ସେଟରେ ପରାଜିତ ହୋଇଥିଲେ। ଏହି ମ୍ୟାଚଟି ମାତ୍ର ୩୯ ମିନିଟ ଧରି ଚାଲିଥିଲା। କିଡାମ୍ବି ଶ୍ରୀକାନ୍ତ ୧୪-୨୧, ଓ ୧୩-୨୧ ସେଟରେ ଇଣ୍ଡୋନେସିଆର ଆନ୍ଥୋନୀ ଗିଣ୍ଟିଙ୍ଗଙ୍କ ଠାରୁ ପରାଜିତ ହୋଇଥିଲେ।

ମହିଳା ସିଙ୍ଗଲ୍ସ ଖେଳାଳିଙ୍କ ମଧ୍ୟରେ ମାଲବିକା ବନ୍ସୋଡ ଓ ଆକର୍ଷୀ କଶ୍ୟପ ମଧ୍ୟ ପରାଜିତ ହୋଇଥିଲେ। ମାଲବିକା ୨୧-୧୮ ଓ ୨୧-୧୯ ସେଟରେ କୋରିଆର ସିମ୍ ୟୁ ଜିନ୍‌ଙ୍କ ନିକଟରୁ ହାରି ଯାଇଥିଲେ। ଆକର୍ଷୀ କଶ୍ୟପ ୨୧-୧୦, ୨୧-୧୧ ସେଟରେ ଥାଇଲାଣ୍ଡର ବୁସାନନ ଓଙ୍ଗବାମରୁଙ୍ଗଫାନଙ୍କ ନିକଟରୁ ପରାଜିତ ହୋଇଥିଲେ। ମହିଳା ଡବଲ୍ସରେ ଭାରତୀୟ ଖେଳାଳିଙ୍କ ପାଇଁ ନିରାଶାଜନକ ରହିଥିଲା। ଭାରତର ଏକ ନମ୍ବର ଯୋଡି ତ୍ରିସା ଜୋଲି-ଗାୟତ୍ରୀ ଗୋପୀଚାନ୍ଦ ଚାଇନାର ଟାନ୍ ନିଙ୍ଗ ଓ ଏସ୍ ଲିୟୁଙ୍କ ଠାରୁ ୨୧-୨ ଓ ୨୧-୧୧ ସେଟରେ ପରାଜିତ ହୋଇଥିଲେ। କ୍ୱାଲିଫାଇଙ୍ଗ ରାଉଣ୍ଡରୁ ମେନ୍ ଇଭେଣ୍ଟରେ ସାମିଲ ହୋଇଥିବା ରତପର୍ଣ୍ଣା-ଶ୍ୱେତପର୍ଣ୍ଣା ପଣ୍ଡା ପ୍ରଥମ ରାଉଣ୍ଡରେ ପରାଜିତ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ଥିବା ଝାଙ୍ଗ ସୁ ଜିଆନ୍- ଝେଙ୍ଗ ୟୁଙ୍କ ଠାରୁ ରତପର୍ଣ୍ଣା-ଶ୍ୱେତପର୍ଣ୍ଣା ୮-୨୧ ଓ ୧୩-୨୧ ସେଟରେ ପରାଜିତ ହୋଇଥିଲେ।

# ପ୍ଲେ ଅଫ୍‌ରେ ଚେନ୍ନାଇନ୍ ଏଫ୍‌ସି

ନୂଆଦିଲ୍ଲୀ, ୧୦।୪ (ପି.ଟି.)

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ)ରେ ବୁଧବାର ଇଷ୍ଟବେଙ୍ଗଲକୁ ୪-୧ ଗୋଲରେ ପରାସ୍ତ କରିଛି ପଞ୍ଜାବ ଏଫ୍‌ସି। ଏହି ପରାଜୟ ସହ ଇଷ୍ଟବେଙ୍ଗଲର ପ୍ଲେ ଅଫ୍ ଆଶା ମଉଳି ଯାଇଥିବା ବେଳେ ଅନ୍ତିମ ଦଳ ଭାବରେ ଚେନ୍ନାଇନ ସ୍ଥାନ ସୁରକ୍ଷିତ କର ନେଇଛି। ଚେନ୍ନାଇନ୍ ୨୧ ମ୍ୟାଚ୍ ଖେଳି ୨୭ ପଏଣ୍ଟ ପାଇଥିବା ବେଳେ ଆଉ କୌଣସି ଦଳ ୨୭ ପଏଣ୍ଟରେ ପହଞ୍ଚିବାର ସମ୍ଭାବନା ଶେଷ ହୋଇଛି। ତେଣୁ ଗୋଟିଏ ମ୍ୟାଚ୍ ବାକି ଥାଇ ଅନ୍ତିମ ଦଳ ଭାବରେ ପ୍ଲେ ଅଫ୍‌ରେ ସାମିଲ ହୋଇଛି ଚେନ୍ନାଇନ୍। ବୁଧବାର ଜବାହାର ଲାଲ ନେହେରୁ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ପଞ୍ଜାବ ପକ୍ଷରୁ ୱିଲମାର ଜୋର୍ଡାନ ଗିଲ୍ ୧୯ ଓ ୬୨ ମିନିଟରେ ଡବଲ୍ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଦିହ ଟଲାଲ(୪୩ ମିନିଟ) ଓ ଲୁକା ମାଜସେନ୍(୭୦) ଗୋଲ ସ୍କୋର କରିଥିଲେ। ସୁପର କପ୍ ଚାମ୍ପିୟନ ଇଷ୍ଟବେଙ୍ଗଲ ପକ୍ଷରୁ ୨୫ ତମ ମିନିଟରେ ସାୟନ ବାନାର୍ଜୀ ଏକମାତ୍ର ଗୋଲ ଦେଇଥିଲେ। ଇଷ୍ଟବେଙ୍ଗଲ ପାଇଁ କର ବା ମର ପରସ୍ଥିତି ରହିଥିବା ବେଳେ ପଞ୍ଜାବ ଏଫ୍‌ସି କିନ୍ତୁ ଆରମ୍ଭରୁ ଆକ୍ରମଣାତ୍ମକ ଆରମ୍ଭ କରିଥିଲା। ୧୯ ତମ ମିନିଟରେ ଟେକଚାମ ସିଂଙ୍କ ଆସିଷ୍ଟରୁ ୱିଲମାର ଜୋର୍ଡାନ ପ୍ରଥମ ଗୋଲ ଦେଇଥିଲେ। ତେବେ ଏହାର ୬ ମିନିଟ ମଧ୍ୟରେ ସାୟନ ବାନାର୍ଜୀ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୪୩ ତମ ମିନିଟରେ କିପଗେନ୍ ଆସିଷ୍ଟ କରିଥିବା ବେଳେ ମାଦିହ ଟଲାଲ ସ୍କୋର କରି ଦଳକୁ ୨-୧ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧର ୬୨ ତମ ମିନିଟରେ ଫରୱାର୍ଡ ଖେଳାଳି ମାଦିହ ଟଲାଲଙ୍କ ଆସିଷ୍ଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ୱିଲମାର। ଏହାର ୮ ମିନିଟ ପରେ ମାଦିହ ଟଲାଲ ଆଉ ଏକ ଗୋଲରେ ଆସିଷ୍ଟ କରିଥିଲେ। ଲୁକା ମାଜସେନ୍ ସ୍କୋର କରିବା ସହ ଦଳ ୪-୧ରେ ବିଜୟୀ ହୋଇଥିଲା। ଇଷ୍ଟବେଙ୍ଗଲ ୨୨ ମ୍ୟାଚ୍‌ରୁ ୨୪ ପଏଣ୍ଟ ସହ ସପ୍ତମ ସ୍ଥାନରେ ସନ୍ତୁଷ୍ଟ ରହିଛି। ପଞ୍ଜାବ ଏଫ୍‌ସି ସମାନ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଗୋଲ ବ୍ୟବଧାନରେ ପଛୁଆ ରହି ଅଷ୍ଟମରେ ରହିଛି। ଚେନ୍ନାଇନ୍ ଏହାର ଅନ୍ତିମ ମ୍ୟାଚ୍‌ରେ ଏଫ୍‌ସି ଗୋଆକୁ ଭେଟିବ।

### ଆଇଏସ୍‌ଏଲ୍: ଇଷ୍ଟବେଙ୍ଗଲକୁ ହରାଇଲା ପଞ୍ଜାବ



ଗୋଲ ଦେବାପରେ ସାଥି ଖେଳାଳିଙ୍କ ସହ ଖୁସି ମନାଉଛନ୍ତି ପଞ୍ଜାବ ଏଫ୍‌ସିର ୱିଲମାର ଜୋର୍ଡାନ (ଡାହାଣ)।


## Classified Everyday
0674-2580101, 2549949




**SALE**

ଫୁଲନଖରାଠାରେ **New Sum Hospital** ଠାରୁ ଅଳ୍ପ ଦୂରତାରେ **Petal International School**କୁ ଲାଗି ଘରବାରି ପ୍ଲଟ୍ **finance**ରେ ମିଳୁଅଛି। **sqft.-950/-. Contact- 8658992600.** D-039

ଭୁବନେଶ୍ୱର ହଂସପାଳ, (ବାଲିଅନ୍ତା)ରେ ଘରବାଡ଼ି **East Facing single plot possession** ଥାଇ ବିକ୍ରି କରିବି । ମୂଲ୍ୟ- **23,60,000/-. Contact- 6370469894.** D-75942

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

**Commercial plot, facing to NH Road Nakhara to Niali NH 10000sqft., 3sides road, 2-Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75727

**Dhabalhar (Balianta) and Kesura fully Housing Project developed road and electricity. Limited plot available. Hurry up ! 9090432721.** D-063




Newly opend central SPA full-body massage. Trend therapist. 8456885600. D-75729

Newly open health benefits SPA special offer @ 999 Bapujinagar. 8018429809. D-76113

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75726

Relax, refresh your body, mind by expert therapist. Contact- 9938843929. D-76112

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ରତ୍ନପ୍ରଭା ଦେବୀ**

(ଏମ୍.ଏ.ବି.ଏଡ୍) ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ୟୁନିଟ୍-୪, ଭୁବନେଶ୍ୱର
ସି.ଆର.ପି.ଏଫ୍ ଛକ, ଭୁବନେଶ୍ୱର
ଆବିର୍ଭାବ: ୧୨।୦୮।୧୯୪୭ । ତିରୋଧାନ: ୦୭।୦୪।୨୦୧୯
(ଚୈତ୍ର ମାସ ଶୁକ୍ଳପକ୍ଷ ତୃତୀୟା ତିଥି)

ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୁମ ଅସାଧାରଣ ବ୍ୟକ୍ତିତ୍ୱର ସ୍ମୃତିରେ ରତ୍ନପ୍ରଭା ଦେବୀ ମେମୋରିଆଲ୍ ଟ୍ରଷ୍ଟର ସ୍ଥାପନା କରାଯାଇଛି। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୦୫୫

ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**୰ ସଦାଶିବ ପ୍ରଧାନ**

ନୀଳଚକ୍ର ନଗର, ପୁରୀ
ଆବିର୍ଭାବ- ୨୫।୦୪।୧୯୪୨
ତିରୋଧାନ- ୧୮।୦୩।୨୦୧୦
ଚୈତ୍ର ଶୁକ୍ଳ ତୃତୀୟା

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ: ଝିଅ- ମଞ୍ଜୁ, ମମତା, ଜ୍ୱାଇଁ- କାହ୍ନୁ, ରାଜା, ନାତି- ଚିନ୍ମୟ, ତନ୍ମୟ ଏବଂ ପରିବାରବର୍ଗ।**

ଧ-୬୯୧୦୦

1st Death Anniversary

**In Treasured Memory of**



NARENDRAPRASADDAS
**18.10.1936 to 11.04.2023**

"Baba" – We continue to love you every moment of our lives. Your presence surrounds us and your love is still our guide. With each passing day, we fondly recall the moments shared, finding solace in the enduring love you bestowed upon us. We miss you…

**Fondly Remembered by:**
**Arihant, Abhijat, Nirali, Biswajit (Tutu), Mani, Niyati, Family & Friends.**

ଧ-୨୮୬୬

ଧରିତ୍ରୀ DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


ବାଣୀ

# ଭାଗ୍ୟବତୀ ବାଣୀ

ବାଣୀ କପୁରଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'ରୁ। ଇତିମଧ୍ୟରେ ସେ ତାଙ୍କ ବଡ଼ ପରଦା କ୍ୟାରିୟରର ନବମ ବର୍ଷ ପୂରଣ କରିଛନ୍ତି। ହେଲେ ସେ କେତୋଟି ସିନେମାରେ ଅଭିନୟ କରିଛନ୍ତି ଜାଣନ୍ତି? ମାତ୍ର ୭ଟି। କିନ୍ତୁ ଏବେ ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ହୋଇଛନ୍ତି। ଚଳିତବର୍ଷ ତାଙ୍କ ଅଭିନୀତ ଦୁଇଟି ସିନେମା–'ଖେଲ୍ ଖେଲ୍ ମେଁ' ଏବଂ 'ରେଡ୍–୨' ରିଲିଜ୍ ହେବ। ତା'ସହ ଦୁଇଟି ନୂଆ ଅଫର ମଧ୍ୟ ହାତରେ ରହିଛି। ଆଉ ଏହାର ସମସ୍ତ ଶ୍ରେୟ ସେ ନିଜ ଭାଗ୍ୟକୁ ହିଁ ଦେଇଛନ୍ତି। ନିଜର କ୍ୟାରିୟର ସମ୍ପର୍କରେ ବାଣୀ କହନ୍ତି, ''ନଅ ବର୍ଷ ଭିତରେ ମୁଁ ମାତ୍ର ସାତୋଟି ସିନେମାରେ ଅଭିନୟ କରିଛି। ଅବଶ୍ୟ ମନ ଦୁଃଖ ଲାଗୁଛି। ହେଲେ ଫିଲ୍ମଟିଏ ମିଳିବା ତ ମୋ' ହାତର କଥା ନୁହେଁ। ଯେତେବେଳେ ପ୍ରଯୋଜକ ଚାହିଁବେ, ମୋତେ ଚାନ୍ସ ଦେବେ। ଏତିକି କହିବି, ଏ ପର୍ଯ୍ୟନ୍ତ ମୋତେ ଯେଉଁ ଭୂମିକାଗୁଡ଼ିକ ମିଳିଛି ତାହା ମୋତେ ଶତ ପ୍ରତିଶତ ଆତ୍ମତୃପ୍ତି ଦେଇଛି।'' ବାଣୀ ଏ ପର୍ଯ୍ୟନ୍ତ ଅଭିନୟ କରିଥିବା ସିନେମାଗୁଡ଼ିକ ହେଲା 'ଶୁଦ୍ଧ ଦେଶୀ ରୋମାନ୍ସ', 'ଆହା କଲ୍ୟାନମ୍' (ତେଲୁଗୁ), 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ୍', 'ଚଣ୍ଡିଗଡ଼ କରେ ଆସିକ' ଏବଂ 'ସମସେରା'। ତେବେ ଆଗକୁ ତାଙ୍କ ଅଭିନୀତ ସିନେମା ନିଜ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।

# କୁଲ୍ କୁଲ୍ ଜ୍ୟାକ୍‌ଲିନ୍


ଜ୍ୟାକ୍‌ଲିନ

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ନାଡିସ୍ ୨୦୦୯ରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଆଉ ତାଙ୍କ ଅଭିନୀତ ପ୍ରଥମ ସିନେମାର ନାମ ଥିଲା 'ଆଲ୍ଲାଦିନ୍'। ଏହାର ନିର୍ଦ୍ଦେଶକ ସୁଜୟ ଘୋଷ ଯେତେବେଳେ ତାଙ୍କୁ ଏ ନେଇ ଯୋଗାଯୋଗ କଲେ, ସେତେବେଳେ ସେ ଖୁସିରେ ଉଚ୍ଛୁଳି ଉଠିଥିଲେ। କାରଣ ମଡେଲିଂ କରିବାକୁ ସେ ମୁମ୍ବାଇ ଆସିଥିଲେ। ସେ କେବେ ବିଶ୍ୱାସ କରି ନ ଥିଲେ ଯେ ତାଙ୍କୁ ଦିନେ ନା ଦିନେ ବଲିଉଡ୍‌ରେ ଫିଲ୍ମ କରିବାକୁ ଅଫର ମିଳିବ। ଏ ସମ୍ପର୍କରେ ଜ୍ୟାକ୍‌ଲିନ୍ କହନ୍ତି, ''ଯେତେବେଳେ ମୋତେ ସୁଜୟ ସାର୍ ଆକ୍ଟିଂ ପାଇଁ ଅଫର ଦେଲେ, ସେତେବେଳେ ତାହାକୁ ବିଶ୍ୱାସ କରିପାରି ନ ଥିଲି। ପୁଣି ଏହି ଫିଲ୍ମର କାଷ୍ଟିଂରେ ଅମିତାଭ ବଚ୍ଚନ ଏବଂ ସଞ୍ଜୟ ଦତ୍ତଙ୍କ ପରି ଅଭିନେତା ଥାଆନ୍ତି। ଏଥିରେ ମୋତେ ରିତେଶ ଦେଶମୁଖଙ୍କ ଅପୋଜିଟ୍‌ରେ କାଷ୍ଟିଂ କରାଯାଇଥିଲା। ଶୁଟିଂ ସେଟ୍‌ରେ ଅମିତାଭ ସାର୍ ମୋତେ ଅଭିନୟ ବିଷୟରେ ଯେଉଁ କେଇ ପଦ ଟିପ୍ସ ଦେଇଥିଲେ ତାହା ମୋ ପାଇଁ ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହେଲା। ଦର୍ଶକଙ୍କ ଭଲ ପାଇବା ପାଇଁ ମୁଁ ଏ ପର୍ଯ୍ୟନ୍ତ ବଲିଉଡ୍‌ରେ ତିଷ୍ଠି ରହିଛି।''

# ପୂଜାଙ୍କ ଗଡ୍‌ଫାଦର

ଅଭିନୟ ରାସ୍ତା ବେଶ୍ ଖସଡ଼ା। ଏଥିରେ ସତର୍କତାର ସହ ପାଦ ନ ପକାଇଲେ ଅସୁବିଧାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। କେତେକ କଳାକାର ନିଜର ଗଡ୍‌ଫାଦରଙ୍କ ଉପରେ ଭରସା କରିଥାଆନ୍ତି। ହେଲେ ପୂଜା ହେଗ୍‌ଡେ ସେଥିରୁ ଟିକେ ନିଆରା। ସେ କୌଣସି କଳାକାରଙ୍କୁ ନିଜର ଗଡ୍‌ଫାଦର ଭାବରେ ଗ୍ରହଣ କରିନାହାନ୍ତି। ଏହି ଆସନରେ ସେ କାହାକୁ ବସାଇଛନ୍ତି ଜାଣନ୍ତି? ଭଗବାନ୍‌ଙ୍କୁ। ଏ ନେଇ ସେ କହନ୍ତି, ''ଭଗବାନ୍‌ଙ୍କ କୃପା ବିନା କିଛି ସମ୍ଭବ ନୁହେଁ। ଆମେ କୌଣସି କାମ ଆରମ୍ଭ କଲେ ପ୍ରଥମେ ଭଗବାନ୍‌ଙ୍କୁ ସ୍ମରଣ କରିଥାଉ। ତାଙ୍କର ଆଶୀର୍ବାଦ ଯୋଗୁ ଆଜି ମୁଁ ଅଭିନୟ ଦୁନିଆରେ ତିଷ୍ଠି ରହିଛି। ତାଙ୍କ ଉପରେ ମୋର ଅଖଣ୍ଡ ବିଶ୍ୱାସ ରହିଛି। ମୁଁ ସବୁବେଳେ ମୋ କର୍ମ ଉପରେ ଭରସା ରଖିଥାଏ। କାରଣ ଯଦି ଜଣେ ମନପ୍ରାଣ ଦେଇ କାମ କରେ, ତେବେ ସଫଳତା ପାଇବା ଆଶା ଅଧିକ ଥାଏ। ଅଭିନୟ କ୍ୟାରିୟରରେ ଅନେକ ଉତ୍‌ଥାନ ପତନର ମୁଁ ସମ୍ମୁଖୀନ ହୋଇଛି। ହେଲେ କଦାପି ଭାଙ୍ଗି ପଡିନାହିଁ।'' କର୍ନାଟକର ମାଙ୍ଗାଲୁରୁରେ ଜନ୍ମିତା ପୂଜା ଦକ୍ଷିଣ ଭାରତୀୟ ସିନେମାର ନାମୀ ଅଭିନେତାଙ୍କ ସହ ଅଭିନୟ କରିସାରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବିଜୟ (ମାଷ୍ଟର), ପ୍ରଭାସ (ରାଧେଶ୍ୟାମ) ଏବଂ ଚିରଞ୍ଜୀବୀ–ରାମଚରଣ (ଆଚାର୍ଯ୍ୟ)।


ପୂଜା

# ଭକ୍ତଙ୍କୁ ଅପେକ୍ଷା


ବାବୁସାନ୍

ଓଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା ବାବୁସାନ୍ ଏବର୍ଷ ରଜରେ ପୁଣି ଥରେ ବଡ଼ ପରଦାକୁ ଆସୁଛନ୍ତି। ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ 'ଦମନ' ସୁପରହିଟ୍ ସାବ୍ୟସ୍ତ ହେବା ପରେ ସେ ଏକ ନୂଆ କାହାଣୀକୁ ଆଧାର କରି ନିର୍ମିତ ହେଉଥିବା ସିନେମା 'ପାବାର : କିଛି ସତ୍ୟ ଘଟଣାରୁ ଅନୁପ୍ରାଣିତ'ରେ ଅଭିନୟ କରୁଛନ୍ତି। କିଛି ସତ କଥାକୁ ନେଇ ଏହାର କାହାଣୀ ଗତିଶୀଳ। ସେପଟେ ଏହି ଫିଲ୍ମରେ ପୁଣି ଥରେ ଏକାଠି ହୋଇଛନ୍ତି ନିର୍ଦ୍ଦେଶକ ଅଶୋକ ପତି ଏବଂ ବାବୁସାନ୍। ଏହାପୂର୍ବରୁ ଏହି ଯୋଡ଼ିକୁ ନେଇ ପ୍ରସ୍ତୁତ ବେଶ୍ କେତୋଟି ସିନେମା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ଏହି ନୂଆ ସିନେମାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାଶ ଏବଂ ପ୍ରଣବ ପ୍ରସନ୍ନ ରଥ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ। ତୃପ୍ତି ଶତପଥୀଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମରେ ଦର୍ଶକ ବାବୁସାନ୍‌ଙ୍କୁ ଏକ ଦମ୍‌ଦାର ଏବଂ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। ଏହି ଫିଲ୍ମରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଏଲିନା ସାମନ୍ତରାୟ। ତେବେ ଫିଲ୍ମଟିରେ କି ମସଲା ଅଛି ତାହା ଜାଣିବାକୁ ବାକି ରହିଲା।

# ନୂଆ ଅବତାର

ବବି ମିଶ୍ରଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଓଡ଼ିଆ ସିନେମା 'ଜୟ ଶ୍ରୀରାମ'ରୁ। ଏଥିରେ ସେ ନାୟକ ଭୂମିକାରେ ଅଭିନୟ କରିଥିଲେ। କିନ୍ତୁ ଏହା ପୂର୍ବରୁ ସେ ଆଲ୍‌ବମ୍ ଜଗତରେ ସାଉଁଟି ସାରିଥିଲେ ଅନେକ ପ୍ରଶଂସା। ଆଉ ଏବେ ଏକ ଭିନ୍ନ ଧରଣର ଭୂମିକାରେ ସେ ଦର୍ଶକଙ୍କ ସାମ୍‌ନାକୁ ଆସିବାକୁ ଯାଉଛନ୍ତି। ଫିଲ୍ମଟି ହେଲା 'ଶ୍ରୀମାନ ଶ୍ରୀଯୁକ୍ତ'। ଏହାର କାହାଣୀରେ ଫ୍ୟାମିଲି ଡ୍ରାମା ସହ କମେଡି ଭରି ରହିଛି। ଏଥିରେ ବବି ମିଶ୍ରଙ୍କ ନାୟିକା ସାଜିଛନ୍ତି ଲିପ୍ସା ମହାରଣା। ଚିତ୍ରଟିର ପ୍ରଯୋଜନା କରିଛନ୍ତି ପ୍ରଣୟ ଜେଠୀ। ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ନିରଞ୍ଜନ ବେହେରା। ବସନ୍ତରାଜ ସାମଲଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। ଶିରିଡି ସାଇ ବାବା ମୁଭିଜ୍ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ସିନେମାର ଅନ୍ୟାନ୍ୟ ଭୂମିକାରେ ସାନୁ ଓ ଅଭିନେତ୍ରୀ ସସ୍ମିତା, ପ୍ରଦ୍ୟୁମ୍ନ ଲେଙ୍କା, ଚୌଧୁରୀ ଜୟ ପ୍ରକାଶ ଦାସ, ରବି ମିଶ୍ର, ଲିପ୍ସା ମହାରଣା, ଛନ୍ଦିତା, ରାଜୀବ ମହାନ୍ତି ପ୍ରମୁଖ ଅଭିନୟ କରୁଛନ୍ତି।



ଲିପ୍ସା–ବବି

# ଏକାଥରେ ହ୍ୟାଟ୍ରିକ୍

ଜାହ୍ନବୀ କପୁରଙ୍କ ଆଇଡିଆକୁ ମାନିବାକୁ ପଡ଼ିବ। କେତେବେଳେ କେମିତି ଚର୍ଚ୍ଚାରେ ରହିବାକୁ ହୁଏ, ତାହାର କାଇଦା ତାଙ୍କୁ ଭଲ ଭାବରେ ମାଲୁମ। ଦେଖୁନାହାନ୍ତି ଚଳିତବର୍ଷ ତାଙ୍କ କ୍ୟାରିୟରରେ ନୂଆ ମୋଡ଼ ଆସିବ ବୋଲି ସେ କେମିତି କହି ବୁଲୁଛନ୍ତି। ଚଳିତବର୍ଷ ତାଙ୍କ ଅଭିନୀତ ତିନୋଟି ସିନେମା ପରଦା ଉପରକୁ ଆସିବାର ଯୋଜନା ରହିଛି। ସେଗୁଡ଼ିକ ହେଲା 'ମିଷ୍ଟର ଆଣ୍ଡ ମିସେସ୍ ମାହି', 'ଉଲ୍‌ଝା' ଏବଂ ତେଲୁଗୁ ଫିଲ୍ମ 'ଦୋବାରା–ପାର୍ଟ–୧'। ଏହି ଆକ୍ସନ–ଡ୍ରାମାଭିତ୍ତିକ ତେଲୁଗୁ ଫିଲ୍ମରେ ଏନ୍‌ଟିଆର ଜୁନିୟରଙ୍କ ବ୍ୟତୀତ ସୈଫ ଅଲ୍ଲୀ ଖାଁ ମଧ୍ୟ ଅଭିନୟ କରିଛନ୍ତି। ପୁଣି ଫିଲ୍ମଟି ଏବର୍ଷ ଅକ୍ଟୋବର ୧୦ରେ ମୁକ୍ତିଲାଭ କରିବାକୁ ଯାଉଛି। ନିକଟରେ ସେ ଏକ ଡିନର ପାର୍ଟିର ଆୟୋଜନ କରିଥିଲେ। ଏଥିରେ ତାଙ୍କର କେତେ ଜଣ ଅନ୍ତରଙ୍ଗ ବନ୍ଧୁ ଏବଂ ଫିଲ୍ମଜଗତ ସହ ଜଡ଼ିତ କେତେକ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ହେଲେ ସେ କ'ଣ ପାଇଁ ଏଭଳି ପାର୍ଟି ରଖିଛନ୍ତି, ସେ ବିଷୟରେ କିଛି ସୂଚନା ଦେଇ ନ ଥିଲେ। ପାର୍ଟି ସମୟରେ ଜାହ୍ନବୀ ନିଜ କ୍ୟାରିୟର ବିଷୟରେ ସୂଚନା ଦେବା ଅବସରରେ ସେହି ରହସ୍ୟକୁ ଉନ୍ମୋଚନ କରିଥିଲେ। ଏ ନେଇ ସେ କହନ୍ତି, ''ଏଭଳି ପାର୍ଟି ଆୟୋଜନ ପଛରେ ସେଭଳି କିଛି ସ୍ପେଶାଲ ଉଦ୍ଦେଶ୍ୟ ନ ଥିଲା। ମୋର ଏ ବର୍ଷ ତିନୋଟି ସିନେମା ରିଲିଜ୍ ହେବ। ଆଉ ଏହି ଫିଲ୍ମଗୁଡ଼ିକ ବକ୍ସ ଅଫିସରେ ଭଲ ବିଜ୍‌ନେସ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।''


ଜାହ୍ନବୀ

# କେବଳ ଚକୋଲେଟ୍

କ୍ରିତି ସାନନ ଯେତେବେଳେ ବାହାରକୁ ଯାଆନ୍ତି, ଗୋଟିଏ କଥାକୁ ଆଦୌ ଭୁଲି ନ ଥା'ନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥା'ନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି? ଚକୋଲେଟ୍। ସେ ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ କିଛି ଚକୋଲେଟ୍ ନେଇଯାଆନ୍ତି। ଏ ନେଇ କ୍ରିତି କହନ୍ତି, ''ଶୁଟିଂରୁ ବ୍ରେକ୍ ମିଳିଲେ ମୁଁ ଗୋଟିଏ ଜିନିଷକୁ ଖୋଜିଥାଏ। ତାହା ହେଲା ଚକୋଲେଟ୍। କାରଣ ଟାଇମ୍ ପାସ୍ ପାଇଁ ଏହା ଏକ ଭଲ ମାଧ୍ୟମ। ଘରେ ମଧ୍ୟ ମୁଁ ବିଭିନ୍ନ ଭେରାଇଟିର ଚକୋଲେଟ୍ ରଖିଛି। କୌଣସି ଅକେଜନ୍‌ରେ ମୁଁ କାହାକୁ ଗିଫ୍ଟ ଦେଲେ ତା'ସହ ଚକୋଲେଟ୍ ଦେବାକୁ ଭୁଲି ନ ଥାଏ।'' ଏହାବ୍ୟତୀତ ଅବସର ସମୟରେ ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଭଲପାଆନ୍ତି। କ୍ରିତିଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା ୨୦୧୪ରୁ। ଏହି ବର୍ଷ ସେ ପ୍ରଥମେ ଏକ ତେଲୁଗୁ ଫିଲ୍ମ (ନିନୋକାଡିନେ) ଏବଂ ପରେ ହିନ୍ଦୀ ସିନେମା 'ହେରୋପନ୍ତୀ'ରେ ଅଭିନୟ କରିଥିଲେ। ଚଳିତବର୍ଷ ମାର୍ଚ୍ଚରେ ତାଙ୍କ ଅଭିନୀତ 'କ୍ରିୟୁ' ରିଲିଜ୍ ହୋଇ ବକ୍ସ ଅଫିସରେ ଆଶାନୁରୂପ ବିଜ୍‌ନେସ୍ କରିଥିଲା।


କ୍ରିତି

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୧/୨୦୨୪ Bhubaneswar, Thursday, April 11/ 2024

# ଆବାସୋଭଙ୍କୁ ହରାଇ ଗୁକେଶ ଯୁଗ୍ମ ଅଗ୍ରଣୀ

**ଟରଣ୍ଟୋ, ୧୦।୪ (ପି.ଟି.)**

ଏଠାରେ ଚାଲିଥିବା ଫିଡେ କ୍ୟାଣ୍ଡିଡେଟ୍ସ ଚେସ୍‌ର ୫ମ ରାଉଣ୍ଡ ଶେଷରେ ଯୁଗ୍ମ ଅଗ୍ରଣୀଲାଭ କରିଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ। ଏକମାତ୍ର ଭାରତୀୟ ଭାବେ ୫ମ ରାଉଣ୍ଡରେ ବିଜୟୀ ହୋଇଥିବା ଗୁକେଶ ରୁଷିଆର ଇଆନ ନେପୋମନିଆଚିଙ୍କ ସମକକ୍ଷ ପଏଣ୍ଟ ପାଇଛନ୍ତି। ବୁଧବାର କଡ଼ା ମୁକାବିଲାରେ

## କ୍ୟାଣ୍ଡିଡେଟ୍ସ ଚେସ୍

ସେ ଆଜରବୈଜାନର ନିଜତ ଆବାସୋଭଙ୍କୁ ପରାସ୍ତ କରିଛନ୍ତି। ଡବଲ ରାଉଣ୍ଡ-ରବିନ ଇଭେଣ୍ଟରେ ଆହୁରି ୯ ରାଉଣ୍ଡ ଖେଳ ବାକିଥିବାବେଳେ ୧୭ ବର୍ଷୀୟ ଗୁକେଶ ଓ ନେପୋମନିଆଚି ୩.୫ ପଏଣ୍ଟ ଲେଖାଏ ପାଇ ଯୁଗ୍ମଭାବେ ଶୀର୍ଷରେ ରହିଛନ୍ତି। ଆମେରିକାର ଫାବିଓ କାରୁଆନା ୩ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦିବସର ଅନ୍ୟତମ ବିଜେତା ଆମେରିକାର ହିକାରୁ ନାକାମୁରା ଫ୍ରାନ୍ସର ଫିରୋଉଜା ଆଲିରେଜାଙ୍କୁ ହରାଇଥିବାବେଳେ ଭାରତର ଆର. ପ୍ରଜ୍ଞାନନ୍ଦ ଓ



ବିଜୟ ହାସଲ ପରେ ଆଜରବୈଜାନର ନିଜତ ଆବାସୋଭଙ୍କ ସହ କରମର୍ଦ୍ଦନ କରୁଛନ୍ତି ଭାରତର ଡି. ଗୁକେଶ (ବାମ)।

ନୋପୋମନିଆଚିଙ୍କ ମଧ୍ୟରେ ମ୍ୟାଚ ଡ୍ର ରହିଛି। ଅନ୍ୟତମ ଭାରତୀୟ ଭିଦିଥ ଗୁଜ୍ରାଠୀ ମଧ୍ୟ କରୁଆନାଙ୍କ ସହ ପଏଣ୍ଟ ଭାଗ କରିଛନ୍ତି। ପ୍ରଜ୍ଞାନନ୍ଦ ଓ ନାକାମୁରା ୨.୫ ପଏଣ୍ଟ ଲେଖାଏ ପାଇ ମିଳିତଭାବେ ୪ର୍ଥ ସ୍ଥାନରେ ରହିଛନ୍ତି ଏବଂ ଗୁଜରାଠୀ ୨ ପଏଣ୍ଟ ସହିତ ପରବର୍ତ୍ତୀ ସ୍ଥାନ ଅଧିକାର କରିଛନ୍ତି। ଆଲିରେଜା ଓ ଆବାସୋଭ ୧.୫ ପଏଣ୍ଟ ସହିତ ଶେଷ ସ୍ଥାନରେ ରହିଛନ୍ତି।

ମହିଳା ବିଭାଗରେ ଷ୍ଟାଣ୍ଡିଂରେ କୌଣସି ପରିବର୍ତ୍ତନ ହୋଇନାହିଁ। କାରଣ ସମସ୍ତ ୪ଟି ଯାକ ମ୍ୟାଚ ଡ୍ର'ରେ ଶେଷ ହୋଇଛି। ପ୍ରଜ୍ଞାନନ୍ଦଙ୍କ ଭଉଣୀ ଆର. ବୈଶାଳୀ ୟୁକ୍ରେନର ଆନା ମୁଜିଚୁକ୍‌ଙ୍କ ରକ୍ଷଣାତ୍ମକ କୌଶଳକୁ ପ୍ରତିହତ କରିପାରି ନ ଥିବାବେଳେ କେନେରୁ ହମ୍ପି ସଫଳ ପ୍ରତ୍ୟାବର୍ତ୍ତନ କରି ରୁଷିଆର ଆଲେକଜାଣ୍ଡ୍ରା ଗୋର୍ୟାଚକିନାଙ୍କ ସହ ପଏଣ୍ଟ ଭାଗ କରିଥିଲେ। ଟୁର୍ନାମେଣ୍ଟ ଲିଡର ଚାଇନାର ଝୋଙ୍ଗୟି ଟାନ୍ କ୍ରମାଗତ ଉନ୍ନତ ପ୍ରଦର୍ଶନ କରି ଆସୁଥିବା ବୁଲଗେରିଆର ନୁର୍ଗିଉଲ ସାଲିମୋଭାଙ୍କ ସହ ଏବଂ ରୁଷିଆର କାଟେରିନା ଲଗ୍ନୋ ଚାଇନାର ଟିଙ୍ଗଜି ଲିଙ୍କ ସହ ମ୍ୟାଚ ଡ୍ର ରଖିଛନ୍ତି। ୫ ରାଉଣ୍ଡ ଶେଷରେ ଟାନ୍ ୩.୫ ପଏଣ୍ଟ ସହ ଶୀର୍ଷରେ ରହିଥିବାବେଳେ ଗୋର୍ୟାଚକିନା ୩ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

# ଭେନ୍ୟୁ ତାଲିକାରେ ୱାଣ୍ଡରର୍ସ, କିଙ୍ଗ୍ସମିଡ୍, ନ୍ୟୁଲାଣ୍ଡ୍ସ

**ଜୋହାନ୍ସବର୍ଗ, ୧୦।୪(ପି.ଟି.)**

## ୨୦୨୭ ଦିନିକିଆ କ୍ରିକେଟ ବିଶ୍ୱକପ୍




୨୦୨୭ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଦକ୍ଷିଣ ଆଫ୍ରିକାର ୮ ଭେନ୍ୟୁ ମଧ୍ୟରେ ଜୋହାନ୍ସବର୍ଗର ୱାଣ୍ଡରର୍ସ, ଡର୍ବାନର କିଙ୍ଗ୍ସମିଡ୍ ଓ କେପ୍‌ଟାଉନର ନ୍ୟୁଲାଣ୍ଡ୍ସ ସ୍ଥାନ ପାଇଛି। ବୁଧବାର ନ୍ୟୁଜ୍୨୪ ରିପୋର୍ଟରୁ ଏହା ଜଣାପଡ଼ିଛି। ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାର ମିଳିତ ଆନୁକୂଲ୍ୟରେ ୨୦୨୭ ବିଶ୍ୱକପ୍ ଅକ୍ଟୋବର-ନଭେମ୍ବରରେ ଅନୁଷ୍ଠିତ ହେବ। ହୋଟେଲ ରୁମ୍ ଏବଂ ବିମାନବନ୍ଦରକୁ ଦୃଷ୍ଟିରେ ରଖି ଭେନ୍ୟୁ ଚୟନ କରାଯାଉଛି ବୋଲି କ୍ରିକେଟ ସାଉଥ୍ ଆଫ୍ରିକା (ସିଏସ୍‌ଏ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଫୋଲେସି ମୋସେକି ପ୍ରକାଶ କରିଛନ୍ତି। ତାଙ୍କ ସୂଚନା ଅନୁସାରେ ଦକ୍ଷିଣ ଆଫ୍ରିକାରେ ଥିବା ୧୧ ଆଇସିସି ଆକ୍ରିଡେଟେଡ ଭେନ୍ୟୁ ମଧ୍ୟରୁ ମେନୋନି, ଜେବି ମାର୍କ୍ସ ଓଭାଲ ଓ ଡାଇମଣ୍ଡ ଓଭାଲକୁ ବାଦ୍ ଦିଆଯାଇଛି। ୱାଣ୍ଡରର୍ସ, ପ୍ରିଟୋରିଆସ୍ଥିତ ସେଞ୍ଚୁରିଅନ ପାର୍କ, କିଙ୍ଗ୍ସମିଡ୍, ଜିକ୍ବେବେରାର ସେଣ୍ଟ ଜର୍ଜ୍ସ ପାର୍କ, ପର୍ଲର ବୋଲାଣ୍ଡ ପାର୍କ, ନ୍ୟୁଲାଣ୍ଡ୍ସ, ବ୍ଲୋଏମଫୋଣ୍ଟେନର ମାଙ୍ଗାଉଙ୍ଗ ଓଭାଲ ଓ ଇଷ୍ଟ ଲଣ୍ଡନର ବୁଫାଲୋ ପାର୍କରେ ମ୍ୟାଚ ହେବାନେଇ କାର୍ଯ୍ୟସୂଚୀ ରହିଛି। ଟୁର୍ନାମେଣ୍ଟର ସହକାରୀ ଆୟୋଜକ ଦେଶ ଜିମ୍ବାୱେ ଓ ନାମିବ୍ୟାରେ ଅନ୍ୟ ମ୍ୟାଚଗୁଡ଼ିକ ଖେଳାଯିବ।

ଆୟୋଜକ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ସିଧାସଳଖ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମାତ୍ର ନାମିବ୍ୟାକୁ ଆଫ୍ରିକାନ୍ କ୍ୱାଲିଫାୟର ମଧ୍ୟଦେଇ ଯିବାକୁ ହେବ। ଆଇସିସି ର୍ୟାଙ୍କିଙ୍ଗର ଶୀର୍ଷ ୮ ର୍ୟାଙ୍କ୍‌ପ୍ରାପ୍ତ ଦଳକୁ ସିଧାସଳଖ ଯୋଗ୍ୟତା ମିଳିଛି। ଅନ୍ୟ ୪ଟି ଦଳ ବିଶ୍ୱର ବିଭିନ୍ନ ସ୍ଥାନରେ ହେବାକୁଥିବା କ୍ୱାଲିଫାୟର ଟୁର୍ନାମେଣ୍ଟ ମଧ୍ୟଦେଇ ଆସିବେ। ଅଂଶଗ୍ରହଣକାରୀ ୧୪ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ୨୦୦୩ ବିଶ୍ୱକପ୍ ପରି ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ସହ ଗୋଟିଏ ଲେଖାଏ ମ୍ୟାଚ ଖେଳିବେ। ଲିଗ୍ ମ୍ୟାଚ ପରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୩ଟି ଲେଖାଏ ଦଳ ସୁପର ସିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଶେଷରେ ଶ୍ରେଷ୍ଠ ୪ ଦଳ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ।

# ତୃତୀୟ ମ୍ୟାଚ ସହ ସିରିଜ ହାରିଲା ଭାରତ

**ପର୍ଥ, ୧୦।୪**

ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ସିନିୟର ପୁରୁଷ ହକି ଦଳର ଖରାପ ପ୍ରଦର୍ଶନ ଅବ୍ୟାହତ ରହିଛି। ବୁଧବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ଭାରତ ୧-୨ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରିଯାଇଛି। ଫଳରେ ପରାଜୟରେ ହ୍ୟାଟ୍ରିକ ସହ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଆଗୁଆ ହାରି ଯାଇଛି ଭାରତୀୟ ଦଳ। ଯୁଗରାଜ ସିଂ ୪୧ତମ ମିନିଟରେ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ ହେଁ ଜେରେମି ହେୱାର୍ଡଙ୍କ ଡବଲ

## ଅଷ୍ଟ୍ରେଲିଆ ବିପକ୍ଷ ହକି ଟେଷ୍ଟ ସିରିଜ

ଗୋଲରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା। ଜେରେମି ମ୍ୟାଚର ୪୪ ଓ ୪୯ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ଭାରତ ଆକ୍ରମଣାତ୍ମକ ଆରମ୍ଭ କରିଥିବାବେଳେ କାଉଣ୍ଟର ଆଟାକ କରି ପ୍ରଥମ ପେନାଲ୍ଟି କର୍ନର ହାସଲ କରିଥିଲା ଘରୋଇ ଦଳ। ମାତ୍ର ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶ ଚମତ୍କାର ପ୍ରଦର୍ଶନ କରି ତାହାକୁ ବ୍ୟର୍ଥ କରିଥିଲେ। ୧୦ମ ମିନିଟରେ ମଧ୍ୟ ଅଷ୍ଟ୍ରେଲିଆକୁ ଏକାଧିକ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ପ୍ରଥମ ଓ ଦ୍ୱିତୀୟ



ଭାରତ-ଅଷ୍ଟ୍ରେଲିଆ ହକି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ତୃତୀୟ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇ ବରାବର ସ୍ଥିତିରେ ଥିଲେ। ଯୁଗରାଜ ପେନାଲ୍ଟିକର୍ନରକୁ ଗୋଲରେ ପରିଣତ କରିଥିବାବେଳେ ଅଷ୍ଟ୍ରେଲିଆକୁ ମିଳିଥିବା ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ ସ୍କୋର କରିଥିଲେ ଜେରେମି। ମାତ୍ର ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଆରମ୍ଭରେ ଜେରେମିଙ୍କ ପେନାଲ୍ଟି କର୍ନର ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଗତ ୬ ତାରିଖରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ୫-୧ ଓ ୭ରେ ଦ୍ୱିତୀୟ ମ୍ୟାଚରେ ୪-୨ ଗୋଲରେ ବିଜୟୀ ହୋଇଥିଲା। ଦୁଇ ଦଳ ମଧ୍ୟରେ ପରବର୍ତ୍ତୀ ୨ ମ୍ୟାଚ ଯଥାକ୍ରମେ ଆସନ୍ତା ୧୨ ଓ ୧୩ ତାରିଖରେ ଅନୁଷ୍ଠିତ ହେବ।

# ଏଲ୍‌ଜିବିଟିକ୍ୟୁ ସମୁଦାୟକୁ ଆମେରିକା ମହିଳା ଖେଳାଳି ସଂଘର ସମର୍ଥନ

**କଲମ୍ବସ, ୧୦।୪ (ପି.ଟି.):** ଆମେରିକା ଜାତୀୟ ମହିଳା ଖେଳାଳି ସଂଘ ଏଲ୍‌ଜିବିଟିକ୍ୟୁ ସମୁଦାୟ ପ୍ରତି ସମର୍ଥନ ଜାହିର କରିଛି। ମହିଳା ଫୁଟ୍‌ବଲ ଦଳର ମିଡ୍‌ଫିଲ୍ଡର କୋର୍ବିନ୍ ଆଲବର୍ଟଙ୍କ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଏହି ବିବାଦ ସୃଷ୍ଟି ହୋଇଥିଲା। ୨୦ ବର୍ଷୀୟା ପ୍ୟାରିସ୍ ସେଣ୍ଟ ଜର୍ମେନ ମିଡ୍‌ଫିଲ୍ଡର କୋର୍ବିନ୍ ଟିକ୍‌ଟକ୍‌ରେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏହି ଭିଡିଓଟି ଏଲ୍‌ଜିବିଟିକ୍ୟୁ ସମୁଦାୟ ବିରୋଧୀ ରହିଥିବା ବେଳେ ଏହାକୁ ନେଇ ତାଙ୍କୁ ସମାଲୋଚନା କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଅଜ୍ଞତାବଶତଃ ଏଭଳି କରିଥିବା ନେଇ ସ୍ପଷ୍ଟୀକରଣ ଦେବା ସହ କ୍ଷମା ପ୍ରାର୍ଥନା ମଧ୍ୟ କରିଥିଲେ। କୌଣସି ଭାବଧାରାକୁ ଆହତ କରିବା ତାଙ୍କ ପୋଷ୍ଟର ଉଦ୍ଦେଶ୍ୟ ନ ଥିଲା ବୋଲି ସେ କହିଥିଲେ। କୋର୍ବିନ୍ ଆମେରିକା ଦଳରେ ଜଣେ ସବ୍‌ଷ୍ଟିଚ୍ୟୁଟ୍ ଖେଳାଳି ଭାବରେ ସାମିଲ ହୋଇଥିବା ବେଳେ ମହିଳା ଖେଳାଳି ସଂଘ ପକ୍ଷରୁ ଏହି ପୋଷ୍ଟ କରାଯାଇଛି। ସି ବିଲିଭ୍‌ସ କପ୍‌ର ଫାଇନାଲ ପାଇଁ କୋର୍ବିନଙ୍କୁ ଦଳକୁ ଡାକରା ମିଳିଥିଲା।

# ଟ୍ରାକ୍ ଆଣ୍ଡ ଫିଲ୍ଡ ସ୍ୱର୍ଣ୍ଣ ବିଜେତାଙ୍କୁ ୪୧ ଲକ୍ଷ ପୁରସ୍କାର

**ମୋନାକୋ, ୧୦।୪(ପି.ଟି.)**

## ପ୍ୟାରିସ ଅଲିମ୍ପିକ୍ସ




ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟଙ୍କୁ ୫୦ ହଜାର ଆମେରିକୀୟ ଡଲାର ପୁରସ୍କାର ମିଳିବ। ବୁଧବାର ୱାର୍ଲ୍ଡ ଆଥ୍‌ଲେଟିକ୍ସ ପକ୍ଷରୁ ଏହି ବଡ ଘୋଷଣା କରାଯାଇଛି। ଆସନ୍ତା ପ୍ୟାରିସ୍ ଗେମ୍ସରୁ ଏହା ଲାଗୁ ହେବ। ଫଳରେ ସ୍ୱର୍ଣ୍ଣ ବିଜେତା ଖେଳାଳିଙ୍କୁ ୫୦ ହଜାର ଡଲାର ବା ଭାରତୀୟ ମୁଦ୍ରାରେ ୪୧ ଲକ୍ଷ ୬୦ ହଜାର ଟଙ୍କା ମିଳିବ। ଏହା ସହ ୨୦୨୮ ଲସ୍‌ଏଞ୍ଜେଲସ ଅଲିମ୍ପିକ୍ସ ପାଇଁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଁ ପୁରସ୍କାର ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି। ଆସନ୍ତା ପ୍ୟାରିସ୍ ଅଲିମ୍ପିକ୍ସରେ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଭାରତର ଶ୍ରେଷ୍ଠ ପଦକ ସମ୍ଭାବନା। ଟୋକିଓ ୨୦୨୦ରେ ନୀରଜ ପ୍ରଥମ ଭାରତୀୟ ଆଥ୍‌ଲେଟ ଭାବରେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଘୋଷଣା ସହ ୱାର୍ଲ୍ଡ ଆଥ୍‌ଲେଟିକ୍ସ ବିଶ୍ୱର ପ୍ରଥମ ଅନ୍ତର୍ଜାତୀୟ ଫେଡେରେଶନ ଭାବରେ ଆଥ୍‌ଲେଟଙ୍କ ପାଇଁ ପୁରସ୍କାର ଘୋଷଣା କରିଛି। ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ଖେଳାଳିଙ୍କୁ ଆଗକୁ ବଢିବାକୁ ପ୍ରେରଣା ମିଳିବ ବୋଲି କହିଛନ୍ତି ସଭାପତି ସେବାଷ୍ଟିଆନ୍ କୋ। ସମୁଦାୟ ୨.୪ ମିଲିୟନ ଡଲାରର ପୁରସ୍କାର ରାଶି ଭାବରେ ପ୍ରଦାନ କରାଯିବ ବୋଲି ଜଣାପଡିଛି। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ସମୁଦାୟ ୪୮ ଇଭେଣ୍ଟ ରହିଥିବା ବେଳେ ସମସ୍ତ ବର୍ଗର ସ୍ୱର୍ଣ୍ଣ ବିଜେତାଙ୍କୁ ଏହି ଅର୍ଥରାଶି ମିଳିବ। ସେହିପରି ଆସନ୍ତା ଲସଏଞ୍ଜେଲସ ଅଲିମ୍ପିକ୍ସରେ ସମସ୍ତ ପଦକ ବିଜେତାଙ୍କ ପାଇଁ ଅର୍ଥ ପୁରସ୍କାର ବ୍ୟବସ୍ଥା କରାଯିବ। ରିଲେ ଟିମ୍‌ର ୪ ପ୍ରତିଯୋଗୀଙ୍କ ମଧ୍ୟରେ ଏହି ଅର୍ଥରାଶି ସମାନ ଭାବେ ବାଣ୍ଟି ଦିଆଯିବ ବୋଲି ୱାର୍ଲ୍ଡ ଆଥ୍‌ଲେଟିକ୍ସ ପକ୍ଷରୁ କୁହାଯାଇଛି।




# ଆନନ୍ଦୀ ଜିତିଲେ ବ୍ରୋଞ୍ଜ

**ମୁମ୍ବାଇ, ୧୦।୪(ପି.ଟି.):** ମୁମ୍ବାଇର ୧୫ ବର୍ଷୀୟା ଆନନ୍ଦୀ ନନ୍ଦନ ଚନ୍ଦବରକର ୟୁରୋ ଚ୍ୟାଲେଞ୍ଜ ସେଲିଂ ପ୍ରତିଯୋଗିତାରେ ଏକ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ମିକ୍ସଡ ଜେଣ୍ଡର କ୍ୟାଟେଗୋରିରେ ସେ ଏହି ସଫଳତା ହାସଲ କରିଛନ୍ତି। ଏହା ବ୍ୟତୀତ ୧୭ ବର୍ଷରୁ

## ୟୁରୋ ଚ୍ୟାଲେଞ୍ଜ ସେଲିଂ

କମ୍ ବାଳିକା ବର୍ଗରେ ସେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଇଟାଲୀରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୧୦ ଦେଶରୁ ୨୦୦ରୁ ଅଧିକ ସେଲର ଭାଗ ନେଇଥିଲେ। ପୂର୍ବରୁ ଆନନ୍ଦୀ ଥାଇଲାଣ୍ଡରେ ଅନୁଷ୍ଠିତ ଫୁକେଟ କିଙ୍ଗ୍ସ କପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ବର୍ତ୍ତମାନ ସେ ନ୍ୟୁଜିଲାଣ୍ଡ ଓପନ ସ୍କିଫ୍ ନ୍ୟାଶନାଲ ଇଭେଣ୍ଟ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏଥିରେ ସଫଳ ହେବେ ବୋଲି ତାଙ୍କ କୋଚ୍ ଦୀପେଶ ନେର୍ପାଗରେ ପ୍ରକାଶ କରିଛନ୍ତି।

# କ୍ୱାଲିଫାୟର ଜିତିଲା ସମ୍ବଲପୁର 'ବି'

**ଭୁବନେଶ୍ୱର, ୧୦।୪**
**(ତପନ ସ୍ୱାଇଁ)**

ଚଳିତ କଳାହାଣ୍ଡି କପ୍ ସିନିୟର ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟର ସିଲଭର-ଏ ଗ୍ରୁପ୍‌ର ଶୀର୍ଷ ଦଳ କେନ୍ଦ୍ରାପଡ଼ା ଓ ସିଲ୍‌ଭର-ବି ଗ୍ରୁପ୍‌ର ସମ୍ବଲପୁର 'ବି' ମଧ୍ୟରେ କ୍ୱାଲିଫାୟର/ଏଲିମିନେଟର ମ୍ୟାଚ ବୁଧବାର କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର 'ବି' ଦଳ ୮୮ ରନରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। ଗୋଲ୍ଡ-ଏ ଓ ଗୋଲ୍ଡ-ବି ଦଳର ଦୁଇ ଶୀର୍ଷ ଦଳ ମଧ୍ୟରେ ହେବାକୁଥିବା କ୍ୱାଲିଫାଇଂ ମ୍ୟାଚର ପରାଜିତ ଦଳକୁ ସମ୍ବଲପୁର 'ବି' କ୍ୱାଲିଫାୟର ମ୍ୟାଚରେ ଭେଟିବ। ଏହାର ବିଜେତା ସୁପର ଲିଗ୍ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିବ।

ଟସ୍ ହାରି ବ୍ୟାଟିଂ କରିଥିବା ସମ୍ବଲପୁର 'ବି' ୪୪.୨ ଓଭରରେ ୧୮୨ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଶ୍ରେୟାଂଶ ପଣ୍ଡା ସର୍ବାଧିକ ୬୨ ଓ ଅମର ଭୋଇ ୩୨ ରନ କରିଥିବାବେଳେ ବିପକ୍ଷ ଦଳର ଗୌରବ ଚୌଧାରୀ ଓ ବିମଳ କୁମାର ୩ଟି ଲେଖାଏ

## କଳାହାଣ୍ଡି କପ୍ କ୍ରିକେଟ

ଉଇକେଟ ନେଇଥିଲେ। କେନ୍ଦ୍ରାପଡ଼ା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୬.୨ ଓଭରରେ ମାତ୍ର ୯୪ ରନକରି ସମସ୍ତ ଉଇକେଟ ହରାଇଥିଲା। ରାଜ କିଶୋର ଦଳାଇ ସର୍ବାଧିକ ୨୫ ରନ କରିଥିଲେ। ବିଜୟୀ ଦଳର ପ୍ରଶାନ୍ତ ଠାକ୍କର ଓ ଅଭିନବ ନନ୍ଦ ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ।



ଶ୍ରେୟାଂଶ ପଣ୍ଡା



ଅଭିନବ ନନ୍ଦ

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ